ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ସୋମବାର, ମେ ୧୨/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, May 12/2025 | Page 12 | ₹ 7.00 | SAMBALPUR
୫୧ଶ ଭାଗ ୧୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 166 | ମୂଲ୍ୟ ₹୭/-

# ୩ୟ ପକ୍ଷ ହସ୍ତକ୍ଷେପକୁ ଭାରତର ନା

## ପିଓକେ ଭାରତର ଅବିଚ୍ଛେଦ୍ୟ ଅଙ୍ଗ

ନୂଆଦିଲ୍ଲୀ,୧୧।୫

କଶ୍ମୀରକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଦୀର୍ଘ ବିବାଦର ସମାଧାନ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେବା ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଏହାକୁ ସ୍ୱାଗତ କରିଛନ୍ତି। କିନ୍ତୁ ଭାରତ ନିଜ ପୂର୍ବ ଆଭିମୁଖ୍ୟକୁ ପୁଣିଥରେ ସ୍ପଷ୍ଟ ଭାବେ ଦୋହରାଇ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି। କଶ୍ମୀର ପ୍ରସଙ୍ଗରେ ଭାରତ କୌଣସି ତୃତୀୟ ପକ୍ଷର ମଧ୍ୟସ୍ଥତା ଚାହେଁନାହିଁ ବୋଲି ରବିବାର ସ୍ପଷ୍ଟ କରିଛି। ପାକ୍-ଅଧିକୃତ କଶ୍ମୀର (ପିଓକେ)କୁ ଫେରାଇ ଆଣିବାକୁ ଭାରତ ଚାହେଁ। ତେଣୁ ଆଗକୁ କଶ୍ମୀର ନୁହେଁ, ବରଂ ପିଓକେ ଉପରେ ହିଁ ଆଲୋଚନା ହେବ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର ଭାରତ ଓ ପାକିସ୍ତାନକୁ ଅସ୍ତ୍ରବିରତି ଜରିଆରେ ଉତ୍ତେଜନା ହ୍ରାସ ପାଇଁ ସହମତି ପ୍ରକାଶ କରିଥିବାରୁ ପ୍ରଶଂସା କରିଛନ୍ତି। ଏଥିସହ କଶ୍ମୀର ବିବାଦର ସମାଧାନ ପାଇଁ ମଧ୍ୟସ୍ଥତା କରିବାକୁ ସେ ଆଗ୍ରହୀ ଥିବା ଦୁଇଦେଶକୁ ପ୍ରସ୍ତାବ ଦେଇଛନ୍ତି। ଟ୍ରମ୍ପ୍ ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲ ପ୍ଲାଟ୍‌ଫର୍ମରେ ଲେଖିଛନ୍ତି, ଯଦି ୧,୦୦୦ ବର୍ଷ ପରେ କଶ୍ମୀର ପ୍ରସଙ୍ଗରେ ଏକ ସମାଧାନ ବାହାରିପାରିବ ତେବେ ଭାରତ ଓ ପାକିସ୍ତାନ ମଧ୍ୟରେ ସେ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ। ଦୁଇଦେଶର ନେତୃତ୍ୱଙ୍କୁ ଭଗବାନ ☞ପୃଷ୍ଠା-୨

## ପାକିସ୍ତାନ କିଛି କଲେ ଆହୁରି କଡ଼ା ଜବାବ ଦିଆଯିବ: ମୋଦି


ନରେନ୍ଦ୍ର ମୋଦି

ପାକିସ୍ତାନ କିଛି କଲେ ଭାରତ ଆହୁରି କଡ଼ା ଜବାବ ଦେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ରୋକ୍‌ଠୋକ୍ ଶୁଣାଇଦେଇଛନ୍ତି। ଏପ୍ରିଲ ୨୨ରେ ପାକିସ୍ତାନୀ ଆତଙ୍କବାଦୀମାନେ ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ବୈସରନ୍ ଉପତ୍ୟକାରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳିକରି ହତ୍ୟା କରିବା ସମୟରେ ଉପରାଷ୍ଟ୍ରପତି ଭାନ୍ସ ତାଙ୍କ ଭାରତୀୟ ବଂଶୋଦ୍ଭବ ସ୍ତ୍ରୀ ଉଷା ଓ ପିଲାମାନଙ୍କ ସହ ଭାରତରେ ଥିଲେ। ଏହା ପରଠୁ ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ବୃଦ୍ଧି ପାଇ ଶେଷରେ ଯୁଦ୍ଧର ରୂପ ନେଇଥିଲା। ଇତିମଧ୍ୟରେ ଶୁକ୍ରବାର ଉପରାଷ୍ଟ୍ରପତି ଭାନ୍ସ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଫୋନ୍ କରିଥିଲେ। ଏହି ସାମରିକ ଉତ୍ତେଜନା ଆଗକୁ ଆଣବିକ ଯୁଦ୍ଧର ରୂପ ନ ନେଉ ବୋଲି ଭାନ୍ସ ☞ପୃଷ୍ଠା-୨

# ବେସାମରିକ ସୁରକ୍ଷାରେ ଯୋଗଦେବାକୁ ଯୁବସମାଜକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୧୧।୫(ରବିନାରାୟଣ ଜେନା)

ଦେଶର ସାଧାରଣ ଲୋକଙ୍କ ଜନଜୀବନର ସୁରକ୍ଷା ଲାଗି ବେସାମରିକ ସୁରକ୍ଷା(ସିଭିଲ ଡିଫେନ୍ସ)ରେ ଯୋଗଦେବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ସାଧାରଣ ଲୋକଙ୍କ ଜନଜୀବନର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏଥିପାଇଁ ଜାତୀୟତାର ମନୋଭାବ ରଖି ସିଭିଲ ଡିଫେନ୍ସ ସଙ୍ଗଠନରେ ସ୍ୱେଚ୍ଛାସେବୀ ଭାବେ ଯୋଗଦେବା ପାଇଁ ଜନସାଧାରଣଙ୍କୁ ବିଶେଷକରି ଯୁବ ସମାଜକୁ ଆହ୍ୱାନ କରୁଛି। ଯୁବ ସମାଜ ହିଁ ଆମ ଆଶା, ଭରସା ଓ ଶକ୍ତିର ପ୍ରତୀକ। ଇଚ୍ଛୁକ ସ୍ୱେଚ୍ଛାସେବୀମାନେ ଜିଲାସ୍ତରରେ ଜିଲାପାଳଙ୍କୁ ଆବେଦନ କରିପାରିବେ। ଜିଲାପାଳ ହେଉଛନ୍ତି ଜିଲା ବେସାମରିକ ସୁରକ୍ଷାର ନିୟନ୍ତ୍ରକ। ଏହି ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷିତ କରାଯିବ। ଆବଶ୍ୟକ ହେଲେ, ସେବା ଓ ଜାତୀୟତାର ମନୋଭାବ ରଖି ସେମାନେ ଜନସାଧାରଣଙ୍କୁ ସେବା ଯୋଗାଇଦେବେ। ଆମ ରାଜ୍ୟର ୧୨ଟି ସ୍ଥାନରେ ସିଭିଲ ଡିଫେନ୍ସ ସଙ୍ଗଠନ କାର୍ଯ୍ୟ କରୁଛି। ଆବଶ୍ୟକତା ଅନୁଯାୟୀ ଅନ୍ୟ ସ୍ଥାନଗୁଡ଼ିକରେ ନୂଆ ସଙ୍ଗଠନ ଗଢ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୋର ଆଶା ଓ ବିଶ୍ୱାସ, ସେବା ଓ ଜାତୀୟତାର ମନୋଭାବ ରଖି ଅନେକ ବ୍ୟକ୍ତିବିଶେଷ, ବିଶେଷକରି ଯୁବ ବର୍ଗ ଏଥିପାଇଁ ଆଗେଇ ଆସିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

# ଆହୁରି ୩ ଡିଗ୍ରୀ ବଢ଼ିବ ତାପମାତ୍ରା

### ୪୩.୨ ଡିଗ୍ରୀ ସହ ସମ୍ବଲପୁର ସବୁଠୁ ଉତ୍ତପ୍ତ

ଭୁବନେଶ୍ୱର, ୧୧।୫ (ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମ ଲହରି ଜାରି ରହିଥିବାବେଳେ ଖରା ଓ ଗୁଳୁଗୁଳି କଳବଳ କରୁଛି। ତେବେ ଆଗାମୀ ୩ଦିନ ମଧ୍ୟରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ମଧ୍ୟ ୧୯ ସହରରେ ତାପମାତ୍ରା ୪୦ ଡିଗ୍ରୀ ଓ ଏହାଠାରୁ ଅଧିକ ରହିଥିଲା। ୪୩.୨ ଡିଗ୍ରୀ ସେଲସିୟସ୍ ସହ ସମ୍ବଲପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ଟିଟିଲାଗଡ଼ରେ ୪୨.୫ ଡିଗ୍ରୀ, ବଲାଙ୍ଗୀର ୪୨, ସୁନ୍ଦରଗଡ଼ ୪୧.୮, ଅନୁଗୋଳ ୪୧.୭, ହୀରାକୁଦ ଓ ଝାରସୁଗୁଡ଼ାରେ ୪୧.୬, ସୋନପୁର, ବୌଦ୍ଧ ଓ ପାରଳାଖେମୁଣ୍ଡିରେ ୪୧.୨, ଢେଙ୍କାନାଳ ଓ ଭୁବନେଶ୍ୱରରେ ୪୦.୭ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଥିଲା। ତେବେ ଭୁବନେଶ୍ୱରରେ ଏହା ଚଳିତବର୍ଷର ସର୍ବାଧିକ ତାପମାତ୍ରା ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ତେବେ ସୋମବାର ଖରା ଓ ଗୁଳୁଗୁଳି ନେଇ ୧୧ ଜିଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଆଜିର ସମ୍ପାଦକୀୟ
ବ୍ୟାଖ୍ୟାନ ଜରୁରୀ

DSPL-61




ସାଧାରଣ ସଭା
ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ,
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ସଦୟ ଉପସ୍ଥିତି
ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର,
ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ, ସାର୍ବଜନୀନ ଉଦ୍ୟୋଗ, ଓଡ଼ିଶା
ଶ୍ରୀ ଗଣେଶରାମ ସିଂଖୁଣ୍ଟିଆ,
ମନ୍ତ୍ରୀ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟବୀମା, ଓଡ଼ିଶା
ଶ୍ରୀ ସୂର୍ଯ୍ୟବଂଶୀ ସୂରଜ,
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା
ଶ୍ରୀ ପ୍ରତାପ ଷଡ଼ଙ୍ଗୀ, ସାଂସଦ (ଲୋକସଭା), ବାଲେଶ୍ୱର
ଶ୍ରୀ ଅନନ୍ତ ନାୟକ, ସାଂସଦ (ଲୋକସଭା), କେନ୍ଦୁଝର
ଶ୍ରୀ ନବ ଚରଣ ମାଝୀ, ସାଂସଦ (ଲୋକସଭା), ମୟୂରଭଞ୍ଜ
ଶ୍ରୀମତୀ ମମତା ମହାନ୍ତ, ସାଂସଦ (ରାଜ୍ୟସଭା)
ଶ୍ରୀ ଜଲେନ ନାଏକ, ବିଧାୟକ, ରାଇରଙ୍ଗପୁର
ଶ୍ରୀ ଭାଦବ ହାଁସଦା, ବିଧାୟକ, ସାରସକଣା
ଶ୍ରୀ ପଦ୍ମଚରଣ ହାଇବୁରୁ, ବିଧାୟକ, କରଞ୍ଜିଆ
ଶ୍ରୀ ଭାସ୍କର ମଢେଇ, ବିଧାୟକ, ଉଦଳା
ଶ୍ରୀ ପ୍ରକାଶ ସୋରେନ, ବିଧାୟକ, ବାରିପଦା
ଶ୍ରୀ ସନାତନ ବିଜୁଳି, ବିଧାୟକ, ବଡ଼ସାହି
ସୁଶ୍ରୀ ସଞ୍ଜଲି ମୁର୍ମୁ, ବିଧାୟିକା, ବାଙ୍ଗିରିପୋଷି
ଶ୍ରୀମତୀ ଭାରତୀ ହାଁସଦା, ଅଧକ୍ଷା, ଜିଲ୍ଲା ପରିଷଦ, ମୟୂରଭଞ୍ଜ

୧୨- ୧୪ ମଇ ୨୦୨୫ ମହୁଲଡିହା, ଦାଣ୍ଡବୋଷ, ରାଇରଙ୍ଗପୁର

- ପୂର୍ବାହ୍ନ ୧୧ ଘଟିକା - ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପୀଠରେ ମାଲ୍ୟାର୍ପଣ
- ପୂର୍ବାହ୍ନ ୧୧.୩୦ ଘଟିକା - ରଘୁନାଥ ମୁର୍ମୁଙ୍କ ଦ୍ୱାରା ଅଲଚିକି ଲିପି ଉଦ୍ଭାବନ ଏବଂ ସମାଜପ୍ରତି ଅବଦାନର ସଂକ୍ଷିପ୍ତ ଅବଲୋକନ

ଜନସାଧାରଣଙ୍କୁ ଏହି ସମସ୍ତ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ବିନମ୍ର ଅନୁରୋଧ ।

ନିବେଦକ- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ

OIPR-03029/13/0054/2526




DADLS-22

## ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଗୁରୁ ଗୁମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପବିତ୍ର ଜୟନ୍ତୀ ଅବସରରେ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସାନ୍ତାଳୀ ଭାଷାର ଲିପି 'ଅଲ୍ ଚିକି' ସୃଷ୍ଟି କରି ସେ ଦେଶ ଓ ବିଦେଶର ଏକ ବିଶାଳ ସମ୍ପ୍ରଦାୟର ଭାଷା, ସାହିତ୍ୟ ଓ ଶିକ୍ଷାର ବିକାଶ କ୍ଷେତ୍ରରେ ନିଜର ଅମୂଲ୍ୟ ଅବଦାନ ରଖିଯାଇଛନ୍ତି । ଏହି ଅବସରରେ ମୁଁ ସମଗ୍ର ସାନ୍ତାଳୀ ସମାଜକୁ ମୋର ଶୁଭେଚ୍ଛା ଜଣାଉଛି ଓ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0652/2526



ପାକିସ୍ତାନ ସେନା ଗୁଳିମାଡ଼ରେ ଜମ୍ମୁରେ ଶହୀଦ ହୋଇଥିବା କର୍ତ୍ତବ୍ୟରତ ବିଏସ୍ଏଫ୍ ସବ୍‌ଇନ୍ସପେକ୍ଟର ମହମ୍ମଦ ଇମ୍ତିଆଜ୍‌ଙ୍କ ମରଶରୀରକୁ ଯବାନମାନେ ରବିବାର ଶୋଭାଯାତ୍ରାରେ ତାଙ୍କ ଘର ଅଭିମୁଖେ ନେଉଛନ୍ତି।



ଶନିବାର ସନ୍ଧ୍ୟାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ବୁଝାମଣା ହୋଇଥିବାବେଳେ ବିଏସ୍ଏଫ୍ ଓ ପଞ୍ଜାବ ପୋଲିସର ମିଳିତ ଯାଞ୍ଚ ସମୟରେ ରବିବାର ସୀମାବର୍ତ୍ତୀ ଫିରୋଜପୁର ସନ୍ନିକଟ ଏକ ଗାଁର ବିଲରୁ ଡ୍ରୋନ୍ ଏବଂ ପିସ୍ତଲ ଜବତ କରାଯାଇଛି।



ପାକ୍ ସେନାର ଗୁଳିଗୋଳା ଆକ୍ରମଣରେ ପ୍ରାଣ ହରାଇଥିବା ଜମ୍ମୁ-କଶ୍ମୀର ରାଜୌରୀର ଅତିରିକ୍ତ ଜିଲା ଡେଭଲପମେଣ୍ଟ କମିଶନର ରାଜ କୁମାର ଥାପାଙ୍କ ମରଶରୀର ରବିବାର ଜମ୍ମୁସ୍ଥିତ ତାଙ୍କ ସରକାରୀ ଆବାସରେ ପହଞ୍ଚିବା ପରେ ମ୍ରିୟମାଣ ହୋଇପଡ଼ିଥିବା ପରିବାରବର୍ଗ।



ଜମ୍ମୁ ଜିଲାର ଡ୍ରେଓ୍ୱା ଗାଁରେ କର୍ତ୍ତବ୍ୟରତ ଯବାନ ସୁନୀଲ କୁମାର ପାକ୍ ସେନା ଗୁଳିରେ ଶହୀଦ ହୋଇଥିବାବେଳେ ରବିବାର ତାଙ୍କ ମରଶରୀରକୁ ସମ୍ମାନ ଜଣାଉଛନ୍ତି ଜମ୍ମୁ-କଶ୍ମୀର ଲ୍ୟୁଟ୍‌ନାଣ୍ଟ ଗର୍ଭନର ମନୋଜ ସିହ୍ନା।



ଅପରେଶନ 'ସିନ୍ଦୂର' ଏବଂ ଭାରତୀୟ ସଶସ୍ତ୍ର ବଳର ପ୍ରଶଂସାରେ ରବିବାର ବେଙ୍ଗାଲୁରୁରେ ବାହାରିଥିବା 'ଓ୍ୱାକ୍ ଫର୍ ନେଶନ' ଶୋଭାଯାତ୍ରା।

## ଅସ୍ତ୍ରବିରତି ପରେ



ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଅନୁଯାୟୀ ଶନିବାର ବିଳମ୍ବିତ ରାତିରୁ ପ୍ରାୟତଃ ଗୁଳି ବିନିମୟ ବନ୍ଦ ରହିଥିବାବେଳେ ରବିବାର ପଞ୍ଜାବର ଅମୃତସରରେ ସ୍ୱାଭାବିକ ସ୍ଥିତି ଦେଖିବାକୁ ମିଳିଛି। ଏକ ଦୋକାନ ସମ୍ମୁଖରେ ଲୋକମାନେ ବସି ଜଳପାନ କରୁଛନ୍ତି।



ଭାରତ-ପାକ୍ ମଧ୍ୟରେ ଅସ୍ତ୍ରବିରତି ଯୋଗୁ ରବିବାର ଶ୍ରୀନଗର ମାର୍କେଟରେ ଲୋକେ ସ୍ୱାଭାବିକ ଭାବେ କିଣାକିଣି କରୁଛନ୍ତି।



ଶନିବାର ସନ୍ଧ୍ୟାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ନେଇ ବୁଝାମଣା ହୋଇଥିବାବେଳେ ରବିବାର ଶ୍ରୀନଗରରେ ସୁରକ୍ଷା କର୍ମୀମାନେ ସଜାଗ ରହି ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

# ବ୍ରହ୍ମୋସ୍ ଆମ ସଶସ୍ତ୍ର ବଳ ସାମର୍ଥ୍ୟର ବାର୍ତ୍ତା

ଲକ୍ଷ୍ନୌ, ୧୧।୫ (ପି.ଟି.)

ବ୍ରହ୍ମୋସ୍ କେବଳ ଏକ ଅସ୍ତ୍ର ନୁହେଁ, ଭାରତୀୟ ସଶସ୍ତ୍ର ବଳର ସାମର୍ଥ୍ୟର ବାର୍ତ୍ତା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରବିବାର ଲକ୍ଷ୍ନୌଠାରେ ଏହି ସୁପରସୋନିକ୍ କ୍ରୁଜ୍ ମିଶାଇଲ୍ ସିଷ୍ଟମ୍‌ର ସର୍ବବୃହତ୍ ସମନ୍ୱିତ ଓ ପରୀକ୍ଷଣ ୟୁନିଟ୍‌କୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି। ଭାରତ ଏବେ ବିଶ୍ୱର ଅନ୍ୟତମ ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର। ଆମେ ଆମର ସାମର୍ଥ୍ୟ କ୍ରମାଗତ ଭାବେ ବଢ଼ାଇ ଚାଲିଛୁ ଏବଂ ମୋର ବିଶ୍ୱାସ ବ୍ରହ୍ମୋସ୍‌ର ଏହି ନୂଆ ଉତ୍ପାଦନ ଓ ପରୀକ୍ଷଣ କେନ୍ଦ୍ର ଭାରତର ଶକ୍ତି ସାମର୍ଥ୍ୟକୁ ଆହୁରି ଶକ୍ତିଶାଳୀ କରିବ ବୋଲି ଦିଲ୍ଲୀରୁ ଉକ୍ତ ଫାସିଲିଟିକୁ ଭର୍ଚ୍ଚୁଆଲି ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି। ବିଶ୍ୱର ଦ୍ରୁତତମ, ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର

### ବ୍ରହ୍ମୋସ ଉତ୍ପାଦନ ୟୁନିଟ୍ ଉଦ୍‌ଘାଟନ କଲେ ରାଜନାଥ




ମଧ୍ୟରେ ବ୍ରହ୍ମୋସ୍ ଅନ୍ୟତମ। ଏହା ଆମ ସଶସ୍ତ୍ର ବଳର ସାମର୍ଥ୍ୟର ବାର୍ତ୍ତା, ଶତ୍ରୁ ପ୍ରତି ଆମ ଅବରୋଧ ଶକ୍ତିର ବାର୍ତ୍ତା ଏବଂ ଆମ ସୀମାକୁ ସୁରକ୍ଷିତ ରଖିବାର ପ୍ରତିଶ୍ରୁତିବଦ୍ଧତା ବୋଲି ରାଜନାଥ କହିଛନ୍ତି। ଉତ୍ତରପ୍ରଦେଶ ପ୍ରତିରକ୍ଷା ଶିଳ୍ପାଞ୍ଚଳ କରିଡରରେ ୩୦୦ କୋଟି ଟଙ୍କା ବ୍ୟୟରେ ବ୍ରହ୍ମୋସ୍ ଉତ୍ପାଦନ ଓ ପ୍ରଶିକ୍ଷଣ ୟୁନିଟ୍ ସ୍ଥାପନ କରାଯାଇଛି, ଯାହା ପ୍ରତିରକ୍ଷା ଉତ୍ପାଦନରେ ଭାରତର ଆତ୍ମନିର୍ଭରଶୀଳତା ପ୍ରତିଶ୍ରୁତିବଦ୍ଧତାର ପ୍ରତିନିଧିତ୍ୱ କରୁଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଏଠାରେ ବର୍ଷକୁ ୧୦୦ରୁ ୧୫୦ ବ୍ରହ୍ମୋସ୍ ମିଶାଇଲ୍ ଉତ୍ପାଦନ କରାଯିବ। ଏହି ଫାସିଲିଟି କ୍ଷେପଣାସ୍ତ୍ର ଉତ୍ପାଦନ ସହ ପରୀକ୍ଷା, ସମନ୍ୱୟ ସମେତ ଏରୋସ୍ପେସ୍-ଗ୍ରେଡ୍ ଉପକରଣ ପାଇଁ ଏକ କମ୍ପ୍ଲେକ୍ସ ଭାବେ କାର୍ଯ୍ୟ କରିବ। ୨୯୦ରୁ ୪୦୦ କିଲୋମିଟର ଲକ୍ଷ୍ୟଭେଦ କ୍ଷମତା ଥିବା ବ୍ରହ୍ମୋସ୍‌ର ସର୍ବାଧିକ ବେଗ ମାକ୍ ୨.୮। ଭାରତ ଏବଂ ରୁଷିଆର ମିଳିତ ଉଦ୍ୟୋଗ ବ୍ରହ୍ମୋସ୍ ଏରୋସ୍ପେସ୍ ଏହାର ଉତ୍ପାଦନ କରୁଛି। ସ୍ଥଳ, ଜଳ ଓ ଆକାଶରୁ ଏହାକୁ ନିକ୍ଷେପ କରାଯାଇପାରିବ। ୩ ବର୍ଷ ୬ ମାସ ମଧ୍ୟରେ ଏହି କାରଖାନା ନିର୍ମାଣ କରାଯାଇଛି।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ମେ ୧୨/୨୦୨୫ | Bhubaneswar, Monday, May 12/2025






ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ଅସ୍ତ୍ରବିରତି ସହମତି ପରେ ରବିବାର ଜମ୍ମୁ-କଶ୍ମୀରର ବାରମୂଲା ଅଞ୍ଚଳର ଲୋକେ ନିଜ ଘରକୁ ଫେରିବା ପାଇଁ ସରକାରୀ ଅନୁମତି ଅପେକ୍ଷାରେ।

# ଅସ୍ତ୍ରବିରତି ପରେ ରାଜନୀତି

## ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାହୁଲ, ଖାର୍ଗେ

ପାକିସ୍ତାନ ସହ ଅସ୍ତ୍ରବିରତି ନେଇ କେନ୍ଦ୍ର ସରକାର ଘୋଷଣା କରିବାର ଦିନକ ପରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। 'ଅପରେଶନ୍ ସିନ୍ଦୂର' ସିଜ୍‌ଫାୟାର ସମ୍ପର୍କରେ ଆଲୋଚନା ପାଇଁ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଉ ବୋଲି ସେ ଦାବି କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଥମେ ଅସ୍ତ୍ରବିରତି ସମ୍ପର୍କରେ ଘୋଷଣା କରିଥିବା ପ୍ରସଙ୍ଗ ମଧ୍ୟ ରାହୁଲ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୂପ କଥା କହିଛନ୍ତି। ଏତିକି ନୁହେଁ, କଶ୍ମୀର ପ୍ରସଙ୍ଗର ଅନ୍ତର୍ଜାତୀୟକରଣକୁ ନେଇ ମଧ୍ୟ କଂଗ୍ରେସ ପ୍ରଶ୍ନ ଉଠାଇଛି। କଶ୍ମୀର ଉପରେ କେନ୍ଦ୍ର ସରକାର ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ଗ୍ରହଣ କରିନେଇଛନ୍ତି କି ବୋଲି ବିରୋଧୀ ଦଳ ସରକାରଙ୍କଠାରୁ ଜବାବ ମାଗିଛି। ଶନିବାର ଅପରାହ୍ନ ୫ଟାରୁ ଅସ୍ତ୍ରବିରତି ଘୋଷଣା କରାଯାଇଥିବାବେଳେ ରବିବାର ସକାଳୁ ଦେଶରେ ରାଜନୀତି ସରଗରମ ହେବାରେ ଲାଗିଛି।

ନୂଆଦିଲ୍ଲୀ,୧୧।୫

ପହଲଗାମ୍ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ବିରୋଧୀ ଦଳଗୁଡ଼ିକ ସରକାରଙ୍କ ପ୍ରତିଟି କାର୍ଯ୍ୟାନୁଷ୍ଠାନକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। କିନ୍ତୁ ରବିବାର ଅସ୍ତ୍ରବିରତିକୁ ୨୪ ଘଣ୍ଟା ନ ବିତୁଣୁ ଏହି ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତିଙ୍କ ଭୂମିକାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ପହଲଗାମ୍ ଆକ୍ରମଣଠାରୁ ନେଇ 'ଅପରେଶନ୍ ସିନ୍ଦୂର' ଓ ତତ୍ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ପାଇଁ ସର୍ବଦଳୀୟ ବୈଠକ ଏବଂ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଉପରେ ଚାପ ପକାଇବା ଆରମ୍ଭ କରିଛନ୍ତି। ଏହି ପ୍ରସଙ୍ଗରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଓ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିବାବେଳେ ଏଆଇସିସି ସାଧାରଣ ସମ୍ପାଦକ ସଚିନ ପାଇଲଟ୍ ରବିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ୧୯୭୧ ଯୁଦ୍ଧ ପରେ ମଧ୍ୟ ତତ୍କାଳୀନ ସରକାରଙ୍କ ଉପରେ ଅନୁରୂପ ଚାପ ସୃଷ୍ଟି କରାଯାଇଥିଲା। ସେତେବେଳେ ଆମେରିକା ସରକାର ନିଜ ସେନାର ସପ୍ତମ ଫ୍ଲିଟ୍ ପଠାଇବାକୁ ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଜ କାର୍ଯ୍ୟ କରିଥିଲେ। ବର୍ତ୍ତମାନର ସିଜ୍‌ଫାୟାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ଏପରି କି ସେ କଶ୍ମୀର ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି। କଶ୍ମୀର ପ୍ରସଙ୍ଗର ଅନ୍ତର୍ଜାତୀୟକରଣ ଉଦ୍ୟମ ହୋଇଥିବାରୁ ସରକାର ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ। ସରକାର ସଂସଦର ଅଧିବେଶନ ଡାକି ୧୯୯୪ରେ ନିଆଯାଇଥିବା ସଂକଳ୍ପନାମାକୁ ପୁନର୍ବାର ଗୃହୀତ କରାନ୍ତୁ। ୧୯୯୪ ସଂକଳ୍ପନାମା ଅନୁସାରେ କଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ତୃତୀୟ ପକ୍ଷର ସମ୍ପୃକ୍ତିକୁ ଏଥିରେ ଅଗ୍ରାହ୍ୟ କରାଯାଇଛି।

ତେବେ କେବଳ କଂଗ୍ରେସ ନୁହେଁ, ଶିବସେନା ୟୁବିଟି ଏବଂ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମଧ୍ୟ ଅନୁରୂପ ଦାବି କରିଛନ୍ତି। ଆପ୍‌ର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ କହିଛନ୍ତି, ଆମେରିକା କାହିଁକି ସିଜ୍‌ଫାୟାର ଘୋଷଣା କଲା? ଭାରତର ସାର୍ବଭୌମତ୍ୱକୁ ନେଇ କାହିଁକି ପ୍ରଶ୍ନ ଉଠୁଛି ବୋଲି ଲୋକଙ୍କ ମନରେ ପ୍ରଶ୍ନ ଉଙ୍କିମାରୁଛି ବୋଲି ସଞ୍ଜୟ କହିଛନ୍ତି।

ସରକାର ବର୍ତ୍ତମାନ ସୁଦ୍ଧା ସ୍ଥିତି ଉପରେ ପ୍ରତିକ୍ରିୟା ଦେବା ପାଇଁ ଅଧିକାରୀମାନଙ୍କ ଉପରେ ଦାୟିତ୍ୱ ଛାଡ଼ିଦେଇଛନ୍ତି। ତେଣୁ ଅସ୍ତ୍ରବିରତି ଚୂଡ଼ାନ୍ତ ନୁହେଁ ଏବଂ ଆଗକୁ କ'ଣ ହେଉଛି ତା' ଉପରେ ନଜର ରଖାଯାଇଥିବା ସଙ୍କେତ ମିଳୁଛି ବୋଲି ଅନେକେ କହୁଛନ୍ତି। ଏଭଳି ସମୟରେ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା ଓ କଂଗ୍ରେସକୁ ସମାଲୋଚନା କରାଯାଇଛି। ୧୯୭୧ ଯୁଦ୍ଧ ପରେ ଇନ୍ଦିରା ଗାନ୍ଧୀଙ୍କ ସରକାର କୌଣସି ରଣନୈତିକ ଲାଭକୁ ସୁନିଶ୍ଚିତ ନ କରି ୯୦,୦୦୦ରୁ ଊର୍ଦ୍ଧ୍ୱ ଯୁଦ୍ଧବନ୍ଦୀଙ୍କୁ ଛାଡ଼ିଦେଇଥିଲେ। କିନ୍ତୁ ମୋଦିଙ୍କ ନେତୃତ୍ୱରେ ପାକିସ୍ତାନ ମାତ୍ର ୭୨ ଘଣ୍ଟା ଭିତରେ ଆଣ୍ଠେଇ ପଡ଼ିଛି ବୋଲି ଭାଜପା ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଏକ୍ସ'ରେ ଉଲ୍ଲେଖ କରିଛନ୍ତି।

# ଅପରେଶନ ସିନ୍ଦୂରରେ ୫ ଯବାନଙ୍କୁ ହରାଇଛି ଭାରତ

## ୩୫ରୁ ଅଧିକ ପାକ୍ ସୈନ୍ୟ ନିହତ

ନୂଆଦିଲ୍ଲୀ,୧୧।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଜବାବରେ ନିଆଯାଇଥିବା ସାମରିକ କାର୍ଯ୍ୟାନୁଷ୍ଠାନ ଅପରେଶନ ସିନ୍ଦୂରରେ ଭାରତ ୫ ଯବାନଙ୍କୁ ହରାଇଥିବା ସେନା ପକ୍ଷରୁ ରବିବାର ସନ୍ଧ୍ୟାରେ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ୭ରୁ ୧୦ ତାରିଖ ମଧ୍ୟରେ ନିୟନ୍ତ୍ରଣ ରେଖାରେ ଗୁଳିଗୋଳା ବିନିମୟ ବେଳେ ପାକିସ୍ତାନର ପ୍ରାୟ ୩୫ରୁ ୪୦ ସୈନ୍ୟ ନିହତ ହୋଇଛନ୍ତି। ୭ ତାରିଖରେ ଭାରତ ଅପରେଶନ ସିନ୍ଦୂର ଆରମ୍ଭ କରିଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରର ୯ଟି ଆତଙ୍କବାଦୀ ଭିତ୍ତିଭୂମି ଧ୍ୱଂସ ହୋଇଥିଲା। ଆତଙ୍କବାଦୀଙ୍କୁ ଟାର୍ଗେଟ କରି ଆମେ ଆକ୍ରମଣ କରିଥିଲୁ। ସେମାନେ ଆମ ସୀମାରେ ପ୍ରବେଶ କରି ଭିତ୍ତିଭୂମିକୁ ଟାର୍ଗେଟ କରିବାରୁ ଓଜନଦାର ଅସ୍ତ୍ରରେ ଏହାର ଜବାବ ଦିଆଯାଇଥିଲା ବୋଲି ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଜୀବ ଘାଇ କହିଛନ୍ତି।

# ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ କରାଇଥିବା ପାକିସ୍ତାନ ମାନିଲା

ନୂଆଦିଲ୍ଲୀ,୧୧।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଜାରି ରହିଥିବାବେଳେ ୨୦୧୯ରେ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନର ଭୂମିକା ଥିବା ଏହାର ସେନା ଅଧିକାରୀ ସ୍ୱୀକାର କରିଛନ୍ତି। ଏହି ଆକ୍ରମଣରେ ସିଆର୍‌ପିଏଫ୍‌ର ୪୦ ଯବାନଙ୍କ ମୃତ୍ୟୁ ଘଟିଥିଲା। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପାକିସ୍ତାନୀ ସେନାର ଏକ 'ସାମରିକ ପ୍ରତିଭା' ବୋଲି ଏହାର ବାୟୁସେନା ଭାଇସ୍ ମାର୍ଶାଲ ଔରଙ୍ଗଜେବ୍ ଅହମଦ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ସେ ପାକିସ୍ତାନ ବାୟୁସେନାର ଜନସମ୍ପର୍କ ଡିଜି ରହିଛନ୍ତି। ପୁଲ୍‌ୱାମା ଆକ୍ରମଣରେ ସମ୍ପୃକ୍ତିକୁ ପାକିସ୍ତାନ ଆଜି ପର୍ଯ୍ୟନ୍ତ ଅସ୍ୱୀକାର କରିଆସୁଥିବାବେଳେ ଏବେ ନିଜେ ସତ ଓକାଳିଛି। ଔରଙ୍ଗଜେବ୍‌ଙ୍କ ସ୍ୱୀକାରୋକ୍ତି ଦ୍ୱାରା କେବଳ ପୁଲ୍‌ୱାମା ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ପଦାରେ ପଡ଼ିନାହିଁ, ବରଂ ଗତ ମାସ ୨୨ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ଏହାର ସମ୍ପୃକ୍ତି ସ୍ପଷ୍ଟ ହୋଇଯାଇଛି। ପାକିସ୍ତାନ ପହଲଗାମ୍ ଆକ୍ରମଣରେ ସମ୍ପୃକ୍ତ ନ ଥିବା କହି ଭାରତକୁ ପ୍ରମାଣ ମାଗୁଥିବାବେଳେ ଔରଙ୍ଗଜେବ୍‌ଙ୍କ ସ୍ୱୀକାରୋକ୍ତି ଏହା ବିରୋଧରେ ଯାଇଛି।

# ରାୱଲପିଣ୍ଡିରେ ଅନୁଭୂତ ହେଲା ଭାରତୀୟ ସାମରିକ ଶକ୍ତି: ରାଜନାଥ

ନୂଆଦିଲ୍ଲୀ,୧୧।୫

'ଅପରେଶନ ସିନ୍ଦୂର' ଅଧୀନରେ ଭାରତୀୟ ସଶସ୍ତ୍ର ବଳ କେବଳ ସୀମାନ୍ତବର୍ତ୍ତୀ ପାକିସ୍ତାନୀ ସେନାଘାଟିଗୁଡ଼ିକୁ ଉଡ଼ାଇଦେଇଛି ତାହାନୁହେଁ, ଭାରତୀୟ ସାମରିକ ଶକ୍ତି ପାକିସ୍ତାନୀ ସେନାର ମୁଖ୍ୟାଳୟ ରାୱଲପିଣ୍ଡିରେ ମଧ୍ୟ ଅନୁଭୂତ ହୋଇଛି ବୋଲି ରବିବାର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଲକ୍ଷ୍ନୌରେ ବ୍ରହ୍ମୋସ ମିଶାଇଲ୍‌ର ଏକ ପ୍ରଡକ୍ସନ ୟୁନିଟ୍‌ର ଉଦ୍‌ଘାଟନ ବେଳେ ଭର୍ଚୁଆଲି ସମ୍ବୋଧିତ କରି ରାଜନାଥ ଏପରି ମନ୍ତବ୍ୟ ଦେଇଛନ୍ତି। ରାଜନାଥ କହିଛନ୍ତି, ଭାରତୀୟ ସେନା ଭାରତବିରୋଧୀ ତତ୍ତ୍ୱ ଓ ଆତଙ୍କବାଦୀମାନଙ୍କୁ ଦଣ୍ଡିତ କରିଛି, ଯେଉଁମାନେ କି ପହଲଗାମ୍ ଆକ୍ରମଣ ଜରିଆରେ ଅନେକ ପରିବାରର ସିନ୍ଦୂର ଲିଭାଇଦେଇଥିଲେ। ଉଲ୍ଲେଖଯୋଗ୍ୟ ମେ' ୭ ତାରିଖ ଭୋର ସମୟରେ ଭାରତ ପକ୍ଷରୁ ଅପରେଶନ୍ ସିନ୍ଦୂର ଆରମ୍ଭ କରାଯାଇଥିଲା। ଏଥିରେ ପାକିସ୍ତାନ ଏବଂ ପିଓକେସ୍ଥିତ ୯ ସ୍ଥାନରେ ଆତଙ୍କବାଦୀଙ୍କ ମୁଖ୍ୟାଳୟ ଓ ଶିବିରଗୁଡ଼ିକୁ ମିଶାଇଲ ମାଡ଼ କରି ଧ୍ୱସ୍ତ ବିଧ୍ୱସ୍ତ କରିଦିଆଯାଇଛି। ମୋଟାମୋଟି ଭାବେ ପାକିସ୍ତାନୀ ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି ଅପରେଶନ୍ ସିନ୍ଦୂର।

# ପ୍ରଧାନମନ୍ତ୍ରୀଙ୍କୁ ସ୍ଥିତି ଅବଗତ କରାଇଲେ ୩ ସେନା ମୁଖ୍ୟ



ଉଚ୍ଚସ୍ତରୀୟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଏନ୍‌ଏସ୍‌ଏ ଅଜିତ୍ ଡୋଭାଲ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ସିଡିଏସ୍ ଅନିଲ ଚୌହାନ ଏବଂ ୩ ସେନାମୁଖ୍ୟ ।

ନୂଆଦିଲ୍ଲୀ,୧୧।୫

ପାକିସ୍ତାନ ସହ ଅସ୍ତ୍ରବିରତି ଘୋଷଣାର ଦିନକ ପରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଅନିଲ ଚୌହାନ ଯୋଗଦେଇଥିଲେ। ସ୍ଥଳସେନା ଅଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ମୁଖ୍ୟ ମାର୍ଶଲ ଏ.ପି. ସିଂ ଓ ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କେ. ତ୍ରିପାଠୀ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସ୍ଥିତି ଉପରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସୀମା ଉପରେ କଡ଼ା ନଜର ରଖି ପାକିସ୍ତାନ ପଟୁ ସମ୍ଭାବ୍ୟ ଅତିକ୍ରମଣର କଡ଼ା ଜବାବ ଦେବା ପାଇଁ ପ୍ରଧାନମନ୍ତ୍ରୀ ୩ ସେନା ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିବା ସୂତ୍ରରୁ ଜଣାପଡ଼ିଛି।

# କରାଚୀ ଆକ୍ରମଣ ପାଇଁ ନୌସେନା ପ୍ରସ୍ତୁତ ଥିଲା

ନୂଆଦିଲ୍ଲୀ,୧୧।୫

ଅପରେଶନ ସିନ୍ଦୂର ବେଳେ ନୌସେନାର ଯୁଦ୍ଧଜାହାଜ ଆରବ ସାଗରରେ ମୁତୟନ ଥାଇ କରାଚୀ ଉପରେ ଆକ୍ରମଣ ନିମନ୍ତେ ପ୍ରସ୍ତୁତ ରହିଥିଲା। ଭାରତୀୟ ଯୁଦ୍ଧଜାହାଜର ଉପସ୍ଥିତି ଯୋଗୁ ପାକିସ୍ତାନୀ ନୌସେନା ଆଗକୁ ବଢ଼ି ନ ପାରି ଏହାର ଉପକୂଳରେ ରହିବାକୁ ବାଧ୍ୟ ହୋଇଥିବା ନୌସେନା ଭାଇସ୍ ଆଡମିରାଲ ଏ.ଏନ୍. ପ୍ରମୋଦ ରବିବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୌସେନାର ଯୁଦ୍ଧବିମାନବାହୀ ଜାହାଜ, ବୁଡ଼ାଜାହାଜ ଏବଂ ଅନ୍ୟ ଆସେଟ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ଯୁଦ୍ଧପ୍ରସ୍ତୁତି ସହ ସମୁଦ୍ରରେ ମୁତୟନ କରାଯାଇଥିଲା। ଆତଙ୍କବାଦୀ ଆକ୍ରମଣର ୯୬ ଘଣ୍ଟା ମଧ୍ୟରେ ଆରବ ସାଗରରେ ଏକାଧିକ ଅସ୍ତ୍ର ପରୀକ୍ଷା କରାଯାଇଥିଲା। ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ଟାର୍ଗେଟ କରିବା ପାଇଁ ଆମ ସୈନ୍ୟ, ଅସ୍ତ୍ରଶସ୍ତ୍ର ଏବଂ ଉପକରଣ ତଥା ପ୍ଲାଟ୍‌ଫର୍ମ ପ୍ରସ୍ତୁତିକୁ ସ୍ପଷ୍ଟ କରିବା ଏହାର ଲକ୍ଷ୍ୟ ଥିଲା। ପାକିସ୍ତାନ ପକ୍ଷର କୌଣସି ଆକ୍ରମଣକୁ ପ୍ରତିହତ କରିବା ସହ କରାଚୀ ସମେତ ବିଭିନ୍ନ ଟାର୍ଗେଟକୁ ଆକ୍ରମଣ ପାଇଁ ଆମେ ପ୍ରସ୍ତୁତ ରହିଥିଲୁ ବୋଲି ଭାଇସ୍ ଆଡମିରାଲ କହିଛନ୍ତି।




**ଆଜିର ମନ୍ତବ୍ୟ**

"ଏଣିକି ପାକିସ୍ତାନ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନେବାର ଦୁଃସାହସ କରେ, ତେବେ ଆମେ କ'ଣ କରିବୁ ତାହା ଇସ୍‌ଲାମାବାଦ ଭଲଭାବେ ଜାଣେ।
–ଭାଇସ୍ ଆଡମିରାଲ ଏ.ଏନ୍. ପ୍ରମୋଦ, ନୌସେନା ଅଭିଯାନ ଡିଜି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଲୋକନାଥ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ସ୍ଥାନ: ଭଗବତୀ ଭବନ, ସମୟ: ଅପରାହ୍ନ ୫ଟା ୩୦।

## କଟକ
- ଓଡ଼ିଶା ଯୁବ ପ୍ରଶିକ୍ଷଣ ଟ୍ରେନିଂ ଆଣ୍ଡ କୋଚିଂ ଏକାଡେମୀ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ତ୍ରିଶୂଳିଆ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ୪୬ତମ ଶ୍ରୀ ନୃସିଂହନାଥ ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ରମ୍ପେଇ–ଖୁଣ୍ଟୁଣୀ ହାଟ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଗୋପେଶ୍ୱର ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଯଜ୍ଞ ଓ ପ୍ରସାଦ ସେବନ,ସ୍ଥାନ:କୁସୁନୁଦାସପୁର, ଔପଦା,ସମୟ:ଦିବସବ୍ୟାପୀ।
- ଭାଗବତ କଥାମୃତ ପ୍ରବଚନ ସଭାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ମା' ଥାନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ବାଲିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସାର୍ବଜନୀନ ମିର୍ଜାପୋଖରୀ ୧୦୭ତମ ଚନ୍ଦନ ଉତ୍ସବ ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ: ମିର୍ଜାପୋଖରୀ ଆଡ଼ି, ବାଲେଶ୍ୱର,ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ
- ନାରାୟଣ ପ୍ରସାଦ କର ଟ୍ରଷ୍ଟର ବାର୍ଷିକ ଉତ୍ସବ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିବବିବାହ ଉପଲକ୍ଷେ ଲଗ୍ନଧରା, ସ୍ଥାନ: ଆରଡ଼ି, ସମୟ: ଅପରାହ୍ନ ୪ଟା।
- ଭାଗବତ ପାରାୟଣ ଉଦ୍‌ଯାପନୀ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ଅଷ୍ଟପ୍ରହର ଓ ନାମଯଜ୍ଞ, ସ୍ଥାନ: ଶୀର୍ଷାପାଳ, ଅସ୍ତିଆ, ମୋରଡ଼ା, ସମୟ: ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- 'ଆମେ–୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ମୁଖ୍ୟମନ୍ତ୍ରୀଙ୍କ ଗସ୍ତ, ସ୍ଥାନ: ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜନ୍ମଦିବସ ପାଳନ, ସ୍ଥାନ: ମହୁଲଡିହା, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ତ୍ରିନାଥ ଗୋସାଇଁ କମିଟି ପକ୍ଷରୁ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ,ସ୍ଥାନ: ଉଦଳା ହାଇସ୍କୁଲ ଛକ (ଅତୁଲ ବାବୁଙ୍କ ଯାତ୍ରା ପଡ଼ିଆ),ସମୟ:ଅପରାହ୍ନ ୩ଟା୩୦।
- ମହେଶ ଦାଶ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ୍, ବାରିପଦା, ସମୟ: ଅପରାହ୍ନ ୪ଟା।
- ଚନ୍ଦନ ପୂର୍ଣ୍ଣିମା ଉପଲକ୍ଷେ ମଦନମୋହନଙ୍କ ନୌକା ଯାତ୍ରା, ସ୍ଥାନ: ଚିତ୍ରଡ଼ା ରାଜା ବନ୍ଧ, ମୋରଡ଼ା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର
- ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶର ଷଡତ୍ରିଂଶତମ ସଂସ୍ଥାପନ ଦିବସ, ସ୍ଥାନ: ଶ୍ରୀ ଅରବିନ୍ଦ ଭବନ, ସମୟ: ସକାଳ ୭ଟା।
- ସମାବର୍ତ୍ତନ ଉତ୍ସବ, ସ୍ଥାନ: ଗୋଷାଣୀ ନୂଆଗାଁ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ରାଜନଗର, ସମୟ: ସକାଳ ୮ଟା ୩୦।
- ଶ୍ରୀ ବଳଦେବଜୀଉଙ୍କ ଗଜ ଉଦ୍ଧାର ବେଶ, ସ୍ଥାନ: ଇଚ୍ଛାପୁର ମନ୍ଦିର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।
- ଶଙ୍କୁକର୍ଣ୍ଣ ପୋଡ଼ି ଉତ୍ସବ, ସ୍ଥାନ: ନନ୍ତାର, କୋରୋ, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।
- ମା'ମହିପାଳିନୀ ମନ୍ଦିରର ବାର୍ଷିକ ଉତ୍ସବ ଓ ରାମଚରିତ ମାନସ ପାରାୟଣ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା'କଣସରା ଓ ଶ୍ରୀହନୁମାନଜୀଙ୍କ ପୀଠ, ଦାଣ୍ଡି, ରାଜନଗର, ସମୟ: ସକାଳ ୭ଟା।

## ରାୟଗଡ଼ା
- ଅନ୍ତର୍ଜାତୀୟ ନର୍ସ ଦିବସ, ସ୍ଥାନ: ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।

## କୋରାପୁଟ
- ଗଙ୍ଗା ମା'ଙ୍କ ଘଟଯାତ୍ରା ଶୁଭାରମ୍ଭ, ସ୍ଥାନ: ଦୁର୍ଗାମନ୍ଦିର ପରିସର, ସେମିଳିଗୁଡା, ସମୟ: ସକାଳ ୬ଟା।
- ପରୁଆମାଳି ଗୁମ୍ଫାରେ ପାହାଡ ଯାତ୍ରା, ଡଙ୍ଗରଦେବୀଙ୍କ ପୂଜା, ସ୍ଥାନ:ପରୁଆମାଳି ପାହାଡ, ଡାରେଙ୍ଗବା, ସମୟ: ସକାଳ ୭ଟା।

## ସମ୍ବଲପୁର
- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଜମନକିରା ବ୍ଲକ ପରିସର, ସମୟ : ସକାଳ ୭ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିରରେ ଜର୍ସି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: କାଇଁଶିର ଖେଳ ପଡିଆ, ସମୟ : ସକାଳ ୮ଟା।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଭୀମ ଭୋଇ ଶିଶୁ ଉଦ୍ୟାନ ସ୍ଥିତ ପ୍ରତିମୂର୍ତ୍ତି ସ୍ଥଳ, ସମୟ : ସକାଳ ୮ଟା।
- ସନ୍ଥକବି ଭୀମ ଭୋଇ ଜୟନ୍ତୀ, ସ୍ଥାନ : ଭୀମ ଭୋଇ ନଗର ସ୍ଥିତ ଭୀମ ଭୋଇ ସାହିତ୍ୟ ସଂସଦ ସମ୍ମିଳନୀ କକ୍ଷ, ସମୟ : ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ସାଂସ୍କୃତିକ ସମାଜ ଆୟୋଜନରେ ସନ୍ଥକବି ଭୀମ ଭୋଇ ଜୟନ୍ତୀ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ହରିଶଙ୍କର ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ହରିଶଙ୍କର ପୀଠ, ଖପ୍ରାଖୋଲ ବ୍ଲକ, ସମୟ: ସକାଳ ୭ଟା।
- ଭୀମ ଭୋଇ ଜୟନ୍ତୀ ସମାରୋହ, ସ୍ଥାନ: ଆଇନ ମହାବିଦ୍ୟାଳୟ, ବଲାଙ୍ଗୀର ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ସାଇବାବା ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ, ସ୍ଥାନ: ଶକ୍ତିନଗର, ସମୟ: ସକାଳ ୫ଟା।
- ଶିଶୁ ନାଟ୍ୟ କର୍ମଶାଳା, ସ୍ଥାନ: ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର–୨୦, ସମୟ: ସକାଳ ୭ଟା ୩୦।
- ଚନ୍ଦନ ଯାତ୍ରା ଉଦ୍‌ଯାପନ ଉତ୍ସବ, ସ୍ଥାନ: ସେକ୍ଟର–୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ବୈଶାଖ ମେଳାରେ ବିଶ୍ୱଶାନ୍ତି ମହାଯଜ୍ଞ,ସ୍ଥାନ:ନୃସିଂହନାଥ ମନ୍ଦିର, ପାଇକମାଳ, ସମୟ:ସକାଳ ୭ଟା।
- ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସ୍ଥାପନୋତ୍ସବ, ସ୍ଥାନ:ବଗେଇବିରା ଡୁଙ୍ଗୁରି, ବରଗଡ଼, ସମୟ:ସକାଳ ୯ଟା।
- ମାହେଶ୍ୱରୀ ନର୍ସିଂ କଲେଜରେ ବାର୍ଷିକ ଉତ୍ସବ ଓ ନର୍ସ ଡେ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ନର୍ସ ଦିବସ, ସ୍ଥାନ:ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼,ସମୟ: ପୂର୍ବାହ୍ନ ୧୧ଟା।
- ବୈଶାଖ ମେଳାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ:ନୃସିଂହନାଥ ମନ୍ଦିର, ପାଇକମାଳ,ସମୟ: ସନ୍ଧ୍ୟା ୭ଟା।
- ରାମଲୀଳା ଯାତ୍ରା ମହୋତ୍ସବ, ସ୍ଥାନ:କଟାପାଲି, ବରଗଡ଼,ସମୟ:ସନ୍ଧ୍ୟା ୭ଟା ୩୦।

## ବୌଦ୍ଧ
- ବୁଦ୍ଧ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ: ଭୀମ ପାହାଡ, କେଳାକଟା, ହରଭଙ୍ଗା ବ୍ଲକ, ସମୟ: ଅପରାହ୍ନ ୫ଟା।
- ସନ୍ଥକବି ଭୀମଭୋଇଙ୍କ ଜନ୍ମ ଜୟନ୍ତୀ ପାଳନ, ସ୍ଥାନ: ଗୋପପୁର, ହରଭଙ୍ଗା ବ୍ଲକ, ସମୟ: ଅପରାହ୍ନ ୫ଟା।
- ବୁଦ୍ଧ ଜୟନ୍ତୀ କମିଟି ପକ୍ଷରୁ ବୁଦ୍ଧ ଜୟନ୍ତୀ ପାଳନ, ସ୍ଥାନ: ମହାନଦୀ ଆଳତି ଘାଟ, ବୌଦ୍ଧ, ସମୟ ସନ୍ଧ୍ୟା ୬ଟା।
- ଚତୁର୍ଥ ଗନ୍ଧରାଢୀ ଲୋକକଳା ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଜଗତି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ତରଭା ବ୍ଲକ ମରାଡୁଗୋଛା ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ ଚବିଶ ପ୍ରହର ନାମଯଜ୍ଞର ପଞ୍ଚମ ଦିବସ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ଅହୋରାତ୍ର।
- ଭୀମଭୋଇ କଳା ନିକେତନ ତରଫରୁ ଭୀମଭୋଇ ଜୟନ୍ତୀ ପାଳିତ, ସ୍ଥାନ: ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ସକାଳ ୭ଟା୩୦।
- ଭୀମ ଭୋଇ ଜନ୍ମ ସ୍ମୃତି ପୀଠ ତରଫରୁ ଭୀମଭୋଇ ଜୟନ୍ତୀ ପାଳିତ, ସ୍ଥାନ: ଜଟେସିଙ୍ଘା ପଞ୍ଚାୟତ କାର୍ଯ୍ୟାଳୟ ସମୟ: ସକାଳ ୯ଟା।
- ଦେଉଳମୁଣ୍ଡା ଭାଗବତ ସପ୍ତାହ ପାରାୟଣ ଦ୍ୱିତୀୟ ଦିବସ, ସ୍ଥାନ: ମାହେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା।
- ସୁବର୍ଣ୍ଣପୁର ଶ୍ରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଶ୍ରୀଶ୍ରୀ ନୃସିଂହ ନାମଯଜ୍ଞ କମିଟି ପକ୍ଷରୁ ଉଦଣ୍ଡ ସଂକୀର୍ତ୍ତନ୍ୟ ଦରବାର, ସ୍ଥାନ: ସୁବର୍ଣ୍ଣପୁର ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ଟା ୩୦।
- ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ଓ ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ, ସ୍ଥାନ: ବିନିକା ମହିମା ପଡା, ସମୟ: ସନ୍ଧ୍ୟା ୫ଟା ୩୦।

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ:ଦଧିବାମନ ମନ୍ଦିର ଖଡ଼ିଆଳ, ସମୟ: ପ୍ରାତଃ ୪ ଟା୩୦।
- ଝରିଆ,ସାହୁ (ତେଲି) ସମାଜ ଚାରିଗଡ଼ ଖଡିଆଳ ଆଞ୍ଚଳିକ (କ)(ଖ) ପକ୍ଷରୁ ଅଷ୍ଟ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: ବୋଡେନ ବ୍ଲକ ପାତଲଗଙ୍ଗା, ସମୟ: ସକାଳ ୭ଟା ୩୦।
- ଯାଦବ ସମାଜ ପକ୍ଷରୁ ୧୨ ତମ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ:ବୋଡେନ ବ୍ଲକ ପାତଲଗଙ୍ଗା, ସମୟ: ସକାଳ ୭ଟା ୩୦।
- ଯାଦବ ସମାଜ ପକ୍ଷରୁ ଅଷ୍ଟ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଶୁଭାରମ୍ଭ,ସ୍ଥାନ:ବୋଡେନ ବ୍ଲକ ପାତଲଗଙ୍ଗା କୋଟଗାଁ, ସମୟ: ସକାଳ ୮ଟା ୧୫।
- ବୈଶାଖ ମେଳା ଓ ଶ୍ରୀ ଶ୍ରୀ ଅଖଣ୍ଡ ଅଷ୍ଟ ପ୍ରହର ନାମ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ମିଛାପାଡି ପଞ୍ଚାୟତ ଖୋଳିଗାଁ, ମଖାଗାଁ, ହଲୁଆପାଲି, ସମୟ: ପୂର୍ବାହ୍ନ ୧୧ଟା।
- ରାଣୀମହାସ ବୈଶାଖ ମେଳା ପୂର୍ଣ୍ଣାହୂତି, ସ୍ଥାନ: କୋମନା ବ୍ଲକ ମିଛାପାଲି ପଞ୍ଚାୟତ ଖୋଳିଗାଁ, ସମୟ: ଅପରାହ୍ନ ୩ଟା।

# ପାକିସ୍ତାନ ପାଇଁ ଗୁପ୍ତଚର କାର୍ଯ୍ୟ ଅଭିଯୋଗରେ ୨ ଗିରଫ

ଅମୃତସର, ୧୧।୫

ଭାରତର ଗୁପ୍ତ ସାମରିକ ତଥ୍ୟ ପାକିସ୍ତାନକୁ ଯୋଗାଉଥିବା ଅଭିଯୋଗରେ ରବିବାର ପଞ୍ଜାବ ପୋଲିସ ଅମୃତସରର ଅଜଲାନା ଅଞ୍ଚଳରୁ ପାଲକ ଶେର ମସିହ ଏବଂ ସୁରଜ ମସିହ ନାମକ ୨ ବ୍ୟକ୍ତିଙ୍କୁ ଗିରଫ କରିଛି। ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଗୌରବ ଯାଦବ ଏହି ସୂଚନା ଦେଇଛନ୍ତି। ଗିରଫ ହୋଇଥିବା ଉଭୟ ଅଭିଯୁକ୍ତ ଜଣେ ପାକିସ୍ତାନୀ ହ୍ୟାଣ୍ଡଲରଙ୍କୁ ଭାରତୀୟ ସେନାର କାର୍ଯ୍ୟକଳାପକୁ ନେଇ ବିଭିନ୍ନ ସମ୍ବେଦନଶୀଳ ସୂଚନା ଲିକ୍ କରୁଥିଲେ। ଉଭୟେ ନୂଆଦିଲ୍ଲୀରେ ଥିବା ପାକିସ୍ତାନ ହାଇକମିଶନରରେ ନିଯୁକ୍ତ ଜଣେ ଅଧିକାରୀଙ୍କ ସହ ଯୋଗାଯୋଗରେ ଥିଲେ ଏବଂ ପାକିସ୍ତାନୀ ହ୍ୟାଣ୍ଡଲରଙ୍କୁ ଭାରତର ସାମରିକ ଗୁପ୍ତ ସୂଚନା ଲିକ୍ କରୁଥିବା ସେ କହିଛନ୍ତି।

# ୟୁକ୍ରେନ୍ ସହ ଶାନ୍ତି ଆଲୋଚନା ପାଇଁ ପୁଟିନ୍‌ଙ୍କ ପ୍ରସ୍ତାବ

ମସ୍କୋ,୧୧।୫(ପି.ଟି.)



କୌଣସି ପ୍ରାକ୍ ସର୍ତ୍ତାବଳୀ ବିନା ୟୁକ୍ରେନ୍ ସହ ଆସନ୍ତା ୧୫ରେ ଇସ୍ତାନବୁଲ୍‌ରେ ସିଧାସଳଖ ଶାନ୍ତି ଆଲୋଚନା ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ରବିବାର ପ୍ରସ୍ତାବ ଦେଇଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏହାକୁ ସ୍ୱାଗତ କରିଥିବାବେଳେ ମସ୍କୋ ପ୍ରଥମେ ଅସ୍ତ୍ରବିରତି ପାଇଁ ରାଜି ହେବା ଆବଶ୍ୟକ ବୋଲି କହିଛନ୍ତି। ପୁଟିନ୍ କହିଛନ୍ତି, ଯୁଦ୍ଧର ମୂଳ କାରଣକୁ ଦୂର କରି ଏକ ଦୀର୍ଘମିଆଦୀ, ସ୍ଥାୟୀ ଶାନ୍ତି ପ୍ରତିଷ୍ଠାରେ ପହଞ୍ଚିବା ଆଲୋଚନାର ଉଦ୍ଦେଶ୍ୟ। ଏଥିପାଇଁ ୧୫ ତାରିଖରୁ ପ୍ରତ୍ୟକ୍ଷ ଆଲୋଚନା ଆରମ୍ଭ ହେବା ଆବଶ୍ୟକ। ଏଥିରେ କୌଣସି ପ୍ରାକ୍ ସର୍ତ୍ତ ରହିବା ଉଚିତ ନୁହେଁ ବୋଲି ପୁଟିନ୍ କହିଛନ୍ତି। ସୂଚନାଯୋଗ୍ୟ, କିଛି ଘଣ୍ଟା ପୂର୍ବରୁ କିଭ୍‌ରେ ଜର୍ମାନୀ, ଫ୍ରାନ୍ସ, ବ୍ରିଟେନ ଏବଂ ପୋଲାଣ୍ଡର ନେତାମାନେ ଜେଲେନସ୍କିଙ୍କ ସହ ଏକାଠି ହୋଇ ସୋମବାରରୁ ୩୦ ଦିନିଆ ଯୁଦ୍ଧବିରତି ଆରମ୍ଭ କରିବାକୁ ରାଜି ହେବା ନିମନ୍ତେ ପୁଟିନ୍‌ଙ୍କୁ ନିବେଦନ କରିଥିଲେ। ଯୁଦ୍ଧବିରତି ପାଇଁ ରାଜି ନ ହେଲେ ମସ୍କୋକୁ ଅଧିକ କଟକଣାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ସେମାନେ ଚେତାବନୀ ଦେଇଥିଲେ।

# ଚଳନ୍ତା କାର୍‌ରେ ନାବାଳିକାଙ୍କୁ ଗଣବଳାତ୍କାର

ବୁଲନ୍ଦସହର, ୧୧।୫

ଉତ୍ତରପ୍ରଦେଶର ବୁଲନ୍ଦସହରରେ ଜଣେ ନାବାଳିକାଙ୍କୁ ଚଳନ୍ତା କାରରେ ଗଣବଳାତ୍କାର କରାଯାଇଥିବାର ମାମଲା ସାମ୍ନାକୁ ଆସିଛି। ରବିବାର ଏହି ମାମଲାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସକୁ ଏନ୍‌କାଉଣ୍ଟର କରିବାକୁ ପଡ଼ିଥିଲା। ଏହାପରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୋଲିସର ଏନ୍‌କାଉଣ୍ଟରରେ ୨ ଅଭିଯୁକ୍ତ ଆହତ ହୋଇଛନ୍ତି। ଘଟଣା ସମ୍ପର୍କରେ ବୁଲନ୍ଦସହର ଏସ୍‌ପି (ଗ୍ରାମୀଣ) ତେଜବୀର ସିଂ ସୂଚନା ଦେଇ କହିଛନ୍ତି, ଗତ ୬ ତାରିଖ ସନ୍ଧ୍ୟାରେ ଗିରଫ ଅଭିଯୁକ୍ତମାନେ ସୁରଜପୁର ଥାନା ଅନ୍ତର୍ଗତ ଜନପଦ ଗୌତମବୁଦ୍ଧ ନଗର ଅଞ୍ଚଳରେ ଚାକିରି ଦେବା ପାଇଁ ସାହାଯ୍ୟ କରିବା ବାହାନାରେ ୨ ଜଣ ନାବାଳିକାଙ୍କୁ କାର୍‌ରେ ବସାଇ ନେଇଥିଲେ। ମିରଟର ଥାନାଜାନି ଅଞ୍ଚଳରେ ସେମାନେ ପିଡ଼ିତାଙ୍କ ବନ୍ଧୁଙ୍କୁ ଧକ୍କା ଦେଇ ଚଳନ୍ତା କାର୍‌ରୁ ତଳେ ପକାଇ ଦେଇଥିଲେ। ଘଟଣାରେ ଉକ୍ତ ନାବାଳିକା ଗୁରୁତର ଆହତ ହୋଇଥିବାବେଳେ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଚଳନ୍ତା କାର୍‌ରେ ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ଗଣବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୋଲିସ ପୋକ୍‌ସୋ ଆକ୍ଟ ଏବଂ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୧୧୫(୨), ୭୦ (୨), ୩୫୧ (୨) ଅନୁଯାୟୀ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।


ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପେଚା ବୋବାଏ ଯାହାର ବାଡ଼ି,
ତା' ଘରେ ପଶେ କଳି ଧୋକଡି।**

ପେଚା ପକ୍ଷୀର ରାବକୁ ଅଶୁଭର ପ୍ରତୀକ ବୋଲି ଧରାଯାଏ। ଯାହାଘରେ ବା ବାଡ଼ି ବଗିଚାରେ ପେଚା ବୋବାଏ ତା'ଘରେ ଅକାରଣରେ କଳିଝଗଡ଼ା ସୃଷ୍ଟି ହେବା ସହ କିଛି ଅମଙ୍ଗଳ ଘଟିବାର ଆଶଙ୍କା ବଢ଼ିଯାଉଥିବା ନେଇ ମନରେ ଅନ୍ଧବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପାଟି ସୁଆଦ୍,
ପେଟ ନ ଜାଣଇ ତହିଁର ଭେଦ।**

ପାଟି ସୁଆଦିଆ ଚିଜ ବାରିପାରେ। ପରନ୍ତୁ ପେଟରେ ସ୍ୱାଦ ଅସ୍ୱାଦର ଭେଦ ନାହିଁ। ପେଟ ମଧ୍ୟ ପାଟିର ସ୍ୱାଦ ଜାଣିବାକୁ ଅକ୍ଷମ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଖାତକୁ ଖସିଲା ବସ୍: ୨୧ ମୃତ


କୋଟମାଲେଠାରେ ରବିବାର ଏକ ଯାତ୍ରୀବାହୀ ବସ୍ ଖାତରେ ଖସି ପଡିବା ପରେ ଉଦ୍ଧାର କାର୍ଯ୍ୟ କରାଯାଉଛି।

କଲମ୍ବୋ, ୧୧।୫

ଶ୍ରୀଲଙ୍କାର ସେଣ୍ଟ୍ରାଲ ପ୍ରୋଭିନ୍ସ ଅନ୍ତର୍ଗତ କୋଟମାଲେଠାରେ ରବିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପାହାଡ଼ିଆ ରାସ୍ତାରେ ଏକ ଯାତ୍ରୀବାହୀ ବସ୍ ଯାଉଥିବାବେଳେ ଏହା ନିୟନ୍ତ୍ରଣ ହରାଇ ଖାତକୁ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ୨୧ ଜଣଙ୍କର ମୃତ୍ୟୁ ଘଟିଥିବା ସହ ୩୦ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ସହ ପୋଲିସ ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ସମସ୍ତ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ନେଇ ଶ୍ରୀଲଙ୍କାର ପରିବହନ ଏବଂ ରାଜପଥ ଉପମନ୍ତ୍ରୀ ପ୍ରସନ୍ନ ଗୁଣସେନା ସୂଚନା ଦେଇଛନ୍ତି। ଉକ୍ତ ବସ୍‌ରେ ୭୫ ଜଣ ଯାତ୍ରୀ ଯାଉଥିବା ସେ କହିଛନ୍ତି।

# ମଣିପୁରରୁ ୧୧ ଉଗ୍ରବାଦୀ ଗିରଫ

ଇମ୍ଫାଲ, ୧୧।୫

ମଣିପୁରର ବିଭିନ୍ନ ଅଞ୍ଚଳର ସ୍ଥାନୀୟ ଲୋକଙ୍କଠାରୁ ବଟି ଆଦାୟ କରୁଥିବା ଅଭିଯୋଗରେ ରବିବାର ୧୧ ଉଗ୍ରବାଦୀଙ୍କୁ ଗିରଫ କରାଯାଇଛି। ଇମ୍ଫାଲ ପଶ୍ଚିମ, କାକଚିଙ୍ଗ, ବିଷ୍ଣୁପୁର, ଥୌବଲ ଆଦି ଜିଲାରୁ ଏହି ଉଗ୍ରବାଦୀଙ୍କୁ ଗିରଫ କରାଯାଇଛି। ଗିରଫ ଉଗ୍ରବାଦୀଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ପାକିସ୍ତାନ କିଛି କଲେ ଆହୁରି...

କହିଥିଲେ। ମୋଦି ସବୁ ଶୁଣିବା ପରେ ଭାନ୍ସଙ୍କୁ କହିଥିଲେ, ପାକିସ୍ତାନ କିଛି କଲେ ଆହୁରି କଡ଼ା ଜବାବ ଦିଆଯିବ। ଭାନ୍ସ ଭାରତ–ପାକିସ୍ତାନ ଯୁଦ୍ଧରେ ଆମେରିକା ମୁଣ୍ଡ ପୂରାଇବ ନାହିଁ ବୋଲି କହିବା ପରେ ପ୍ରଧାନମନ୍ତ୍ରୀଙ୍କୁ ନୀତି ବାଣୀ ଶୁଣାଇବାକୁ ଉଦ୍ୟମ କରିଥିବାରୁ ସେ ଏପରି ଜବାବ ଦେଇଥିବା ମନେକରାଯାଉଛି।

## ୩ୟ ପକ୍ଷ ହସ୍ତକ୍ଷେପକୁ ...

ଆଶୀର୍ବାଦ କରନ୍ତୁ। ଟ୍ରମ୍ପ୍ ଏହି ପ୍ରସ୍ତାବ ଦେବା ମାତ୍ରେ ପାକିସ୍ତାନ ଏହାକୁ ସ୍ୱାଗତ କରିଛି। ଦକ୍ଷିଣ ଏସିଆରେ ଶାନ୍ତି ପ୍ରତିଷ୍ଠା ଓ ନିରାପତ୍ତା ପାଇଁ ଏହି ଦୀର୍ଘ ସମସ୍ୟାର ସମାଧାନ ଆବଶ୍ୟକ ବୋଲି ଇସ୍‌ଲାମାବାଦ କହିଛି। କେବଳ ଏତିକି ନୁହେଁ, ପାକିସ୍ତାନ ସରକାରଙ୍କ ପକ୍ଷରୁ ଜାରି ଏକ ବିବୃତିରେ ଅସ୍ତ୍ରବିରତି ଆଲୋଚନାରେ ଆମେରିକାର 'ସକାରାତ୍ମକ' ଭୂମିକାକୁ ମଧ୍ୟ ପ୍ରଶଂସା କରାଯାଇଛି। ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ସଂକଳ୍ପନାମା ଅନୁସାରେ କଶ୍ମୀରୀ ଲୋକଙ୍କ ଆତ୍ମନିର୍ଦ୍ଧାରଣ ସମ୍ପର୍କିତ ମୌଳିକ ଅଧିକାରକୁ ସୁନିଶ୍ଚିତ କରାଯିବା ଜରୁରୀ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**: ଆଜି କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ରାହୁ ପ୍ରଭାବରୁ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବା ଶୁଣିବାକୁ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥି ପାଇଁ ଚିନ୍ତିତ ରହିଥିଲେ ଆଜି ତାହା ମିଳିପାରିବ।

**ବୃଷ**: ବନ୍ଧୁ କିମ୍ବା ସହକର୍ମୀ ସହଯୋଗର ହାତ ବଢ଼ାଇବେ ଫଳରେ ଆଜିର କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିପାରନ୍ତି। ଦ୍ୱାଦଶସ୍ଥ ରବିଙ୍କ ଯୋଗୁ ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ**: ଆଜି କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମ ହାସଲ କରିବେ। ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ବୃହସ୍ପତିଙ୍କ ହେତୁ ବ୍ୟବସାୟିକ ଦିଗ ମଧ୍ୟମ ପ୍ରକାର ରହିବ। ଆଲୋଚନା ପରିସରରେ କୌଣସି ନୀଚଜାତିର ବ୍ୟକ୍ତିଙ୍କ ସହ ଝଗଡ଼ା ଲାଗିପାରେ।

**କର୍କଟ**: ଖଟଣି ବଢ଼ିବ କିନ୍ତୁ ଯାହା ଯେତିକି ଓ ଯେମିତି ପାଇବା କଥା ତାହା ନ ପାଇ ଅନୁତପ୍ତ ହୋଇପାରନ୍ତି। କେନ୍ଦ୍ରସ୍ଥ ଚନ୍ଦ୍ରଜନିତ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହେବେ। ମକଦ୍ଦମା, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ମାନସିକ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ**: ଭାଗ୍ୟସ୍ଥାନରେ ବୁଧାଦିତ୍ୟ ଯୋଗରୁ ଆଜି ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ସ୍ଥଗିତ କାମକୁ ସମ୍ପନ୍ନ କରିବେ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ ଓ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ।

**କନ୍ୟା**: ଆନୁସଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ଆଶା ପୂରଣ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବେ। ସପ୍ତମସ୍ଥ ପାପଗ୍ରହଜନିତ ଯାତ୍ରା କାଳରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିବ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ଦୁଃଖ ଦେଇପାରେ। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ତୁଳା**: ସପ୍ତମାଧିପ କେନ୍ଦ୍ରସ୍ଥ ଯୋଗୁ କର୍ମକ୍ଷେତ୍ରରେ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କ ଦ୍ୱାରା ଉପକୃତ ହେବେ। ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡିପାରେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ଶିଳ୍ପ, ବାଣିଜ୍ୟ, ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା**: ଦୀର୍ଘଦିନ ହେଲା ଯାହା ହୋଇ ପାରି ନ ଥିଲା ଆଜି ତାହାର ସରଳ ସମାଧାନ ହୋଇଯିବ। ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳ ହେବେ। ଭୁଲ୍ ବୁଝାମଣାରୁ ପରିବାର ସଦସ୍ୟଙ୍କଠାରୁ ସମସ୍ୟା ଆସିପାରେ। ଶନିଙ୍କ କୁପ୍ରଭାବରୁ ଘରୋଇ ବ୍ୟାପାରରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ**: ଧନାଧିପ କେନ୍ଦ୍ରସ୍ଥ ଯୋଗୁ ଆର୍ଥିକ ଦିଗରୁ ସମସ୍ୟା ଲାଗିରହିବ କିନ୍ତୁ ସୁଧାରି ନେବାରେ ବନ୍ଧୁଙ୍କ ଅବଦାନ ଅବଶ୍ୟ ରହିବ। ଅଫିସରେ ସହକର୍ମୀଙ୍କ ସହ ମିଷ୍ଟାଳାପ ମଧ୍ୟରେ କାମ କରିଚାଲିବେ। ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

**ମକର**: ରାଶ୍ୟାଧିପ ତୃତୀୟସ୍ଥ ହେତୁ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିବ। କୌଣସି ବ୍ୟକ୍ତିଠାରୁ ଦୁଃଖଦ ଖବର ପାଇ ବିଚଳିତବୋଧ କରିପାରନ୍ତି। ପଡ଼ୋଶୀମାନେ ବିଭିନ୍ନ ପ୍ରକାରର ଝମେଲା ସୃଷ୍ଟି କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଗବେଷଣା ଓ ରଚନାତ୍ମକ କାର୍ଯ୍ୟରୁ ସୁଫଳ ପାଇବେ।

**କୁମ୍ଭ**: ଆଜି ମୁଖଭାବରେ ପାପଗ୍ରହ ଯୋଗୁ ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗିରହିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କ୍ରୀଡ଼ା, ସଙ୍ଗୀତ, ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ**: ରାଶିରେ ପାପଗ୍ରହ ପ୍ରଭାବରୁ ପରିବାରରେ ଅଯଥା ବ୍ୟସ୍ତତା ପ୍ରକାଶ କରି ଅଶାନ୍ତ ରହିବେ। ପରିସ୍ଥିତିବଶତଃ ଧାରକରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହେବେ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ। ରାସ୍ତାରେ ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡିପାରନ୍ତି।

ଆଜି ମେ ୧୨ ତାରିଖ, ଅନ୍ତର୍ଜାତୀୟ ନର୍ସ ଦିବସ, ବୁଦ୍ଧ ଜୟନ୍ତୀ, ବୈଶାଖ ପୂର୍ଣ୍ଣିମା ସୋମବାର, ସନ୍ଥକବି ଭୀମ ଭୋଇ ଜୟନ୍ତୀ, ବୈଶାଖ ବ୍ରତ ସମାପନ, ଅଦ୍ୟ ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ରାଶିନକ୍ଷତ୍ର–ବିଶାଖା/ତୁଳା, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୧୫ ଗତେ ଘ.୦୬.୫୨ ମଧ୍ୟେ, ଘ.୧୦.୨୫ ଗତେ ଘ.୦୧.୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୬.୫୨ ଗତେ ଘ.୦୮.୨୯ ମଧ୍ୟେ ରାହୁ କାଳ।

# ରାମକୃଷ୍ଣ ଦାସ ମହାପାତ୍ର ନିଲମ୍ବିତ

**ଦୀଘା ଜଗନ୍ନାଥ ମନ୍ଦିରକୁ ନେଇ ବିବାଦ ଘଟଣା**

- ୩୦ ଦିନ ପାଇଁ ମହାପ୍ରଭୁଙ୍କ ସେବା, ଶ୍ରୀମନ୍ଦିର ପ୍ରବେଶ ମନା
- ବିଶୃଙ୍ଖଳିତ ଆଚରଣ ପରିଲକ୍ଷିତ ହେଲେ ପ୍ରାପ୍ୟ, ପୁରସ୍କାର ବନ୍ଦ


ରାମକୃଷ୍ଣ ଦାସ ମହାପାତ୍ର

ପୁରୀ,୧୧।୫(ଅଜିତ୍ କୁମାର ମହାନ୍ତି)

ପଶ୍ଚିମବଙ୍ଗର ଦୀଘା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବା ନେଇ ବିବାଦ ଘଟଣାରେ ପୁରୀ ଶ୍ରୀମନ୍ଦିରର ବରିଷ୍ଠ ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ମହାପ୍ରଭୁଙ୍କ ସେବା କାର୍ଯ୍ୟରୁ ଏକମାସ ଅର୍ଥାତ୍ ୩୦ ଦିନ ପାଇଁ ନିଲମ୍ବିତ କରାଯାଇଛି। ରବିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ନିଲମ୍ବନ ସମୟ ଭିତରେ ଦାସ ମହାପାତ୍ର ମହାପ୍ରଭୁଙ୍କ କୌଣସି ସେବାପୂଜାରେ ସାମିଲ ହୋଇପାରିବେ ନାହିଁ କି ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ। ସେ ନିଲମ୍ବନ ଅବଧି ସମୟରେ ଦଇତାପତି ଏବଂ ଅନ୍ୟ ନିଯୋଗର ସେବକ ତଥା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ ଶ୍ରୀମନ୍ଦିରର ସେବାପୂଜା ଓ ନୀତିକାନ୍ତିରେ ବାଧକ ସାଜିବେ ନାହିଁ। ଏପରି କଲେ, ନିଲମ୍ବନ ଅବଧିକୁ ବୃଦ୍ଧି କରାଯାଇ ଆହୁରି କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ସମୟ ମଧ୍ୟରେ ଶ୍ରୀମନ୍ଦିର କମାଣ୍ଡର ତଥା ବରିଷ୍ଠ ସୁପରଭାଇଜର ନିୟମିତ ଭାବେ ଦାସ ମହାପାତ୍ରଙ୍କ ଆଚାର ବ୍ୟବହାର ଉପରେ ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ଦେବେ। ନିଲମ୍ବନ ତଥା ପରବର୍ତ୍ତୀ ସମୟରେ ଦାସ ମହାପାତ୍ରଙ୍କ ବିଶୃଙ୍ଖଳିତ ଆଚରଣ ପରିଲକ୍ଷିତ ହେଲେ, ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରାପ୍ୟ, ପାଉଣା ଓ ପୁରସ୍କାର ରଦ୍ଦ କରାଯିବ ବା ସ୍ଥଗିତ ରଖାଯିବ ବୋଲି ନିଲମ୍ବନ ଆଦେଶରେ ଉଲ୍ଲେଖ ରହିଛି।

କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦାସ ମହାପାତ୍ରଙ୍କୁ ଦୁଇଟି ନୋଟିସ୍ ହୋଇଥିଲା। ପ୍ରଥମେ ଗତ ୪ତାରିଖ ନୋଟିସରେ ଦାସ ମହାପାତ୍ର କେଉଁ ପରିସ୍ଥିତିରେ ନବକଳେବର ବେଳେ ସଂଗୃହୀତ ବଳକା ଦାରୁନିର୍ମିତ ବିଗ୍ରହ ଦୀଘା ମନ୍ଦିରରେ ପ୍ରତିଷ୍ଠା ହୋଇଛି ବୋଲି ବୟାନ ଦେଇ ଜଗନ୍ନାଥପ୍ରେମୀଙ୍କ ଧାର୍ମିକ ବିଶ୍ୱାସକୁ କୁଠାରାଘାତ କଲେ ଏବଂ ଶ୍ରୀମନ୍ଦିରର ଗରିମା ଓ ମର୍ଯ୍ୟାଦା କ୍ଷୁଣ୍ଣ କଲେ ସେ ନେଇ ଉତ୍ତର ରଖିବାକୁ କୁହାଯାଇଥିଲା। ପରେ ୯ ତାରିଖରେ ଆଉ ଏକ ନୋଟିସ ଜରିଆରେ ଜଗନ୍ନାଥଧାମ ଦୀଘା ନାମିତ ମନ୍ଦିରର କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ସେବକ ଭାବେ ସେ କାହିଁକି ଯୋଗଦେଲେ ଏବଂ ସେତେବେଳେ ସମ୍ପୃକ୍ତ ଉଦ୍ୟୋକ୍ତାମାନଙ୍କୁ ଏହାର ପ୍ରତିବାଦ କରିଥିଲେ ନା ନାହିଁ ସେନେଇ କୈଫିୟତ ମଗାଯାଇଥିଲା। ସେ ଜବାବ ରଖିଥିଲେ ମଧ୍ୟ ତାହା ଶ୍ରୀମନ୍ଦିର ପ୍ରଶାସନକୁ ସନ୍ତୋଷଜନକ ମନେହୋଇ ନ ଥିଲା। ଉକ୍ତ କାର୍ଯ୍ୟାନୁଷ୍ଠାନ ଅବସରରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିରରେ ଶୃଙ୍ଖଳା ଆଣିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ମଧ୍ୟ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ।

# ଖରିଫରେ ୭୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ

ଭୁବନେଶ୍ୱର,୧୧।୫(ରବିନାରାୟଣ ଜେନା)

**୧୦ ସ୍ଥାନରେ ହେବ ଚାଷୀ ସମାବେଶ**

ଚଳିତ ଖରିଫ ଋତୁରେ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କଠାରୁ ୭୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରି ରାଜ୍ୟ ସରକାର ରେକର୍ଡ ସୃଷ୍ଟି କରିଛନ୍ତି। ଚାଷୀମାନଙ୍କର ଅର୍ଥନୈତିକ ମାନଦଣ୍ଡ ବୃଦ୍ଧି କରିବା ପାଇଁ ଏହି ପ୍ରୟାସ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଭାଜପା କୃଷକମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି।

ସେ କହିଛନ୍ତି, ଚଳିତଥର ରେକର୍ଡ ପରିମାଣର ଧାନ ସଂଗ୍ରହ ପାଇଁ କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟର ୧୦ ପ୍ରମୁଖ ସ୍ଥାନରେ ଧନ୍ୟବାଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମ କରାଯିବ। ଏନେଇ ମେ' ୧୩ରେ ଚାନ୍ଦବାଲି, ୧୫ରେ କରଞ୍ଜିଆ, ୧୭ରେ ଜଗତ୍‌ସିଂହପୁର, ୧୮ରେ ଅନୁଗୋଳ, ୨୦ରେ ସୁବର୍ଣ୍ଣପୁର, ୨୨ରେ ଭବାନୀପାଟଣା, ୨୬ରେ ରାୟଗଡ଼ା, ୨୮ରେ ଭଞ୍ଜନଗର, ୩୦ରେ ସୁନ୍ଦରଗଡ଼ ଓ ୩୧ରେ ଢେଙ୍କାନାଳଠାରେ ଚାଷୀ ସମାବେଶ କରାଯିବ। ଏସବୁ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦାନ କରିବେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଓ କେନ୍ଦ୍ରର ସମସ୍ତ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଭାଜପାର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହିବେ ବୋଲି ମହେଶ୍ୱର କହିଛନ୍ତି।

# ୩ ଆଦିବାସୀ ନାବାଳିକା ନିଖୋଜ

ପାଟଣା,୧୧।୫(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଉପାନ୍ତ ଅଞ୍ଚଳ ଚିନାମାଳିପଶି ପଞ୍ଚାୟତ ବଡ଼ ମହୁଲଡିହା ଗ୍ରାମର ୩ ଆଦିବାସୀ ନାବାଳିକା ଗତ ଗୁରୁବାରଠାରୁ ନିଖୋଜ ହୋଇଛନ୍ତି। ଏ ନେଇ ୩ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅପହରଣ ନେଇ ସନ୍ଦେହ କରାଯାଉଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ୩ ନାବାଳିକା ସାଙ୍ଗ ହୋଇଥିବାରୁ ମିଶିକି ଖେଳାଖେଳି କରନ୍ତି। ମାତ୍ର ଗୁରୁବାର ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ସବୁଆଡ଼େ ଖୋଜାଖୋଜି କରି ପାଇ ନ ଥିଲେ। ଏ ନେଇ ପରିବାର ଲୋକଙ୍କ ପକ୍ଷରୁ ଶନିବାର ରାତିରେ ଘଟଗାଁ ଥାନାରେ ଅଭିଯୋଗ କରାଯାଇଛି। ନାବାଳିକାଙ୍କ ବୟସ ୧୩, ୧୪ ଓ ୧୫ ହୋଇଥିବା ବେଳେ ସେମାନଙ୍କୁ କେହି ଅପହରଣ କରି ନେଇଥିବା ସନ୍ଦେହ କରାଯାଉଛି। ନିଖୋଜ ନାବାଳିକାଙ୍କୁ ତୁରନ୍ତ ଉଦ୍ଧାର କରିବାକୁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି। ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି, ଏ ନେଇ ପରିବାର ଶନିବାର ରାତିରେ ଅଭିଯୋଗ କରିବାକୁ ଆସିଥିଲେ। ତାଙ୍କୁ ଝିଅମାନଙ୍କ ଫଟୋ ଆଣିବାକୁ କୁହାଯାଇଛି। ସେମାନେ ରବିବାର ଥାନାରେ ପହଞ୍ଚି ନ ଥିବା ବେଳେ ଗ୍ରାମରକ୍ଷୀଙ୍କ ଜରିଆରେ ଖବର ଦିଆଯାଇଛି। ଏଥିସହ ତଦନ୍ତ ଆରମ୍ଭ କରାଯାଇଥିବା କହିଥିଲେ। ଏ ନେଇ ପରିବାର ଲୋକଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ବଡ଼ଭାଇଙ୍କ ସମେତ ୪ ଗିରଫ

ଯୋଡ଼ା,୧୧।୫(ମାନସ ମହାନ୍ତି)

**ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣା**

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ଉଚ୍ଚବାଲି ବଡ଼ମାଗୋଡ଼ା ସାହିରେ ସଂଘବଦ୍ଧଭାବେ ଜଣେ ଯୁବକଙ୍କୁ ପିଟି ହତ୍ୟା ଅଭିଯୋଗ ହୋଇଛି। ମୃତକ ହେଲେ ଗ୍ରାମର ରାମ ନାଏକ। ଘଟଣାରେ ପୋଲିସ ରବିବାର ରାମଙ୍କ ବଡ଼ଭାଇଙ୍କ ସମେତ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବାମେବାରି ଥାନା ଅଧିକାରୀ ଯସକେତନ ଭୋଇ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ୭ ତାରିଖରେ ରାମ ନିକଟସ୍ଥ ମୁଣ୍ଡାସାହିର ମହେଶ୍ୱର ମୁଣ୍ଡାଙ୍କ ଘରେ ପଶି ତାଙ୍କ ଭାଇବୋହୂଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ମହେଶ୍ୱରଙ୍କ ଭାଇ ଦିବାକର ମୁଣ୍ଡା, ରମେଶ କିଶାନ ଓ ମହେଶ୍ୱର ମୁଣ୍ଡା ମିଶି ରାମଙ୍କୁ ମାଡ଼ ମାରିଥିଲେ। ପରେ ତାଙ୍କୁ ଆଣି ଘରେ ଶୁଆଇ ଦେଇଥିଲେ। ଘଟଣା ସମ୍ପର୍କରେ ରାମଙ୍କ ବଡ଼ଭାଇ ଯୁଧିଷ୍ଠିରଙ୍କୁ ଜଣାଇଥିଲେ। ସେ ଘଟଣା ସମ୍ପର୍କରେ ଶୁଣିବା ପରେ କ୍ରୋଧାନ୍ୱିତ ହୋଇ ପୁଣି ରାମଙ୍କୁ ସମସ୍ତଙ୍କ ସହ ମିଶି ମାଡ଼ ମାରିଥିଲେ। ରାମ ଗୁରୁତର ହୋଇଯିବାରୁ ପ୍ରଥମେ ଝୁମ୍ପୁରା ପରେ କେନ୍ଦୁଝର ଓ କଟକ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ଶୁକ୍ରବାର ରାମ ନାଏକଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ପୋଲିସ ଏକ ମାମଲା (ନଂ. ୬୨/୨୦୨୫) ରୁଜୁ କରି ମୃତକଙ୍କ ଭାଇଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ସେବା ମନୋବୃତ୍ତିରେ ଜୀବନ ଉତ୍ସର୍ଗ



**ଆଜି ଅନ୍ତର୍ଜାତୀୟ ନର୍ସ ଦିବସ**

କଥାରେ ଅଛି ମଣିଷ ସେବା ହିଁ ଭଗବାନଙ୍କ ସେବା। ସେବା ଓ କର୍ତ୍ତବ୍ୟବୋଧ ବିଷୟରେ ସଚେତନ କରିବା ପାଇଁ ପ୍ରତିବର୍ଷ ମେ' ୧୨ ତାରିଖରେ ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ ହୋଇଆସୁଛି। ୧୯୬୫ରେ ଅନ୍ତର୍ଜାତୀୟ ନର୍ସେସ କାଉନ୍‌ସିଲ ପକ୍ଷରୁ ଏହି ଦିବସ ପ୍ରଥମଥର ପାଇଁ ପାଳନ କରାଯାଇଥିଲା। ରୋଗୀ ସେବା କ୍ଷେତ୍ରରେ ନର୍ସମାନଙ୍କ ଭୂମିକା ଗୁରୁତ୍ୱ ବହନ କରିଥାଏ। ଏହି ସେବା ଓ ମନୋବଳକୁ ନଜରରେ ରଖି ଏହି ଦିବସ ନର୍ସମାନଙ୍କ ପାଇଁ ଉତ୍ସର୍ଗ କରାଯାଇଛି। ଏହି ଦିବସ ଅବସରରେ ଏକ ସ୍ୱତନ୍ତ୍ର ଉପସ୍ଥାପନା...

### ମା'ଙ୍କ ମୃତ୍ୟୁ ଯୋଗୁ ଏହି ବୃତ୍ତିକୁ ଆପଣାଇଛି



ଦଶମରେ ପାଠ ପଢୁଥିବା ବେଳେ ମୋ ମା'ଙ୍କ ମୃତ୍ୟୁ ହୋଇଥିଲା। ହେଲେ କେଉଁ କାରଣରୁ ମୃତ୍ୟୁ ହୋଇଛି, ତାହା ଜାଣି ପାରି ନ ଥିଲି। ସେବେଠୁ ହିଁ ଶପଥ ନେଇଥିଲି ମେଡିକାଲ ଲାଇନରେ ଆସିବି ଏବଂ ନର୍ସ ହେବି। ମେଡିକାଲରେ ନର୍ସମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି। ରୋଗୀଙ୍କ ଅତି ନିକଟତର ହୋଇ ଆମେ ସେବା କରୁ ଏବଂ ସେଥିରୁ ଆତ୍ମାକୁ ଶାନ୍ତି ମିଳେ। ମୁଁ ଲୋକଙ୍କୁ ସେବା ମନୋବୃତ୍ତି ନେଇ ନର୍ସିଂ ବୃତ୍ତିକୁ ଚୟନ କରିଥିଲି। ଏଥିରୁ ମୋତେ ଖୁସି ମିଳୁଛି। ପ୍ରତ୍ୟେକ ଘରେ ଜଣେ ସେବିକା ରହିବା ଦରକାର। ଫଳରେ ପରିବାର ସଦସ୍ୟ ସେବା ପାଇ ପାରିବେ।

**– ସରୋଜିନୀ ଜେନା, ସମ୍ପାଦିକା, ଓନିଆ, ଏସ୍‌ସିବି ଶାଖା**

### ରୋଗୀଙ୍କ ଦୁଃଖରେ ଆମେ ସହଭାଗୀ ହେଉ

ସ୍କୁଲ ସମୟରୁ ବିଭିନ୍ନ ସେବାମୂଳକ କାର୍ଯ୍ୟ କରିବାକୁ ପସନ୍ଦ ଥିଲା। ଏହାକୁ ନଜରରେ ରଖି ମୁଁ ଏହି ବୃତ୍ତିକୁ ଆପଣାଇଛି। ରୋଗୀ ମେଡିକାଲରେ ଥିବା ସମୟରେ ତାଙ୍କ ଦୁଃଖରେ ଆମେ ସହଭାଗୀ ହୋଇଥାଉ। ରୋଗୀଙ୍କ ଅତି ନିକଟତର ହୋଇ ସେବା ଯୋଗାଇଥାଏ। ଜଣେ ରୋଗୀ ପାଖରେ ଡାକ୍ତର କମ୍ ସମୟ ରହିଥାଏ ହେଲେ ନର୍ସ ଦିନରାତି ସେବା ଯୋଗାଇଥାନ୍ତି। ରୋଗୀ ସେବା କରି ଆତ୍ମସନ୍ତୋଷ ମିଳିଥାଏ।



**– ଝରଣା ଜେନା, ସଭାପତି, ଓନିଆ, ଏସ୍‌ସିବି ଶାଖା**

### ଉତ୍ତମ ସେବା ଯୋଗାଇବାକୁ ଲକ୍ଷ୍ୟ



ଡାକ୍ତର ହେବାକୁ ଲକ୍ଷ୍ୟ ଥିଲା। ହେଲେ କୌଣସି କାରଣରୁ ସେଥିରେ ସକ୍ଷମ ହୋଇ ପାରି ନ ଥିଲି। ରୋଗୀ ସେବା କରିବା ମନୋବୃତ୍ତି ଥିବାରୁ ନର୍ସ ବୃତ୍ତିକୁ ଆପଣାଇ ଥିଲି। ଆଜିକୁ ୨୨ ବର୍ଷ ହେବ ନର୍ସ ଭାବେ କାର୍ଯ୍ୟ କରୁଛି। ସର୍ବଦା ରୋଗୀଙ୍କୁ ଉତ୍ତମ ସେବା ଯୋଗାଇବାକୁ ଲକ୍ଷ୍ୟ ରଖି ଏହି କାମ ଜାରି ରଖିଥାଏ। ସେବା ଯୋଗୁ ଅନେକ ରୋଗୀ ମନେ ରଖି ସମ୍ମାନ ଦିଅନ୍ତି। ଏଥିପାଇଁ ଏହି ବୃତ୍ତିକୁ ନେଇ ଗର୍ବ ଲାଗେ। ଏହା ଆମ ବୃତ୍ତି ପ୍ରତି ସମ୍ମାନ।

**– ସସ୍ମିତା ସାହୁ, ନର୍ସିଂ ଅଫିସର ଇନ୍ ଇନ୍‌ଚାର୍ଜ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ, ଏସ୍‌ସିବି ମେଡିକାଲ**

### ଚାକିରି ନୁହେଁ, ଏହା ଏକ ସେବା କାର୍ଯ୍ୟ



ସମାଜ ସେବା ଓ ରୋଗୀ ସେବା ପାଇଁ ଏହି କାର୍ଯ୍ୟ କରୁଛି। ରୋଗୀ ନିଜ ସୁଖଦୁଃଖ ଆମ ସହ ବାଣ୍ଟିଥାନ୍ତି। ଏହା କେବଳ ଏକ ଚାକିରି ନୁହେଁ ବରଂ ଏହା ସେବା କାର୍ଯ୍ୟ । ସୀମାରେ ଯେପରି ଯବାନ ସଂଘର୍ଷ କରନ୍ତି ସେପରି ଆମେ ରୋଗୀ ସେବାରେ ସଂଘର୍ଷ କରିଥାଉ। ରୋଗୀଙ୍କ ମୁହଁରେ ହସ ଦେଖି ଆତ୍ମ ସନ୍ତୋଷ ମିଳିଥାଏ। ଏହି ବୃତ୍ତିରେ କାମ କରି ବହୁ ଗର୍ବିତ ଅନୁଭବ ହେଉଛି।

**– ମନସ୍ମିତା ପରିଡ଼ା, ନର୍ସିଂ ଅଫିସର, ଏସ୍‌ସିବି ମେଡିକାଲ**

### ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସିଂ ଏକ ଆହ୍ୱାନ



ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସିଂ ଏକ ଆହ୍ୱାନ। ସେବିକା ଦିବସ ଅବସରରେ ରହିଥିବା ଥିମ୍ 'ଆୱାର ନର୍ସେସ୍, ଆୱାର ଫ୍ୟୁଚର'କୁ ବାସ୍ତବ ରୂପ ଦେବା ପାଇଁ ହେଲେ ଆମ ସମସ୍ତଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡିବ। ଆଗ ଅପେକ୍ଷା ନର୍ସିଂ କ୍ଷେତ୍ରରେ ଆମ ରାଜ୍ୟ ତଥା ଦେଶ ବହୁ ଉନ୍ନତି କରିଛି। ତେବେ ଏହାକୁ ଆହୁରି ଅଧିକ ସୁଦୃଢ଼ କଲେ ଆମର ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ସେହିପରି ରୋଗୀଙ୍କ ସେବା କରିବାଠାରୁ ଆରମ୍ଭ କରି ସେମାନଙ୍କର ସମସ୍ତ ଦାୟିତ୍ୱ ସେବିକାମାନଙ୍କ ଉପରେ ନ୍ୟସ୍ତ ଥାଏ। ତେଣୁ ସେବା କ୍ଷେତ୍ରରେ ନର୍ସମାନେ ସର୍ବଦା ଫ୍ରଣ୍ଟଲାଇନ୍ ୱାର୍କର ଭାବେ କାମ କରନ୍ତି।

**–ସୁମତି ପାଇକରାୟ, ନର୍ସିଂ ଅଫିସର, କ୍ୟାପିଟାଲ ହସ୍ପିଟାଲ**

### ନର୍ସିଂ ଅଫିସର ସ୍ୱାସ୍ଥ୍ୟ ବ୍ୟବସ୍ଥାର ମୂଳ ଅଂଶ

ନର୍ସିଂ ଅଫିସରମାନେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ମୂଳ ଅଂଶ। ମାନବ ସେବା ଓ ଜୀବନ ରକ୍ଷାର ଅଗ୍ରଣୀ ସୈନ୍ୟ। ସେବା ହେଉଛି ଆମର ଗର୍ବ, ଏକତା ହେଉଛି ଆମର ଶକ୍ତି, ସମର୍ପଣ ହେଉଛି ଆମର ପରିଚୟ। ତେଣୁ ନର୍ସିଂ ଅଫିସରଙ୍କ ସମ୍ମାନ, ସୁରକ୍ଷା ଓ ଅଧିକାର ସୁନିଶ୍ଚିତ କରିବା ସମାଜର ସାଧାରଣ ଦାୟିତ୍ୱ। ସେମାନେ ହସ୍ପିଟାଲରେ ରୋଗୀଙ୍କ ଦୈନିକ ଦେଖାଶୁଣାଠାରୁ ଆରମ୍ଭ କରି ଶାରୀରିକ ଓ ମାନସିକ ସ୍ଥିତି ଅନୁଯାୟୀ ସେବା, ସମୟରେ ଔଷଧ ପ୍ରଦାନ, ଚିକିତ୍ସା ସହଯୋଗ, ଇଞ୍ଜେକ୍ସନ, ଡ୍ରେସିଂ, ଟେଷ୍ଟ ପ୍ରଭୃତି, ରିପୋର୍ଟ ମୂଲ୍ୟାୟନ, ଆଶା ଓ ଆତ୍ମବିଶ୍ୱାସ ଦେବା, ଶାନ୍ତି ଓ ଧୈର୍ଯ୍ୟ ଦେଇ ସ୍ଥିର କରିବା, ଆକସ୍ମିକ ସମୟରେ ତ୍ୱରିତ ପ୍ରତିକ୍ରିୟା, ଅନୁଶାସନ ଓ ସଫାସୁତୁରା ରଖିବା ଭଳି ଅନେକ ଦାୟିତ୍ୱ ନିଭାଇ ଥାନ୍ତି। ମହାମାରୀ କିମ୍ବା ଜରୁରୀ ସ୍ଥିତିରେ ନିଜ ପରିବାର ଓ ସୁରକ୍ଷାକୁ ପଛକୁ ରଖି ଅନ୍ୟମାନଙ୍କୁ ବଞ୍ଚାଇବାର ମହାନତା ଏମାନଙ୍କୁ ସବୁବେଳେ ସ୍ୱତନ୍ତ୍ର କରିଥାଏ।



**–ଅଶ୍ୱିନୀ କୁମାର ଦାସ, ସାଧାରଣ ସମ୍ପାଦକ, ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ**

### ସେବିକାଙ୍କ ସମର୍ପଣ ଭାବ ପ୍ରଶଂସନୀୟ

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବିକା ବା ନର୍ସମାନଙ୍କର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ସେମାନେ ଯେଉଁଭଳି ସମର୍ପଣ ଭାବନେଇ ରୋଗୀଙ୍କ ସେବା କରିଥାନ୍ତି, ତାହା ବାସ୍ତବରେ ପ୍ରଶଂସନୀୟ। ତେବେ ଅନେକ ସ୍ଥାନରେ ସେବିକାମାନଙ୍କୁ କାମ କରିବା ପାଇଁ ସୁରକ୍ଷିତ ବାତାବରଣ ମିଳି ନ ଥାଏ। ତେଣୁ ପ୍ରତ୍ୟେକ ସେବିକାଙ୍କୁ ସୁସ୍ଥ ଓ ସୁରକ୍ଷିତ ବାତାବରଣ ପ୍ରଦାନ କରାଯିବା ଆବଶ୍ୟକ। ଏହାଦ୍ୱାରା ସେମାନେ ଆହୁରି ଭଲ କାମ କରିପାରିବେ। ସେହିପରି ମଡର୍ଣ୍ଣ ହେଲ୍‌ଥ କେୟାରରେ ସେମାନେ କିପରି ଅଧିକ ଟ୍ରେନିଂ ପାଇ ସ୍ୱାସ୍ଥ୍ୟସେବାରେ ଉନ୍ନତି କରିବେ ସେ ନେଇ ଦୃଷ୍ଟି ଦିଆଯାଉ। ସମସ୍ତ ସେବିକାମାନେ ଫ୍ଲୋରେନ୍ସ ନାଇଟିଙ୍ଗେଲ୍‌ଙ୍କ ପରି କାମ କରି ମଡର୍ଣ୍ଣ ନର୍ସିଂକୁ ପ୍ରମୋଟ୍ କରିବା ଦରକାର।



**– ଡା. ଧନଞ୍ଜୟ ଦାସ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, କ୍ୟାପିଟାଲ ହସ୍ପିଟାଲ**

ରିପୋର୍ଟ: ଶିଲ୍ପା ପ୍ରିୟଦର୍ଶିନୀ(କଟକ), ବନ୍ଦନା ସେଠୀ (ଭୁବନେଶ୍ୱର)


ପୁରୀ: ବଡ଼ଦାଣ୍ଡସ୍ଥିତ ରଥଖଳାରେ ରଥର ତୁମ୍ବରେ ଅରପଟା ସଂଯୋଗ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ନୂଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବାକୁ ୨୧୬ ଏଜେନ୍ସିର ଆବେଦନ

ଭୁବନେଶ୍ୱର,୧୧।୫(ସୁଚିସ୍ମିତା ସାହୁ)

**୨୩ ସୁଦ୍ଧା ଡକ୍ୟୁମେଣ୍ଟ ଦାଖଲ ନିର୍ଦ୍ଦେଶ**

ରାଜ୍ୟରେ ନୂଆ କରି ୨୧୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବ। ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଏଜେନ୍ସିମାନେ ସାମ୍‌ସ ପୋର୍ଟାଲ ମାଧ୍ୟମରେ ଆବେଦନ କରିଛନ୍ତି। ଏମାନଙ୍କର ଅଗ୍ନି ନିର୍ବାପକ ବ୍ୟବସ୍ଥା, ଜମି କାଗଜପତ୍ର ଏବଂ କୋଠାର ପ୍ରମାଣ ଯାଞ୍ଚ ପରେ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯିବ। ଏନେଇ ଏଜେନ୍ସିଗୁଡିକ ଆସନ୍ତା ୨୩ ତାରିଖ ସୁଦ୍ଧା ସମସ୍ତ ଡକ୍ୟୁମେଣ୍ଟ dhseodishahpc@gmail.com ମାଧ୍ୟମରେ ଦାଖଲ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି।

ନିର୍ଦ୍ଦେଶାଳୟ ପକ୍ଷରୁ ଦର୍ଶାଯାଇଛି ଯେ, ଗ୍ରାମାଞ୍ଚଳଗୁଡିକରେ ବିଦ୍ୟାଳୟ ଖୋଲିବା ପାଇଁ ୬୦୦୦ ବର୍ଗ ମିଟର ଓ ସହରାଞ୍ଚଳ କ୍ଷେତ୍ରରେ ୪ହଜାର ବର୍ଗ ମିଟରର ଜମି ରହିଥିବା ଆବଶ୍ୟକ। ସେହିପରି ଜମିଗୁଡିକର ମାଲିକାନା କ୍ଷେତ୍ରରେ ଜମି ଅଧିକାର ଦଲିଲଗୁଡ଼ିକ ଠିକ ହୋଇଥିବ। ଏହି ଜମି ବିକ୍ରୟ ଦଲିଲ, ପରିବହନ ଦଲିଲ, ଲିଜ ଦଲିଲ କିମ୍ବା ଉପହାର ଦଲିଲର ରେକର୍ଡ ସହିତ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ଖୋଲିବା ପାଇଁ ଜମି କିମ୍ବା କୋଠାର ଲିଜ୍ ସମ୍ପୃକ୍ତ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ନିକଟରେ ଅତିକମ୍‌ରେ ୧୫ ବର୍ଷ ପାଇଁ ବିଧିବଦ୍ଧ ଭାବରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। ସରକାର କିମ୍ବା ସରକାରଙ୍କ ଯେକୌଣସି ସଂସ୍ଥା ଦ୍ୱାରା ସମ୍ପାଦିତ ଲିଜ୍ ୧୫ବର୍ଷରୁ କମ୍ ସମୟ ପାଇଁ ହୋଇଥିଲେ ତାହା ଗ୍ରହଣ କରାଯିବ। କିନ୍ତୁ ସ୍କୁଲ ପରିଚାଳନା ପାଇଁ ତାହା ଲିଜ ନିଆଯାଇଥିବା ଦରକାର ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

ସୂଚନାନୁସାରେ, ରାଜ୍ୟର ସମସ୍ତ ଜିଲାରେ ନୂଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବ। ବାଲେଶ୍ୱର ଜିଲାରେ ୧୦, ଅନୁଗୋଳରେ ୪, ବରଗଡ଼ରେ ୧୧, ଭଦ୍ରକରେ ୫, ବଲାଙ୍ଗୀର ୧୦, ବୌଦ୍ଧ ୬, କଟକ ୧୦, ଦେବଗଡ ୬, ଢେଙ୍କାନାଳ ୨, ଗଜପତି ୪, ଗଞ୍ଜାମ ୧୦, ଜଗତ୍‌ସିଂହପୁର ୨, ଯାଜପୁର ୧୦, ଝାରସୁଗୁଡ଼ା ୫, କଳାହାଣ୍ଡି ୨, କନ୍ଧମାଳ ୯, କେନ୍ଦ୍ରାପଡା ୭, କେନ୍ଦୁଝର ୮, ଖୋର୍ଦ୍ଧା ୧୧, କୋରାପୁଟ ୯, ମାଲକାନାଗିରି ୨, ମୟୂରଭଞ୍ଜ ୧୫, ନବରଙ୍ଗପୁର ୬, ନୂଆପଡା ୪, ନୟାଗଡ ୩, ପୁରୀ ୭, ରାୟଗଡା ୬, ସମ୍ବଲପୁର ୫, ସୋନପୁର ୧୪ ଏବଂ ସୁନ୍ଦରଗଡରେ ୮ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବାର ଯୋଜନା ରହିଛି।

# ଝାରପଡ଼ା ଜେଲରେ କଏଦୀଙ୍କ ମୃତ୍ୟୁ

ଭୁବନେଶ୍ୱର,୧୧।୫(ସତ୍ୟଜିତ ରାଉତ)

**୪ଦିନ ତଳେ ଗିରଫ ହୋଇଥିଲେ, ହତ୍ୟା ଅଭିଯୋଗ ଆଣିଲେ ମା'**

ଝାରପଡା ଜେଲର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜଟଣୀ ଥାନା ଅନ୍ତର୍ଗତ ଉପରବସ୍ତ ଅଞ୍ଚଳର ମୋହନ ବେହେରା ଓରଫ କାଳିଆ (୪୦)। କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ମୋହନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମେଡିକୋ ଲିଗାଲ୍ କେସ୍ (ଏମ୍‌ଏଲ୍‌ସି) ରିପୋର୍ଟ ଆଧାରରେ କ୍ୟାପିଟାଲ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୨୧୪/୨୦୨୫) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ରବିବାର ବ୍ୟବଚ୍ଛେଦ ପରେ ମୋହନଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଝାରପଡା ଜେଲ ଅଧୀକ୍ଷକ ମନୋରଞ୍ଜନ ପ୍ରତିହାରି କହିଛନ୍ତି।


ମୋହନ ବେହେରା ଓରଫ କାଳିଆ

ସୂଚନା ଅନୁଯାୟୀ, ମୋହନ ବୁଧବାର ଉପରବସ୍ତ ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ବେଆଇନ ଦେଶୀ ମଦ ବିକ୍ରି କରୁଥିବା ଖବର ପାଇ ଜଟଣୀ ଥାନା ପୋଲିସ ଚଢ଼ାଉ କରିଥିଲା। ମୋହନଙ୍କ ନିକଟରୁ ୨୦ ଲିଟର ଆସ୍କା-୪୦ ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା। ଏନେଇ ଏକ ମାମଲା (ନଂ.୨୦୩/୨୦୨୫) ରୁଜୁକରାଯାଇ ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। ପରେ ତାଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଥିଲା। ଜେଲ କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ, ଶନିବାର ରାତିରେ ମୋହନ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ରାତି ପ୍ରାୟ ୧୨ଟା ୧୦ରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ହେଲେ ରାତି ପ୍ରାୟ ୧ଟା ୩୦ରେ ମୋହନଙ୍କ ମୃତ୍ୟୁ ହୋଇଯାଇଥିଲା। ଅପରପକ୍ଷରେ ମୋହନଙ୍କ ମା' ଓ ସମ୍ପର୍କୀୟମାନେ ଗଣମାଧ୍ୟମ ଜରିଆରେ ହତ୍ୟା ଅଭିଯୋଗ ଆଣିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଗ୍ୟାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ।–ଶ୍ରୀଅରବିନ୍ଦ

-ଚନ୍ଦନ ପୂର୍ଣ୍ଣିମା, ଚନ୍ଦ୍ରପୂଜା, ବୁଦ୍ଧ ଜୟନ୍ତୀ, ବୈଶାଖ ବ୍ରତ ସମାପନ



# ବ୍ୟାଖ୍ୟାନ ଜରୁରୀ

ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ସର୍ବୋଚ୍ଚରେ ପହଞ୍ଚିଥିବା ବେଳେ ୧୦ ମେ'ରେ ହଠାତ୍ ଅସ୍ତ୍ରବିରତି ନେଇ ଦୁଇ ରାଷ୍ଟ୍ର ରାଜି ହୋଇଛନ୍ତି ବୋଲି ଖବର ଶୁଣିବାକୁ ମିଳିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆରେ ଏ ନେଇ ଉଲ୍ଲେଖ କରିବା ପରେ ଭାରତ ଓ ପାକିସ୍ତାନ ଅସ୍ତ୍ରବିରତି ପ୍ରସଙ୍ଗ ସ୍ପଷ୍ଟ କରିଥିଲେ। ତେବେ ଅସ୍ତ୍ରବିରତି ନେଇ ଦୁଇ ଦେଶର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରୀ ଅପରେଶନ (ଡିଜିଏମ୍‌ଓ) ସ୍ତରରେ ଉଦ୍ୟମ ହୋଇଛି ଏବଂ ଏଥିରେ କୌଣସି ତୃତୀୟ ପକ୍ଷର ଭୂମିକା ନାହିଁ ବୋଲି ନୂଆଦିଲ୍ଲୀ କହିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଭାରତର ଦାବି ଯେ ଉଭୟ ଦେଶର ଡିଜିଏମ୍‌ଓ ସ୍ତରରେ ଏହା କରାଯାଇଛି ତାହା ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଘୋଷଣା ପରେ ଗଣମାଧ୍ୟମକୁ କୁହାଗଲା। ଏତେ ସତ୍ତ୍ୱେ ଅସ୍ତ୍ରବିରତିର ୩ ଘଣ୍ଟା ପରେ ପାକିସ୍ତାନ ତାହାକୁ ଉଲ୍ଲଂଘନ କରିବାରୁ ଏବେ ସ୍ଥିତି ପୂର୍ବାବସ୍ଥାକୁ ଫେରିଯାଇଛି। ମେ ୧୧ରେ ମଧ୍ୟ ଭାରତ ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ଆଗ୍ରାହ୍ୟ କରିଛି।

ଏଭଳି ପରିପ୍ରେକ୍ଷୀରେ ଦେଖିଲେ ଆମେରିକାର ଭୂମିକା ଆଲୋଚନା ପରିସରକୁ ଆସୁଛି। ପ୍ରଥମରେ ଏହି ଦେଶ ସହ ପାକିସ୍ତାନର ଗଭୀର ରଣନୀତିକ ସମ୍ପର୍କ ରହିଆସିଛି। ତୁର୍କୀ ଓ ଚାଇନାଠାରୁ ପାକିସ୍ତାନ ଯୁଦ୍ଧାସ୍ତ୍ର ଆଣୁଥିଲେ ମଧ୍ୟ ଆମେରିକାଠାରୁ ସାମରିକ ସାମଗ୍ରୀ କିଣିବା ସହ ତା'ର ସବୁ କଥାକୁ ମାନିନେଉଥିବା ବିଷୟ ଜଣାଶୁଣା। ଏପରିକି ୭ ମେ ୨୦୨୫ରେ ଭାରତ ସହ ପାକିସ୍ତାନର ଯୁଦ୍ଧ ସ୍ଥିତି ସୃଷ୍ଟି ହେବା ପରେ ଆମେରିକା ଇଙ୍ଗିତରେ ଯେଭଳି ଭାବେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପାକିସ୍ତାନକୁ ୧ ବିଲିୟନ ଆମେରିକୀୟ ଡଲାର ଋଣ ହଠାତ୍ ପ୍ରଦାନ କଲା, ସେଥିରୁ ଆମେରିକାର ମଧ୍ୟ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଯାଉଛି। ଏହା ଜଣାଶୁଣା ଯେ ୱାଶିଂଟନର ବିନା ଅନୁମୋଦନରେ କାହାରିକୁ ଆଇଏମ୍ଏଫ୍ ଋଣ ମିଳି ନ ଥାଏ, ଯେହେତୁ ହ୍ୱାଇଟ୍ ହାଉସ ଏ ଦିଗରେ ନିଷ୍ପତ୍ତି ନେବାରେ ପ୍ରମୁଖ ଅଂଶୀଦାର ରହିଆସିଛି।

ଦେଖାଯାଉଛି ଟ୍ରମ୍ପ୍ ଭାରତ ଓ ପାକିସ୍ତାନ ପ୍ରସଙ୍ଗରେ କହିଲା ବେଳେ ଉଭୟ ରାଷ୍ଟ୍ରକୁ ସମାନ ସ୍ତରରେ ରଖି ମନ୍ତବ୍ୟ ଦେଉଛନ୍ତି। ୯/୧୧ ଆତଙ୍କବାଦୀ ଆକ୍ରମଣ ଭୋଗିଥିବା ଆମେରିକା ସେହି ସମୟରେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରିଥିଲା। ସେହି ବାହାନାରେ ଆଫଗାନିସ୍ତାନ ଉପରେ ଆମେରିକା ଆକ୍ରମଣ କରି ତାହାକୁ ଛାରଖାର କରିଦେଇଛି। ଏପରିକି ପାକିସ୍ତାନର ଆବୋଟାବାଦରେ ଓସାମା ବିନ୍ ଲାଡେନ୍‌ଙ୍କୁ ନାଭି ସିଲ୍ ଦ୍ୱାରା ହତ୍ୟା କରି ଆମେରିକା ପାକିସ୍ତାନକୁ ଆତଙ୍କବାଦୀର ଦେଶ ଆଖ୍ୟା ଦେଇଥିଲା। ପାକିସ୍ତାନ ଅନ୍ତର୍ଜାତୀୟ ସ୍ତରରେ ଆତଙ୍କବାଦୀଙ୍କ ପାଇଁ ନିରାପଦ ଚାରଣଭୂମି ବୋଲି ଜଣାଶୁଣା ଥିଲେ ମଧ୍ୟ ପହଲଗାମ୍ ଆକ୍ରମଣକୁ ଆମେରିକା କୌଣସି ଭାବେ ଗୁରୁତ୍ୱ ଦେଇନାହିଁ। ବରଂ ଯୁଦ୍ଧ ନେଇ ସେ ସଂଯମ ରକ୍ଷା କରନ୍ତୁ ବୋଲି ଟ୍ରମ୍ପ୍ ବାରମ୍ବାର କହିଆସୁଛନ୍ତି। ଏଥିରୁ ବୁଝିବାକୁ ହେବ ଯେ ପାକିସ୍ତାନକୁ ସିଧାସଳଖ ନିନ୍ଦା କରିବାକୁ ଆମେରିକା ଏବେ ବୁଝେଇ ତ ଦେବା ଚାହିଁନାହିଁ।

ଏକବିଂଶ ଶତାବ୍ଦୀରେ ପୃଥିବୀର ଅଳ୍ପ କେତୋଟି ଦେଶ ଯଥା– ଆମେରିକା, ତୁର୍କୀ, ଚାଇନା, ଫ୍ରାନ୍ସ, ଇଟାଲୀ, ରୁଷିଆ ଏବଂ ଉତ୍ତର କୋରିଆ ଏବେ ବିଶ୍ୱରେ ଅସ୍ତ୍ରଶସ୍ତ୍ର ନିର୍ମାଣକାରୀ ଦେଶ ଭାବେ ବେପାର କରୁଛନ୍ତି। ବିଶ୍ୱର କୌଣସି କୋଣରେ ଯୁଦ୍ଧ ସ୍ଥିତି ସୃଷ୍ଟି ହେଲେ ତାହାର ଲାଭ ସିଧାସଳଖ ଆମେରିକା ଓ ଉପରଲିଖିତ ଦେଶଗୁଡ଼ିକୁ ମିଳିଥାଏ। ଯଦି ଅନ୍ତର୍ଜାତୀୟ ସ୍ତରରେ ଶ୍ରେଷ୍ଠ ୧୦ ଯୁଦ୍ଧାସ୍ତ୍ର ଉତ୍ପାଦ ଶିଳ୍ପ କଥା ଦେଖାଯାଏ ତା' ମଧ୍ୟରେ ଆମେରିକାର ଲକ୍‌ହିଡ୍ ମାର୍ଟିନ୍‌କୁ ମିଶାଇ ୬ କମ୍ପାନୀ ଶୀର୍ଷରେ ରହିଛନ୍ତି।

ଭାରତ ଏବେ ବିଷମ ସ୍ଥିତି ଦେଇ ଗତି କରୁଥିବା ବେଳେ ଚାଇନାର ଭୂମିକାକୁ ମଧ୍ୟ ଗଭୀର ଭାବେ ଅନୁଧ୍ୟାନ କରିବାର ସମୟ ଆସିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ସ୍ଥିତି ଯୋଗୁ ଚାଇନା ସେଥିରୁ ବ୍ୟବସାୟିକ ଲାଭ ଉଠାଇବାରେ ବ୍ୟସ୍ତ। ଭାରତ ସହ ସେ ଯେଉଁଭଳି ଭାବେ ହେଉ ପଛେ ଗୋଟେ ପ୍ରକ୍ସି ୱାର ଚାଲିଲେ ନୂଆଦିଲ୍ଲୀର ଅର୍ଥନୀତି ଦୁର୍ବଳ ହୋଇଯିବା ଚାଇନା ଚାହିଁଥାଏ। ଅନ୍ୟପକ୍ଷରେ ଚାଇନା ସାମଗ୍ରୀ ବର୍ଜନ କରିବାକୁ ଭାରତ ଦୃଢ଼ ନିଷ୍ପତ୍ତି ନେଇପାରୁ ନାହିଁ। କାରଣ ଚାଇନା ସାମଗ୍ରୀ ଉପରେ ଅତ୍ୟଧିକ ନିର୍ଭରଶୀଳତା ବଢ଼ିଯାଇଥିବାରୁ ଭାରତ ଏପରି ପଦକ୍ଷେପ ନେଇପାରୁନାହିଁ। ମାଳଦୀପ, ତୁର୍କୀ, ଆଜରବାଇଜାନକୁ ଏଠାରେ ବିରୋଧ କରାଯାଉଥିଲେ ମଧ୍ୟ ମୁଖ୍ୟ ଶତ୍ରୁ ଚାଇନା ବିରୋଧୀ ସ୍ୱର କଠୋର ହେଉନାହିଁ।

୧୧ ମେ'ରେ ଭାରତରେ ଡିଜିଏମ୍‌ଓ ପକ୍ଷରୁ କରାଯାଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ, ଯଦି ପାକିସ୍ତାନ କୌଣସି ଭାବେ ଭାରତକୁ ଆକ୍ରମଣ କରେ, ସେଥିଲାଗି କାର୍ଯ୍ୟାନୁଷ୍ଠାନ ନେବା ଲାଗି ଯୋଜନା ସ୍ଥିର କରାଯାଇଛି ଏବଂ ତାହା ଭାରତର 'ନ୍ୟୁ ନର୍ମାଲ' ବା ନୂଆ ଧାରା ସୃଷ୍ଟି କରିବ। ଏଭଳି ସ୍ଥଳେ ଭାରତ ପହଲଗାମ୍ ଘଟଣାକୁ ଅନ୍ତର୍ଜାତୀୟ ସ୍ତରରେ ଠିକ୍ ଭାବେ ବ୍ୟାଖ୍ୟାନ କରି ପାକିସ୍ତାନକୁ ନିନ୍ଦିତ କରିବାର ଚେଷ୍ଟା କରିବା ଦରକାର ପଡ଼ିଲାଣି।

**ଡିଜିଏମ୍‌ଓ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଯଦି ପାକିସ୍ତାନ କୌଣସି ଭାବେ ଭାରତକୁ ଆକ୍ରମଣ କରେ, ସେଥିଲାଗି କାର୍ଯ୍ୟାନୁଷ୍ଠାନ ସକାଶେ ଯୋଜନା ସ୍ଥିର କରାଯାଇଛି ଏବଂ ତାହା ଭାରତର 'ନ୍ୟୁ ନର୍ମାଲ' ବା ନୂଆ ଧାରା ସୃଷ୍ଟି କରିବ। ଏଭଳି ସ୍ଥଳେ ଭାରତ ପହଲଗାମ୍ ଘଟଣାକୁ ଅନ୍ତର୍ଜାତୀୟ ସ୍ତରରେ ଠିକ୍ ଭାବେ ବ୍ୟାଖ୍ୟାନ କରି ପାକିସ୍ତାନକୁ ନିନ୍ଦିତ କରିବାର ଚେଷ୍ଟା କରିବା ଦରକାର ପଡ଼ିଲାଣି।**

# ରାଗିଂର ବିଭୀଷିକା



ବୈକୁଣ୍ଠନାଥ ମିଶ୍ର

ରାଗିଂ ଏକ ଇଂଲିଶ ଶବ୍ଦ, ଯାହାର ଆଭିଧାନିକ ଅର୍ଥ ହେଉଛି କ୍ରୋଧ ଓ ଚରମ ହିଂସାତ୍ମକ କାର୍ଯ୍ୟକଳାପ। ଏହାର ମୂଳ ଉସ ହେଲା ନିଜକୁ ଅନ୍ୟଠାରୁ ସର୍ବୋତଭାବେ ଉନ୍ନତ ଓ ଶ୍ରେଷ୍ଠ ମନେକରି କନିଷ୍ଠଙ୍କୁ ନିଷ୍ଠୁର ମାନସିକ ଓ ଶାରୀରିକ ନିର୍ଯାତନା ଦେବା। ବିଚରା ପୀଡ଼ିତ ଛାତ୍ର/ବ୍ୟକ୍ତି ଏତେ ଚାପଗ୍ରସ୍ତ ହୁଏ ଯେ ଶେଷରେ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେବାକୁ ପଛଘୁଞ୍ଚା ଦିଏନାହିଁ। ଶରୀର ଓ ମନରେ ଅସହ୍ୟ ବେଦନା, ହୃଦୟରେ ଭୟ ଓ ଆଶଙ୍କାର ଶତ ଉଦ୍‌ବେଳନ ସହ ଅନ୍ୟାୟକୁ ପ୍ରତିରୋଧ ନ କରିପାରିବା ଆତ୍ମଗ୍ଲାନି ବିଚରାକୁ ଯେଉଁଭଳି ଦୁଃଖଦ ପରିଣତିକୁ ଆମନ୍ତ୍ରଣ କରିବାକୁ ଉତ୍ପ୍ରେରିତ କରେ। ରାଗିଂର କାରଣ ସ୍ୱରୂପ କୁହାଯାଇପାରେ ଯେ, ବରିଷ୍ଠମାନେ ନିଜକୁ ଅତ୍ୟନ୍ତ ସମ୍ମାନାସ୍ପଦ ମନେକରି କନିଷ୍ଠମାନଙ୍କୁ ଅଙ୍ଗୁଠି ଚଟା ଅଧମାନଙ୍କର ଆଦେଶ ପ୍ରଦାନ କରନ୍ତି, ଯାହାର ଅନୁପାଳନ ବ୍ୟତିକ୍ରମ ଅନୁଭବକରି ଆରମ୍ଭ ହୁଏ ନିର୍ଯାତନା। ନିର୍ଯାତନା ସ୍ଥଳ ବିଶେଷରେ ସବୁ ସୀମା ଲଙ୍ଘିଯାଏ। ଆଉ କେତେକ କ୍ଷେତ୍ରରେ କନିଷ୍ଠମାନେ ଉଚ୍ଚମାନ ପୋଷାକ ପରିଧାନକରି ଆଭିଜାତ୍ୟର ପ୍ରଦର୍ଶନ କରୁଛନ୍ତି ବୋଲି ମନେକରି ମିଥ୍ୟା ଆରୋପ ମାଧ୍ୟମରେ ନିର୍ଯାତନା ଦିଆଯାଏ। ଅଧିକ ସ୍ମାର୍ଟ ହେବା, ଶ୍ରେଣୀରେ ଗୁରୁଜୀଙ୍କ ପ୍ରଶ୍ନର ଉତ୍ତର ଦେବା କତିପୟ ଅସହିଷ୍ଣୁଙ୍କ ମନରେ ଈର୍ଷା ଜାତକରେ, ଯାହାର ପ୍ରତିଫଳନ ହେଉଛି ରାଗିଂ। ଛାତ୍ରାବାସରେ ସିନିୟରମାନେ ଜୁନିୟରମାନଙ୍କୁ ଚାକର କିମ୍ବା ପିଅନ ପରି ଆଦେଶ ଦିଅନ୍ତି, ଯାହାର ପାଳନରେ କିଛି ବ୍ୟତିକ୍ରମ ଘଟିଲେ ଆରମ୍ଭ ହୁଏ ଶାରୀରିକ ନିର୍ଯାତନା। ଜୁନିୟର ପିଲାଟି ଯଦି କୌଣସି ଝିଅ ସହ କଥା ହେବାର ସିନିୟରଙ୍କ ଆଖିରେ ପଡ଼େ, ତେବେ ଜୁନିୟର ପିଲା ଭାଗ୍ୟ ପ୍ରତିକୂଳ ହେଲା ବୋଲି ଜାଣ।

ଊନବିଂଶ ଶତାବ୍ଦୀରେ ଇଂଲଣ୍ଡର ଗହମ ଓ କପା କ୍ଷେତରେ କାମ କରିବା ପାଇଁ ଉଚ୍ଚ ମାଲିକମାନେ ବିଭିନ୍ନ ସ୍ଥାନରୁ ଯୁବ ଶ୍ରମିକମାନଙ୍କୁ ଆଣି କର୍ମରେ ନିୟୋଜିତ କରୁଥିଲେ। ନୂତନ ଭାବେ ନିୟୋଜିତ ଯୁବ ଶ୍ରମିକମାନେ ବଳଶାଳୀ ଥିବାରୁ ଅଧିକ ପରିଶ୍ରମ କରି ମାଲିକଙ୍କର ସୁନଜରକୁ ଆସୁଥିଲେ ଓ ମାଲିକଙ୍କ ଅନୁକମ୍ପା ହାସଲ କରୁଥିଲେ। ଏହା କିନ୍ତୁ ପୁରାତନ ଅଭିଜ୍ଞ ଶ୍ରମିକଙ୍କୁ ପସନ୍ଦ ନ ଥିଲା। ବୟସ୍କ ଶ୍ରମିକମାନେ ଈର୍ଷାନ୍ୱିତ ହୋଇ ସଂଘବଦ୍ଧ ଭାବେ ଯୁବ ଶ୍ରମିକଙ୍କ ଉପରେ ଅତ୍ୟାଚାର କରୁଥିଲେ। ସେହି କ୍ରୋଧରୁ ଉତ୍ପନ୍ନ ଅତ୍ୟାଚାର ଆଜିର ରାଗିଂର ମୂଳ ଉତ୍ସ। ୧୮୫୭ର ସିପାହି ବିଦ୍ରୋହ ସମୟରେ ଇଂରେଜମାନେ ଏକ ପ୍ରକାର ବନ୍ଧୁକ (ଏନ୍‌ଫିଲ୍ଡ) ବ୍ୟବହାର କରୁଥିଲେ, ଯାହାର ଟୋଟାରେ ଗୋରୁ ବା ଘୁଷୁରି ଚର୍ବି ବ୍ୟବହୃତ ହେଉଥିଲା। ଏହାକୁ ଦାନ୍ତରେ ଚାଣି ଫୁଟାଇବାକୁ ହେଉଥିଲା। ସୈନ୍ୟବାହିନୀରେ ଥିବା ହିନ୍ଦୁ ଓ ମୁସଲମାନମାନେ ଏହା ତାଙ୍କ ଧର୍ମ ନଷ୍ଟକରିବା ପାଇଁ ଇଂରେଜମାନଙ୍କର ଚକ୍ରାନ୍ତ ମନେକରି ଯୁଦ୍ଧ ତ୍ୟାଗ କରି ବିଦ୍ରୋହରେ ଯୋଗଦେବା ପାଇଁ ସ୍ଥିର କରି ସୈନ୍ୟ ବିଭାଗ ଚାକିରି ତ୍ୟାଗକଲେ। ଏହା ଥିଲା ସିପାହି ବିଦ୍ରୋହର ଅନ୍ୟତମ ଧାର୍ମିକ ଓ ସାମରିକ କାରଣ। ସେହି ସମୟରେ ସେନାର ଉଚ୍ଚପଦସ୍ଥ ବ୍ରିଟିଶ୍ ଅଫିସରମାନେ ଅଧସ୍ତନ ଭାରତୀୟ ସୈନ୍ୟଙ୍କୁ ଯେଉଁ ନିର୍ଯାତନା ଦେଉଥିଲେ ତା'ର ଅନ୍ୟନାମ ରାଗିଂ। ଏହା ଥିଲା ଉଭୟ ଶାରୀରିକ ଓ ମାନସିକ ଲାଞ୍ଛନା।



ଆମ ଦେଶରେ ପ୍ରତି ଶିକ୍ଷାବର୍ଷ ଆରମ୍ଭରେ ଉଚ୍ଚ ଶିକ୍ଷାନୁଷ୍ଠାନରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ରାଗିଂ ଓ ଅନ୍ୟାନ୍ୟ ଅନିୟମିତତା ବିରୋଧରେ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶନାମା ଜାରି ହୁଏ। ୨୦୨୨ରୁ ୨୦୨୪ ମଧ୍ୟରେ ନ୍ୟାଶନାଲ ଆଣ୍ଟି ରାଗିଂ ହେଲ୍ପଲାଇନ୍ ଜାରି କରାଯାଇଛି, ଯେଉଁଥିରେ ରାଗିଂ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକ ପଞ୍ଜୀକୃତ କରାଯାଇପାରିବ। ଉକ୍ତ ସଂସ୍ଥା ଦ୍ୱାରା ରାଗିଂ ଘଟଣାଗୁଡ଼ିକୁ ସମୀକ୍ଷାକରାଯାଇ ଦୃଢ଼ ପଦକ୍ଷେପ ନେବାକୁ ସୁପାରିସ କରାଯାଇଛି। ଉକ୍ତ ସଂସ୍ଥାର ରିପୋର୍ଟ ଅନୁସାରେ ରାଗିଂ ସମସ୍ୟା କ୍ରମଶଃ ଜଟିଳ ହେବାରେ ଲାଗିଛି। ଦ ଷ୍ଟେଟ୍ ଅଫ୍ ରାଗିଂ ଇନ୍ ଇଣ୍ଡିଆ ୨୦୨୨-୨୪ର ତଥ୍ୟ ଆଧାରରେ ଜଣାଯାଇଛି ଯେ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରୁ ସର୍ବାଧିକ ସଂଖ୍ୟକ ରାଗିଂ ଅଭିଯୋଗ ଆସିଛି। ୨୦୨୨ରୁ ୨୦୨୪ ଏହି ସମୟ ମଧ୍ୟରେ ଏମ୍‌କେସିଜିରେ ୨୫ଟି ରାଗିଂ ହୋଇଥିବାର ଅଭିଯୋଗ ଆସିଛି। ଛତିଶଗଡ଼ ରାୟପୁରସ୍ଥିତ ଜବାହରଲାଲ ନେହେରୁ ମେମୋରିଆଲ ମେଡିକାଲ କଲେଜରେ ୧୫ ରାଗିଂ ଘଟଣା, ଉତ୍ତରପ୍ରଦେଶ ଆଲିଗଡ଼ ମେଡିକାଲ କଲେଜ ହସ୍ପିଟାଲରୁ ୧୭ ଏବଂ ନୂଆଦିଲ୍ଲୀସ୍ଥିତ ମୌଲାନା ଆଜାଦ ମେଡିକାଲ କଲେଜରୁ ୧୧ଟି ରାଗିଂ ଘଟଣାର ଅଭିଯୋଗ ପ୍ରାପ୍ତ ହୋଇଛି। ମେଡିକାଲ କଲେଜ ଓ ହସ୍ପିଟାଲ ବ୍ୟତୀତ ରାଉରକେଲା ବିଶ୍ୱଗୁରେ ୯ଟି ରାଗିଂ ହୋଇଥିବା ଖବର ମିଳିଛି। ପଶ୍ଚିମବଙ୍ଗର ମୌଲାନା ଅବୁଲ କଲାମ ଆଜାଦ ବିଶ୍ୱବିଦ୍ୟାଳୟରୁ ୭୪, ବିହାର ଇଞ୍ଜିନିୟରିଂ ବିଶ୍ୱବିଦ୍ୟାଳୟରୁ ୭୧, ଉତ୍ତରପ୍ରଦେଶ ଅବଦୁଲ କଲାମ ଟେକ୍ନିକାଲ ୟୁନିଭର୍ସିଟିରୁ ୨୮ ରାଗିଂ ଅଭିଯୋଗ ପଞ୍ଜୀକୃତ ହୋଇଥିବାର ଖବରପ୍ରାପ୍ତ ହୋଇଛି। ମେଡିକାଲ କଲେଜ ବ୍ୟତୀତ ବୈଷୟିକ ଶିକ୍ଷାନୁଷ୍ଠାନରେ ରାଗିଂ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଓଡ଼ିଶାରେ ଢେଙ୍କାନାଳ ଜିଲା ସଦାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଜିଆଇଟି)ରୁ ୨୨ଟି ରାଗିଂ ଘଟଣା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ୩୧ଟି ରାଗିଂ ଅଭିଯୋଗ ମିଳିଛି। ଦୁଃଖଦ ଘଟଣା ହେଉଛି ରାଗିଂରେ ଭାରତରେ ଉକ୍ତ ଅବଧି ମଧ୍ୟରେ ୫୧ଜଣଙ୍କ ମୃତ୍ୟୁ ଘଟିଛି।

ଆଜିର ସାମ୍ବାଦିକ ଘଟଣାକ୍ରମରେ ଉଲ୍ଲେଖ କରାଯାଇପାରେ ଯେ, ନାବାଳକମାନେ ରାଗିଂ କ'ଣ ଜାଣି ନ ଥିଲେ ମଧ୍ୟ ରାଗିଂର କ୍ରୁର ଆଁ ଭିତରକୁ ଚାଲିଯାଉଛନ୍ତି। ଏ ସମ୍ବନ୍ଧରେ ଏକ ସଦ୍ୟ ଘଟଣା ସମଗ୍ର ସମାଜର ସ୍ଥିତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ମୟୂରଭଞ୍ଜ ଜିଲାର ଏକ ସରକାରୀ ଆବାସିକ ବିଦ୍ୟାଳୟର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ରକୁ ଯେଉଁପରି ଭାବେ ନବମ ଶ୍ରେଣୀର ୩ଜଣ ଛାତ୍ର ମରଣାନ୍ତକ ଯନ୍ତ୍ରଣା ଦେଇଛନ୍ତି, ତାହା ଶୁଣି ନିଜକୁ ସଭ୍ୟ ବୋଲି କହିବାକୁ ଲଜ୍ଜାବୋଧ ହେଉଛି। ନବମ ଶ୍ରେଣୀର ୩ଜଣ ସାଙ୍ଗ ଛାତ୍ରାବାସର ଏକ ନିଭୃତ ସ୍ଥାନରେ ବସି ମଦ ପିଉଥିବା ସମୟରେ ୬ଷ୍ଠ ଶ୍ରେଣୀ ଛାତ୍ରଟି ଦେଖିଦେଇ ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲା। ୯ମ ଶ୍ରେଣୀର ୩ ଛାତ୍ର ଉକ୍ତ ୬ଷ୍ଠଶ୍ରେଣୀ ଛାତ୍ରକୁ ଏକ କୋଠରି ମଧ୍ୟରେ ଆବଦ୍ଧକରି ଲୁହାରଡ଼ରେ ନିର୍ମମ ପ୍ରହାରକରି ଚାଲିଲେ। ଦେହସାରା କ୍ଷତ ହୋଇ ପ୍ରବଳ ରକ୍ତସ୍ରାବ ହେଲା। ଖାଲି ସେତିକି ନୁହେଁ, ଶରୀରର ବିଭିନ୍ନ ସ୍ଥାନକୁ ବ୍ଲେଡ଼ରେ କାଟି କ୍ଷତ ସ୍ଥାନରେ ଲୁଣ ଭର୍ତ୍ତିକଲେ। ପିଲାଟି ଯନ୍ତ୍ରଣାରେ ଯେତେ ଛଟପଟ ହେଉଥାଏ, ବଡ଼ ପିଲାମାନେ ସେତେ ଉତ୍ଫୁଲ୍ଲିତ ହେଉଥାନ୍ତି। ଘଟଣା ଜଣାପଡ଼ିବା ପରେ ଖୁଣ୍ଟା ଥାନା ପୋଲିସ ଅନୁସନ୍ଧାନ ଜାରି ରଖିଛନ୍ତି। ୯ମଶ୍ରେଣୀ ପିଲା ୩ଜଣଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

ବର୍ତ୍ତମାନ ସ୍ଥିତି ଏଭଳି ହେଲାଣି ଯେ, ବୟସ ନିର୍ବିଶେଷରେ ରାଗିଂ କରିବାକୁ ଛାତ୍ରମାନେ ଆଗେଇ ଆସୁଛନ୍ତି। ନାବାଳକମାନଙ୍କଠାରେ ଏତାଦୃଶ ଲକ୍ଷଣ ଘୋର ଉଦ୍‌ବେଗ ସୃଷ୍ଟି କରିଛି। ଏକ ଭୟଶୂନ୍ୟ ବାତାବରଣ ସେମାନଙ୍କ ପାଇଁ ଜରୁରୀ ଆବଶ୍ୟକ ହେଉଛି। ଦଣ୍ଡମୁକ୍ତ ବିଦ୍ୟାଳୟ ସାଙ୍ଗକୁ ପରିବାରରେ ପିତାମାତାଙ୍କର ଅନୁଶାସନର ଅଭାବ ସେମାନଙ୍କୁ ଅଧିକ ଉଚ୍ଛୃଙ୍ଖଳତା ମଧ୍ୟକୁ ଠେଲିଦେଉଛି। ଏକ ଅଙ୍ଗେନିଭା ସତ୍ୟ ଘଟଣା ଏଠାରେ ପ୍ରକାଶଯୋଗ୍ୟ ମନେହୁଏ। ଏକ ଶାଗୁଆ ସହରରେ ଆମେ ୨ବନ୍ଧୁ ସନ୍ଧ୍ୟା ଭ୍ରମଣରୁ ଫେରୁଥିବା ସମୟରେ ଦୃଷ୍ଟିଗୋଚର ହେଲା ଯେ ତିନୋଟି ପିଲା ଆଉ ଗୋଟିଏ ପିଲାକୁ ପ୍ରବଳ ମାଡ଼ ମାରୁଛନ୍ତି। ଆମେ ପୀଡ଼ିତ ପିଲାକୁ ତାଙ୍କ କବଳରୁ ଉଦ୍ଧାରକରି ଯେତେବେଳେ ମାଡ଼ ମାରୁଥିବା ପିଲାଙ୍କୁ ଏହା ପଚାରିଲୁ, ସେତେବେଳେ ଏକ ଅପ୍ରତ୍ୟାଶିତ ଘଟଣା ଆମ ହୃଦୟକୁ ବିଚଳିତ କଲା। ମାଡ଼ ମାରୁଥିବା ପିଲାମାନେ କହିବା ପୂର୍ବରୁ ପୀଡ଼ିତ ପିଲାଟି ପ୍ରତିବାଦ କରି କହିଲା, ସେମାନେ ତ ମୋତେ ମାରିନାହାନ୍ତି। ତୁମେ ବୋଧେ ଭୁଲ ଦେଖିଛ। ପିଲାମାନଙ୍କର ବୟସ ୧୨ରୁ ୧୫ବର୍ଷ ଭିତରେ ହେବ। ପୀଡ଼ିତ ପିଲାର ଏ ସଫେଇ କ'ଣ ପାଇଁ ସୁଧୀ ପାଠକେ ବୁଝିପାରୁଥିବେ। ସମାଜ ଆଜି ଘୋର ବିପର୍ଯ୍ୟୟ ଆଡ଼କୁ ଗତିକରୁଛି। ଅପରାଧ ମାନସିକତା ସମସ୍ତଙ୍କୁ ଆକ୍ରାନ୍ତ କରିଛି। ସେଥିରୁ ନାବାଳକମାନେ ମଧ୍ୟ ନିସ୍ତାର ପାଉନାହାନ୍ତି। ସର୍ବଗ୍ରାସୀ ନିଶାର ଉତ୍କଟ କବଳରେ କବଳିତ ହୋଇ ସେମାନେ ପଥଭ୍ରଷ୍ଟ। ସତରେ କ'ଣ ସେମାନେ ଆଉ ସଳଖି ହେବେ ନାହିଁ?

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ସୁନାର ମାୟା



ରାଣୀ ନାୟକ

ଯୁଗ ପରିବର୍ତ୍ତନ ସହ ମଣିଷର ଆଚାର ଓ ବିଚାର ଶକ୍ତି ପରିବର୍ତ୍ତିତ ହୋଇଛି। କିନ୍ତୁ ଅନନ୍ତକାଳ ଧରି ସମଗ୍ର ପୃଥିବୀପୃଷ୍ଠରେ ଯଦି ଦେଖିବା ତେବେ ସୁନା ପ୍ରତି ଥିବା ମୋହ ଅପରିବର୍ତ୍ତିତ ରହିଛି। ବିଶ୍ୱର ସମସ୍ତ ଦେଶରେ ସବୁଯୁଗରେ ସୁନା ପ୍ରତିଆଦର ରହିଆସିଛି, ଭାରତରେ ଏଥିପ୍ରତି ଆଜି ପର୍ଯ୍ୟନ୍ତ ଲୋକଙ୍କ ଦୁର୍ବଳତା କାହିଁରେ କେତେ ରହିଛି। ଅନେକଙ୍କ ପାଇଁ ଏହା ଧର୍ମ, ସଂସ୍କୃତି ଏବଂ ଅର୍ଥନୀତିର ଏକ ମେରୁଦଣ୍ଡ ସଦୃଶ। ସମୟ ବଦଳିବା ସହ ସୁନାର ଦର ଆକାଶଛୁଆଁ ହୋଇଥିଲେ ବି ଲୋକଙ୍କ ମୋହ ଦ୍ୱିଗୁଣିତ ହୋଇଛି। ଏହା କେବଳ ଏବେ ନୁହେଁ, ବହୁ ପ୍ରାଚୀନ କାଳରୁ ରହିଆସିଛି।

ରାମାୟଣର ସୀତା ସୁଅର୍ଣ୍ଣ ଓ ସୋମନାଥ ମନ୍ଦିରକୁ ସତର ଥର ଲୁଣ୍ଠନ କରିଥିବା ଗଜନୀ ସୁଲତାନ ମାମୁଦ ଏମାନଙ୍କର ସୁନା ପ୍ରତି ଅହେତୁକ ଆସକ୍ତି ଥିଲା। ଏମିତି କି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ ମଧ୍ୟ ପ୍ରମାଣିତ କରିଥାଏ ଯେ, ସେ ମଧ୍ୟ ସୁନାର ମୋହରୁ ବାଦ ପଡ଼ିନାହାନ୍ତି। ଭାରତୀୟମାନେ ସୁନାକୁ ଏକ ଶୁଭର ପ୍ରତୀକ ରୂପେ ପ୍ରତିପାଦନ କରିବା ସହ ପାଦରେ ଧାରଣ କରି ନ ଥାନ୍ତି। କାରଣ ସୁନାକୁ ଲକ୍ଷ୍ମୀଙ୍କ ସ୍ୱରୂପ ରୂପେ ପୂଜା କରାଯାଏ ଏବଂ ଏହା ହଜିଗଲେ ଅଶୁଭ ବୋଲି ମାନିଥାନ୍ତି। ବିଭିନ୍ନ ଶୁଭ କାର୍ଯ୍ୟରେ ଏହାକୁ ଉପହାର ଭାବେ ପ୍ରଦାନ କରାଯାଇଥାଏ। ବିଶେଷକରି ନାରୀମାନଙ୍କର ଲୋଭ ଅଧିକ ଥାଏ। ବିବାହ, ବ୍ରତଘରରେ ଗହଣା ଦେବାର ପରମ୍ପରା ରହିଥିବାରୁ ଗରିବ ହୁଅନ୍ତୁ କି ମଧ୍ୟବିତ୍ତ କିଛି ନା କିଛି ଅଳଙ୍କାର କିଣିଥାନ୍ତି। ଅନ୍ୟ ଦେଶ ତୁଳନାରେ ଭାରତରେ ସୁନାର ଚାହିଦା ସର୍ବାଧିକ। ପୃଥିବୀର ମୋଟ ସୁନାର ଚାହିଦାର ହାରାହାରି ୨୫ ପ୍ରତିଶତ ସୃଷ୍ଟି ହୋଇଥାଏ ଭାରତରେ ଏବଂ ଏଥିରୁ ୯୦% ହେଉଛି ଗହଣା। ବିଶ୍ୱରେ ଅବଶିଷ୍ଟ ସୁନା ପରିମାଣ ପ୍ରାୟ ୨,୪୪,୦୦୦ ମେଟ୍ରିକ ଟନ୍ ବୋଲି ଆକଳନ କରାଯାଇଛି। ଏଥିରେ ଐତିହାସିକ ଉତ୍ପାଦନ ଏବଂ ବର୍ତ୍ତମାନ ଜଣାଶୁଣା ଭୂତଳ ଭଣ୍ଡାର ଉଭୟ ଅନ୍ତର୍ଭୁକ୍ତ। ଯଦି ଏହି ସଂଖ୍ୟା ସ୍ତରାଜ ଦିଏ ତେବେ ପୃଥିବୀରେ ପ୍ରତି ବ୍ୟକ୍ତି ପାଇଁ ପ୍ରାୟ ୩୦ ଗ୍ରାମ୍ ସୁନା ଅଛି, ଯାହା ଛୋଟ ସୁନା ମୁଦି ସହିତ ସମାନ। ଶ୍ରେଷ୍ଠ ଉତ୍ପାଦକ: ଚାଇନା, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ହେଉଛି ସର୍ବବୃହତ ସୁନା ଉତ୍ପାଦନକାରୀ ଦେଶ। କିନ୍ତୁ ପ୍ରକୃତିର ଗଭୀରରେ ଆଉ ମାତ୍ର ପ୍ରାୟ ୫୦,୦୦୦ ଟନ୍ ସୁନା ସଂଗ୍ରହ ଅପେକ୍ଷାରେ ରହିଛି– ଏହା ସଂଗ୍ରହ ହୋଇ ସାରିଥିବା ସୁନାର ପ୍ରାୟ ଏକ ତୃତୀୟାଂଶ ମାତ୍ର। ଏହାର ଅଧାଅଧି ରହିଛି ଦକ୍ଷିଣ ଆଫ୍ରିକାରେ ଏବଂ ରୁଷିଆ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରାଜିଲ, ଚାଇନା, ଅଷ୍ଟ୍ରେଲିଆ ଆଦି ଦେଶରେ ବାକିତକ ସୁନା ବାଣ୍ଟି ହୋଇ ରହିଛି। ସୁନାର ବାର୍ଷିକ ଉତ୍ପାଦନ ଏବେ ନଗଣ୍ୟ ଯେ ଏହାଦ୍ୱାରା ପୃଥିବୀରେ ଉପଲବ୍ଧ ସୁନା ହାରରେ ବୃଦ୍ଧି ଘଟିଥାଏ। ଏହି ନଗଣ୍ୟ ବୃଦ୍ଧି ହାରକୁ ଦେଖିଲେ ପୃଥିବୀରେ ସୁନା ଯୋଗାଣକୁ ସ୍ଥିର ବୋଲି କହି କିଛି ସୁନାର ଯୋଗାଣ ପ୍ରାୟ ୨,୦୦,୦୦୦ ଟନ୍‌ରେ ସୀମିତ ରହିଛି। ସୁନା ଏକ ନମନୀୟ ଧାତୁ ହୋଇଥିବାରୁ ଦୈନିକ ବ୍ୟବହାରରେ ଲଗାଇବା ସମ୍ଭବ ନୁହେଁ। ତେଣୁ ସୁନାକୁ ବ୍ୟବହାରଯୋଗ୍ୟ କରିବା ପାଇଁ ସେଥିରେ ଖାଦ ମିଶାଯାଏ। ସୁନାର



ଶୁଦ୍ଧତାକୁ କ୍ୟାରେଟ ଆକାରରେ ପ୍ରକାଶ କରାଯାଏ। ସମ୍ପୂର୍ଣ୍ଣ ଶୁଦ୍ଧ ସୁବର୍ଣ୍ଣରେ ଥାଏ ୨୪ କ୍ୟାରେଟ, ଏହାକୁ ଆମେ 'ସହି' ସୁନା କହିଥାଉ। ଏଥିରେ ତମ୍ବା ମିଶାଇ 'ଗିନିସୁନା' ପ୍ରସ୍ତୁତ କରାଯାଏ, ଯାହାର ଶୁଦ୍ଧତା ୨୪ କ୍ୟାରେଟରୁ କମ୍ ୨୨ କ୍ୟାରେଟ, ୧୮ କ୍ୟାରେଟ, ୧୪ ଓ ୧୦ କ୍ୟାରେଟ ଆଦି ହୋଇଥାଏ।

ପ୍ରାକୃତିକ ଅବସ୍ଥାରେ ସୁନା ଦୁଇଟି ରୂପରେ ଉପଲବ୍ଧ ହୋଇଥାଏ। ଗୋଟିଏ ହେଲା ପଥର ଫାଙ୍କ ଶିରାରେ ଏହାର ଉପସ୍ଥିତି। ଏହାକୁ 'ଲୋଡ ଡିପୋଜିଟ' ବା ମହଜୁଦ ବୋଲି କୁହାଯାଇଥାଏ। ସୁନାଖଣିରୁ ଏ ପଥରକୁ ଉତ୍ତୋଳନ କରି, ଗୁଣ୍ଡ କରି କିମ୍ବା ରାସାୟନିକ ପ୍ରକ୍ରିୟା ମାଧ୍ୟମରେ ଏଥିରୁ ସୁନା ଅଲଗା କରାଯାଏ। ଅନ୍ୟଟି ହେଉଛି 'ପ୍ଲେସର୍ ଡିପୋଜିଟ୍'। ଲୋଡ୍ ଡିପୋଜିଟ ଉପରେ ଦେଇ ଦୀର୍ଘକାଳ ଧରି ଜଳ ପ୍ରବାହିତ ହେଲେ କ୍ରମେ କ୍ଷୟ ଘଟି ସୁନା ପଥରରୁ ଅଲଗା ହୋଇ କ୍ଷୁଦ୍ର କ୍ଷୁଦ୍ର କଣିକା ଆକାରରେ ପାଣିରେ ଭାସିଯାଏ। ନଦୀର ସ୍ରୋତ ଧୀମା ହୋଇଗଲେ ଏହି ସୁନା ନଦୀଶଯ୍ୟାର ବାଲି ବା ପଙ୍କରେ ବସିଯାଏ। ବେଳେବେଳେ ଏହି କଣିକା ଏକାଠି ବାନ୍ଧି ହୋଇ ଛୋଟବଡ଼ ମୁଣ୍ଡାରେ ପରିଣତ ହୋଇଯାଏ। ଏହି ପ୍ରକାର ଜମିଥିବା ସୁନା ହେଉଛି ପ୍ଲେସର୍ ଡିପୋଜିଟ। ଯଦି କୌଣସି ସ୍ଥାନରେ ଯଥେଷ୍ଟ ପ୍ଲେସର୍ ଡିପୋଜିଟ ଖବର ପ୍ରସାରିତ ହୁଏ ତେବେ ଏହାକୁ ପାଇବାକୁ ସୁନାପ୍ରେମୀମାନଙ୍କ ସୁଅ ଛୁଟେ। ଏହିପ୍ରକାର ବ୍ୟବସ୍ଥାକୁ ଗୋଲ୍ଡରସ୍ କୁହାଯାଏ। ସୁନା ଭଳି ଏକ ମୂଲ୍ୟବାନ ଧାତୁକୁ ପାଇବାକୁ କାହାର ବା ଆଗ୍ରହ ନଥାଏ। ଯଦି ମାଗଣାରେ ଏତେ ମୂଲ୍ୟବାନ ଜିନିଷ ମିଳୁଛି ତେବେ କିଏ ଅବା ହାତଛଡ଼ା କରିବ। ତେଣୁ ସେହି ଗୋଲ୍ଡରସ୍‌କୁ ପାଇବାକୁ କିଏ ରାତାରାତି ଧନୀ ହୋଇଯାଏ ତ କେଉଁ ନାଁବିନ ଲୋକ ହଠାତ ନାହିଁନ ହୋଇଯାଏ। ବେଳେବେଳେ ଗୋଲ୍ଡରସ୍‌କୁ କେନ୍ଦ୍ରକରି ସମ୍ପୃକ୍ତ ଅଞ୍ଚଳରେ ନୂତନ ଜନବସତିମାନ ଗଢ଼ିଉଠେ। ଦକ୍ଷିଣ ଆଫ୍ରିକାର ଜୋହାନସବର୍ଗ ସହର ସେଠାକାର ୱିଟ୍‌ୱାଟର୍‌ସ୍ରାଣ୍ଡ ଗୋଲ୍ଡରସର ସନ୍ତାନ। ସେହିପରି ୧୮୪୮-୫୨ ମସିହାରେ ଘଟିଥିବା କାଲିଫର୍ଣ୍ଣିଆ ଗୋଲ୍ଡରସ ଯୋଗୁ ଆମେରିକାର ଅନ୍ୟାନ୍ୟ ଅଞ୍ଚଳର ଲୋକମାନେ ଆସି ସେଠାରେ ବସବାସ କଲେ ଏବଂ ୧୮୫୦ରେ କାଲିଫର୍ଣ୍ଣିଆ ଯୁକ୍ତରାଷ୍ଟ୍ର ସଂଘରେ ପ୍ରବେଶ କଲା। ଇତିହାସରେ ବୋଧହୁଏ ସବୁଠାରୁ ପ୍ରସିଦ୍ଧ ଗୋଲ୍ଡରସ ହେଉଛି କାନାଡାରେ ୧୮୯୮-୯୯ରେ ଘଟିଥିବା କ୍ଲୋଣ୍ଡାଇକ ଗୋଲ୍ଡରସ। କ୍ଲୋଣ୍ଡାଇକ ନଦୀ ଓ ୟୁକନ ନଦୀର ସଙ୍ଗମ ନିକଟରେ ଅବସ୍ଥିତ ପ୍ଲେସର ଡିପୋଜିଟ ଯୋଗକୁ ନିଷ୍ଠୁର ନିଷ୍ଠୁର ସଂଖ୍ୟାରେ ସୁନା ସନ୍ଧାନୀଙ୍କୁ ଆକର୍ଷିତ କରିଥିଲା–ଯାହା ଇତିହାସରେ ସର୍ବାଧିକ। ଏହା କିନ୍ତୁ ଏପରି ଏକ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ଥିଲା ଯେ ଖାଦ୍ୟାଭାବ, ମେରୁ ଅଞ୍ଚଳର ଲମ୍ବା ଶୀତରାତିର ଅସହ୍ୟ ଥଣ୍ଡା ଓ ଜଙ୍ଗଲରେ ଲାଗି ଯାଉଥିବା ସର୍ବଗ୍ରାସୀ ନିଆଁ ଆଦି ପ୍ରତିବନ୍ଧକ ଥିଲା। ଖାଦ୍ୟ ଅଭାବରୁ ଅନେକ ଲୋକ କୁକୁରଙ୍କୁ ସିଝାଇ ଖାଇଥିଲେ। କିନ୍ତୁ ସବୁ ବାଧାବିଘ୍ନକୁ ଅତିକ୍ରମ କରି ଶେଷରେ ମାତ୍ର ପ୍ରାୟ ୩୫,୦୦୦ ଦୁଃସାହସୀ ସୁନାପ୍ରେମୀ ସେଠାରେ ପହଞ୍ଚିପାରିଥିଲେ। ଏଠାରେ ଏହି କଥା ଦର୍ଶାଇବାର କାରଣ ହେଉଛି ସୁନା ନିଶା ମଣିଷକୁ କେଉଁ ସ୍ତରକୁ ଖସାଇ ଦେଇଥାଏ। ଏହା ଏକ ମୂଲ୍ୟବାନ ଧାତୁ ହୋଇଥାଇପାରେ କିନ୍ତୁ ଏଭଳି ଦୁର୍ବାର ଆକର୍ଷଣ ତା'ର ମହାନତା ନୁହେଁ। ସୁନାର ମାୟାରେ ଲୋକେ କାଳକାଳ ଧରି ଆକର୍ଷିତ ହୋଇଚାଲିବେ।

ଢେଙ୍କାନାଳ
ମୋ:୭୭୦୬୯୯୦୫୩

## ଏଇ ଭାରତରେ

ବିବାହ ପରେ ଝିଅମାନେ ବିଦା ହୋଇ ଶାଶୁଘରକୁ ଯାଇଥାନ୍ତି। ହେଲେ ବାହାବେଦିରୁ ଉଠି ସିଧା କଲେଜକୁ ଯିବା କଥା କେବେ ଶୁଣିଛନ୍ତି! ଏମିତି ଏକ ଭିନ୍ନ ଧରଣର ଦୃଶ୍ୟ ଦେଖିବାକୁ ମିଳିଛି ଝାଡ଼ଖଣ୍ଡରେ। ଏଠାରେ ବେଙ୍ଗାବାଦ ଥାନାର ମେରିଜେବା ଅଞ୍ଚଳର ପୂଜା କୁମାରୀ ଦୁଇ ଦିନ ତଳେ ପାଖ ଅଞ୍ଚଳର ବିକାଶ ଯାଦବଙ୍କୁ ବିବାହ କରିଥିଲେ। ସେ ବିଏ ସେମିଷ୍ଟର-୧ର ଛାତ୍ରୀ ଥିଲେ ଓ ବିବାହର ଠିକ୍ ପରଦିନ ତାଙ୍କର ପରୀକ୍ଷା ମଧ୍ୟ ଥିଲା। ଏକଥା ଜାଣିବା ପରେ ଶାଶୁଘର ଲୋକେ ତାଙ୍କୁ ପରୀକ୍ଷା ବନ୍ଦ ନ କରିବା ଲାଗି କହିଥିଲେ। ପୂଜା ମଧ୍ୟ ପରୀକ୍ଷା ପାଇଁ ସବୁ ପ୍ରସ୍ତୁତି କରିଥିଲେ। ଆଉ ଶାଶୁଘର ଲୋକଙ୍କ ସହାୟତାରେ ତାଙ୍କର ବିବାହ କର୍ମ ସବୁ ରାତିରେ ଶୀଘ୍ର ଶୀଘ୍ର ଶେଷ କରି ଦିଆଯାଇଥିଲା। ଏହାପରେ ସକାଳୁ ସକାଳୁ ଝିଅ ବିଦାୟୀ ସମ୍ପନ୍ନ ହୋଇଥିଲା। ତେବେ ବିଦା ହେବା ପରେ ପୂଜା ତାଙ୍କ ନବ ବିବାହିତ ସ୍ୱାମୀଙ୍କ ସହିତ ସିଧା ଯାଇଥିଲେ ପରୀକ୍ଷା ହଲକୁ। ନବବଧୂ ବେଶରେ ପରୀକ୍ଷା ହଲରେ ଅନ୍ୟମାନେ ତାଙ୍କୁ ଦେଖି କିଛି ସମୟ ପାଇଁ ଆଶ୍ଚର୍ଯ୍ୟ ହୋଇଯାଇଥିଲେ, ହେଲେ ପର ମୁହୂର୍ତ୍ତରେ ତାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନ୍ୟପଟେ ବର ବେଶରେ ପରୀକ୍ଷା ହଲ୍ ବାହାରେ ବିକାଶ ତାଙ୍କ ସ୍ତ୍ରୀଙ୍କ ପାଇଁ ଅପେକ୍ଷା କରି ରହିଥିଲେ ଓ ପରୀକ୍ଷା ସରିବା ପରେ ପୂଜା ତାଙ୍କ ସହ ଶାଶୁଘରକୁ ଯାଇଥିଲେ।

## ୫୦ ବର୍ଷ ତଳେ ଧରିତ୍ରୀ

DHARITRI

୧୨ ମେ ୧୯୭୬

- ଦଣ୍ଡକାରଣ୍ୟରେ ୧୮୬୨୫ ଶରଣାର୍ଥୀ ପରିବାରଙ୍କୁ ଥଇଥାନ କରାଯାଇଥିବା ନେଇ କେନ୍ଦ୍ର ପୁନର୍ବସତି ମନ୍ତ୍ରୀ ଆର୍.ଏନ୍. ମିର୍ଦ୍ଧା ପ୍ରକାଶ କରିଛନ୍ତି।
- ସୁପ୍ରସିଦ୍ଧ ତବଲାବାଦକ ଓସ୍ତାଦ ଜାହାଙ୍ଗୀର ଖାଁଙ୍କ ୧୧୩ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ନୟନ ତଳେ ଦେଖି କଜଳ
ପରାଣ ନାହିଁ ହୁଏ ସଜଳ
କପୋଳ ସ୍ୱେଦ ଶୋଭା ନିରେଖି ଏ ଅଧର
ତୃଷାରେ ହୁଏ ନାହିଁ ବିକଳ।
–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | 1 | | | | 8 |
| | | 3 | | 4 | 8 | 2 | | |
| | | | | | | | 6 | |
| | 8 | | | 2 | | | | |
| 9 | | | 7 | | 5 | | | |
| | | 2 | | | | 6 | | 4 |
| | | 4 | | | 7 | | | |
| 8 | | 6 | | | | | | 7 |
| 1 | | | 4 | 5 | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 3 | 8 | 2 | 7 | 4 | 9 | 6 |
| 6 | 9 | 8 | 3 | 1 | 4 | 5 | 7 | 2 |
| 7 | 4 | 2 | 5 | 9 | 6 | 8 | 3 | 1 |
| 9 | 3 | 4 | 2 | 6 | 5 | 1 | 8 | 7 |
| 8 | 5 | 6 | 4 | 7 | 1 | 3 | 2 | 9 |
| 2 | 7 | 1 | 9 | 3 | 8 | 6 | 4 | 5 |
| 4 | 6 | 5 | 7 | 8 | 9 | 2 | 1 | 3 |
| 1 | 2 | 9 | 6 | 4 | 3 | 7 | 5 | 8 |
| 3 | 8 | 7 | 1 | 5 | 2 | 9 | 6 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦରଦାମ୍ ନିୟନ୍ତ୍ରଣରେ ବିଫଳ

ମହାଶୟ,

ଦରଦାମ ବୃଦ୍ଧି ଓ ବେକାରି ସମସ୍ୟା ସମାଧାନରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ସମ୍ପୂର୍ଣ୍ଣ ବିଫଳ। ଅତ୍ୟାବଶ୍ୟକ ପଦାର୍ଥର ଦରଦାମ ଅହେତୁକ ଭାବେ ବୃଦ୍ଧି ପାଉଛି। ଏହାକୁ ରୋକିବା ଦିଗରେ ସରକାର ସମ୍ପୂର୍ଣ୍ଣ ଉଦାସୀନ। ଅନ୍ତର୍ଜାତୀୟ ତୈଳ ଦର କ୍ରମାଗତ ହ୍ରାସ ପାଇ ଗତ ୪୭ ମାସରେ ସର୍ବନିମ୍ନସ୍ତରରେ ପହଞ୍ଚିଛି। ଏବେ ତୈଳଦର ଓ ବିଶେଷାଧନ ଶୁଳ୍କ ମିଶାଇଲେ ତୈଳଦର ଲିଟର ପିଛା ୫୦ରୁ ୬୦ ଟଙ୍କା ହେବା କଥା, ମାତ୍ର ବର୍ତ୍ତମାନ ପେଟ୍ରୋଲ ଦର ୧୦୦ ଟଙ୍କାରୁ ଊର୍ଦ୍ଧ୍ୱ ଅଛି। କିଛିଦିନ ତଳେ ପୁଣି ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରିଛନ୍ତି। କର୍ମଚାରୀରେ ୫୪ ହଜାର ପିଅନ ପଦବୀ ପାଇଁ ପ୍ରାୟ ୧୫ ଲକ୍ଷ ଆଶାୟୀ ଆବେଦନ କରିଥିଲେ। ଏମାନଙ୍କ ମଧ୍ୟରେ ଅନେକ ସ୍ନାତକୋତ୍ତର, ବି.ଇଡି., ଏମ୍‌ବିଏ, ଓ ଆଇଆଇଟି ଡ଼ିଗ୍ରୀଧାରୀ ରହିଥିବା ଘଟଣାରୁ ଦେଶରେ ବେକାରି ସମସ୍ୟା କିପରି ଉତ୍କଟ, ତାହା ସହଜରେ ଅନୁମାନ କରିହୁଏ।

–ଅକ୍ଷୟ କୁମାର ମହାନ୍ତି, ହଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

# ପାହାଡ଼ ଚଢ଼ିବାର ମଜା ନେଲେ ଶ୍ରଦ୍ଧାଳୁ

## ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବର ଚତୁର୍ଥ ଦିବସ

**ଖପ୍ରାଖୋଲ,୧୧।୫(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ଧୂମଧାମ୍‌ରେ ଚାଲିଛି। ରବିବାର ଚତୁର୍ଥ ଦିନରେ ପ୍ରବଳ ଜନସମାଗମ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଗନ୍ଧମାର୍ଦ୍ଦନ ପାହାଡ ଚଢ଼ିବାର ମଜା ନେବା ସହିତ ନୃସିଂହନାଥ ଦର୍ଶନ କରିଥିଲେ। ଏହି ଅବସରରେ ହରିଶଙ୍କର ମନ୍ଦିରର ପୂଜକମାନେ ପୂର୍ବରୁ ପାହାଡ ଉପରୁ ସଂଗୃହୀତ ପିଠ କନ୍ଦ ହରିଶଙ୍କରଙ୍କ ନିକଟରେ ସନ୍ଧ୍ୟାରେ ଲାଗି କରିଥିଲେ। ଶହ ଶହ ବର୍ଷ ଧରି ଏହି ଭୋଗ ଲାଗି ପରମ୍ପରା ରହିଛି।

ସଂଧ୍ୟାରେ ପାଟଣାଗଡ ଉପ ଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ଏମ୍‌ପି ନିରଞ୍ଜନ ବିଶି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ପାଟଣାଗଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ପାଟଣାଗଡ ବିଡ଼ିଓ ସୁମନ



ଚତୁର୍ଥ ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

କୁମାର ମିଞ୍ଜ, ତହସିଲଦାର ରୁଦ୍ର ମୋହନ ନାଏକ, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ଅତିଥିମାନେ ଗନ୍ଧମାର୍ଦ୍ଦନ ପାହାଡ, ହରିଶଙ୍କର ମନ୍ଦିରର ଇତିହାସ, ପୌରାଣିକ କଥାବସ୍ତୁ, ଲୋକକଥା ଉପରେ ଆଲୋକପାତ କରିବା ସହିତ ମନ୍ଦିରର ଉନ୍ନତି ଉପରେ କହିଥିଲେ। କାର୍ଯ୍ୟକ୍ରମକୁ ଦେବୋତ୍ତର କମିଟି ସଦସ୍ୟ ଡ. ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଥମ ମଞ୍ଚରେ ମା'

■ ପ୍ରବଳ ଜନ ସମାଗମ

■ ମନ୍ଦିରରେ ଲାଗି ହେଲା କନ୍ଦ ଭୋଗ

ଭୂଇଁରାଣୀ କଳାମନ୍ଦିର, ଭୁବନେଶ୍ୱରର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ତମିଆଁ ଗାଁର ରାମଲୀଳା ମଞ୍ଚସ୍ଥ ହୋଇଥିଲା। ସେହିପରି ନିତା ନୃତ୍ୟାଙ୍ଗନା, ଢେଙ୍କାନାଳର ସାନ୍ତାଳୀ ନୃତ୍ୟ, ପ୍ରତିଭା କଳାହାଣ୍ଡିର ସିଂହାରୀ ନୃତ୍ୟ, ବଡଜମ୍ପାନି ମୟୂରଭଞ୍ଜର ଛଉ ନୃତ୍ୟ, କୃଷ୍ଣପ୍ରିୟା କଳାପରିଷଦ, ତୁଷୁରା ସାନବଡ଼ ଦଳର ଘୁଡୁକା ନାଚ ଓ ସତୀଘାଟର ଧରିତ୍ରୀ ଦଣ୍ଡ ନୃତ୍ୟ ପରିବେଷିତ ହୋଇଥିଲା।

# ହରିଶଙ୍କର ଯାତ୍ରାରେ ଅରୁନ୍ଧତୀ ପରିବାରର ସେବାକାର୍ଯ୍ୟ



**ଭୁବନେଶ୍ୱର,୧୧।୫(ଅନୁରାଧା ମହାରଣା)**

ସ୍ୱର୍ଣ୍ଣ ଅଳଙ୍କାର ବ୍ୟବସାୟ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ଅରୁନ୍ଧତୀ ପରିବାର ପକ୍ଷରୁ ବଲାଙ୍ଗୀରର ଐତିହାସିକ ହରିଶଙ୍କର ମହୋତ୍ସବରେ ନିଃଶୁଳ୍କ ଜଳ ବିତରଣ କରାଯାଇଛି। ଏହି ସେବା କାର୍ଯ୍ୟକ୍ରମରେ ଅରୁନ୍ଧତୀର କର୍ମକର୍ତ୍ତା ସାମିଲ ହୋଇ ମିଳିତ ଭାବେ ଭକ୍ତମାନଙ୍କୁ ଜଳପାନ କରାଇଥିଲେ। ମହୋତ୍ସବ ସହ ନୃସିଂହ ଚତୁର୍ଦ୍ଦଶୀ ମେଳାରେ ଦେଶବିଦେଶରୁ ଲକ୍ଷାଧିକ ଭକ୍ତ ବଲାଙ୍ଗୀରସ୍ଥିତ ହରିଶଙ୍କର ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଏକଜୁଟ ହୋଇଥିଲେ। ବୈଶାଖ ମାସର ପ୍ରଚଣ୍ଡ ରୌଦ୍ର ତାତିରେ ଶ୍ରଦ୍ଧାଳୁଙ୍କ ଯାତ୍ରାକୁ ସହଜ ଓ ସରଳ କରିବା ନିମନ୍ତେ ଏହି ସେବା କାର୍ଯ୍ୟକ୍ରମ କରାଯାଇଥିଲା। ଅରୁନ୍ଧତୀ ପରିବାରର ଉନ୍ନତିରେ ହରିଶଙ୍କର ମହାପ୍ରଭୁ ସର୍ବଦା କୃପାଦୃଷ୍ଟି ରଖିଛନ୍ତି। ହରିଶଙ୍କର ମହାଦେବଙ୍କ ମାଟିରେ ଅରୁନ୍ଧତୀର ଜନ୍ମ, ଆଉ ସେହି ପବିତ୍ର ତୀର୍ଥସ୍ଥଳୀରେ ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନଙ୍କୁ ଆତିଥେୟତା ପ୍ରଦାନ କରିବାର ସୁଯୋଗ ପାଇଥିବାରୁ ଆମେ ଗର୍ବିତ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଆଗାମୀ ଦିନରେ ମଧ୍ୟ ଏହିଭଳି ନିରବଚ୍ଛିନ୍ନ ସ୍ୱେଚ୍ଛାକୃତ ସେବା ଜାରି ରହିବ ବୋଲି ଅରୁନ୍ଧତୀ ପରିବାର ପକ୍ଷରୁ କୁହାଯାଇଛି।

# ରିଲସ କରିବା ହେଲା କାଳ

## ପୋଲ ତଳକୁ ଖସି ଚାଳକ ମୃତ

**ଲହୁଣୀପଡା,୧୧।୫(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଚୂନା ଘାଟିର ଏକ ପୋଲ ତଳୁ ଶନିବାର ଜଣେ ଚାଳକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଉତ୍ତରପ୍ରଦେଶର ଭବାନୀ ଥାନା ଅନ୍ତର୍ଗତ ଛାକଛପକୀ ଅଞ୍ଚଳର ସୁରେଶ କୁମାର (୩୦)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଚାଳକ ଜଣକ ଗାଡ଼ି ଛିଡ଼ାକରି ରିଲସ କରୁଥିବା ବେଳେ ଅସାବଧାନତା ଯୋଗୁ ପୋଲ ତଳକୁ ଖସି ପଡ଼ି ମୃତ୍ୟୁବରଣ କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ସୂଚନାରୁ ପ୍ରକାଶ, ଟ୍ରକ ଲହୁଣୀପଡା ପଟୁ କୋଇଡା ଖଣି ଅଞ୍ଚଳକୁ ଯାଉଥିବା ବେଳେ ଚୂନା ଘାଟିର ଏକ ପୋଲ ନିକଟରେ ଚାଳକ ଗାଡ଼ି ଛିଡ଼ା କରିଥିଲେ। ଅନେକ ସମୟ ଧରି ଟ୍ରକ ଛିଡ଼ା ହେବା ଦେଖି ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। ସବୁଆଡ଼େ ଖୋଜାଖୋଜି କରିବା ପରେ ପୋଲ ତଳେ ଚାଳକଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। କେ. ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ରବିବାର ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

# ମାମୁ କଟୁରି ଚୋଟରେ ଭଣଜା ମୃତ

**ଲହୁଣୀପଡା,୧୧।୫(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ହଲଦୀ କୁଦର ପଞ୍ଚାୟତ ସାନଜଲ ଗ୍ରାମରେ ଶନିବାର ରାତି ପ୍ରାୟ ୧୦ଟାରେ ମାମୁର କଟୁରି (ଦାଉଲି) ଚୋଟରେ ଭଣଜାଙ୍କ ମୃତ୍ୟୁ ଘଟିଛି। ମୃତ ଭଣଜା ହେଲେ ଦୋଳ ଦେହୁରୀ(୪୦)। ମହୁଲପଦା ଥାନା ପୋଲିସ ଅଭିଯୁକ୍ତ ମାମୁ ଶୁକ ଦେହୁରୀ (୬୦)ଙ୍କୁ ଗିରଫ କରିଛି। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସୁରେଶ ଚନ୍ଦ୍ର ପ୍ରଧାନ ସୂଚନା ଦେଇନ୍ତି। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂତ୍ରରୁ ପ୍ରକାଶ, ସାନଜଲ ଗ୍ରାମର ଦୋଳଙ୍କ ସହ ସେହି ଗ୍ରାମର ମାମୁ ଶୁକଙ୍କର କୌଣସି କାରଣରୁ ଅନେକ ସମୟରେ କଳି ଝଗଡ଼ା ଲାଗି ରହୁଥିଲା। ଶନିବାର ରାତିରେ ଦୋଳ ଏକୁଟିଆ ଥିବା ଦେଖି ଶୁକ ଧରିଥିବା ଏକ କଟୁରିରେ ଦୋଳଙ୍କୁ ଅତି ନିର୍ମମଭାବେ ହାଣି ହତ୍ୟା କରିଥିଲେ। ପ୍ରଚୁର ରକ୍ତସ୍ରାବ ହେବା ଯୋଗୁ ଦୋଳଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ମହୁଲପଦା ପୋଲିସ ରବିବାର ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବଣେଇ ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

# କୃଷି ଉଦ୍ୟୋଗୀତା ସୁବିଧା କେନ୍ଦ୍ର ଉଦ୍‌ଘାଟନ



କୃଷି ଉଦ୍ୟୋଗୀତା ସୁବିଧା କେନ୍ଦ୍ରକୁ ଜିଲାପାଳ ଓ ଅନ୍ୟମାନେ ଉଦ୍‌ଘାଟନ କରୁଛନ୍ତି।

**ସୁନ୍ଦରଗଡ଼,୧୧।୫(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ କିରେଇସ୍ଥିତ ଓୟୁଏଟି କ୍ୟାମ୍ପସରେ ଓଡ଼ିଶା ଖଣିଜ ଧାରକ କ୍ଷେତ୍ର ବିକାଶ ନିଗମ (ଓମ୍ବାଡସି)ଙ୍କ ଆର୍ଥିକ ସହାୟତାରେ ନିର୍ମିତ କୃଷି ଉଦ୍ୟୋଗୀତା ସୁବିଧା କେନ୍ଦ୍ର ଓ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଆର୍ଥିକ ସହାୟତାରେ ନିର୍ମିତ କୃଷକ ନିବାସ କେନ୍ଦ୍ରର ଉଦ୍‌ଘାଟନ ରବିବାର ହୋଇଯାଇଛି। ଏଥିସହ କୃଷି ଓ କୃଷକ ଶସକ୍ତିକରଣ ବିଭାଗ ସହାୟତାରେ ଗବେଷଣା ପ୍ରଶାସନିକ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନା ମଧ୍ୟ ହୋଇଛି। ବିଧାନସଭାର ଉପବାଚସ୍ପତି ଭବାନୀଶଙ୍କର ଭୋଇ ଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ କରକମଳରେ ଏହା ସମ୍ପାଦିତ ହୋଇଥିଲା। ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଓୟୁଏଟିର ଅଧ୍ୟକ୍ଷ ହୃଷିକେଶ ପାତ୍ର, କୃଷି ଶିକ୍ଷା ସମ୍ପ୍ରସାରଣ ଅଧ୍ୟକ୍ଷ ପ୍ରସନ୍ନଜିତ ମିଶ୍ର, ଗବେଷଣା ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ଓ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଉଦଘାଟନ କାର୍ଯ୍ୟକ୍ରମ ପରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା କରାଯାଇଥିବା ଚାଷୀ ନିମିତ୍ତ ଉନ୍ନତ କୃଷି କୌଶଳ ପ୍ରଦର୍ଶନୀ କକ୍ଷ ଗୁଡିକ ଅତିଥିମାନେ ବୁଲି ଦେଖିଥିଲେ। ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିବା ଉପବାଚସ୍ପତି ଭୋଇଙ୍କୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସୁନ୍ଦରଗଡରେ ଥିବା ଓୟୁଏଟିର ଦୁଇଟି ଶାଖା ତଥା କୃଷି ବିଜ୍ଞାନ କେନ୍ଦ୍ର ଓ ଆଞ୍ଚଳିକ କୃଷି ଗବେଷଣା ଓ ବୈଷୟିକ ସମ୍ପ୍ରସାରଣ ଉପକେନ୍ଦ୍ରର ବିଭିନ୍ନ ଚାଷୀ ନିମିତ୍ତ କାର୍ଯ୍ୟକ୍ରମ ତଥା ଉନ୍ନତ କୃଷି କୌଶଳ ବିଷୟରେ ଉପସ୍ଥାପନ କରିଥିଲେ। ଜିଲା ପ୍ରଶାସନର ସହଯୋଗ ଓ ସହାୟତା ନିମନ୍ତେ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମଟି କୃଷି ବିଜ୍ଞାନ କେନ୍ଦ୍ର ତଥା ଗବେଷଣା ସମ୍ପ୍ରସାରଣ ଉପକେନ୍ଦ୍ରର ବୈଜ୍ଞାନିକ ଓ କର୍ମକର୍ତ୍ତାଙ୍କ ସହାୟତାରେ ହୋଇଥିଲା। ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ଉପସ୍ଥିତ ଥିବା ସମସ୍ତ ଅତିଥି ବୃନ୍ଦଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଚିକିତ୍ସାଧୀନ ମହିଳା ମୃତ

**କୁଆଁରମୁଣ୍ଡା,୧୧।୫(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ବାରାବାଂଶ ସ୍କୁଲ ନିକଟରେ ଗତ ରବିବାର ସ୍କୁଟିରୁ ପଡି ଗୁରୁତର ଆହତ ହୋଇଥିବା ଜଣେ ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଛି। ମୃତା ମହିଳାହେଲେ ହାତିବାରି ଥାନା ଅନ୍ତର୍ଗତ ଗୋଟିଟାଙ୍ଗର ଗ୍ରାମର ରୁପେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ସୁଶୀଳା ପ୍ରଧାନ(୩୮)। ବୀରମିତ୍ରପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରିଛି। ବୀରମିତ୍ରପୁର ଥାନାଧିକାରୀ ରାମପ୍ରସାଦ ନାଗଙ୍କ ସୂଚନା ଅନୁସାରେ,ରବିବାର ମୃତ ସୁଶୀଳା ଭିଣୋଇଙ୍କ ଘରୁ ଜଣେ ସମ୍ପର୍କୀୟଙ୍କ ସହ ସ୍କୁଟି ନଂ ଓଡି ୧୪ ଭି ୩୮୫୫ ଯୋଗେ ଗୋଟିଟାଙ୍ଗର ଗ୍ରାମକୁ ଫେରୁଥିଲେ। ବୀରମିତ୍ରପୁର ବାରାବଂଶ ନିକଟସ୍ଥ ହମ୍ପସ ନିକଟରେ ଖସି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ବୀରମିତ୍ରପୁର ଡାକ୍ତରଖାନା ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପୁଣି ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୁଶିଲାଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି।

# ଓଆଇଏସଏଲ କାରଖାନାରେ ଶ୍ରମିକ ମୃତ

**ରାଜଗାଙ୍ଗପୁର,୧୧।୫(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ଜାମପାଲିଠାରେ ଥିବା ଓଆଇଏସଏଲ (ଓସିଏଲ ଆଇରନ ଆଣ୍ଡ ଷ୍ଟିଲ ଲିମିଟେଡ) କାରଖାନାରେ ରବିବାର ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକହେଲେ ବଡଗୁଡିଆଲିର ସତ୍ୟାନନ୍ଦ ବାଡା(୨୨)। ସୂଚନା ଅନୁଯାୟୀ, ସତ୍ୟାନନ୍ଦ କାରଖାନାରେ କାମ କରୁଥିବାବେଳେ ଏକ ଲୋଡର ତାଙ୍କ ଉପରେ ଚଢି ଯାଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଶରୀରକୁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ଅଣାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ ହୋଇନାହିଁ।


**ODISHA HYDRO POWER CORPORATION LIMITED**
OHPC
BALIMELA HYDRO ELECTRIC PROJECT: POST: BALIMELA
DIST:MALKANGIRI (ODISHA), PIN:764051
Phones:06861-291058(O)/ 06861-291048 (R), Fax:06861-232541
E-Mail:bhep.balimela@gmail.com, unit.head_balimela@yahoo.com
CIN:U40101OR1995SGC003963, GSTIN-21AAACO2575P1Z9

**TENDER CALL NOTICE No.BHEP/TECH/09/2025-26, Dtd.09.05.2025**

**No.CAD-384:** Sealed tenders are invited in two part bid basis (Technical & Commercial Bid) from the **Registered Firms/ Manufacturers/ Authorized Dealers/ Chanel Partners** for supply of materials as detailed below.

| Sl. No. | Description of Items | Cost of Tender Paper in Rs. | E.M.D. in shape of D.D./B.C. |
|---|---|---|---|
| 1 | "Supply of different types of SKF Make bearings for BHEP, Balimela. | Rs.7080/- Inclusive of GST @ 18% | 1% (One Percent) of the quoted amount |

The Sale of Tender Paper will be from : 09.00 hrs. of 13.05.2025 to 11.00 hrs. of 28.05.2025
The last date & time of receipt of tenders : Upto 12.00 hrs. of Dt.28.05.2025
Date and time of opening of the Techno Commercial Bid : Dt.28.05.2025 at 12.30 Hrs.
For details of tender documents, Terms and Conditions, Eligibility criteria and downloading, please visit our website at www.ohpcltd.com

Sd./- C & P Head
BHEP, Balimela
OIPR-04019/11/0083/2526



**DISTRICT PROJECT OFFICE**
**RTE-SAMAGRA SHIKSHA KANDHAMAL**
MAIN ROAD PHULBANI-762001
E-Mail: dpcssakandhamal@gmail.com, Ph.06842-255480

**ADVERTISEMENT**
No.1600//GE//25//dt.9.5.2025
File No. IV-3/2025

No.n-43: Applications are hereby invited from eligible candidates for engagement of warden for Girls hostel of the Odisha Adarsha Vidyalaya Chakapad, Kudutuli (K.Nuagaon) & Jalespata (Tumudibandh) of Kandhamal district. The applications in the prescribed format must be sent by Speed Post/Registered Post addressing to the Principal OAVs of the concerned blocks of the Kandhamal District by 02.06.2025. The application must superscribe the name of the post in capital letter on the top of the envelope, otherwise the application will be rejected. The Principal concerns of OAVs reserves the right to cancel any or all the proposals without assigning any reason thereof.

The Prescribed format alongwith details guideline & address of concern OAVs for the above post may be downloaded from the Kandhamal district website **https://kandhamal.nic.in & https://osepa.odisha.gov.in.**

By the order of the Collector-cum-Chairperson, OAV, Kandhamal
OIPR-27059/11/0012/2526 Sd./- DEO-cum-DPC, SS, Kandhamal


# ସଙ୍ଗଠନ ସୁଦୃଢ଼ କରିବା ଉପରେ ଗୁରୁତ୍ୱ



ବୈଠକରେ ମଞ୍ଚାସୀନ କର୍ମକର୍ତ୍ତାବୃନ୍ଦ।

**ସମ୍ବଲପୁର,୧୧।୫(ଭବାନୀ ଶଙ୍କର ଭୋଇ)**

## ନିଖିଳ ଉତ୍କଳ ଶୁଣ୍ଡି ସମାଜ ରାଜ୍ୟ ପରିଷଦ ବୈଠକ

## ବିକ୍ରମ କେଶରୀ ସାହୁ ରାଜ୍ୟ ସଭାପତି, ଉଦୟ ନାଥ ସାହୁ ସାଧାରଣ ସମ୍ପାଦକ

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ରବିବାର ନିଖିଳ ଉତ୍କଳ ଶୁଣ୍ଡି ସମାଜର ରାଜ୍ୟ ସାଧାରଣ ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ରାଜ୍ୟ ସଭାପତି ବିକ୍ରମ କେଶରୀ ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରାଜ୍ୟସ୍ତରୀୟ କର୍ମକର୍ତ୍ତା ଓ ରାଜ୍ୟର ୩୦ ଗୋଟି ଜିଲାର ଶୁଣ୍ଡି ସମାଜର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଶୁଣ୍ଡି ସମାଜର ଆର୍ଥିକ ସାମାଜିକ ସ୍ଥିତି ଏବଂ ସମାଜର ବିକାଶ ଦିଗରେ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ସମଗ୍ର ରାଜ୍ୟରେ ସଙ୍ଗଠନକୁ ସୁଦୃଢ କରାଯିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଏଥିରେ ଆଗାମୀ ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ପୁଣିଥରେ ନିଖିଳ ଉତ୍କଳ ଶୁଣ୍ଡି ସମାଜର ରାଜ୍ୟ ସଭାପତି ଭାବେ ବିକ୍ରମ କେଶରୀ ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସାଧାରଣ ସମ୍ପାଦକଭାବେ ଉଦୟନାଥ ସାହୁ, ସମ୍ପାଦକ ପ୍ରଭାତ ସାହୁ, କୋଷାଧ୍ୟକ୍ଷ ଶରତ କୁମାର ସାହୁ, ମହିଳା ସଭାନେତ୍ରୀ ଭାବେ ସୁନନ୍ଦା ସାହୁ ଏବଂ ପୃଥ୍ୱୀରାଜ ବେହେରାଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଚୟନ କରାଯାଇଥିଲା। ବୈଠକରେ ସାରା ରାଜ୍ୟର ଶୁଣ୍ଡି ସମାଜର ଲୋକ ଭୁବନେଶ୍ୱରକୁ ନିୟମିତ ଯିବା ଆସିବା କରୁଥିବା ବେଳେ ସେଠାରେ ଶୁଣ୍ଡି ସମାଜ ଭବନ ନିମାଣ ପାଇଁ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିପାଇଁ ସମାଜର ସଦସ୍ୟମାନଙ୍କଠାରୁ ପାଣ୍ଠି ସଂଗ୍ରହ ସମେତ ସମାଜର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ବୈଠକରେ ସମାଜର ରାଜ୍ୟ ପ୍ରତିନିଧି ଓ ଜିଲା ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବୈଠକରେ ସମାଜର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ପ୍ରତାପ ଚନ୍ଦ୍ର ବେହେରା, ଗୋବିନ୍ଦ ଚନ୍ଦ୍ର ସାହୁ, ଉପଦେଷ୍ଟା ପ୍ରଭାକର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ବସନ୍ତ କୁମାର ସାହୁ, ଡ. ପାଣ୍ଡବ ବେହେରା, କୃଷ୍ଣ କୁମାର ଗୁପ୍ତା ମଞ୍ଚାସୀନ ଥିଲେ। ବୈଠରେ ସାରା ରାଜ୍ୟରୁ ପ୍ରାୟ ଆଠଶହ ସଦସ୍ୟ ସାମିଲ ହୋଇଥିଲେ। ବୈଠକ ଆୟୋଜନରେ ଶୁଣ୍ଡି ସମାଜ ସମ୍ବଲପୁର ଜିଲା ସଭାପତି ଖଡିରତ୍ନ ବେହେରା, ସମ୍ପାଦକ ଧ୍ରୁବେଇ ଚରଣ ସାହୁ, କୋଷାଧ୍ୟକ୍ଷ ଲଳିତ ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦାଶରଥୀ ବେହେରା ଏବଂ ନରେନ୍ଦ୍ର ବେହେରା ମଞ୍ଚ ସଂଚାଳନ୍ତ କରିଥିଲେ।


**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. 03-KUR-TRD-OT-2025-26
**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବାରଙ୍ଗ - ରାଜ ଆଠଗଡ଼ ସେକ୍ସନରେ ଘଣ୍ଟିଖାଲ ନିଧିପୁର ୟାର୍ଡରେ RLY.KM.432/32-34ରେ ଲେଭଲ କ୍ରସିଂ ସଂଖ୍ୟା JB-07 ସ୍ଥାନରେ ପ୍ରସ୍ତାବିତ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ ପାଇଁ OHE ସଂଶୋଧନ କାର୍ଯ୍ୟର ନିଷ୍ପାଦନ।
**ବିଜ୍ଞାପିତ ମୂଲ୍ୟ (₹):** 9,46,018.79, EMD (₹) : 18,900.00, ଶେଷ ହେବା ଅବଧି : 180 ଦିନ।
ବିଡ୍ ଆରମ୍ଭ ହେବା ତାରିଖ : ତା.15.05.2025ରିଖ,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.05.2025 ରିଖ 1300 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-115/Q/25-26



**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-245
**କାର୍ଯ୍ୟର ନାମ :** ଟାରମାଲ ଷ୍ଟେସନରେ ଡବଲ ଡାଇମଣ୍ଡ ଫର୍ମେସନ ଉଦ୍ଦେଶରେ ପଥ ଆଲୋକୀକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ** ₹ 36,59,828.68, EMD : ₹ 73,200.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.28.05.2025ରିଖ 1530 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-111/Q/25-26



**OFFICE OF THE PANCHAYAT SAMITI KORUKONDA**
No.1947/VI-159/2025/SETU/Dev. Dated 9.05.2025

**TENDER CALL NOTICE NO.-01/2025-26**

No.i-91:Sealed Tender in the prescribed form to be eventually drawn up in PWD Form P-1(Percentage Rate Bids) in conformity with detailed Tender Call Notice are invited by the Block Development Officer, Korukonda on behalf of Government of Odisha for tenders for construction of various work as mentioned below from eligible Contractors registered with the State Government and Contractor of equivalent grade/class registered with Central Government/MES/ Railways, having registration for Civil works on production of definite proof from the appropriate authority. The detailed of the works are available in the Website https://malkangiri.odisha.gov.in and Office Notice Board. Any further deviation/ corrigendum will be available in the above website.

| | |
|---|---|
| Name of the Works | Construction of various works in different G.Ps of Korukonda Block under SETU/BKBK/VSS |
| No. of Works | 21 Nos. (Twenty One) Only |
| Amount put to Tender | As laid down in the DTCN/Tender Call Notice |
| Tender Paper Cost | As laid down in the DTCN/Tender Call Notice |
| E.M.D. Amount required | As laid down in the DTCN/Tender Call Notice |
| Period of Completion | As laid down in the DTCN for each work |
| Date of Sale of Tender Paper | The Bid documents can be downloaded from the Govt. Website https://malkangiri.odisha.gov.in from 13.05.2025 to 26.05.2025 |
| Date of Receipt of Tender Paper | From 13.05.2025 to 26.05.2025 upto 1.00 PM (in working days) through Registered Post/ Speed Post only |
| Date of Opening of Tender Papers | At 08.00 A.M. on dated 28.05.2025 in the Office of the Block Development Officer, Korukonda in presence of Tenderer / their authorized representatives. |

If the last date of receipt of tender paper turns out be a holiday, It will automatically be extended to next working day.

Sd./- Block Development Officer
Korukonda
OIPR-19021/11/0007/2526

# ପାହାଡ଼ ଚଢ଼ିବାର ମଜା ନେଲେ ଶ୍ରଦ୍ଧାଳୁ

## ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବର ଚତୁର୍ଥ ଦିବସ

■ପ୍ରବଳ ଜନ ସମାଗମ
■ମନ୍ଦିରରେ ଲାଗି ହେଲା କନ୍ଦ ଭୋଗ

ଖପ୍ରାଖୋଲ,୧୧।୫(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ଧୂମଧାମ୍‌ରେ ଚାଲିଛି। ରବିବାର ଚତୁର୍ଥ ଦିନରେ ପ୍ରବଳ ଜନସମାଗମ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଗନ୍ଧମାର୍ଦ୍ଦନ ପାହାଡ ଚଢ଼ିବାର ମଜା ନେବା ସହିତ ନୃସିଂହନାଥ ଦର୍ଶନ କରିଥିଲେ। ଏହି ଅବସରରେ ହରିଶଙ୍କର ମନ୍ଦିରର ପୂଜକମାନେ ପୂର୍ବରୁ ପାହାଡ ଉପରୁ ସଂଗୃହୀତ ପିଠ କନ୍ଦ ହରିଶଙ୍କରଙ୍କ ନିକଟରେ ସନ୍ଧ୍ୟାରେ ଲାଗି କରିଥିଲେ। ଶହ ଶହ ବର୍ଷ ଧରି ଏହି ଭୋଗ ଲାଗି ପରମ୍ପରା ରହିଛି।

ସଂଧ୍ୟାରେ ପାଟଣାଗଡ ଉପ ଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ଏମ୍‌ପି ନିରଞ୍ଜନ ବିଶି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ପାଟଣାଗଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ପାଟଣାଗଡ ବିଡ଼ିଓ ସୁମନ କୁମାର ମିଞ୍ଜ, ତହସିଲଦାର ରୁଦ୍ର ମୋହନ ନାଏକ, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ଅତିଥିମାନେ ଗନ୍ଧମାର୍ଦ୍ଦନ ପାହାଡ, ହରିଶଙ୍କର ମନ୍ଦିରର ଇତିହାସ, ପୌରାଣିକ କଥାବସ୍ତୁ, ଲୋକକଥା ଉପରେ ଆଲୋକପାତ କରିବା ସହିତ ମନ୍ଦିରର ଉନ୍ନତି ଉପରେ କହିଥିଲେ। କାର୍ଯ୍ୟକ୍ରମକୁ ଦେବୋତ୍ତର କମିଟି ସଦସ୍ୟ ଡ. ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଥମ ମଞ୍ଚରେ ମା' ଭୂଇଁରାଣୀ କଳାମନ୍ଦିର, ଭୁବନେଶ୍ୱରର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ତମିଆଁ ଗାଁର ରାମଲୀଳା ମଞ୍ଚସ୍ଥ ହୋଇଥିଲା। ସେହିପରି ନିତା ନୃତ୍ୟାଙ୍ଗନା, ଢେଙ୍କାନାଳର ସାନ୍ତାଳୀ ନୃତ୍ୟ, ପ୍ରତିଭା କଳାହାଣ୍ଡିର ସିଂହାରୀ ନୃତ୍ୟ, ବଡଜମ୍ପାନି ମୟୁରଭଞ୍ଜର ଛଉ ନୃତ୍ୟ, କୃଷ୍ଣପ୍ରିୟା କଳାପରିଷଦ, ତୁଷୁରା ସାନବଡ଼ ଦଳର ଘୁଡୁକା ନାଚ ଓ ସତୀଘାଟର ଧରିତ୍ରୀ ଦଣ୍ଡ ନୃତ୍ୟ ପରିବେଷିତ ହୋଇଥିଲା।


ଚତୁର୍ଥ ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଘର ତାଲା ଭାଙ୍ଗି ସୁନା ଗହଣା ଚୋରି


ଘର ଭିତରେ ବିଛାଡ଼ି ହୋଇ ପଡ଼ିଥିବା ଅସବାବପତ୍ର।

## ଘରେ କେହି ନ ଥିବାର ସୁଯୋଗ ନେଲେ ଦୁର୍ବୃତ୍ତ

ସମ୍ବଲପୁର,୧୧।୫(ପ୍ରମୋଦ ବହିଦାର)

ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ସାକ୍ଷୀପଡ଼ାରେ ଜଣେ ବ୍ୟକ୍ତଙ୍କ ଭଡା ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସୁନା ଗହଣା ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଚୋରିର ଶିକାର ହୋଇଛନ୍ତି ସତ୍ୟନାରାୟଣ ସି। ଅଶୋକ ପାତ୍ରଙ୍କ ଘରେ ଭଡାରେ ରହୁଥିବା ସତ୍ୟନାରାୟଣ ଗତ ୯ ତାରିଖରେ ପରିବାର ସହ ଆନ୍ଧ୍ରପ୍ରଦେଶରେ କାକିନାଡ଼ା ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗରେ ଉକ୍ତ ରାତିରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଘରେ ପଶି ସୁନା ଓ ରୂପା ଗହଣା ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରି ନେଇଛନ୍ତି। ଏନେଇ ଘର ମାଲିକ ଅଶୋକ କୁମାର ପାତ୍ରଙ୍କ ପକ୍ଷରୁ ଧନୁପାଲି ଥାନାରେ ଏତଲା ଦିଆଯାଇଛି। ତାଙ୍କ ଏତଲା ଆଧାରରେ ଧନୁପାଲି ଥାନାରେ ଏକ ମାମଲା(ନଂ.୧୨୨/୨୫)ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

ଅଭିଯୋଗ ଅନୁସାରେ ଘର ମାଲିକ ଅଶୋକ ପାତ୍ର ଗତ ୯ ତାରିଖ ବିଳମ୍ବିତ ରାତିରେ ଉପରମହଲାରେ ଶବ୍ଦ ଶୁଣି ଘରୁ ବାହାରିବାକୁ ଚେଷ୍ଟା କରିଥିଲେ। ମାତ୍ର ତାଙ୍କ ଘର ବାହାର ପଟୁ ବନ୍ଦ ରହିଥିଲା। ପରେ ସେ ପଡ଼ୋଶୀଙ୍କୁ ଫୋନରେ ଡାକିଥିଲେ। ମାତ୍ର ଭୟରେ କେହି ତାଙ୍କ ଘରକୁ ନ ଆସିବାରୁ ସେ ନିଜେ ପୋଲିସ ପିସିଆରକୁ ଫୋନ କରିଥିଲେ। ପିସିଆର୍ ତାଙ୍କ ଘରେ ପହଞ୍ଚି କବାଟ ଖୋଲି ପାତ୍ରଙ୍କୁ ଉଦ୍ଧାର କରିଥିଲେ। ଏହାବାଦ ଘର ମାଲିକଙ୍କ ସହିତ ଉପରମହଲାକୁ ଯାଇ ଦେଖିଲା ପରେ ଘରେ ଭଡ଼ାରେ ରହୁଥିବା ସତ୍ୟନାରାୟଣ ସିଙ୍କ ଘର କବାଟ ଖୋଲା ଥିବା ଦେଖିବାକୁ ପାଇଥିଲେ। ଭିତରେ ଆଲମିରା ଖୋଲାଥିବା ଓ ସାମଗ୍ରୀ ଏଣେ ତେଣେ ବିଛାଡ଼ି ହୋଇ ପଡ଼ିଥିବା ଦେଖାଯାଇଥିଲା। ଭଡାରେ ରହିଥିବା ସିଙ୍କୁ ଘର ମାଲିକ ଖବର ଦେଇଥିଲେ। ପୋଲିସ ଉପସ୍ଥିତିରେ ଯାଞ୍ଚ ପରେ ଆଲମାରିରେ ଥିବା ସୁନା, ରୁପା ଓ ଅନ୍ୟାନ୍ୟ ସାମଗ୍ରୀ ନ ଥିବା ଜଣାପଡିଥିଲା। ସୋମବାର ସତ୍ୟନାରାୟଣଙ୍କ ପରିବାର ସମ୍ବଲପୁର ଆସୁଥିବା ସୂଚନା ଦେଇଛନ୍ତି। ପିସିଆର୍ ଘଟଣାସ୍ଥଳକୁ ଆସିଲା। ହେଲେ ମାତ୍ର ଏତଲା ଦେବା ପରେ ମଧ୍ୟ ପୋଲିସ ଘଟଣାସ୍ଥଳକୁ ଆସି ଯାଞ୍ଚ ନ କରିବା ପରିତାପର ବିଷୟ ବୋଲି ଚୋରିରଶିକାର ପରିବାର ପକ୍ଷରୁ କୁହାଯାଇଛି।

# ଭାରତୀୟ ସମାଜ ମାତୃଶକ୍ତି ଉପରେ ପର୍ଯ୍ୟବସିତ

## କୁଲତା ସମାଜ ସମ୍ବଲପୁର ପକ୍ଷରୁ ମାତୃଦିବସ

ସମ୍ବଲପୁର,୧୧।୫(ଭବାନୀ ଶଙ୍କର ଭୋଇ)

କୁଲତା ସମାଜ ସମ୍ବଲପୁରର ପକ୍ଷରୁ ରବିବାର ଦାନିପାଲିସ୍ଥିତ ରଣେଶ୍ୱର ରାମଚଣ୍ଡୀ ସେବା ସଦନଠାରେ ମାତୃଦିବସ ଅବସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। କୁଲତାସମାଜ ସମ୍ବଲପୁର ସଭାପତି କୃପାସିନ୍ଧୁ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନ୍ତର୍ଜାତୀୟ ମାତୃଦିବସ ପାଳନ କରାଯାଇଥିଲା। ଭାରତୀୟ ସମାଜ ମାତୃଶକ୍ତି ଉପରେ ପର୍ଯ୍ୟବେଶିତ ଏବଂ ଆମେ ଇଷ୍ଟଦେବୀଙ୍କୁ ସମସ୍ତ ଶକ୍ତିର ଆଧାର ଭାବେ ଗ୍ରହଣ ବୋଲି ଗବେଷକ ଲକ୍ଷ୍ମଣ ପ୍ରଧାନ ମତପୋଷଣ କରିଥିଲେ। ଯେଉଁ ସମାଜ ମାତୃଶକ୍ତିକୁ ଉପଯୁକ୍ତ ସମ୍ମାନ ଦେଇଥାଏ ସେହି ସମାଜ ସେତିକି ଅଗ୍ରଗତି କରିଥାଏ ବୋଲି ଭକ୍ତବନ୍ଧୁ ପ୍ରଧାନ କହିଥିଲେ। ଏହି ଅବସରରେ ଦେଶ ମାତୃକା ପାଇଁ ସୀମାରେ ରହି ଲଢେଇ କରୁଥିବା ଭାରତୀୟ ସୈନ୍ୟମାନେ ଦେଖାଇଥିବା ପରାକ୍ରମ ଏବଂ ଶୌର୍ଯ୍ୟ ନେଇ ଦେଶବାସୀ ଗର୍ବ ଅନୁଭବ କରୁଥିବା ମତପ୍ରକାଶ ପାଇଥିଲା। ବୈଠକରେ ସେମାନଙ୍କ ମଙ୍ଗଳ କାମନା କରି ଶ୍ରୀରଣେଶ୍ୱର ରାମଚଣ୍ଡୀଙ୍କଠାରେ ପ୍ରାର୍ଥନା କରାଯାଇଥିଲା। ଏହାପରେ ଆଗାମୀ ଶୀତଳଷଷ୍ଠୀ ଯାତ୍ରା ଅବସରରେ ପ୍ରତିବର୍ଷ ଭଳି କୁଲତା ସମାଜ ପକ୍ଷରୁ କରାଯାଉଥିବା ସେବା କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୁଲତା ସମାଜର ପୁଷ୍ପାଞ୍ଜଳି ପ୍ରଧାନ, ଗୀତାଞ୍ଜଳି ପ୍ରଧାନ, ନଳିନୀ ପ୍ରଧାନ, ପଦ୍ମିନୀ ପ୍ରଧାନ, ନିତୁ ପ୍ରଧାନ, ଦେବଦତ୍ତ ସାହୁ, ମୁରଲୀ ପ୍ରଧାନ, ଛେଲିଆ ପ୍ରଧାନ, ଅକ୍ଷୟ ପ୍ରଧାନ, ଜଟାଭୂଷଣ ସାହୁ ପ୍ରମୁଖ ସାମିଲ ହୋଇଥିଲେ। କୁଲତା ସମାଜ ସାଧାରଣ ସମ୍ପାଦକ ରଞ୍ଜନ ପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।


ମାତୃଦିବସ ଅବସରରେ ଉପସ୍ଥିତ କୁଲତା ସମାଜ ସଦସ୍ୟା ବୃନ୍ଦ।

# ଭୁବନେଶ୍ୱର ଉଗ୍ରତାରା କ୍ରିକେଟ କ୍ଲବ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଉଗ୍ରତାରା କ୍ରିକେଟ କ୍ଲବର ସଦସ୍ୟମାନେ।

## ସିଲଭର ଜୁବିଲି କ୍ରିକେଟ

ସମ୍ବଲପୁର,୧୧।୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ରେମେଡ ମୋଦି ପଡିଆରେ ଚାଲିଥିବା ସିଲଭର ଜୁବିଲି ମେମୋରିଆଲ ରାତ୍ରକାଳୀନ କ୍ରିକେଟ ପ୍ରତିଯୋଗିତା ଶନିବାର ମଧ୍ୟରାତିରେ ଉଦ୍‌ଯାପିତ ହୋଇଯାଇଛି। ରେମେଡ କ୍ରାନ୍ତି କ୍ଲବ ଆୟୋଜିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ସମ୍ବଲପୁରର ମା' ମେଟାକାନୀ କ୍ରିକେଟ କ୍ଲବ ଏବଂ ଭୁବନେଶ୍ୱରର ଉଗ୍ରତାରା କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ମେଟାକାନୀ କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଉଗ୍ରତାରା କ୍ରିକେଟ କ୍ଲବ ଦଳ ୮ ଓଭରରେ ୫ ଉଇକେଟ ହରାଇ ୧୦୪ ରନ କରିଥିଲା। ଦଳର ଦେବାଶିଷ ପାଟଶାଣୀ ୧୨ ବଲରେ ୩୬ ରନ ଓ ଇମ୍ରାନ ଖାନ ୨୯ ରନ କରିଥିଲେ। ସମ୍ବଲପୁର ପକ୍ଷରୁ ବୀରେନ ଗୋଟିଏ ଓଭରରେ ୬ ରନଦେଇ ୨ଟି, ରାମ ରତନ ନାୟକ ଏବଂ ଅଭିଶେକ ସ୍ୱାଇଁ ପ୍ରତ୍ୟେକ ଗୋଟିଏ କରି ଉଇକେଟ ନେଇଥିଲେ। ଜବାବରେ ମେଟାକାନୀ କ୍ରିକେଟ କ୍ଲବ ଆରମ୍ଭରୁ ଭଲ ଖେଳ ପ୍ରଦର୍ଶନ କରିବା ସତ୍ତ୍ୱେ ନିର୍ଦ୍ଧାରିତ ୮ ଓଭରରେ ୧୦୧ ରନ କରି ପରାଜିତ ହୋଇଥିଲା। ଉଗ୍ରତାରା କ୍ଲବର ଦେବାଶିଷ ପଟଶାଣୀ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ମେଟାକାନୀ କ୍ରିକେଟ କ୍ଲବର କିରଣ ଖାନ ମ୍ୟାନ ଅଫ ଦ ସିରିଜ ହୋଇଥିଲେ। ଉଦ୍‌ଯାପନୀ ସମାରୋହ ସକାଳ ୩ଟା ୩୦ରେ ହୋଇଥିଲା। ମୁଖ୍ୟ ଅତିଥିଭାବେ ଭାଜପାର ନେତା ସମୀର ରଞ୍ଜନ ବାବୁ, ସମ୍ମାନୀତ ଅତିଥି ସୁଧୀର ବହିଦାର ଓ ରାହୁଲ ମୋଦକ ଯୋଗ ଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ୨୪ବର୍ଷ ପୂର୍ବରୁ ପ୍ରତିଯୋଗିତା ଆରମ୍ଭ କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନୀତ କରାଯାଇଥିଲା। ପ୍ରତିଯୋଗିତା ଆୟୋଜନରେ ବୃନ୍ଦାବନ ମହନ୍ତମ, ରାମା ଭୋଇ, ମୁକେଶ ପ୍ରଧାନ, ପଞ୍ଚାୟତ ମନ୍ତ୍ରୀ, ଲୋକେଶ ପାଣ୍ଡେ, ଅପୁ ପ୍ରଧାନ, କାଳିଆ ମଲିକ ଓ ରେମେଡର ବହ ଯୁବକ ସହଯୋଗ କରିଥିଲେ।

# ରିଲ୍‌ସ କରିବା ହେଲା କାଳ

## ପୋଲ ତଳକୁ ଖସି ଚାଳକ ମୃତ

ଲହୁଣୀପଡା,୧୧।୫(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଚୂନା ଘାଟିର ଏକ ପୋଲ ତଳୁ ଶନିବାର ଜଣେ ଚାଳକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଉତ୍ତରପ୍ରଦେଶର ଭବାନୀ ଥାନା ଅନ୍ତର୍ଗତ ଛାକଛପକୀ ଅଞ୍ଚଳର ସୁରେଶ କୁମାର (୩୦)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଚାଳକ ଜଣକ ଗାଡ଼ି ଛିଡ଼ାକରି ରିଲସ କରୁଥିବା ବେଳେ ଅସାବଧାନତା ଯୋଗୁ ପୋଲ ତଳକୁ ଖସି ପଡ଼ି ମୃତ୍ୟୁବରଣ କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ସୂଚନାରୁ ପ୍ରକାଶ, ଟ୍ରକ ଲହୁଣୀପଡା ପଟୁ କୋଇଡା ଖଣି ଅଞ୍ଚଳକୁ ଯାଉଥିବା ବେଳେ ଚୂନା ଘାଟିର ଏକ ପୋଲ ନିକଟରେ ଚାଳକ ଗାଡ଼ି ଛିଡ଼ା କରିଥିଲେ। ଅନେକ ସମୟ ଧରି ଟ୍ରକ ଛିଡ଼ା ହେବା ଦେଖି ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। ସବୁଆଡ଼େ ଖୋଜାଖୋଜି କରିବା ପରେ ପୋଲ ତଳେ ଚାଳକଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। କେ. ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ରବିବାର ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

# ସଙ୍ଗଠନ ସୁଦୃଢ଼ କରିବା ଉପରେ ଗୁରୁତ୍ୱ


ବୈଠକରେ ମଞ୍ଚାସୀନ କର୍ମକର୍ତ୍ତାବୃନ୍ଦ।

## ନିଖିଳ ଉତ୍କଳ ଶୁଣ୍ଡି ସମାଜ ରାଜ୍ୟ ପରିଷଦ ବୈଠକ

### ବିକ୍ରମ କେଶରୀ ସାହୁ ରାଜ୍ୟ ସଭାପତି, ଉଦୟ ନାଥ ସାହୁ ସାଧାରଣ ସମ୍ପାଦକ

ସମ୍ବଲପୁର,୧୧।୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ରବିବାର ନିଖିଳ ଉତ୍କଳ ଶୁଣ୍ଡି ସମାଜର ରାଜ୍ୟ ସାଧାରଣ ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ରାଜ୍ୟ ସଭାପତି ବିକ୍ରମ କେଶରୀ ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରାଜ୍ୟସ୍ତରୀୟ କର୍ମକର୍ତ୍ତା ଓ ରାଜ୍ୟର ୩୦ ଗୋଟି ଜିଲାର ଶୁଣ୍ଡି ସମାଜର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଶୁଣ୍ଡି ସମାଜର ଆର୍ଥିକ ସାମାଜିକ ସ୍ଥିତି ଏବଂ ସମାଜର ବିକାଶ ଦିଗରେ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ସମଗ୍ର ରାଜ୍ୟରେ ସଙ୍ଗଠନକୁ ସୁଦୃଢ଼ କରାଯିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଏଥିରେ ଆଗାମୀ ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ପୁଣିଥରେ ନିଖିଳ ଉତ୍କଳ ଶୁଣ୍ଡି ସମାଜର ରାଜ୍ୟ ସଭାପତି ଭାବେ ବିକ୍ରମ କେଶରୀ ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସାଧାରଣ ସମ୍ପାଦକଭାବେ ଉଦୟନାଥ ସାହୁ, ସମ୍ପାଦକ ପ୍ରଭାତ ସାହୁ, କୋଷାଧ୍ୟକ୍ଷ ଶରତ କୁମାର ସାହୁ, ମହିଳା ସଭାନେତ୍ରୀ ଭାବେ ସୁନନ୍ଦା ସାହୁ ଏବଂ ପୃଥ୍ୱୀରାଜ ବେହେରାଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଚୟନ କରାଯାଇଥିଲା। ବୈଠକରେ ସାରା ରାଜ୍ୟର ଶୁଣ୍ଡି ସମାଜର ଲୋକ ଭୁବନେଶ୍ୱରକୁ ନିୟମିତ ଯିବା ଆସିବା କରୁଥିବା ବେଳେ ସେଠାରେ ଶୁଣ୍ଡି ସମାଜ ଭବନ ନିମାଣ ପାଇଁ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିପାଇଁ ସମାଜର ସଦସ୍ୟମାନଙ୍କଠାରୁ ପାଣ୍ଠି ସଂଗ୍ରହ ସମେତ ସମାଜର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ବୈଠକରେ ସମାଜର ରାଜ୍ୟ ପ୍ରତିନିଧି ଓ ଜିଲା ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବୈଠକରେ ସମାଜର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ପ୍ରତାପ ଚନ୍ଦ୍ର ବେହେରା, ଗୋବିନ୍ଦ ଚନ୍ଦ୍ର ସାହୁ, ଉପଦେଷ୍ଟା ପ୍ରଭାକର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ବସନ୍ତ କୁମାର ସାହୁ, ଡ. ପାଣ୍ଡବ ବେହେରା, କୃଷ୍ଣ କୁମାର ଗୁପ୍ତା ମଞ୍ଚାସୀନ ଥିଲେ। ବୈଠରେ ସାରା ରାଜ୍ୟରୁ ପ୍ରାୟ ଆଠଶହ ସଦସ୍ୟ ସାମିଲ ହୋଇଥିଲେ। କୈଠକ ଆୟୋଜନରେ ଶୁଣ୍ଡି ସମାଜ ସମ୍ବଲପୁର ଜିଲା ସଭାପତି ଖଡିରତ୍ନ ବେହେରା, ସମ୍ପାଦକ ଧ୍ରୁବେଇ ଚରଣ ସାହୁ, କୋଷାଧ୍ୟକ୍ଷ ଲଳିତ ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦାଶରଥୀ ବେହେରା ଏବଂ ନରେନ୍ଦ୍ର ବେହେରା ମଞ୍ଚ ସଂଚାଳନ୍ତ କରିଥିଲେ।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. 03-KUR-TRD-OT-2025-26

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବାରଙ୍ଗ - ରାଜ ଆଠଗଡ଼ ସେକ୍ସନରେ ଘଣ୍ଟିଖାଲ ନିଧିପୁର ୟାର୍ଡରେ RLY.KM.432/32-34ରେ ଲେଭଲ କ୍ରସିଂ ସଂଖ୍ୟା JB-07 ସ୍ଥାନରେ ପ୍ରସ୍ତାବିତ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ ପାଇଁ OHE ସଂଶୋଧନ କାର୍ଯ୍ୟର ନିଷ୍ପାଦନ।

**ବିଜ୍ଞାପିତ ମୂଲ୍ୟ (₹):** 9,46,018.79, EMD (₹) : 18,900.00, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.15.05.2025ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.05.2025 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-115/Q/25-26



## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-245

**କାର୍ଯ୍ୟର ନାମ :** ତାରମାଲ ଷ୍ଟେସନରେ ଡବଲ ଡାଇମଣ୍ଡ ଫର୍ମେସନ ଉଦ୍ଦେଶରେ ପଥ ଆଲୋକୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ** ₹ 36,59,828.68, EMD : ₹ 73,200.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.28.05.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକକୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-111/Q/25-26



## ODISHA HYDRO POWER CORPORATION LIMITED

OHPC
BALIMELA HYDRO ELECTRIC PROJECT: POST: BALIMELA
DIST:MALKANGIRI (ODISHA), PIN:764051
Phones:06861-291058(O)/ 06861-291048 (R), Fax:06861-232541
E-Mail:bhep.balimela@gmail.com, unit.head_balimela@yahoo.com
CIN:U40101OR1995SGC003963, GSTIN-21AAACO2575P1Z9

**TENDER CALL NOTICE No.BHEP/TECH/09/2025-26, Dtd.09.05.2025**

**No.CAD-384:** Sealed tenders are invited in two part bid basis (Technical & Commercial Bid) from the **Registered Firms/ Manufacturers/ Authorized Dealers/ Chanel Partners** for supply of materials as detailed below.

| Sl. No. | Description of Items | Cost of Tender Paper in Rs. | E.M.D. in shape of D.D./B.C. |
|---|---|---|---|
| 1 | "Supply of different types of SKF Make bearings for BHEP, Balimela. | Rs.7080/- Inclusive of GST @ 18% | 1% (One Percent) of the quoted amount |

The Sale of Tender Paper will be from : 09.00 hrs. of 13.05.2025 to 11.00 hrs. of 28.05.2025
The last date & time of receipt of tenders : Upto 12.00 hrs. of Dt.28.05.2025
Date and time of opening of the Techno Commercial Bid : Dt.28.05.2025 at 12.30 Hrs.

For details of tender documents, Terms and Conditions, Eligibility criteria and downloading, please visit our website at www.ohpcltd.com

Sd./- C & P Head
BHEP, Balimela
OIPR-04019/11/0083/2526



## DISTRICT PROJECT OFFICE RTE-SAMAGRA SHIKSHA KANDHAMAL

MAIN ROAD PHULBANI-762001
E-Mail: dpcssakandhamal@gmail.com, Ph.06842-255480

**ADVERTISEMENT**

No.1600//GE//25//dt.9.5.2025
File No. IV-3/2025

No.n-43: Applications are hereby invited from eligible candidates for engagement of warden for Girls hostel of the Odisha Adarsha Vidyalaya Chakapad, Kudutuli (K.Nuagaon) & Jalespata (Tumudibandh) of Kandhamal district. The applications in the prescribed format must be sent by Speed Post/Registered Post addressing to the Principal OAVs of the concerned blocks of the Kandhamal District by 02.06.2025. The application must superscribe the name of the post in capital letter on the top of the envelope, otherwise the application will be rejected. The Principal concerns of OAVs reserves the right to cancel any or all the proposals without assigning any reason thereof.

The Prescribed format alongwith details guideline & address of concern OAVs for the above post may be downloaded from the Kandhamal district website **https://kandhamal.nic.in & https://osepa.odisha.gov.in.**

By the order of the Collector-cum-Chairperson, OAV, Kandhamal
OIPR-27059/11/0012/2526 Sd./- DEO-cum-DPC, SS, Kandhamal



## OFFICE OF THE PANCHAYAT SAMITI KORUKONDA

No.1947/VI-159/2025/SETU/Dev. Dated 9.05.2025

**TENDER CALL NOTICE NO.-01/2025-26**

No.i-91:Sealed Tender in the prescribed form to be eventually drawn up in PWD Form P-1(Percentage Rate Bids) in conformity with detailed Tender Call Notice are invited by the Block Development Officer, Korukonda on behalf of Government of Odisha for tenders for construction of various work as mentioned below from eligible Contractors registered with the State Government and Contractor of equivalent grade/class registered with Central Government/MES/ Railways, having registration for Civil works on production of definite proof from the appropriate authority. The detailed of the works are available in the Website https://malkangiri.odisha.gov.in and Office Notice Board. Any further deviation/ corrigendum will be available in the above website.

| | |
|---|---|
| Name of the Works | Construction of various works in different G.Ps of Korukonda Block under SETU/BKBK/VSS |
| No. of Works | 21 Nos. (Twenty One) Only |
| Amount put to Tender | As laid down in the DTCN/Tender Call Notice |
| Tender Paper Cost | As laid down in the DTCN/Tender Call Notice |
| E.M.D. Amount required | As laid down in the DTCN/Tender Call Notice |
| Period of Completion | As laid down in the DTCN for each work |
| Date of Sale of Tender Paper | The Bid documents can be downloaded from the Govt. Website https://malkangiri.odisha.gov.in from 13.05.2025 to 26.05.2025 |
| Date of Receipt of Tender Paper | From 13.05.2025 to 26.05.2025 upto 1.00 PM (in working days) through Registered Post/ Speed Post only |
| Date of Opening of Tender Papers | At 08.00 A.M. on dated 28.05.2025 in the Office of the Block Development Officer, Korukonda in presence of Tenderer / their authorized representatives. |

If the last date of receipt of tender paper turns out be a holiday, It will automatically be extended to next working day.

Sd./- Block Development Officer
Korukonda
OIPR-19021/11/0007/2526

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ନୂଆପଡା,୧୧।୫ (ମକାରୁ ବେମାଲ)

ଚେନ୍ନାଇରେ ଦାଦନ ଖଟିବାକୁ ଯାଇଥିବା ନୂଆପଡା ଜିଲା କୋମନା ଥାନା କୋନାବିରା ଗାଁର ଜଣେ ଯୁବକଙ୍କ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି



ମୃତ୍ୟୁ ଘଟିଛି। ସେ ହେଲେ କୋନାବିରା ଗାଁର ପୂର୍ଣ୍ଣ ପରାଭୁଏ (୩୨) । ପୂର୍ଣ୍ଣ ତାଙ୍କ ସ୍ତ୍ରୀ ସହ ୩ ପିଲାଙ୍କୁ ସାଙ୍ଗରେ ଧରି ଗତ ଜାନୁଆରୀ ମାସରେ ଚେନ୍ନାଇ ଯାଇଥିଲେ। ସେଠାରେ ଟି-୧୧ ତିରୁନିନରାବୁର ପୋଲିସ ଷ୍ଟେଶନ ପଚ୍ଚାବିରମ ରେଞ୍ଜ ଅଞ୍ଚଳରେ ଇଟା ତିଆରି କାମ କରୁଥିଲେ। ରବିବାର ସକାଳେ ମାଲିକଙ୍କ ଗାଡ଼ି ଧୋଉଥିବା ସମୟରେ ପୂର୍ଣ୍ଣ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଗାଁରୁ ପରିବାର ଲୋକେ ମୃତଦେହ ଆଣିବା ପାଇଁ ଚେନ୍ନାଇ ଯାଇଛନ୍ତି। ସେ ଜଣେ ଗରିବ ପରିବାର ହୋଇଥିବାରୁ ଘର ମୁଖିଆ ଚାଲିଯିବା ପରେ ବେସାହାରା ହୋଇପଡିଛନ୍ତି । ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।

### ପାଣି ପାଇଁ ପଡ଼ାବାସୀ ହନ୍ତସନ୍ତ

ରିଷିଡା,୧୧।୫(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ରଣାପଡ଼ା ଓ ପାଟଖଣ୍ଡା ମନ୍ଦିର ପଡ଼ାର ପ୍ରାୟ ୩୦୦ ପରିବାର ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ପଡ଼ାରେ ସରକାରଙ୍କ ପକ୍ଷରୁ ସପ୍ଲାଏ ପାଣି ପାଇପ ବ୍ୟବସ୍ଥା କରାଯାଇଥିଲେ ହେଁ ତାହା ମାସେରୁ ଅଧିକ ଦିନ ହେବ ଅଚଳ ହୋଇପଡ଼ିଛି। ପଡ଼ାରେ ଗୋଟିଏ ନଳକୂପ ଥିଲେ ମଧ୍ୟ ସେଥିରୁ ପର୍ଯ୍ୟାପ୍ତ ପାଣି ମିଳୁନି। ବର୍ତ୍ତମାନ ସମଗ୍ର ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାରଦ ୪୪ ଡିଗ୍ରୀ ଉପରେ ରହୁଛି। ତୁରନ୍ତ ଏହି ସମସ୍ୟା ସମାଧାନ କରିବାକୁ ପଡ଼ାବାସୀ ଦାବି କରିଛନ୍ତି।

### ଷୋହଳ ପ୍ରହର ନାମଯଜ୍ଞ

ଖଡ଼ିଆଳ,୧୧।୫(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବଡ଼ ଦଧିବାବନ ମନ୍ଦିର ପୂଜା କମିଟି ପକ୍ଷରୁ ଷୋହଳ ପ୍ରହର ନାମଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧିବାସ ଦିନ ୧୦୮ କଳସ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। ନାମଯଜ୍ଞରେ କର୍ତ୍ତା ଭାବେ ପ୍ରମୋଦ ଠାକୁର ଓ ତାଙ୍କ ସ୍ତ୍ରୀ କଳ୍ପନା ଠାକୁର ଦାୟିତ୍ୱ ନେଇଥିବା ବେଳେ ପୂଜକ ଭାବେ ସୁଦର୍ଶନ ଠାକୁର, ଶକ୍ତି ଯୋଶୀ, ଯଦୁ ମହାଉତି ଦାୟିତ୍ୱ ନିର୍ବାହ କରିଥିଲେ। ଶୈଳେନ୍ଦ୍ର ମୋହନ ପାଣିଗ୍ରାହୀ, ଆଶିଷ ପଣ୍ଡା, ଅର୍ଜୁନ ପ୍ରସାଦ ପଣ୍ଡା, ବିଜୟ ପାଢ଼ୀ, ଚତୁର୍ଭୁଜ କାଣ୍ଡ, ଆନନ୍ଦ ବାରିକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀମାନେ ସହଯୋଗ କରୁଛନ୍ତି। ଏହି ନାମଯଜ୍ଞର ବୁଧବାର ସକାଳେ ପୂର୍ଣ୍ଣାହୁତି ହେବ।

# ମନ୍ଥର ଗତିରେ ଚାଲିଛି ନିର୍ମାଣ କାର୍ଯ୍ୟ

- ଏ ଯାଏଁ ସରିନି ୪୦ ପ୍ରତିଶତ କାମ
- ଭବାନୀପାଟଣା ରେଲଷ୍ଟେଶନ ନବୀକରଣ କାର୍ଯ୍ୟ

ଭବାନୀପାଟଣା,୧୧।୫ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ରେଳ ଷ୍ଟେଶନର ନିର୍ମାଣ କାମ ଅତ୍ୟାଧୁନିକ ଢାଞ୍ଚାରେ ହେବା ପାଇଁ ସ୍ଥାନୀୟ ଲୋକେ ଆଶା କରୁଥିଲେ। ନିର୍ମାଣ କାର୍ଯ୍ୟ ଦୀର୍ଘ ଦିନଧରି ଆରମ୍ଭ ହୋଇଥିବା ସତ୍ତ୍ୱେ ପରେ ମନ୍ଥର ଗତିରେ ଚାଲିବା ଓ କାର୍ଯ୍ୟ ଅଟକିଯିବା ଯୋଗୁ ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଥିଲା। କିଛିଦିନର ବ୍ୟବଧାନ ପରେ ଗତ ୭ଦିନ ହେବ ପୁଣି କାର୍ଯ୍ୟ ଆରମ୍ଭ ହୋଇଛି। ତାହା କେତେଦିନ ଚାଲିବ କି ବନ୍ଦ ହେବ କୌଣସି ଗ୍ୟାରେଣ୍ଟି ନାହିଁ। କେନ୍ଦ୍ର ସରକାରଙ୍କ ଅମୃତ ଭାରତ ଯୋଜନାରେ ଭବାନୀପାଟଣା ରେଳ ଷ୍ଟେଶନକୁ ସାମିଲ କରିବା ବର୍ଷେ ପୁରିଲାଣି। ହେଲେ ଏଯାବତ ୪୦ପ୍ରତିଶତ ନିର୍ମାଣ କାର୍ଯ୍ୟ ହୋଇପାରିନାହିଁ।

ଅମୃତ ଭାରତ ଯୋଜନାରେ ଦେଶର ୫୦୮ଟି ରେଳ ଷ୍ଟେଶନର ପୁନଃବିକାଶ କରିବା ଲକ୍ଷ୍ୟ ରଖାଯାଇଥିଲା। ତାଲିକାରେ ଓଡ଼ିଶାର ୨୫ଟି ଷ୍ଟେଶନ ମଧ୍ୟରୁ ଭବାନୀପାଟଣା ରେଳ ଷ୍ଟେଶନ ସ୍ଥାନ ପାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭବାନୀପାଟଣା ରେଳ ଷ୍ଟେଶନର ଶିଳାନ୍ୟାସ କାର୍ଯ୍ୟକ୍ରମ ଭିଡିଓ କନଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଥିଲେ। ଅମୃତ ଭାରତ ଯୋଜନା ମାଧ୍ୟମରେ ଭବାନୀପାଟଣା ରେଳ ଷ୍ଟେଶନ ପାଇଁ ସରକାର ପ୍ରଥମ ପର୍ଯ୍ୟାୟରେ ୨୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଯାହାଦ୍ୱାରା ଭବାନୀପାଟଣା ରେଳ ଷ୍ଟେଶନ ବିଶ୍ୱ ସ୍ତରୀୟ ଷ୍ଟେଶନ ଭାବେ ପରିଣତ ହେବ। ଜିଲାର ଅନ୍ୟତମ କେସିଙ୍ଗା ରେଳ ଷ୍ଟେଶନକୁ ମଧ୍ୟ କେନ୍ଦ୍ର ସରକାର ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରିବାର ପ୍ରସ୍ତାବ ଥିବା ଜଣାପଡିଥିଲା। ବିଳମ୍ବ କାରଣରୁ ପୂର୍ବ ଏଷ୍ଟିମେଟଠାରୁ ଆଉ ୩କୋଟି ଟଙ୍କା ବୃଦ୍ଧି ପାଇବବୋଲି ସୂଚନା ମିଳିଛି। ଅମୃତ ଭାରତ ଷ୍ଟେଶନ ଯୋଜନାରେ ସାମିଲ ହୋଇଥିବା ଭବାନୀପାଟଣା ରେଳ ଷ୍ଟେଶନର ନବୀକରଣ କାର୍ଯ୍ୟ ଚାଲୁଛି ଯେତିକି ଝୁଲୁଛି ସେତିକି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ଫଳରେ ଯାତ୍ରୀମାନେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ବରିଷ୍ଠ ନାଗରିକଙ୍କ ପକ୍ଷରେ ଅଧିକ କଷ୍ଟ ଦାୟକ ପରିସ୍ଥିତି ଉପୁଜୁଥିବା ଲକ୍ଷ୍ୟ କରାଯାଇଛି। ଷ୍ଟେଶନ ନିର୍ମାଣ ଅବଧି ଶେଷ ହୋଇଥିଲେ ହେଁ ଆସନ୍ତା ବର୍ଷା ଋତୁ ପୂର୍ବରୁ ନିର୍ମାଣ କାର୍ଯ୍ୟ ସାରିବ ବୋଲି ସମ୍ବଲପୁର ରେଳ ବିଭାଗ ପକ୍ଷରୁ କୁହାଯାଇଛି। ନିର୍ମାଣ କାର୍ଯ୍ୟରେ ବିଳମ୍ବ ଘଟିବା ଯୋଗୁ ଉନ୍ନତମାନର ନିର୍ମାଣ କ୍ଷେତ୍ରରେ ସେତିକି ବିଶ୍ୱସନୀୟତା ରହୁନାହିଁ। କଳାହାଣ୍ଡି ରେଳ ଯାତ୍ରୀ ସଂଘର ଅଧ୍ୟକ୍ଷ ଡ. ଭବାନୀ ନିଆଲ ଓ ଅନ୍ୟମାନେ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ସୁବାଷଚନ୍ଦ୍ର ଚୌଧରୀଙ୍କୁ ଭେଟି ଜିଲାର ରେଳପଥ ସମସ୍ୟା ଏବଂ ଭବାନୀପାଟଣାସ୍ଥିତ ନିର୍ମାଣଧିନ ଷ୍ଟେଶନର ବାସ୍ତବ ଚିତ୍ର ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାର ରେଳ ସେବା କ୍ଷେତ୍ରରେ ଜୁନାଗଡ଼-ଭୁବନେଶ୍ୱର ରେଳକୁ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ, ନର୍ଲା ଜମି ସମ୍ବନ୍ଧିତ ସମସ୍ୟାକୁ ସମାଧାନ କରି ନର୍ଲା ଲୋକମୋଟିଭ ପ୍ରୋଜେକ୍ଟକୁ ଅତିଶୀଘ୍ର ଆରମ୍ଭ କରିବା, କେସିଙ୍ଗା ଷ୍ଟେଶନରେ ଉଭୟ ଏକ୍ସପ୍ରେସ ଏବଂ ପାସେଞ୍ଜର ଟ୍ରେନରେ ଅନଲୋଡିଂ ସୁବିଧା, କେସିଙ୍ଗାଠାରୁ ଭୁବନେଶ୍ୱରକୁ ସିଧାସଳଖ ଟ୍ରେନ, ସପ୍ତାହରେ ୩ ଦିନ କେସିଙ୍ଗା ସମସ୍ତ ଡାଉନ ଟ୍ରେନ ୪ ନଂ ପ୍ଲାଟଫର୍ମରେ ଦେବା, କେସିଙ୍ଗା ଷ୍ଟେଶନର ନବୀକରଣ କାର୍ଯ୍ୟ ହାତକୁ ନେବା, ନର୍ଲା, ରୁପ୍ରା ରୋଡ, ଲାଞ୍ଜିଗଡ ରୋଡ ଜୁନାଗଡ, ଧର୍ମଗଡ଼, ରାମଚନ୍ଦ୍ରପୁର, ଦେପୁରରର ବିଭିନ୍ନ ଦାବି, ନର୍ଲାରୋଡ଼ ଷ୍ଟେଶନରେ ସମତା, ତିରୁପତି ଓ ଧନବାଦ ଏକ୍ସପ୍ରେସ ଟ୍ରେନ ରହଣି ଏବଂ ଭବାନୀପାଟଣା ଓ ଜୁନାଗଡ଼ ରେଲୱେ ଷ୍ଟେଶନରେ ଦ୍ୱିତୀୟ ନଂ ପ୍ଲାଟଫର୍ମ ନିର୍ମାଣ ପ୍ରମୁଖ ଦାବି ଉପରେ ରେଳ ମନ୍ତ୍ରାଳୟ ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି। ସର୍ବୋପରି ଭବାନୀପାଟଣା ରେଳ ଷ୍ଟେଶନର ଉନ୍ନତିକରଣ କ୍ଷେତ୍ରରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଦୀର୍ଘଦିନ ବିତିଯିବା ସତ୍ତ୍ୱେ ଆଖିଦୃଶିଆ କାର୍ଯ୍ୟ ହେଉ ନ ଥିବା ବିଷୟରେ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି।

ଏନେଇ ଦାୟିତ୍ୱରେ ଥିବା ସମ୍ବଲପୁର ରେଳ ବିଭାଗର ଯନ୍ତ୍ରୀ ଉଦିତ କିଚିନିଆଙ୍କୁ ପଚାରିବାରୁ, ନିର୍ମାଣ କାର୍ଯ୍ୟ ଧନବାଦସ୍ଥିତ ଏକ କନଷ୍ଟ୍ରକ୍ସନ ଗ୍ରୁପକୁ ଦିଆଯାଇଛି। ଶୀଘ୍ର ଯେପରି କାମର ଅଗ୍ରଗତି ହେବ ସେ ନେଇ ଆମେ ତଦାରଖ କରୁଛୁ । ଦୀର୍ଘ ଦିନର ଅନ୍ତର ପରେ ଗତ କିଛିଦିନ ହେବ ନିର୍ମାଣ କାର୍ଯ୍ୟ କରାଯାଉଛି ବୋଲି ସେ କହିଛନ୍ତି।



ଭବାନୀପାଟଣା ରେଳ ଷ୍ଟେଶନ।

### ହାତୀ ଆକ୍ରମଣରୁ ରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ

କେସିଙ୍ଗା,୧୧।୫(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବନ ବିଭାଗ ଅନ୍ତର୍ଗତ କୁର୍ଲୁପଡା ବନ ସୁରକ୍ଷା ସମିତି ପକ୍ଷରୁ ହାତୀ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତି ସମ୍ପାଦକ ତଥା ବନପାଳ ଯଶୋବନ୍ତ ନାଏକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨ଦିନ ଧରି ହାତୀପଲ ବଗାଡ଼ ,ଡୁମେରମୁଣ୍ଡା,ପରଲସିଙ୍ଗା ଅଞ୍ଚଳରୁ ସନ୍ଧ୍ୟା ସମୟରେ ବଜ୍ରଗଡ଼ ଜଙ୍ଗଲ ଆଡ଼କୁ ଆସୁ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ନିର୍ଦ୍ଦେଶରେ ବାଲସି,ପରଲସିଙ୍ଗା, ଶିରୋଲ ଗ୍ରାମ ପଞ୍ଚାୟତରେ ରାତି ୧୦ଟାରୁ ସକାଳ ୭ଟା ଯାଏ ବିଦ୍ୟୁତ୍‌କାଟ କରାଯାଉଛି। ସେଥିପାଇଁ ବନ ବିଭାଗର ବନପାଳ ଯଶୋବନ୍ତ ନାଏକ କେସିଙ୍ଗା ବନ ବିଭାଗ ଅଧୀନସ୍ଥ କୁର୍ଲୁପଡା ଗ୍ରାମରେ ବନ ସୁରକ୍ଷା ସମିତିର କର୍ମକର୍ତ୍ତାଙ୍କୁ ନେଇ ଏକ ସଚେତନତା ସଭା କରିଥିଲେ। ଯେଉଁ ଅଞ୍ଚଳକୁ ହାତୀ ପଲ ଆସନ୍ତି ତୁରନ୍ତ ବନ ବିଭାଗକୁ ସୂଚନା ଦେବାକୁ ସଚେତନତା କରାଯାଇଛି। ପ୍ରବଳ ଗ୍ରୀଷ୍ମପ୍ରବାହରେ ବନ୍ୟଜନ୍ତୁ ଓ ନିଆଁ ଦାଉରୁ କିପରି ଜଙ୍ଗଲ ସୁରକ୍ଷା କାରାଯିବ ସେ ବିଷୟରେ ବନପାଳ ଆଲୋଚନା କରିଥିଲେ।

# ବୈଶାଖ ମେଳା ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ସମସ୍ତ ଅତିଥି ଓ ମନ୍ଦିର ପରିଚାଳନା କମିଟି ସଦସ୍ୟବୃନ୍ଦ।

ନୂଆପଡା,୧୧।୫ (ମକାରୁ ବେମାଲ)

ନୂଆପଡ଼ା ଜିଲା ବୋଡେନ ବ୍ଲକ ପାତଲଗଙ୍ଗାଠାରେ ଶନିବାର ସନ୍ଧ୍ୟାରେ ନୃସିଂହ ଚତୁର୍ଦ୍ଦଶୀ, ବୁଦ୍ଧ ପୂର୍ଣ୍ଣିମା ଓ ବୈଶାଖ ମେଳା ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ମନ୍ଦିର ପରିଚାଳନା କମିଟି ସଦସ୍ୟ, ବିଭିନ୍ନ ରାଜନୈତିକ ଦଳ ନେତୃ ମଣ୍ଡଳୀ, ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କ ସହ ଏକ ବୈଠକ କରି ସମସ୍ତ ପ୍ରକାର ପ୍ରସ୍ତୁତି ଉପରେ ଅନୁଧ୍ୟାନ କରିଥିଲେ। ଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଗାୟତ୍ରୀ ମନ୍ଦିର, ଦୁର୍ଗା ମନ୍ଦିର, ଅଲେଖ ମଠ, ଗୌଣ୍ଡ ସମାଜର ବୁଢାଦେଓ ମନ୍ଦିର, ଶିବ ମନ୍ଦିର, ହନୁମାନ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଯୋଗଦାନ କରିଥିଲେ। ବୈଠକରେ ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲମ୍ବୋଦର ନିଆଲ, ବରିଷ୍ଠ ଓକିଲ ଯୋଗେନ୍ଦ୍ର ନାଥ ମାଝି, ଅତିନ୍ଦ୍ର ଜିତ୍‌ସିଂ ମଲ୍ଲିକ, ରାଜୁ ମାଝି, ରାଜୁ ହେର୍ଣ୍ଣା, ମଝିଆ ମାଝି, ନୀଳାମ୍ବର ମେହେର, ସଞ୍ଜୁ ଅଗ୍ରୱାଲ, ତୋପ ସିଂ ମାଝି ପ୍ରମୁଖ ଉପସ୍ଥିତ ରହି ପାତଲଗଙ୍ଗାଠାରେ ଥିବା ସମସ୍ୟା ଗୁଡିକର ସମାଧାନ ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ଉପ ଜିଲାପାଳ ଯୋଗେନ୍ଦ୍ର ମାଝି, ବିଡିଓ କର୍ମୀ ଓରାମ, ତହସିଲଦାର ଅନସୂୟା ବାଗ୍‌ଦେବୀ, ପୂର୍ତ୍ତ ବିଭାଗ ଏସ୍‌ଇ ଶଶାଙ୍କ ଶେଖର ଶୁକ୍ଲା,ଏସ୍‌ଡିଓ ଅମୋଘ ନାରାୟଣ ପଣ୍ଡା, ପୋଲିସ ଏସ୍‌ଆଇ ମଞ୍ଜୁଲତା ଖାଡ଼େଙ୍ଗା, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଆଶୁତୋଷ ରାଉତ, କନିଷ୍ଠ ଯନ୍ତ୍ରୀ ସଂଗ୍ରାମ କେଶରୀ ପରିଡ଼ା, ଧର୍ମେନ୍ଦ୍ର ସାହୁ, ଅମରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତଙ୍କ ସହଯୋଗରେ ପାତଲଗଙ୍ଗା ସମେତ ଜିଲାର ସମସ୍ତ ସ୍ଥାନର ବୈଶାଖ ମେଳା ଭବ୍ୟ ଆୟୋଜନ ସଫଳ ହୋଇ ପାରିବ ବୋଲି ଜିଲାପାଳ ଆଶା ପ୍ରକାଶ କରିଛନ୍ତି।

### ଧାନ ବିକ୍ରୟ କେନ୍ଦ୍ରର ଭିତ୍ତିଭୂମି ବିକାଶ ପାଇଁ ଶିଳାନ୍ୟାସ

ପାଟଣାଗଡ,୧୧।୫ (ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ ବ୍ଲକ ଭଇଁଷା ଗାଁରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ପ୍ରାଥମିକ କୃଷି ସମବାୟ ସମିତି ପାଇଁ ଧାନ ବିକ୍ରୟ କେନ୍ଦ୍ରର ଭିତ୍ତିଭୂମି ବିକାଶ ଲାଗି ରବିବାର ଶିଳାନ୍ୟାସ କରାଯାଇଛି । ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ ନଡ଼ିଆ ଭାଙ୍ଗି ଏହାକୁ ଶିଳାନ୍ୟାସ କରିଥିଲେ । ୫୪ ଲକ୍ଷ ୨୦ ହଜାର ୨୫୭ ଟଙ୍କା ବ୍ୟୟ ବରାଦରେ ଚାଷୀଙ୍କ ଧାନ ବିକ୍ରୟ ତଥା ଭିତ୍ତିଭୂମିର ବିକାଶ କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ସିଂଦେଓ କହିଥିଲେ । ଏହି ଅବସରରେ ଉକ୍ତ ସମବାୟ ସମିତିର ସଭାପତି ହିମାଂଶୁ ଶେଖର ବେହେରା, ବିଧାୟକଙ୍କ ପ୍ରତିନିଧି ଦେବଦତ୍ତ ରାଉତ, ରାଜୁ ପଟେଲ, ଜଗତରାମ ସାଏ, ଯଜ୍ଞେଶ୍ୱର ସାଏ , ସରୋଜ ସାହୁ , ବିଶେଶ୍ୱର ପଟେଲ, ଭଗବାନ ସାହୁ, ଗୌର ପୋଢ, ବୋଲହରି ରାଉତ, ଉକ୍ତ ସମବାୟ ସମିତିର ସମ୍ପାଦକ ଜ୍ଞାନଧାତା ସାଏ, ଡାଟା ଏଣ୍ଟ୍ରି ଅପରେଟର (ଡିଇଓ) ଲଳିତ ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ତ୍ରୀ, ବୋହୂଙ୍କୁ ଆକ୍ରମଣ ପରେ ବ୍ୟକ୍ତିଙ୍କ ଆତ୍ମହତ୍ୟା

**ଘରୋଇ କଳି**

କେସିଙ୍ଗା, ୧୧।୫(ଡୁମେଶ୍ୱର ସାହୁ)

ଘରୋଇ କଳିକୁ କେନ୍ଦ୍ରକରି କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ଭମରମାଲ ପଥର୍ଲା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ ଓ ବୋହୂଙ୍କୁ ମରଣାନ୍ତକ ଆକ୍ରମଣ କରିବା ପରେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କୃଷ୍ଣ ସାହୁ(୪୮)। ଗୁରୁତର ଅବସ୍ଥାରେ ସ୍ତ୍ରୀ ଓ ବୋହୂଙ୍କୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଜିଆର୍‌ପି ଓ କେସିଙ୍ଗା ପୋଲିସ ରବିବାର ମୃତଦେହ ବ୍ୟବଚ୍ଛେଦ କରାଇ ମୃତକଙ୍କ ପରିବାରକୁ ହସ୍ତାନ୍ତର କରିଛି।

ସୂଚନା ଅନୁସାରେ ଶନିବାର ରାତିରେ କୌଣସି କଥାକୁ ନେଇ ବଚସା ହେବା ପରେ କୃଷ୍ଣ ସ୍ତ୍ରୀ କୁମାରୀ(୪୨) ଓ ବୋହୂ ପିଙ୍କି(୨୨)ଙ୍କୁ ଏକ ଛୁରିରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟେ ଚିତ୍କାର କରିବା ବେଳେ ନିଜ ଭାରସାମ୍ୟ ହରାଇ କୃଷ୍ଣ ଘରୁ ବାହାରି ଅନତି ଦୂରରେ ଥିବା ପଥର୍ଲା, କାଣ୍ଡେଲ ଓ କେସିଙ୍ଗାକୁ ସଂଯୋଗ ହୋଇଥିବା ରେଳଧାରଣା ଆଡ଼କୁ ଚାଲି ଯାଇଥିଲେ। ସକାଳେ କୃଷ୍ଣଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ରେଳଧାରଣାରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। କୃଷ୍ଣଙ୍କ ପୁତ୍ର ଲାଲୁ ସାହୁ ଏ ନେଇ କେସିଙ୍ଗା ଆଦର୍ଶ ଥାନାରେ ଏତଲା ଦେଇଛନ୍ତି। ମା' ଓ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରି ବାପା ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ଏତଲାରେ ଦର୍ଶାଇଛନ୍ତି। ଆଦର୍ଶ ଥାନା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି। କୃଷ୍ଣଙ୍କ ୨ପୁଅ ଓ ୨ଝିଅ ଅଛନ୍ତି।

# ନୃସିଂହ ଚତୁର୍ଦ୍ଦଶୀ, ବୁଦ୍ଧ ପୂର୍ଣ୍ଣିମା ପାଇଁ ଶୈବପୀଠ ଚଳଚଞ୍ଚଳ

ନୂଆପଡ଼ା,୧୧।୫ (ମକାରୁ ବେମାଲ)

ନୃସିଂହ ଚତୁର୍ଦ୍ଦଶୀ ଓ ବୁଦ୍ଧ ପୂର୍ଣ୍ଣିମା ପାଇଁ ନୂଆପଡ଼ା ଜିଲାର ଶୈବପୀଠଗୁଡ଼ିକ ଶନିବାରଠାରୁ ଚଳଚଞ୍ଚଳ ହୋଇଉଠିଛି। ପବିତ୍ର ବୃଦ୍ଧ ପୂର୍ଣ୍ଣିମାରେ ବୁଡ ପକାଇ ଶୈବାଳୟରେ ଜଳ ଅର୍ପଣ ପାଇଁ ଶ୍ରଦ୍ଧାଳୁମାନେ ପୂର୍ବରୁ ଆସି ଡେରା ପକାଇଛନ୍ତି। ନୂଆପଡ଼ା ସଦର ବ୍ଲକ ପତୋରା ଯୋଗେଶ୍ୱର ମନ୍ଦିର ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଲାଣି। ଏଥିରେ ନୂଆପଡ଼ା ଜିଲା ସମେତ ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଓ ଛତିଶଗଡ଼ ରାଜ୍ୟ କୋମାଖାନ, ବାଗବାହାରା, ମହାସମୁନ୍ଦ, ଗରିଆବନ୍ଧ, ଛୁରା ଆଦିର ଶ୍ରଦ୍ଧାଳୁମାନେ ଆସିଥାନ୍ତି। ସେହିପରି ବୋଡେନ ବ୍ଲକ ପାତାଳଗଙ୍ଗାଠାରେ ଭକ୍ତଙ୍କ ଗହଳି ଲାଗି ରହିଛି। ପାତାଳଗଙ୍ଗାକୁ ମଧ୍ୟ ବୁଡ ପକାଇବା ପାଇଁ ଜିଲା ସମେତ ଜିଲା ବାହାର ଓ ଛତିଶଗଡ଼ ଅଞ୍ଚଳର ଲୋକେ ଆସିଥାନ୍ତି।

କୋମନା ବ୍ଲକ ଅନ୍ତର୍ଗତ ମିଛାପାଲି ପଞ୍ଚାୟତ ସୁନାବେଡ଼ା ଅଭୟାରଣ୍ୟ ଭିତରେ ଖୋଲିଗାଁଠାରେ ରହିଥିବା ରାଣୀମୁହାସର ଗୁପ୍ତଗଙ୍ଗାରେ ବୁଡ଼ ପକାଇବା ପାଇଁ ଦୁଇ ଦିନ ପୂର୍ବରୁ ଶ୍ରଦ୍ଧାଳୁମାନେ ଆସି ଅପେକ୍ଷାରେ ଅଛନ୍ତି। ପାହାଡ଼ ଶିଖର ବର ଓ ଆମ୍ବ ଗଛର ମିଳନ ସନ୍ଧିରୁ ଗୁପ୍ତ ଭାବରେ ବାହାରୁଥିବା ଝରଣା ଗୁପ୍ତଗଙ୍ଗା ଭାବରେ ନାମକରଣ ପାଇଛି। ସେଥିରେ ଶ୍ରଦ୍ଧାଳୁମାନେ ବୁଡ ପକାଇବା ଓ ବହୁ ପୁରାତନ ମନଲୋଭା କୀର୍ତ୍ତିରାଜିକୁ ଦେଖିବା ପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ଆସିଥାନ୍ତି । ସେଠାରେ ବଡ ଘୁମେର ଓ ସାନ ଘୁମେର ବୋଲି ଦୁଇ ଜଳପ୍ରପାତ ରହିଛି । ପାହାଡ଼ ଉପରେ ଶ୍ୱେତଗଙ୍ଗା, ସୁନାପାଣି, ରୁପାପାଣି, ରାଣୀମୁହାସ, ଗୁପ୍ତଗଙ୍ଗା, ଥାଳିପାଣି ଭଳି ଅନେକ ପୁରାତନ କୀର୍ତ୍ତିରାଜି ରହିଛି। ଝରଣାର କୁଲୁ କୁଲୁ ତାନ ଓ ପଶୁପକ୍ଷୀଙ୍କ କିଚିରିମିଚିରି ସ୍ୱରରେ ଭକ୍ତମାନେ ବିମୋହିତ ହୋଇଉଠନ୍ତି । ନୂଆପଡ଼ା ସଦର ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତ କଟିଙ୍ଗପାଣି ଗାଁ ଗୋଧସ, କୋମନା ବ୍ଲକ ବୃଦ୍ଧିକୋମନା ପାତାଳେଶ୍ୱର ମନ୍ଦିର, ଧରମସାଗର ଶିବ ମନ୍ଦିର, ଧରମପୁର ଶିବ ମନ୍ଦିର, ଶୁକ୍ଲିମୁଣ୍ଡି ଗୁପ୍ତେଶ୍ୱର ଶିବ ମନ୍ଦିର ଆଦି ସ୍ଥାନରେ ବିଶେଷ କାର୍ଯ୍ୟକ୍ରମମାନ ରହିଛି।

# ନୃସିଂହନାଥଙ୍କ ଜନ୍ମୋତ୍ସବ ପାଳିତ

ଭବାନୀପାଟଣା,୧୧।୫ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାରେ ରବିବାର ନିଖିଳ ଉତ୍କଳ ବାରିକ ସମିତି ପକ୍ଷରୁ ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱ ଶାନ୍ତି ପାଇଁ ଏକ କଳସ ଶୋଭାଯାତ୍ରା ବାଲୁଙ୍କେଶ୍ୱର ମନ୍ଦିରଠାରୁ ଭବାନୀଶଙ୍କର ମନ୍ଦିର ପର୍ଯ୍ୟନ୍ତ ହୋଇଥିଲା। ଏହି ଶୋଭାଯାତ୍ରାରେ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ପରେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ କରାଯାଇଥିଲା। ଏଥିରେ କର୍ତ୍ତାଭାବେ ରାଜ୍ୟ ସାଧାରଣ ସମ୍ପାଦକ କମ୍ବୁପାଣି ପରିଛା ଓ ତାଙ୍କ ସହଧର୍ମିଣୀ ବିଜୟଲକ୍ଷ୍ମୀ ବେହେରା ଦାୟିତ୍ୱ ତୁଲାଇଥିଲେ ।

# ହରିଶଙ୍କରରେ ବହୁଭାଷୀ କବିତା ଆସର

ଖପ୍ରାଖୋଲ,୧୧।୫(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକର ହରିଶଙ୍କରଠାରେ ସେଲାପଥର ସାହିତ୍ୟ ସଂସ୍କୃତି କଳା ପରିଷଦ ତରଫରୁ ବହୁଭାଷୀ କବିତା ଆସର ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିଷଦର ସଭାପତି ଡ. ଅଭୟ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ କବି ପ୍ରଦିପ କୁମାର ଦାଶ, ରାଜକିଶୋର ଭୋଇ, ବିପ୍ର ବିଶି, ସମ୍ପାଦକ ଧରମ ସିଂହ ଧରୁଆ ଯୋଗ ଦେଇଥିଲେ। ଏହି ଅବସରରେ ୩୦ ଜଣ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ଟିକେଶ୍ୱର ଧରୁଆ, ଶଶିକାନ୍ତ ଧରୁଆ, ସହଦେବ ମେହେରଙ୍କ ସମେତ ବଲାଙ୍ଗୀର, ନୂଆପଡ଼ା, ସୋନପୁର, କଳାହାଣ୍ଡିର କବୟିତ୍ରୀ କବିମାନେ ଯୋଗ ଦେଇଥିଲେ । କବି ଶୋଭାକର ପ୍ରଧାନ ଓ କ୍ଷୀରୋଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଭିଳାଷ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




ବହୁଭାଷୀ କବିତା ଆସର ଅବସରରେ ମଞ୍ଚାସୀନ ଅତିଥି।

# କଳାହାଣ୍ଡି ଜିଲା ଓବିସି ମଞ୍ଚର ସାଧାରଣ ବୈଠକ

ଜୁନାଗଡ଼,୧୧।୫(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ସ୍ଥିତ ଆର୍‌ଏମ୍‌ସି ପରିସରରେ ରବିବାର ଜିଲା ଓବିସି ମଞ୍ଚର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଓବିସି ମଞ୍ଚର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓବିସି ମଞ୍ଚର ରାଜ୍ୟ ସଭାପତି ଶଙ୍କର କୁମାର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସାଧାରଣ ବୈଠକରେ ଓବିସି ବର୍ଗର ସାମ୍ବିଧାନିକ ହକ୍, ଅଧିକାର ଓ ସମାନୁପାତିକ ପ୍ରତିନିଧିତ୍ୱ ପାଇଁ ସମସ୍ତେ ଏକତ୍ରିତ ହେବା ଉପରେ ଆଲୋକପାତ କରାଯାଇଥିଲା। ବୈଠକରେ ଓବିସି ମଞ୍ଚ କୋଷାଧ୍ୟକ୍ଷ ପ୍ରଦେଶୀ ବିଶ୍ୱାଳ, ଯାଦବ ସମାଜ ସଭାପତି ଶିବ ପ୍ରସାଦ ହାତୀ, ପଣ୍ଡରାମାଲି ସମାଜ କୁଳପତି ପ୍ରକାଶ ଚନ୍ଦ୍ର ନାଏକ, ବଙ୍କା ସମାଜ ସଭାପତି ଡମ୍ବରୁଧର ଲହଜଲ, ଓବିସି ମଞ୍ଚ ସଂଯୋଜକ ଡାକେଶ୍ୱର ଲହଜଲ, କମଳିନୀ ଯାଦବ, ଉଦ୍ଧବ ଚରଣ ସାହୁ, ଦୀପ ଚରଣ ସାହୁ, ନିମାଇ ଚରଣ ଗୋପାଳ, କୃଷ୍ଣଚନ୍ଦ୍ର ସାହୁ, ଦୀପଚାନ୍ଦ ସାହୁ, ଶିବ ପ୍ରସାଦ ପ୍ରଧାନୀ, ଦିଲିପ କୁମାର ବୈଠାରୁ, ରଶ୍ମିରେଖା ରାଉତ, ଗିରିଧାରୀ ସାହୁ, ସୁମେଶର ମୁନି, ବାଲ୍ମୀକି ନାଏକ, ପ୍ରେମାନନ୍ଦ ଘି, ରୀନା ଭୋଇ, ରିନା ଭାଟି, କାମଦେବ ପୂଝାରୀ, ସଂଗୀତା ଖରସେଲ ତଥା ବିଭିନ୍ନ ସମାଜର ପ୍ରତିଷ୍ଠିତ ଶହ ଶହ କର୍ମକର୍ତ୍ତା ଯୋଗଦାନ କରିଥିଲେ। ଓବିସି ବର୍ଗଙ୍କୁ ଶିକ୍ଷା, ଚାକିରି ଏବଂ ରାଜନୀତି କ୍ଷେତ୍ରରେ ସମାନୁପାତିକ ପ୍ରତିନିଧିତ୍ୱ ତଥା ଅଧିକାରକୁ ନେଇ ସରକାରଙ୍କ ପାଖରେ କିଭଳି ଭାବେ ଉପସ୍ଥାପନ କରାଯିବ ଏବଂ ଦରକାର ହେଲେ ହକ୍ ପାଇଁ ଆନ୍ଦୋଳନ ଜାରି ରଖିବ ତା' ଉପରେ ସମସ୍ତେ ଗୁରୁତ୍ୱାରୋପ କରିଥିଲେ। ମଞ୍ଚକୁ ହିମାଂଶୁ ଶେଖର ବରାଡ଼ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ନୃସିଂହନାଥଙ୍କ ଜନ୍ମୋତ୍ସବ, ଚଳଚଞ୍ଚଳ ପାଇକମାଳ



ନୃସିଂହନାଥଙ୍କ ଜନ୍ମ ତିଥିରେ ଶ୍ରଦ୍ଧାଳୁଙ୍କ ଭିଡ଼।

ପାଇକମାଳ, ୧୧।୫(ବଡ ଶତପଥୀ)

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠରେ ମହାପ୍ରଭୁଙ୍କ ଜନ୍ମୋତ୍ସବ ଚତୁର୍ଦ୍ଦଶୀ ତିଥିରେ ରବିବାର ଭଗବାନ୍ ନୃସିଂହନାଥଙ୍କ ଜନ୍ମୋତ୍ସବ ପାଳନ କରାଯାଉଛି। ରାତିରେ ମହାପ୍ରଭୁ ନୃସିଂହନାଥଙ୍କୁ ସ୍ନାନ କରାଇ ଅଭିଷେକ କରାଯାଇ ନୂତନ ବସ୍ତ୍ର ଅଳଙ୍କାରରେ ଶୃଙ୍ଗାର ହୋଇ ସୁସଜ୍ଜିତ କରାଯାଇଥିଲା। ମନ୍ଦିର ମଧ୍ୟରେ ହୋମପୂଜାରେ କର୍ତ୍ତା ଭାବେ ଦେବୋତ୍ତର କମିଶନର ସମ୍ବଲପୁର, ବିକାଶ ଗଏଲ ଏବଂ ତାଙ୍କ ସ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ଆଳତି କରାଯିବା ପରେ ମନଭଙ୍ଗ ଗ୍ରାମର କନ୍ଧ ସମାଜ ଦ୍ୱାରା ପିଠକନ୍ଦା ଭୋଗ ଲାଗି ହେଲାପରେ ମହାଦୀପ ମଧ୍ୟ ଉଠିଥିଲା। ରାତ୍ର ସାଢ଼େ ୧୦ଟାରେ ଚୂଡ଼ାମଣି ଭୁଏଙ୍କ ଦ୍ୱାରା ଧ୍ୱଜାବନ୍ଧନ କରାଯାଇଥିଲା। ମହାପ୍ରଭୁଙ୍କ ଜନ୍ମୋତ୍ସବରେ ଆଖପାଖ ଜିଲା ତଥା ପଡ଼ୋଶୀ ରାଜ୍ୟରୁ ଲକ୍ଷାଧିକ ଶ୍ରଦ୍ଧାଳୁମାନଙ୍କ ଆଗମନ ହେତୁ ନୃସିଂହନାଥ ପୀଠ ଚଳଚଞ୍ଚଳ ହୋଇଥିଲା।

## ନୃସିଂହନାଥ ବୈଶାଖ ମେଳା

୪ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞରେ ମୁଖ୍ୟ ପଣ୍ଡିତ ଡିଗ୍ରୀଧର ଦେବତା, ରଙ୍କମଣି ଦେବତା, ସିଦ୍ଧେଶ୍ୱର ସାବତଙ୍କ ସମେତ ୧୨ଜଣ ଦକ୍ଷ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ ୩୨,୮୦୦ ଜପ କରିଥିବା ବେଳେ ମୋଟ ୧ଲକ୍ଷ ୧୯ହଜାର ୪ଶହ ନୃସିଂହ ବିଜେମନ୍ତ୍ର ଜପ କରାଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ମାର୍ଜାର କେଶରୀ ମଣ୍ଡପରେ ଛତିଶଗଡ଼ ମହାସମୁଦ ସାଂସଦ ରୂପକୁମାରୀ ଚୌଧୁରୀ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ବରଗଡ଼ ଧନୁଯାତ୍ରା କମିଟି ଆବାହକ ସୁରେଶ୍ୱର ଶତପଥୀ, ପଦ୍ମପୁର ଏଡିଏମ୍ କୁନାଲ ମୋତିରାମ ଚୌହାନ, ପାଇକମାଳ ଏବିଡିଓ ତଥା ମଧ୍ୟବର୍ତ୍ତିକାଳୀନ ଟ୍ରଷ୍ଟି ଦେବାଶିଷ ସିହ୍ନା, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ମେଳା କମିଟି ସଦସ୍ୟ ଅଧ୍ୟାପକ ସୁଶାନ୍ତ ମିଶ୍ର ସଭା ପରିଚାଳନା କରିଥିଲେ।

ବିନ୍ଧ୍ୟବାସିନୀ ମଣ୍ଡପରେ ମୂଷିକଦୈତ୍ୟ ଦରବାର ପରେ ଟଙ୍କିଆ ସଙ୍ଗୀତ ବିଦ୍ୟାଳୟ ପଦ୍ମପୁର ନୁନିନୁ ଭୁଆସନ, ବଲାଙ୍ଗୀର ବଜାସାଲର ଘୁଡୁକା ନୃତ୍ୟ, କଟକ ମା' ବୈଶାଲି ଅନୁଷ୍ଠାନର ଘୋଡ଼ାନୃତ୍ୟ, ବୋଧନ ସାଂସ୍କୃତିକ ଅନୁଷ୍ଠାନର ସମ୍ବଲପୁରୀ ଲୋକନୃତ୍ୟ, କେଜିଏମ୍ଏନ୍ ପାଇକମାଳର ଲୋକନୃତ୍ୟ ଆଦି ପରିବେଷିତ ହୋଇଥିଲା। ସେହିପରି ମାର୍ଜାର କେଶରୀ ମଣ୍ଡପକୁ ବରିଷ୍ଠ ସାମ୍ବାଦିକ ବଡ଼ ଶତପଥୀ, ସାମାଜିକ କର୍ମୀ ଟାଇଲ ଚନ୍ଦ୍ର ଭୋଇ ଉଦ୍‌ଘାଟନ କରିଥିଲେ। ଏହି ମଣ୍ଡପରେ ଟେମରି ହାଇସ୍କୁଲର ବାଳିକା ଗ୍ରୁପର ପାଲା, ବଳରାମ ଭୋଇଙ୍କ ସଙ୍କିତନ ବୈଠକୀ କାଂଶଡ଼ା, ରତରଣୀ ମହାପାତ୍ର ସନଦାଦର ଗ୍ରୁପ କଳାକାରମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଓ ପ୍ରବକ୍ତା ପରିଷଦ କଟକର ରାମଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେବା କ୍ଷେତ୍ରରେ ଡା. ଶଙ୍କର ରାମ ଚନ୍ଦାନୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କଳାକାରମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ନୃସିଂହନାଥ ବୈଶାଖ ମେଳାରେ ସକାଳେ ଚାଲଧାର ଝରଣାରେ ଲକ୍ଷାଧିକ ଭକ୍ତମାନେ ସ୍ନାନ କରି ଭଗବାନ୍‌ଙ୍କୁ ଦର୍ଶନ କରିଛନ୍ତି । ଶ୍ରଦ୍ଧାଳୁଙ୍କ ସମାଗମ ହେତୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# ନୃସିଂହ ଚତୁର୍ଦ୍ଦଶୀରେ ଅର୍ଦ୍ଧାସିନୀ ଦେବୀଙ୍କ ମହାଭିଷେକ

ବରଗଡ଼, ୧୧।୫ (ପ୍ରେମାନନ୍ଦ ଖମାରୀ)



ଦଧିବାମନଙ୍କ ମାଉସୀ ମା' ଅର୍ଦ୍ଧାସିନୀ ଦେବୀ।

ବରଗଡ଼ ଜିଲା ଭଟଲିରେ ରବିବାର ପବିତ୍ର ବୈଶାଖ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଅର୍ଦ୍ଧାସିନୀ ଦେବୀଙ୍କୁ ଅମୃତ ମଣୋହି ବାଳ ନୈବେଦ୍ୟ ଛପନ ଭୋଗ ଲାଗି ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଦଧିବାମନ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ଚକ୍ର ପୁଷ୍କରିଣୀରେ କଳସ ପୂଜା କରି ପୂର୍ଣ୍ଣ ଜଳ କଳସ ଧରୀ ନୂତନ ମାଉସି ମା ମନ୍ଦିରରେ ପହଞ୍ଚିଥିଲା। ଏହାପରେ ମହାପ୍ରଭୁଙ୍କ ଆବିର୍ଭାବସ୍ଥଳ ପବିତ୍ର ଚକ୍ରତୀର୍ଥ ଜଳରେ ଭାରତର ବିଭିନ୍ନ ତୀର୍ଥକ୍ଷେତ୍ର ଗୁଡ଼ିକର ସଂଗୃହିତ ଜଳକୁ ମିଶ୍ରଣ କରାଯାଇ ୧୦୮ କୁମ୍ଭ ଅଭିମନ୍ତ୍ରିତ ଜଳରେ ସମପରିମାଣରେ ଚୁଆ, ଚନ୍ଦନ, କର୍ପୁର, ଅଗୁରୁ ପକାଇ ସମୁଦ୍ର ଶାସ୍ତ୍ରୀୟ ଉପଚାର ବିଧି ଅନୁଯାୟୀ ମନ୍ଦିରରେ ମହାଜଳାଭିଷେକ କରାଯାଇଥିଲା। ମହାଶୃଙ୍ଗାର ବେଶ ପରେ ଷୋଡ଼ଶ ଉପଚାର ପୂଜା ପୂର୍ବକ ହୋମ, ମଙ୍ଗଳ ଆରତୀ ଏବଂ ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା। ଏହାପରେ ମନ୍ଦିରରେ ନୂତନ ଧଜା ରୋହଣ ହୋଇଥିଲା। ପଣ୍ଡିତ ପଞ୍ଚମ ପୁରୋହିତ, ଗୌର ଚନ୍ଦ୍ର ରଥ, ରୋହିତ ରଥ, ସୁବାଷ ରଥ, ନିରଞ୍ଜନ ରଥ, ସଞ୍ଜୀବ କୁମାର ଷଡ଼ଙ୍ଗୀ, ଶ୍ରୀବତ୍ସ ପାଣିଗ୍ରାହୀ, ନୀଶିଥ ଦାଶ, ପ୍ରତ୍ୟୁଷ ପାଣିଗ୍ରାହୀଙ୍କ ସମେତ ମନ୍ଦିର ପୂଜକ ଡୋଲାମଣି ପଣ୍ଡା ସହଯୋଗ କରିଥିଲେ। ଦୀପକ ମିଶ୍ର ସ୍ତ୍ରୀର କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ସନ୍ଧ୍ୟା ଧୂପ ପରେ ପଞ୍ଚ ମହା ଆରତୀ ସହିତ ସ୍ୱତନ୍ତ୍ର ବାଳ ନୈବେଦ୍ୟ ଛପନ ଭୋଗ ଲାଗି କରାଯାଇଥିଲା। ଏଥିରେ ଅଞ୍ଚଳର ହଜାର ହଜାର ଭକ୍ତ ସାମିଲ ହୋଇ ଦେବୀଙ୍କୁ ଦର୍ଶନ କରିଥିଲେ। ଭୋଗ ସ୍ୱରୂପ ପଞ୍ଚାମୃତ, ଉଖୁଡ଼ା, ପାଗାଳା ଲିଆ, ଛତ, ମହନଭୋଗ, କାକରା, ଫେଣୀ, ରସ ଗଜା, ବାଲୁସାହି, ଲବଙ୍ଗ ଲତା, କାଠି ଗଜା, ମାଲପୁଆ, ରସବରା, ଜିଲାପି, ବୁନ୍ଦି, ଗୁଲାପଜାମୁନ, ରସଗୋଲା, ପନିର କୁର୍ମା, ବର୍ଫି, ପେଡ଼ା, ଲିଚୁ, ସୋନ ପାପଡ଼ି, ଛେନା, ପାଚିଲା ପଣସ, ସେଓ, ଅମୃତଭଣ୍ଡା, କକୁଡ଼ି, ତରଭୁଜ, ଗଜାମୁଗ, ଗଜାଚନା, ଗଜା ମୁଗଫଳି, ଚାର, କେନ୍ଦୁ, ଛେନା ଗଜା, ଖୁଆ ମିଠା, ଛେନାପୋଡ଼, ଖୁଆ, ମୁଗଫଳି ଲଡୁ, ରାଶି ଲଡୁ, ସେଓ ଲଡୁ, ମଖାନା, ମିଶ୍ରି, କାଜୁ, କିସମିସ, ଅଖରୁତ, ପିସ୍ତା ବାଦାମ, ନଡ଼ିଆ, କଦଳୀ, ସପୁରୀ, ଖଜୁର ପେଡ଼ି, ସାନ୍ତରା, ପିଜୁଳି, ଡାଳିମ୍ବ, ଅଙ୍ଗୁର, ବଙ୍ଗଳା ଓ ଆମ୍ବ ଦେବୀଙ୍କୁ ଲାଗି କରାଯାଇଥିଲା।

## ମାତୃଦିବସରେ ଯବାନଙ୍କ ସୁରକ୍ଷା ପାଇଁ ହୋମ ଯଜ୍ଞ

ଅତାବିରା, ୧୧।୫(ଯୁଧିଷ୍ଠିର ମହାପାତ୍ର)

ଭାରତର ଯବାନମାନଙ୍କ ବିଜୟ ପାଇଁ ମାତୃଦିବସରେ ଅତାବିରାରେ ହୋମ ଯଜ୍ଞର ଆୟୋଜନ କରାଯାଇଥିଲା। ହନୁମାନ ମନ୍ଦିର କମିଟି ଓ ଅଖିଳ ଭାରତୀୟ ହିନ୍ଦୁ ମହିଳା ମଞ୍ଚ ପକ୍ଷରୁ ସ୍ଥାନୀୟ ହନୁମାନ ମନ୍ଦିରରରେ ରବିବାର ଦୂର୍ଗାପୁଜା ଓ ହୋମ ଯଜ୍ଞ କରାଯାଇଥିଲା। ଏଥିରେ ଅତାବିରାର ଅବସରପ୍ରାପ୍ତ ସୈନିକ ସଂଘ, ବଜରଙ୍ଗ ଦଳ, ପୂଜା କମିଟି, ବିଶ୍ୱ ହିନ୍ଦୁ ପରିଷଦ, ମାରୱାଡି ମହିଳା ସମିତି, ଜାଗୃତି ଶାଖା ସମେତ ବିଭିନ୍ନ ସଂଗଠନ ଯୋଗଦେଇଥିଲେ। ବର୍ତ୍ତମାନ ଭାରତ ପ୍ରାକ ଯୁଦ୍ଧରେ ସାମିଲ ହୋଇଥିବା ଯବାନ ଅତାବିରାର ଲକ୍ଷ୍ମଣ ବାରିକଙ୍କ ସ୍ତ୍ରୀ ସୁଜାତା ବାରିକ, ଜଗଦୀଶ ପ୍ରଧାନଙ୍କ ମାଆ କହ୍ନର ପ୍ରଧାନ, ଦୀପକ ସାହୁଙ୍କ ମାଆ ଗାୟତ୍ରୀ ସାହୁ, ସରଣ୍ଡାର ପ୍ରତାପ ମହାପାତ୍ରଙ୍କ ମା' ଜୟନ୍ତୀ ମହାପାତ୍ର ଏବଂ ରାଜୀବ ମହାପାତ୍ରଙ୍କ ମା' ସରୋଜିନୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସତ୍‌ସଙ୍ଗ ବାର୍ଷିକ ମହୋତ୍ସବ ପାଳିତ



ସତ୍‌ସଙ୍ଗ ମହୋତ୍ସବରେ ଯୋଗଦେଇଥିବା ମହିଳା ଓ ପୁରୁଷମାନେ।

ବରପାଲି, ୧୧।୫(ଚିତ୍ତରଞ୍ଜନ ସାହୁ)

ବରପାଲି ନିକଟସ୍ଥ ସିର୍କିଡି ଗ୍ରାମରେ ରବିବାର ପୂର୍ବାହ୍ନରେ ସତ୍‌ସଙ୍ଗ ବାର୍ଷିକ ମହୋତ୍ସବ ପାଳନ କରାଯାଇଛି। ଆୟୋଜକ ଲକ୍ଷୀନ୍ଦ୍ର ସେଠ, କିଶୋର ପ୍ରଧାନ ସଭାପତିତ୍ୱ କରିଥିଲେ। ପୂଜକ ଅଶିନୀ କୁମାର ପାଣିଗ୍ରାହୀ, କର୍ତ୍ତା ଭାବରେ ସୁରେଶ ସେଠ, ପୁଷ୍ପାଞ୍ଜଳି ସେଠ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ବକ୍ତା ମୁଲଜି ପ୍ରଧାନ, ଶିବ ସେନାପତି ଏବଂ ସୂର୍ଯ୍ୟ କୁମାର ଦର୍ଜୀ ଯୋଗଦେଇଥିବା ବେଳେ ସଭା ପରିଚାଳନା ତେଜରାଜ ବାଗ ଓ ସଂଯୋଜନା କରିଥିଲେ ଶରତ ଚନ୍ଦ୍ର ପାଣିଗ୍ରାହୀ। ହଳଧର ପାଣିଗ୍ରାହୀ, ରାମଚନ୍ଦ୍ର ପ୍ରଧାନ, ଡା. ବିକାଶ ରଞ୍ଜନ ବିଶି, ସରୋଜ ସେଠ, ଛତ୍ରପତି ପ୍ରଧାନ, ଚତୁର୍ଭୁଜ ବାଘ, ଦୁଃଖୁ ସେଠ, ଟେଙ୍ଗୁନୁ ହାତୀ, ନରୋତ୍ତମ ପ୍ରଧାନ, ହାଡୁ ପଧାନ, ସୁବଳ ଭୋଇ, ବିଲାସିନି ପାଣିଗ୍ରାହୀ, ମଲ୍ଲି ସେଠ, ଆନନ୍ଦିନୀ ବାଗ, ବେବି ପ୍ରଧାନ, ଅମୃତ ସାହୁ, ଅପୂର୍ବ ଭୋଇ, ବନ୍ତି ଠେଲା, ଆରତି ପ୍ରଧାନ, ନୀନା ସେଠ, ଶଇଲ ସାହୁ, ରୀତା ପଧାନ, ଶକୁନ୍ତଳା ସାହୁ, ଦେବକୀ ପ୍ରଧାନ, କୁନ୍ତି ପ୍ରଧାନ, ସାବିତ୍ରୀ ବାଗ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବକୁ ସୂଚାରୁ ରୂପେ ପରିଚାଳନା କରିଥିଲେ।

## ଶିଶୁଙ୍କ ଚରିତ୍ର ଗଠନକୁ ଗୁରୁତ୍ୱ

ବରଗଡ଼, ୧୧।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧୮ ବନ୍ଧପଡ଼ାରେ ଶନିବାର 'ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର' ପକ୍ଷରୁ ଆସ ଆମେ ପଢ଼ିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁଶ୍ରୀର ସଂଯୋଜକ ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବସ୍ତି ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ ସହିତ ପିଲାମାନଙ୍କ ମନୋରଞ୍ଜନ ସକାଶେ ଗଳ୍ପ କଥନ, ଭ୍ରାମ୍ୟମାଣ ପାଠାଗାରର ପୁସ୍ତକ ପଠନ, ଭଜନ ଗାନ ଓ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିଶୁଶ୍ରୀର ଉପଦେଷ୍ଟା ଅର୍ଜୁନ ସେଟ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଖେରାଛୁଟିରେ ସମୟ ନଷ୍ଟ ନ କରି ପୁସ୍ତକ ଓ ପତ୍ର ପତ୍ରିକା ପଠନ ଦିଗରେ ମନ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଗୀତା ବେହେରା, ରୋହିଣୀ ବେହେରା ଶିଶୁଶ୍ରୀର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଶିଶୁମାନଙ୍କ ମଧ୍ୟରୁ ନୀହାରିକା ଭୋଇ ଓ ଚିନ୍ମୟୀ ବିଭାର ନୃତ୍ୟ ପରିବେଷଣ କରିଥିବା ବେଳେ ରୁଚି ମାଝୀ, ଚିରଞ୍ଜୀବୀ ବିଭାର ଓ ଭାରତୀ ସାହୁ ଗପ କବିତା ପାଠ କରିଥିଲେ। ସଙ୍ଗୀତଜ୍ଞ ପ୍ରମୋଦ କୁମାର ଦାଶ ଭଜନ ପରିବେଷଣ କରିଥିଲେ।

# ବଢୁଛି ଖରା, ଜମୁଛି ତାଳସଜ ବେପାର

ପଦ୍ମପୁର, ୧୧।୫ (ପ୍ରଦୀପ୍ତ ଦାଶ)

ବର୍ତ୍ତମାନ ସାରା ରାଜ୍ୟରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଛି। ତାପମାତ୍ରା ବଢୁଥିବା ବେଳେ ଲୋକଙ୍କୁ ଗୁଲୁଗୁଳି ବିଶେଷ କଷ୍ଟ ଦେଉଛି। ଗରମରୁ ରକ୍ଷା ପାଇବା ପାଇଁ ଲୋକେ ରାସ୍ତା କଡ଼ର ସରବତ, ସୋଡ଼ା ମସଲା, ତରଭୁଜ, କାକୁଡ଼ି, ଆଖୁପଣା ପ୍ରଭୃତି ଥଣ୍ଡା ପାନୀୟକୁ ଗୁରୁତ୍ୱ ଦେଉଛନ୍ତି। ଇତିମଧ୍ୟରେ ଏବେ ଗ୍ରାମବାସୀଙ୍କ ଜିବିକା ପାଲଟିଛି ତାଳସଜ। ବର୍ତ୍ତମାନ ତାଳସଜର ସ୍ୱାଦ ସମସ୍ତଙ୍କୁ ଆକର୍ଷିତ କରୁଛି। ପାଟଣାଗଡ଼ ରାସ୍ତାରୁ ପଦ୍ମପୁର ଆସିବା ବାଟରେ ଏବଂ ପଦ୍ମପୁର ଦୈନିକ ବଜାରରେ ଏବେ ତାଳସଜର ପସରା ଦେଖିବାକୁ ମିଳୁଛି। ଯାନବାହନରେ ଯାଉଥିବା ଲୋକମାନେ ବାଟରେ ଅଟକି ତାଳସଜର ମଜା ନେଉଛନ୍ତି। ବର୍ଷକରେ ଥରେ ମିଳୁଥିବା ଏହି ତାଳସଜ ରାସ୍ତାକଡ଼ରେ ତିନୋଟି ତାଳକୁ କାଟି ତାହାର ସଜ ବାହାର କରି ୨୦ଟଙ୍କା ନେଉଥିବା ବେଳେ ଦୈନିକ ବଜାରରେ କେବଳ ତାଳସଜ ୨୫୦ ଗ୍ରାମକୁ ୩୦ଟଙ୍କାରେ ବିକ୍ରି କରାଯାଉଛି।



ରାସ୍ତା କଡ଼ରେ ଥିବା ତାଳସଜ ପସରା।

# ୧.୨୦ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

ଅତାବିରା, ୧୧।୫(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଥାନା ପୋଲିସକୁ ମିଳିଛି ବଡ଼ ସଫଳତା। ଶନିବାର ଛତିଶଗଡ଼ ରାଜ୍ୟକୁ ଚୋରା ଚାଲାଣ ହେଉଥିବା ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଉତ୍ତରପ୍ରଦେଶର ବବି ଖାନ (୪୫) ଓ ଧମା ଅଞ୍ଚଳର ସୁଜିତ ସାହୁ (୩୦)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବରଗଡ଼ ଜେଲକୁ ପଠାଇ ଦିଆଯାଇଛି । ଅଭିଯୁକ୍ତଙ୍କଠାରୁ ୧

## ଛତିଶଗଡ଼କୁ ହେଉଥିଲା ଚାଲାଣ

କୁଇଣ୍ଟାଲ ୨୦ କେଜି ୬୭୦ ଗ୍ରାମ୍ ଗଞ୍ଜେଇ ଜବତ ହୋଇଛି ବୋଲି ସ୍ଥାନୀୟ ଥାନାରେ ପୂର୍ବାହ୍ନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବରଗଡ଼ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ସୂଚନା ଦେଇଛନ୍ତି।

ଏସ୍‌ଡିପିଓଙ୍କ ସୂଚନା ଅନୁସାରେ, ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହାକୁ ଆଧାର କରି ଅତାବିରା ଥାନା ସରଣ୍ଡା ସମ୍ବଲପୁର – ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥରେ ଆଇଆଇସି ପ୍ରକାଶ କର୍ଣ୍ଣଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଗଠନ କରି ଛପି ବସିଥିଲେ। ଅଭିଯୁକ୍ତମାନେ ପୂର୍ବାହ୍ନ ୧୧ଟାରେ ଏକ କାର୍‌ରେ ପହଞ୍ଚିବା ପରେ ପୋଲିସ ସେମାନଙ୍କୁ ଧରି ଗଞ୍ଜେଇ ଜବତ କରିଥିଲା। ଏଥିସହ ଅଭିଯୁକ୍ତଙ୍କ ପାଖରୁ ଫେକ୍ ନମ୍ବର ଥିବା ଏକ କାର୍, ଦୁଇଟି ମୋବାଇଲ ଫୋନ ଏବଂ ନଗଦ ୪୨୦୦ ଟଙ୍କା ଜବତ କରାଯାଇଛି। ଏନେଇ ଅତାବିରା ଥାନା ପୋଲିସ (ନଂ.୧୮୨/୨୫) ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସିଏନ୍‌ଆଇ ଚର୍ଚ୍ଚରେ ମାତୃ ଦିବସ

# ଜନନୀ ବିନା ସୃଷ୍ଟି ଅଧୁରା

ବରଗଡ଼, ୧୧।୫(ପ୍ରେମାନନ୍ଦ ଖମାରୀ)

ଜନନୀ ଜନ୍ମଦାତ୍ରୀ, ଜନନୀ ବିନା ସୃଷ୍ଟି ଅଧୁରା । ମାତୃଶକ୍ତି ସକଳ ଶକ୍ତିର ଆଧାର । ମାଆମାନଙ୍କ ସୁରକ୍ଷା ଓ ସମ୍ମାନ ପ୍ରତିଟି ମଣିଷର ପରମ କର୍ତ୍ତବ୍ୟ ହେବା ଉଚିତ ବୋଲି ରବିବାର ବରଗଡ଼ ଗାନ୍ଧୀନଗରସ୍ଥିତ ସିଏନ୍‌ଆଇ ଚର୍ଚ୍ଚଠାରେ ବିଶ୍ୱ ମାତୃ ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ବହୁ ସଂଖ୍ୟକ ଖ୍ରିଷ୍ଟୀୟ ଶ୍ରଦ୍ଧାଳୁ ତଥା ଭକ୍ତମାନେ ସମବେତ ହୋଇ ମାତୃ

## ମାଆଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା

ବନ୍ଦନ କରିଥିଲେ। ଏହାସହିତ ଦେଶର ପ୍ରଗତି ପାଇଁ ମାତୃଶକ୍ତି ପରମ ବନ୍ଦନୀୟ ଓ ପୂଜ୍ୟ ଅଟନ୍ତି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶ୍ରଦ୍ଧାଳୁମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଆଚାର୍ଯ୍ୟ ଅମୂଲ୍ୟ ସୁନା ବାକ୍ୟ ପରିବେଷଣ ସହିତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମଣ୍ଡଳୀ ସମ୍ପାଦକ ଚନ୍ଦ୍ରଶେଖର ବାଗ ମାତୃଶକ୍ତିର ସୁରକ୍ଷା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁମୁଦିନୀ ବାଗ, ଜ୍ୟୋସ୍ନା ଦୀପ, ରେଣୁବାଳା ଶର୍ମା, ଅପର୍ଣ୍ଣା କୁମ୍ଭାର, ସନ୍ତୋଷିନୀ ଦୀପ, ପିଙ୍କି ନନ୍ଦ, ଝରଣା ବାଗ, ରୀନା କଲେତ, ଗୀତା ଦୀପ, ସନ୍ଧ୍ୟାରାଣୀ ତାଣ୍ଡି, ସେବିକା ଦୀପ ପ୍ରମୁଖ ଏକତ୍ରିତ ହୋଇ ମାତୃଶକ୍ତି, ବୀର ଯବାନଙ୍କ ସୁରକ୍ଷା ଓ ସମ୍ମାନ ଏବଂ ବିଶ୍ୱର କଲ୍ୟାଣ ପାଇଁ ସାମୂହିକ ପ୍ରାର୍ଥନା କରିଥିଲେ। ଆଚାର୍ଯ୍ୟା କୁମୁଦିନୀ ବାଗଙ୍କ ଶେଷ ପ୍ରାର୍ଥନା ପରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।



ସିଏନ୍‌ଆଇ ଚର୍ଚ୍ଚରେ ମାତୃ ଦିବସ ପାଳନା

# କଟାପାଲି ରାମଲୀଳା ମହୋତ୍ସବ ଉଦ୍‌ଘାଟିତ

ବରଗଡ଼, ୧୧।୫ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ନିକଟସ୍ଥ କଟାପାଲି ଗ୍ରାମରେ ଶନିବାର ୬୮ତମ ରାମଲୀଳା ଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଡା. ସୁବଳ ଚରଣ ମିଶ୍ର ମୁଖ୍ୟଅତିଥି ଏବଂ ଗଣପତି ଖମାରୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହି ରାମଲୀଳା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସଂସ୍କୃତି ଓ ଆଧାତ୍ମିକ ମିଳନର ବାର୍ତ୍ତାବହ ଏହି ମହୋତ୍ସବ ୭ଦିନ ଧରି ଅନୁଷ୍ଠିତ ହେବ। ଆସନ୍ତା ୧୬ ତାରିଖରେ ରାବଣ ବଧ ସହ ଯାତ୍ରାର ପରିସମାପ୍ତି ଘଟିବ। ସେହିପରି ଭିନ୍ନ ଭିନ୍ନ ଦିନରେ ଖୋଲାମଞ୍ଚରେ ରାମଲୀଳାର ବିଭିନ୍ନ ଦୃଶ୍ୟ ଅଭିନୀତ ହେବ। ଉଦ୍‌ଘାଟନୀ ଦିବସରେ ବିଶ୍ୱାମିତ୍ରଙ୍କ ସହିତ ଶ୍ରୀରାମ ଲକ୍ଷ୍ମଣଙ୍କ ସିଦ୍ଧବନ ଯାତ୍ରା, ତାଡକା, ସୁବାହୁ ବଧ, ଅହଲ୍ୟା ତାରଣ ଦୃଶ୍ୟ ଅଭିନୀତ ହୋଇଥିଲା। ରବିବାର ଦିବସରେ ଶ୍ରୀରାମ ଲକ୍ଷ୍ମଣଙ୍କ ନୌକାଯାତ୍ରା, ସୀତା ସ୍ୱୟଂବର, ପର୍ଶୁରାମ ଭେଟ ଦୃଶ୍ୟାଭିନୟ ହୋଇଥିଲା। ତୃତୀୟ ଦିବସରେ ଶ୍ରୀରାମଙ୍କ



କଟାପାଲି ରାମଲୀଳା ମହୋତ୍ସବକୁ ଉଦ୍‌ଘାଟନ କରାଯାଉଛି।

ରାଜ୍ୟାଭିଷେକ ପାଇଁ ଆୟୋଜନ, ମନ୍ଥରାର କୁମନ୍ତ୍ରଣା, ଶ୍ରୀରାମଙ୍କ ବନବାସ, ଭରତ ମିଳନ, ଚତୁର୍ଥ ଦିବସରେ ସୂର୍ପଣଖାର ନାସାକର୍ଣ୍ଣ ଛେଦନ, ସୀତା ଚୋରି, ଜଟାୟୁ ବଧ, ପଞ୍ଚମ ଦିବସରେ ରାମଲକ୍ଷ୍ମଣଙ୍କ ସହିତ ହନୁମାନଙ୍କ ଭେଟ, ବାଳି ବଧ, ସୀତା ଠାବ, ହନୁମାନ ଇନ୍ଦ୍ରଜିତ ଯୁଦ୍ଧ, ଲଙ୍କା ଦହନ, ଷଷ୍ଠ ଦିବସରେ ଲଙ୍କା ଯୁଦ୍ଧ, କୁମ୍ଭକର୍ଣ୍ଣର ନିଦ୍ରାଭଙ୍ଗ, କୁମ୍ଭକର୍ଣ୍ଣ ବଧ ଏବଂ ଅନ୍ତିମ ଦିବସରେ ଇନ୍ଦ୍ରଜିତ ବଧ, ରାମ ରାବଣ ଯୁଦ୍ଧ, ରାବଣ ବଧ ଓ ଶ୍ରୀରାମଙ୍କ ରାଜ୍ୟାଭିଷେକ ଆଦି ଦୃଶ୍ୟ ଅଭିନୀତ ହେବାର କାର୍ଯ୍ୟକ୍ରମ ରହିଛି। ରାମଲୀଳା ଯାତ୍ରା ମହୋତ୍ସବର ସଭାପତି ରମେଶ ସାହୁ, ଉପସଭାପତି ବିଭୂତି ଭୂଷଣ ଦାଶ, ସମ୍ପାଦକ ବିକାଶ ସାହୁ, ସହସମ୍ପାଦକ ସଜନ ସାହୁ, କୋଷାଧ୍ୟକ୍ଷ ଶ୍ରୀନିବାସ ଦାଶ, ସହ କୋଷାଧ୍ୟକ୍ଷ ଭଜ ସାହୁଙ୍କ ସମେତ କଟାପାଲି ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି।

**ସଂଘବଦ୍ଧ ଆକ୍ରମଣ, ଛୁରାମାଡ଼ ଅଭିଯୋଗ**

ରାଉଲକେଲା,(ସଙ୍ଗୀତା ଜେନା): ରଘୁନାଥପାଲି ଥାନା ଅନ୍ତର୍ଗତ ପାନପୋଷ ମାର୍କେଟରେ ରବିବାର ଜଣେ ଦୋକାନୀଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ସେହିପରି ଦୋକାନୀଙ୍କ ଛୁରାମାଡ଼ରେ ଜଣେ ଆକ୍ରମଣକାରୀ ଆହତ ହୋଇଛନ୍ତି। ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଭୟ ପକ୍ଷଙ୍କ ଅଭିଯୋଗ ଆଧାରରେ ୨ଟି ପୃଥକ୍ ମାମଲା (ନଂ. ୨୭୬/୨୫ ଓ ନଂ. ୨୭୭/୨୫) ରୁଜୁ ହୋଇଛି। ପୋଲିସ ଜଣଙ୍କୁ ଅଟକ ରଖିଥିବାବେଳେ ୨ଜଣ ଫେରାର ଅଛନ୍ତି।

# ବାଇକ୍ ଚୋରି, ଯୁବକ ଗିରଫ

ରାଉରକେଲା,୧୧।୫(ସଙ୍ଗୀତା ଜେନା)

ସେକ୍ଟର-୩ ଥାନା ଅନ୍ତର୍ଗତ ଜଗଦା ଗେଟ୍ ନିକଟରୁ ରାଉରକେଲା ଏନ୍ଆଇଟିର ଜଣେ ପିଏଚ୍ଡ଼ି ଛାତ୍ରଙ୍କ ବାଇକ୍ ଚୋରି ଅଭିଯୋଗରେ ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଗଦା ଅଞ୍ଚଳର ରାଜେଶ ସିନ୍ଧ୍ରୀୟା(୨୯)। ତାଙ୍କଠାରୁ ୨ଟି ବାଇକ୍ ଜବତ ହୋଇଛି। ପୂର୍ବରୁ ରାଜେଶଙ୍କ ବିରୋଧରେ ସେକ୍ଟର-୩ ଏବଂ ସେକ୍ଟର-୧୯ ଥାନାରେ ୯ଟି ଆପରାଧିକ ମାମଲା ରହିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୮୬/୨୫) ରୁଜୁ କରି ପୂର୍ବାହ୍ନ ୧୦ଟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୫ ତାରିଖରେ ଏନ୍ଆଇଟି ପିଏଚ୍ଡ଼ି ଛାତ୍ର ଶୁଭମ୍ ବେହେରା(୨୮) ତାଙ୍କ ବାଇକ୍ ଜଗଦା ଗେଟ୍ ନିକଟରେ ପାର୍କିଂ କରିଥିଲେ। ପରେ ସେଠାରୁ ତାଙ୍କ ବାଇକ୍ ଆଉ ପାଇ ନ ଥିଲେ। ଅନ୍ୟ ଉପାୟ ନ ପାଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ତଦନ୍ତ କରି ଏଥିରେ ସମ୍ପୃକ୍ତି ସନ୍ଦେହରେ ରାଜେଶଙ୍କୁ ଅଟକ ରଖି ପଚରାଉଚୁରା କରିବା ପରେ ସତ ପଦାକୁ ଆସିଥିଲା।

# 'ତିମିର ତୀର୍ଥରେ ଏକ ରାତି' ନାଟକ ମଞ୍ଚସ୍ଥ


ପରିବେଷିତ ନାଟକର ଏକ ଦୃଶ୍ୟ।

## ଚିନ୍ତା-ପ୍ରତିମା ବହୁଭାଷୀ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

ରାଉରକେଲା,୧୧।୫(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସିଭିକ୍ ସେଣ୍ଟର ପ୍ରେକ୍ଷାଳୟରେ ଚାଲିଥିବା ଚିନ୍ତା-ପ୍ରତିମା ବହୁଭାଷୀ ନାଟ୍ୟ ମହୋତ୍ସବର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ନାଟକ 'ତିମିର ତୀର୍ଥରେ ଏକ ରାତି' ମଞ୍ଚସ୍ଥ ହୋଇଯାଇଛି। ନାଟକର କଥାବସ୍ତୁରେ ତୀର୍ଥରେ ମନୁଷ୍ୟ ମୋକ୍ଷପ୍ରାପ୍ତ ହୋଇଥାଏ। କିନ୍ତୁ ତିମିର ତୀର୍ଥରେ ମନୁଷ୍ୟ ନିଜର ଅସ୍ତିତ୍ୱ ହରାଇଥାଏ। ଯେମିତି ହରାଇଥିଲା ସୁଦୂର ଆଦିବାସୀ ଅଧ୍ୟୁଷିତ ଜିଲାର ସରଳ ଝିଅଟିଏ। ତା ଆଖିର ସବୁ ସ୍ୱପ୍ନ ଲୁହ ହୋଇ ବୋହିଗଲା। ସେଇ ଲୁହକୁ ପୋଛିଦେବା ପାଇଁ ଲମ୍ବି ଆସେ ଆଉ ଜଣେ ଅନାଥ ମଣିଷର ହାତ। ଦୁହେଁ ମିଶି ଝିଅଟିର ଭଙ୍ଗା ସ୍ୱପ୍ନକୁ ଯୋଡ଼ି ଏକ ନୂତନ ସଂସାର ଗଢିବାର ଉଦ୍ୟମ କରନ୍ତି। ତିମିର ତୀର୍ଥରେ ସବୁ କିଛି ଅନ୍ଧାର। ସେ ବହଳ ଅନ୍ଧାର ଭିତରେ ଆଶାର ଦୀପ ଶିଖାଟି ଯେଉଁ ଝଡ଼ଝଞ୍ଜାର ସମ୍ମୁଖୀନ ହୁଏ, ତାକୁ ନାଟ୍ୟକାର ଗୋଟିଏ ରାତିର ମାର୍ମିକ କାହାଣୀ ମାଧ୍ୟମରେ ତୋଳି ଧରିବାକୁ ଚେଷ୍ଟା କରିଛନ୍ତି। ଏଥିରେ କୈଳାସ, ଗୁରୁ, ରାକେଶ, ଦେବୀ, ମନୀଷା ପ୍ରମୁଖ ଅଭିନୟ କରିଥିଲେ। ଚିନ୍ତାମଣି ଜେନା ନାଟକ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ପ୍ରଶାନ୍ତ କୁମାର ମହାପାତ୍ର। ଏହି ନାଟକକୁ କଳାକାର ଏକତା ମଞ୍ଚ, ଭୁବନେଶ୍ୱରର କଳାକାର ପରିବେଷଣ କରିଥିଲେ। ଉଦ୍‌ଯାପନ ସନ୍ଧ୍ୟାରେ ଆମ୍ବେଡ଼କର ଫାଉଣ୍ଡେଶନ ସଭାପତି ପ୍ରଫୁଲ୍ଲ ସୁନାନି, ନିର୍ଦ୍ଦେଶକ ତଥା ଅଭିନେତା ରାଜୀବ ପାଣି ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ ତଥା ପ୍ରଯୋଜକ ଅଚ୍ଛୁ ପ୍ରଧାନଙ୍କୁ ପ୍ରଥମ ଚିନ୍ତା-ପ୍ରତିମା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀ ଜଗନ୍ନାଥ ସାଂସ୍କୃତିକ ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବାହ୍ନ ୧୧ଟାରେ ପ୍ରୟାସ ନାଟଘରଠାରେ 'ନାଟକରେ ଚିନ୍ତାମଣି' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏହି ଆଲୋଚନାଚକ୍ରରେ ଭାସ୍କର ମହାପାତ୍ର, ରାଜୀବ ପାଣି, ଶରତ ଦାସ, ଡ. ସମର ମୁଦାଲି, ଡ. ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରି ନାଟ୍ୟାଚାର୍ଯ୍ୟ ଚିନ୍ତାମଣି ଜେନାଙ୍କ କୃତି ଓ କୃତିତ୍ୱ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ।

# ସ୍ମାର୍ଟ ୱାଟର ଷ୍ଟେଶନ ଉଦ୍‌ଘାଟିତ



ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା,୧୧।୫(ବିପ୍ଳବ ରଞ୍ଜନ ଦାଶ)

ରୋଟାରୀ କ୍ଲବ ଅଫ୍ ରାଉରକେଲା ଭାଇବ୍ରାଣ୍ଟ ଓ ଗୋପବନ୍ଧୁ ପାଠାଗାରର ମିଳିତ ଆନୁକୂଲ୍ୟରେ ପାଠାଗାର ସମ୍ମୁଖରେ ରବିବାର ଏକ ସ୍ମାର୍ଟ ୱାଟର ଷ୍ଟେଶନ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଭାଇବ୍ରାଣ୍ଟ ସଭାପତି ପ୍ରଶାନ୍ତ ରଞ୍ଜନ ପାତ୍ର ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ବସନ୍ତ କୁମାର ତନ୍ତୀଙ୍କ ଆବାହକତ୍ୱରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୧ର ଜିଲା ଗଭର୍ଣ୍ଣର ଅଖିଳ କୁମାର ମିଶ୍ର, ପ୍ରାକ୍ତନ ଜିଲା ଗଭର୍ନର ମଞ୍ଜିତ ସିଂ ଆରୋରା, ଏଡିଜି ଅର୍ଚ୍ଚନା ମହାନ୍ତି, ଗୋପବନ୍ଧୁ ପାଠାଗାରର ଗିରିଜା ଶଙ୍କର ଗୋସ୍ୱାମୀ ଓ ସମ୍ପାଦକ ହରିହର ଶତପଥୀ ପ୍ରମୁଖ ଯୋଗଦେଇ ଭାଇବ୍ରାଣ୍ଟର ସାମାଜିକ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ପଥଚାରୀଙ୍କ ପାଇଁ ଏକ ପାନୀୟଜଳ ମେଶିନ (ସ୍ମାର୍ଟ ୱାଟର ଷ୍ଟେଶନ)କୁ ଅତିଥିମାନେ ଲୋକାର୍ପିତ କରିଥିଲେ। ପୂର୍ବତନ ସଭାପତି ଗଣେଶ୍ୱର ପଟ୍ଟନାୟକ ମଞ୍ଚ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଡ. ସଞ୍ଜୁକ୍ତା ପତି, ଅନିତା ନାୟକ, ବିଜୟଲକ୍ଷ୍ମୀ ତ୍ରିପାଠୀ, ସବିତା ମହାନ୍ତି, କାଜଲ ପାଢ଼ୀ, ପ୍ରଦ୍ୟୁମ୍ନ ବିଶ୍ୱାଳ, ହରିହର ନାୟକ, ବିଶ୍ୱନାଥ ଜେନା, ସୂର୍ଯ୍ୟ ନାରାୟଣ ପଣ୍ଡା, ରବିନ୍ଦ୍ର ସରାଫ, ଜ୍ଞାନେନ୍ଦ୍ର ରାୟ, ଡ. ଶକ୍ତିପ୍ରସାଦ ସାମନ୍ତରାୟ, ରାଜୀବ ପାଣି, ରାଧାମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭାଇବ୍ରାଣ୍ଟର ସମ୍ପାଦକ ବସନ୍ତ କୁମାର ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।


ସାଇଭେଲି ସ୍କୁଲରେ ଆତ୍ମରକ୍ଷା ତାଲିମ କୌଶଳ ପ୍ରଦାନ କରାଯାଉଛି।

# ଏନ୍‌ସିସି ବାଟାଲିୟନରେ ଆତ୍ମରକ୍ଷା କୌଶଳ ତାଲିମ

ରାଉରକେଲା,୧୧।୫(ସଙ୍ଗୀତା ଜେନା)

ରାଉରକେଲାର ଏନ୍‌ସିସି ୯ମ ଓଡ଼ିଶା ବାଟାଲିୟନର ବାର୍ଷିକ ତାଲିମ ଶିବିର ସାଇଭେଲି ସ୍କୁଲରେ ଗତ ୬ ତାରିଖରୁ ଆରମ୍ଭ ହୋଇଛି। ଉକ୍ତ ଶିବିରରେ ଶନିବାର ଓ ରବିବାର ୨ ଦିନ ଧରି ଯୁଦ୍ଧ ପରିସ୍ଥିତି ମୁକାବିଲା ପାଇଁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରାଯାଇଥିଲା। ଏହି ତାଲିମ ସକାଳ ୮ଟାରେ ଆରମ୍ଭ ହୋଇଥିଲା। ଏଥିରେ ରାଉରକେଲା, ସୁନ୍ଦରଗଡ଼, ରାଜଗାଙ୍ଗପୁର, ଉତ୍କଳପୁରର ବିଭିନ୍ନ ସ୍କୁଲ ଓ କଲେଜର ସିନିୟର, ଜୁନିୟର ବର୍ଗର ୬୨୯ ଜଣ ବାଳିକା ବାଳକ ଅଂଶଗ୍ରହଣ କରିଥିଲେ। ରବିବାର ସକାଳ ୮ଟାରେ ଏ ନେଇ ଏକ ମକ୍ ଡ୍ରିଲ ହୋଇଥିଲା। ସାଇରନ ବାଜିବା ପରେ ଆହତ ବ୍ୟକ୍ତିଙ୍କୁ କେଉଁ ଉପାୟରେ ସାହାଯ୍ୟ କରିବା, ସୁରକ୍ଷା ତଥା ଜୀବନ ବଞ୍ଚାଇବା ଦିଗରେ ବିସ୍ତୃତ ସୋପାନ ପ୍ରଶିକ୍ଷଣ ଦିଆଯାଇଥିଲା। ଦୁର୍ଘଟଣା ସ୍ଥାନରୁ ସୁରକ୍ଷିତ ସ୍ଥାନକୁ ନେବା ଯଥାକ୍ରମେ କ୍ରାଡେଲ, ହ୍ୟୁମାନ କ୍ରଚ୍, ପିକ୍ ଏ ବେକ୍, ଫାୟାର ମେନ୍ ଲିଫ୍ଟ, ଟୁ ହ୍ୟାଣ୍ଡ ସଟ୍, ଥ୍ରୀ ହ୍ୟାଣ୍ଡ ସଟ୍, ଫୋର୍ ହ୍ୟାଣ୍ଡ ସଟ୍, କ୍ଲଥ୍ ଷ୍ଟ୍ରେଚର, ହ୍ୟୁମାନ ଷ୍ଟ୍ରେଚର ସମ୍ପର୍କରେ ପ୍ରଦର୍ଶନ କରାଯାଇଥିଲା। କମାଣ୍ଡିଂ ଅଫିସର କର୍ନେଲ ଶଶାଙ୍କ ଚନ୍ଦ୍ରକାନ୍ତ କୁଲକର୍ନୀଙ୍କ ଅନୁରୋଧ କ୍ରମେ ବେସାମରିକ ପ୍ରତିରକ୍ଷା ବାହିନୀର କମ୍ପାନୀ କମାଣ୍ଡର ଓ ମାଷ୍ଟର ଟ୍ରେନର ଶୁଭେନ୍ଦୁ ପଣ୍ଡା, ଦିଲୀପ ରାଉତ, ଶରତ ଚନ୍ଦ୍ର ଖଡ଼ିଆ, ମଣ୍ଟୁ ଭୋଇ, ସଞ୍ଜୟ ଖଡିଆ, ରିତେଶ ସାହୁ, ସୁରଜ ପ୍ରସାଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୯ମ ବାଟାଲିୟନର ଏଡମ ଅଫିସର ଲ୍ୟୁଟନାଣ୍ଟ କର୍ନେଲ ଗଗନଦୀପ ସିଂହ, ସୁଖୱିନ୍ଦର ସିଂହ, ଏନ୍‌ସିସି ଅଫିସର ଆରୟା ଜେନା, ଅଜିତ ବେହେରା, ସସ୍ମିତା ଟପ୍ପୋ ପ୍ରମୁଖ ଶିବିର ଆୟୋଜନ କରିଥିଲେ। ସାଂସ୍କୃତିକ ସଂଯୋଗ, ଭାଷା ଓ ପରଖିବା ଓ ଜାତୀୟ ଏକକୀକରଣ ଭାବନା ବିକଶିତ କରିବା ଉଦ୍ଦେଶ୍ୟରେ ଏହା ଆୟୋଜନ କରାଯାଉଛି।

# ଅଲ୍‌ଟ୍ରାସାଉଣ୍ଡ ମେଶିନ ନାହିଁ, ରୋଗୀ ଖର୍ଚ୍ଚାନ୍ତ

ରାଉରକେଲା,୧୧।୫(ବିପ୍ଳବ ରଞ୍ଜନ ଦାଶ)

## ରାଉରକେଲା ସରକାରୀ ଡାକ୍ତରଖାନା

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ବର୍ଷ ବର୍ଷ ଧରି ସାଧାରଣ ଅଲ୍‌ଟ୍ରାସାଉଣ୍ଡ ମେଶିନ ଉପଲବ୍ଧ ହେଉ ନ ଥିବାବେଳେ ସୋନୋଲୋଜିଷ୍ଟ ବିଶେଷଜ୍ଞ ଡାକ୍ତର ମଧ୍ୟ ନିଯୁକ୍ତ ହେଉନାହାନ୍ତି। ଫଳରେ ଆର୍‌ଜିଏଚ୍‌କୁ ଭରସା କରି ଆସୁଥିବା ସୁନ୍ଦରଗଡ଼ ସମେତ ଝାଡ଼ଖଣ୍ଡର ହଜାର ହଜାର ରୋଗୀ ବେସରକାରୀ କ୍ଲିନିକ୍‌ରେ ଅଲ୍‌ଟ୍ରାସାଉଣ୍ଡ କରି ଖର୍ଚ୍ଚାନ୍ତ ହେଉଛନ୍ତି।

ପ୍ରକାଶ ଥାଉକି, ଗତ ତା. ୨୨।୬।୨୦୦୦ରିଖରେ ସାଂସଦ ପାଣ୍ଠିରୁ ଆର୍‌ଜିଏଚ୍‌ରେ କିଡ୍‌ନୀ, ଟ୍ୟୁମର ତଥା ବିଭିନ୍ନ ରୋଗ ପରୀକ୍ଷଣ ବିନାମୂଲ୍ୟରେ କରିବା ସହ ଗରିବ ରୋଗୀଙ୍କୁ ଅହେତୁକ ଖର୍ଚ୍ଚାନ୍ତରୁ ରକ୍ଷା କରିବା ପାଇଁ ଏକ ସାଧାରଣ ଅଲଟ୍ରାସାଉଣ୍ଡ ମେଶିନ ସ୍ଥାପନ କରାଗଲା। ତତ୍କାଳୀନ ମେଡିଶିନ ସ୍ପେଶାଲିଷ୍ଟ ହରଜିତ ସିଂହଙ୍କ ତତ୍ତ୍ୱାବଧାନରେ ଏହି ମେଶିନ ଚାଲିଥିଲା। ମାତ୍ର ସେ ଅବସର ନେବା ପରେ ଉକ୍ତ ଅଲ୍‌ଟ୍ରାସାଉଣ୍ଡ ମେଶିନ ବ୍ୟବହାର ନ ହେବାରୁ ଅଚଳ ହୋଇପଡିଲା। ଫଳରେ ଉକ୍ତ ମେଶିନକୁ ମରାମତି ନ କରି ସମ୍ପୂର୍ଣ୍ଣ ହଟାଇ ଦିଆଗଲା। ଉକ୍ତ ସ୍ଥାନରେ ଇସିଜି ମେଶିନ ବସାଗଲା। ପ୍ରାୟ ୩ବର୍ଷ ହେଲାଣି ଆର୍‌ଜିଏଚ୍‌ରେ ନା ସୋନୋଲୋଜିଷ୍ଟ ନିଯୁକ୍ତ ହେଉଛନ୍ତି ନା ସାଧାରଣ ଅଲଟ୍ରାସାଉଣ୍ଡ ମେଶିନ ଉପଲବ୍ଧ ହେଉଛି। ଫଳରେ ଆର୍‌ଜିଏଚ୍‌କୁ ଆସୁଥିବା ଗରିବ ରୋଗୀ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ସେମାନେ ବେସରକାରୀ କ୍ଲିନିକ୍‌ରେ ଅଲ୍‌ଟ୍ରାସାଉଣ୍ଡ ପରୀକ୍ଷା କରାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଅଲ୍‌ଟ୍ରାସାଉଣ୍ଡ ମେଶିନ ଚଳାଇବା ପାଇଁ ଦୀର୍ଘବର୍ଷ ହେଲା ଜଣେ ସୋନୋଲୋଜିଷ୍ଟ ତଥା ରେଡିଓଗ୍ରାଫର ପଦବୀ ମଧ୍ୟ ପୂରଣ ହେଉନାହିଁ। ଏଣୁ ତୁରନ୍ତ ଏ ଦିଗରେ ବିଭାଗୀୟ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନେବା ଜରୁରୀ ବୋଲି ରୋଗୀ ମହଲରେ ଦାବି ହେଉଛି। ଏ ପ୍ରସଙ୍ଗରେ ରାଉରକେଲାର ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ କୁହନ୍ତି, ବେସରକାରୀ କ୍ଲିନିକ୍‌ଗୁଡିକର ରୋଜଗାର ବୃଦ୍ଧି ପାଇଁ ଆର୍‌ଜିଏଚ୍‌ରେ ଅଲ୍‌ଟ୍ରାସାଉଣ୍ଡ ମେଶିନ ମରାମତି କରାଯାଉନାହିଁ। ଏ ନେଇ ପ୍ରତିବାଦ କରିବା ପରେ ପୂର୍ବତନ ଆର୍‌ଜିଏଚ୍ କର୍ତ୍ତୃପକ୍ଷ ୧୫ଦିନରେ ସରକାରୀ ହସ୍ପିଟାଲ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଯାଏ ପ୍ରତିଶ୍ରୁତି ପୂରଣ ହେଲାନାହିଁ। ଏଣୁ ଏ ଦିଗରେ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗକୁ ପୁଣି ଆନ୍ଦୋଳନ ହେବ ବୋଲି ବିଶ୍ୱାଳ କହିଥିଲେ।

ଏ ନେଇ ଆର୍‌ଜିଏଚ୍ ସୁପରିଣ୍ଟେଣ୍ଡେଣ୍ଟ ପଣ୍ଡିତ ସାହୁଙ୍କୁ ପଚାରିବାରୁ ସେ କହିଲେ, ଆର୍‌ଜିଏଚ୍‌ରେ ଦୀର୍ଘବର୍ଷ ହେଲାଣି ଜେନେରାଲ ଅଲ୍‌ଟ୍ରାସାଉଣ୍ଡ ମେଶିନ ନାହିଁ। ମେଶିନ ଅଭାବ ବଡ ସମସ୍ୟା ନୁହେଁ ମେଶିନ ଚଳାଇବା ପାଇଁ ଡାକ୍ତର ଅଭାବ ଗୁରୁତ୍ୱପୂର୍ଣ୍ଣ ସମସ୍ୟା। ଖୁବ୍‌ଶୀଘ୍ର ଆର୍‌ଜିଏଚ୍ ଚିକିତ୍ସା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ହେବାକୁ ଚୂଡାନ୍ତ ହୋଇଥିବା ସାହୁ କହିଥିଲେ।

# ମାତୃ ଦିବସରେ ମା'ଙ୍କୁ ପୂଜାର୍ଚ୍ଚନା


ମାତୃ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ରାଉରକେଲା,୧୧।୫(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଦି ହ୍ୟୁମାନିଟି ଫାଉଣ୍ଡେଶନ ତରଫରୁ ରାଉରକେଲା କ୍ଲବରେ ରବିବାର ବିଶ୍ୱ ମାତୃ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଦୀପ୍ତି ସୁନ୍ଦରାୟ ଅଧ୍ୟକ୍ଷତା କରିଥିଲେ। ଏଥିରେ ସାମାଜିକ କର୍ମୀ କମଲ ଅଗ୍ରୱାଲ ମୁଖ୍ୟଅତିଥି, ଅନିତା ଅଗ୍ରୱାଲ, ଅମରେନ୍ଦ୍ର ପୁହାଣ, ରାମଚନ୍ଦ୍ର ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସଦସ୍ୟାମାନଙ୍କ ମା' ଓ ଶାଶୁମା'ମାନଙ୍କୁ ପୂଜାର୍ଚ୍ଚନା ସହ ଉପହାର ବଣ୍ଟନ କରାଯାଇଥିଲା। ସମ୍ପାଦିକା ଲିନା ତ୍ରିପାଠୀ, ସହ ସମ୍ପାଦିକା ଶୁଭଲକ୍ଷ୍ମୀ ପାତ୍ର, ଉପଦେଷ୍ଟା ଗ୍ରେସୀ ଡେଭିଡ, ଗରିମା ପତ୍ରୀ, ଶଶିଲତା କର, ବିଜୟାନନ୍ଦ ସୁନ୍ଦରାୟ, ଅଶ୍ୱିନୀ କିଷାନ, ପ୍ରିୟଙ୍କା ପାଣି, ରଶ୍ମିତା ମଲ୍ଲିକ, ରୁନୁ ରାଉତ, କାର୍ତ୍ତିକ ରାଉତ, ରଶ୍ମିତା ବିଶୋଇ, ସତ୍ୟ ଭାଇ, ଆଇନଜୀବୀ ଅନସୂୟା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶୁଭଲକ୍ଷ୍ମୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜୟ ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଧାକୃଷ୍ଣ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ


ନାମଯଜ୍ଞରେ ନାମ ସଂକୀର୍ତ୍ତନ କରାଯାଉଛି।

ରାଉରକେଲା,୧୧।୫(ଦିନେଶ ମିଶ୍ର)

ରାଉରକେଲା ଫର୍ଟିଲାଇଜରସ୍ଥିତ ଲାଲଟାଙ୍ଗି ଅଞ୍ଚଳରେ ଥିବା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ବାସିନ୍ଦା ତରକେରା ନଦୀଘାଟରୁ ଜଳପୂର୍ଣ୍ଣ କଳସଗୁଡ଼ିକୁ ଶୋଭାଯାତ୍ରାରେ ଆଣି ରାଧାଗୋବିନ୍ଦ ମନ୍ଦିର ପରିସରରେ ସ୍ଥାପନ କରିଥିଲେ। ପଦ୍ମଲୋଚନ ଗିରି ଓ ତାଙ୍କ ସହଧର୍ମିଣୀ କର୍ତ୍ତା ଭାବେ ପୂଜାବିଧି ସମ୍ପନ୍ନ କରିଥିଲେ। ପରେ ନାମ ସଂକୀର୍ତ୍ତନ କରାଯାଇଥିଲା। ଦୋଳଗୋବିନ୍ଦ କେବର୍ତ୍ତ, ରତନ ଗିରି, ବୈଶାଖୁ ପ୍ରଧାନ, ବାସୁଦେବ ଗିରି, ଗୋପାଳ ନାୟକ, ନୃସିଂହ ପ୍ରଧାନ, ଋଷି ବାରିକ, ରବି ନାୟାର, ରାମେଶ୍ୱର ଗିରି, ସତ୍ୟରଞ୍ଜନ ପ୍ରଧାନ, ମନୋଜ ତମଙ୍ଗୋ ପ୍ରମୁଖ ସହଯୋଗ କରିଥିଲେ। ୧୯୯୬ରୁ ଅଞ୍ଚଳବାସୀଙ୍କ ସହଯୋଗରେ ଏହି ନାମ ସଂକୀର୍ତ୍ତନ ଆୟୋଜିତ ହୋଇଆସୁଛି।

# ସନ୍ଥକବିଙ୍କ ସାହିତ୍ୟ, ଭଜନ ଚିରସ୍ମରଣୀୟ

ରାଉରକେଲା,୧୧।୫ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୭ ସ୍ଥିତ ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠାନ ସମ୍ମିଳନୀ କକ୍ଷରେ ରବିବାର ସନ୍ଧ୍ୟା ୭ଟାରେ ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ପାଳନ ସହ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶ୍ରମିକ ନେତା ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସନ୍ଥକବି ଭୀମ ଭୋଇ ଜଣେ ଭବିଷ୍ୟ ଦ୍ରଷ୍ଟା, ସାହିତ୍ୟ ରଚୟିତା ଓ ସମାଜ ସୁଧାରକ ଥିଲେ ବୋଲି କହିଥିଲେ। ତାଙ୍କ ରଚିତ ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ ପଦ୍ୟ ସାମାଜିକ କ୍ଷେତ୍ରରେ ମାନବୀୟ ସମାଜକୁ ପ୍ରେରଣା ଦିଏ। ଏଥିସହ ଏହି ପଦ୍ୟ ସଂସଦ ଏବଂ ଜାତିସଂଘରେ ମଧ୍ୟ ଲିପିବଦ୍ଧ ହୋଇଛି। ଏହା ସନ୍ଥକବିଙ୍କ ମହାନ ଲେଖନୀକୁ ଚିରସ୍ମରଣୀୟ କରେ। ଅଲେଖ ମହିମା ପ୍ରଚାରକ ସାଧୁ କରୁଣାକର ଦାସ ମୁଖ୍ୟବକ୍ତା ଏବଂ ବରିଷ୍ଠ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପତି ଅନ୍ୟତମ ବକ୍ତା ଭାବେ ଯୋଗଦେଇ ସନ୍ଥକବିଙ୍କ ଜନ୍ମ ଏକ ରହସ୍ୟମୟ ଗାଥା ବୋଲି ଉଲ୍ଲେଖ କରିଥିଲେ। ସେ ସର୍ବଦା ମୂର୍ତ୍ତିପୂଜା ଏବଂ ବର୍ଣ୍ଣ ବୈଷମ୍ୟବାଦକୁ ବିରୋଧ କରିବା ସହ ଅଲେଖ ମହିମା ମାଧ୍ୟମରେ ଅବହେଳିତ ଦଳିତ ଲୋକମାନଙ୍କ କଲ୍ୟାଣ କରିଆସୁଥିଲେ। ସନ୍ଥକବି ଭୀମଭୋଇଙ୍କ ରଚିତ ଭଜନ ମାଳା, ନିବେଦକ ସାଧନା ଗୀତା, ସ୍ତୁତି ଚିନ୍ତାମଣି କାଳଜୟୀ ରଚନା ଭାବେ ଆଦୃତ ହୋଇଆସୁଛି। ସନ୍ଥକବିଙ୍କ ମାଳିକା ସୂତ୍ର ଭବିଷ୍ୟତ ବିପ୍ଳାତ ସହ ମଣିଷକୁ ସଜାଗ ରହିବାକୁ ପ୍ରେରଣା ଦିଏ ବୋଲି ବକ୍ତାମାନେ କହିଥିଲେ। ପ୍ରଥମ ପର୍ଯ୍ୟାୟ ଅଧିବେଶନକୁ ସାହିତ୍ୟିକା ମୃଳା କୁମାରୀ ରଥ ସଂଯୋଜନା କରିଥିବା ବେଳ ରଶ୍ମିବାଳା ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ଆସର ହୋଇଥିଲା। ଇସ୍ପାତ ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଇଚାରାକୁ ସୁଦୃଢ଼ କରେ ପଖାଳ କଂସା

ରାଉରକେଲା,୧୧।୫(ସଙ୍ଗୀତା ଜେନା)

## ଜେଏସ୍‌ପିରେ ପଖାଳ ଦିବସ ପାଳିତ

ପାରମ୍ପରିକ ଓଡ଼ିଆ ଖାଦ୍ୟ ଭାବେ ପଖାଳର ଅସ୍ତିତ୍ୱ ବଜାୟ ରହିଛି। ଏହାକୁ ଖାଇଲେ ଶରୀର ସୁସ୍ଥ ରହିଥାଏ। ଏହି ପଖାଳ ମଧ୍ୟ ଯଥେଷ୍ଟ ବୈଜ୍ଞାନିକ କାରଣ ବହନ କରୁଛି। ଏହା ଓଡ଼ିଆମାନଙ୍କ ପରିଚୟ ପାଲଟିଛି। ଦେଶ ବିଦେଶରେ ଏହାକୁ ଖୁବ୍ ଆନନ୍ଦରେ ଲୋକେ ଗ୍ରହଣ କରୁଛନ୍ତି। ପଖାଳ କଂସା ସାମାଜିକ ଓ ପାରିବାରିକ ସ୍ଥିତି ସୁଦୃଢ଼ କରିଥାଏ। ପୂର୍ବରୁ ଗୋଟିଏ କଂସାରେ ଭାଇମାନେ ପଖାଳ ଖାଉଥିଲେ। ଏଥିପାଇଁ ସେମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଭାବ ରହୁଥିଲା ଏବଂ ଭାଇଚାରା ସୁଦୃଢ଼ ହେଉଥିଲା। ଜଗଦା ସ୍ଥିତ ସାମାଜିକ ସଙ୍ଗଠନ ଜଗଦା ସାଂସ୍କୃତିକ ପରିଷଦ (ଜେଏସ୍‌ପି) ଆନୁକୂଲ୍ୟରେ ମା' ବାଟ ମଙ୍ଗଳା ଶକ୍ତିପୀଠ ସମ୍ମିଳନୀ କକ୍ଷରେ ରବିବାର ମଧ୍ୟାହ୍ନ ୧୨ଟାରେ ଆୟୋଜିତ ପଖାଳ ଦିବସ କାର୍ଯ୍ୟକ୍ରମରେ ଏଭଳି ମତପ୍ରକାଶ ପାଇଛି। ଅନୁଷ୍ଠାନର ଉପଦେଷ୍ଟା ସଞ୍ଜୀବ ମହାନ୍ତି, ପ୍ରଭାତ ମହାନ୍ତି, ଲକ୍ଷ୍ମୀଧର ନାୟକ, ପିତାମ୍ବର ଲେଙ୍କା, କାଶୀନାଥ ପଣ୍ଡା, ମଧୁସୂଦନ ମହାପାତ୍ର, ଡି.ଏନ୍ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇଂ. ବିମଳ ବିଶି, ମନୋରଞ୍ଜନ ଦାଶ, ହିମାଂଶୁ ବଳ, ପ୍ରଶାନ୍ତ ସେଠୀ, ଇଂ. ଅଭୟ ଦାସ, ପ୍ରାଧ୍ୟାପକ ଡ. ଅଜିତ ବେହେରା, ଡ. ଆର୍. କେ. ବିଶ୍ୱାଳ, ହରପ୍ରିୟା ପଟ୍ଟନାୟକ, ବୀଣାପାଣି ପଟ୍ଟନାୟକ, ବିମାନ ମାଇତି, ରାଜକିଶୋର ପ୍ରଧାନ, ଶ୍ରଦ୍ଧା ଷଡଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନୁଷ୍ଠାନର କର୍ମକର୍ତ୍ତା।

# ରେଲୱେ କଲୋନି ରାସ୍ତା ମରଣଯନ୍ତା

ରାଉରକେଲା,୧୧।୫(ସଙ୍ଗୀତା ଜେନା)

ରାଉରକେଲା ରେଲୱେ କଲୋନି ରାସ୍ତା ମରଣଯନ୍ତା ପାଲଟିଛି। ଉକ୍ତ ରାସ୍ତା ଦେଇ ହଜାର ହଜାର ଲୋକ ଦୈନିକ ଯାଆସ କରୁଥିଲେ ମଧ୍ୟ ଏହାର ମରାମତି ପାଇଁ ବିଭାଗର ଆଦୌ ଦୃଷ୍ଟି ପଡୁ ନ ଥିବା ଅଭିଯୋଗ ହେଉଛି।

ରେଲୱେ କଲୋନି ହେଉଛି ସ୍ମାର୍ଟସିଟି ରାଉରକେଲାର ଏକ ପ୍ରମୁଖ ଅଂଶ। ଏଠାରେ ରେଲୱେ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦାମାନଙ୍କ ଆବାସ ରହିଛି। ଏହାର ଚତୁଃପାର୍ଶ୍ୱରେ ବାସନ୍ତୀ କଲୋନି, ମଧୁସୂଦନପାଲୀ, ଟିମ୍ବର କଲୋନି, ଛେଣ୍ଡ ଆଦି ଅଞ୍ଚଳ ରହିଛି। ଏହି ଅଞ୍ଚଳର ବି' ବ୍ଲକରେ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଠାରେ ସ୍କୁଲ, ପାର୍କ, ଖେଳପଡ଼ିଆ, ପୋଷ୍ଟଅଫିସ୍ ଆଦି ରହିଛି। ଦୈନିକ ଉକ୍ତ ରାସ୍ତା ଦେଇ ସ୍କୁଲ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକଙ୍କ ସମେତ ହଜାର ହଜାର ଲୋକ ଯାଆସ କରିଥାନ୍ତି। ପ୍ରାୟ ୨୫/୩୦ବର୍ଷ ତଳେ ଏହି ରାସ୍ତା ନିର୍ମାଣ କରାଯାଇଥିଲା ବେଳେ ପ୍ରତ୍ୟେକ ବର୍ଷ ମରାମତି ହେଉନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରେଲୱେ କଲୋନିରେ ପ୍ରାୟ ୧୨ବର୍ଷ ହେଲା ରହୁଥିବା ଯୁବକ ଅନୀଲ କୁମାରଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ବର୍ଷରୁ ଏହି ରାସ୍ତା ନିର୍ମାଣ ହୋଇନାହିଁ। କୌଣସି ଦୁର୍ଘଟଣା ହେଲେ ଅବସ୍ଥା ସାଂଘାତିକ ହେଉଛି। ରେଲୱେ କର୍ତ୍ତୃପକ୍ଷ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହାନ୍ତି ବୋଲି ଅନୀଲ କହିଥିଲେ।


ରେଳବାଇ କଲୋନିର ବିପର୍ଯ୍ୟସ୍ତ ରାସ୍ତା।

ସେହିପରି ସାମାଜିକ କର୍ମୀ ନବୀନ ଗୁପ୍ତା କୁହନ୍ତି, ସରକାରୀ ରାସ୍ତାଗୁଡ଼ିକ ବର୍ଷେ ଦୁଇ ବର୍ଷରେ ମରାମତି କରାଯାଉଛି। ହେଲେ ରେଳବାଇ ନିକଟରେ ପାଣ୍ଠିର ଅଭାବ ନ ଥାଇ ଏପରି ରାସ୍ତା ନିର୍ମାଣରେ କୁଣ୍ଠାବୋଧ କରାଯାଉଥିବା ଦେଖାଯାଉଛି। ବର୍ଷ ବର୍ଷ ବିତିଯାଉଛି ହେଲେ ରାସ୍ତା ନିର୍ମାଣ ହେଉନି। ବିପର୍ଯ୍ୟସ୍ତ ରାସ୍ତାଘାଟ ଯୋଗୁ ଦୁର୍ଘଟଣା ହେଉଛି। ରେଳବାଇର ଭିତ୍ତିଭୂମି, ରାସ୍ତାଘାଟ ଓ ଅନ୍ୟ ବିକାଶମୂଳକ କାର୍ଯ୍ୟ ପାଇଁ ନିର୍ଦ୍ଦିଷ୍ଟ ପାଣ୍ଠି ରହୁଛି। ଏଥିରୁ ଉକ୍ତ ରାସ୍ତା ନିର୍ମାଣ କିପରି ବାଦ୍ ପଡୁଛି ତାହା ଦୁର୍ଭାଗ୍ୟଜନକ ବୋଲି ଗୁପ୍ତା କହିଥିଲେ। ଏ ସମ୍ପର୍କରେ ରାଉରକେଲା ସେକ୍ସନ ବରିଷ୍ଠ ଅଧିକାରୀ ଟି. କେ. ଶତପଥୀଙ୍କୁ ପଚରାଯିବାରୁ ସେ କହିଲେ, କଲୋନିର ବିଭିନ୍ନ ଅଞ୍ଚଳରେ ଥିବା ରାସ୍ତାଘାଟ ନିର୍ମାଣ ପାଇଁ ପ୍ରସ୍ତାବ ଯାଇଛି। ଏହି ସମସ୍ୟାର ସମାଧାନ ଅତିଶୀଘ୍ର ହେବ ବୋଲି ସେ କହିଥିଲେ।

# ନିର୍ମାଣ ସରିଛି, କାର୍ଯ୍ୟକ୍ଷମ ହେଉନି

ନାକଟିଦେଉଳ,୧୧।୫(ବୈକୁଣ୍ଠନାଥ ସାହୁ)


ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଓ ଡାକ ବଙ୍ଗଳା।

**ନାକଟିଦେଉଳ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଓ ଡାକ ବଙ୍ଗଳା**

**ଅର୍ଥ ଆସିଲେ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ କରାଯିବ: ଯନ୍ତ୍ରୀ**

ନିର୍ମାଣକୁ ବିତିଗଲାଣି ୪ବର୍ଷ। ହେଲେ ବିଭାଗୀୟ ଅବହେଳାରୁ ଏହା କାର୍ଯ୍ୟକ୍ଷମ ହେଉନାହିଁ। ଫଳରେ ଏବେ ଭୂତକୋଠି ସଦୃଶ ହୋଇ ପଡି ରହିଛି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକରେ ନବ ନିର୍ମିତ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଓ ଡାକ ବଙ୍ଗଳା।

ନାକଟିଦେଉଳ ବ୍ଲକ ପାଇଁ ପୂର୍ତ୍ତ ବିଭାଗର ଜଣେ କନିଷ୍ଠ ଯନ୍ତ୍ରୀ ନିଯୁକ୍ତ ଅଛନ୍ତି। ତେବେ ଏଠାରେ ବିଭାଗୀୟ କାର୍ଯ୍ୟାଳୟ ନ ଥିବାରୁ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ରେଢ଼ାଖୋଲରେ ରହି ନାକଟିଦେଉଳକୁ ମଝିରେ ଆସି ଚାଲିଥିବା ପ୍ରକଳ୍ପଗୁଡିକ ତଦାରଖ କରୁଛନ୍ତି। ତେଣୁ ପୂର୍ତ୍ତ ବିଭାଗ କାର୍ଯ୍ୟଜନିତ କୌଣସି ଅଭିଯୋଗ ପାଇଁ ନାକଟିଦେଉଳ ଅଞ୍ଚଳର ଜନସାଧାରଣ ରେଢ଼ାଖୋଲ ଯାଉଛନ୍ତି। ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଅନୁପସ୍ଥିତ ଥିଲେ ନିରାଶ ହୋଇ ଫେରିବାକୁ ବାଧ୍ୟ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ୪ବର୍ଷ ତଳେ ପୂର୍ବ ବିଜେଡି ସରକାର ଅମଳରେ ନାକଟିଦେଉଳ ବ୍ଲକ ସଦରଠାରେ ପୂର୍ତ୍ତ ବିଭାଗ ଏକ କାର୍ଯ୍ୟାଳୟ ସମେତ ଡାକ ବଙ୍ଗଳା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା। ନାକଟିଦେଉଳ ମହାବିଦ୍ୟାଳୟ ନିକଟରେ ପ୍ରାୟ ୯୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୂର୍ତ୍ତ ବିଭାଗ ନୂତନ କୋଠା ନିର୍ମାଣ କରାଯାଇଛି। ଏହି ନବ ନିର୍ମିତ କୋଠାରେ ଗେଟ ଲାଗ ନ ଥିଲେ ହେଁ ଅନ୍ୟ ପ୍ରାୟ ସବୁ କାମ ସରିଛି। ହେଲେ ଏହି ନୂତନ କାର୍ଯ୍ୟାଳୟ ସମେତ ଡାକ ବଙ୍ଗଳାକୁ କାର୍ଯ୍ୟକ୍ଷମ କରାଇବା ଦିଗରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଉନାହିଁ। ଅପରପକ୍ଷରେ ନାକଟିଦେଉଳରେ କୌଣସି ସରକାରୀ ଡାକ ବଙ୍ଗଳା ନ ଥିବାରୁ ବିଭିନ୍ନ ସମୟରେ ସରକାରୀ ଅଧିକାରୀ ଏବଂ ରାଜନୈତିକ ବ୍ୟକ୍ତିବିଶେଷ ଏଠାକୁ ଆସିଲେ ହଇରାଣର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ନିର୍ମାଣ ସରିଥିବା କୋଠା କାର୍ଯ୍ୟକ୍ଷମ ନ ହେବାରେ କାଳକ୍ରମେ ଅପରିଷ୍କାର ହୋଇ ପଡୁଛି। କାର୍ଯ୍ୟାଳୟ ପରିସର ବିଭିନ୍ନ ଗଛ ଲତାରେ ଭରି ବୁଲା ଗୋରୁଙ୍କ ଗୁହାଳ ପାଲଟି ଯାଇଛି। ନବ ନିର୍ମିତ କାର୍ଯ୍ୟାଳୟ ଓ ଡାକ ବଙ୍ଗଳାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ସମୟରେ ପୂର୍ତ୍ତ ବିଭାଗ ଉଚ୍ଚ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇ ଆସୁଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସତ୍ୟଜିତ ସାମଲଙ୍କୁ ପଚାରିବାରୁ ଟେଣ୍ଡର ପାଇଥିବା ଠିକାଦାର ଠିକ୍ ସମୟରେ କାର୍ଯ୍ୟ ନ କରି ବିଳମ୍ବରେ କାମ ଆରମ୍ଭ କରିଥିଲେ। ଫଳରେ ଏଥିରେ ଏଷ୍ଟିମେଣ୍ଟ ବାହାରେ ବ୍ୟୟ ଅଟକଳ ହୋଇଛି। ଏଥିପାଇଁ ବିଭାଗକୁ ଅର୍ଥ ମଗାଯାଇଛି। ଅର୍ଥ ଆସିଲେ ଏହାକୁ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିଲେ।


**ଗ୍ରୀଷ୍ମ ଲହରୀ** ସମ୍ବଲପୁର ସହର ଭୀମ ଭୋଇ ପାର୍କ ନିକଟ ଦୈନିକ ବଜାର ପରିସରସ୍ଥ ନଳକୂଅ ଦୀର୍ଘ ମାସ ହେବ ଅଚଳ ହୋଇ ପଡିଛି। ଫଳରେ ପରିବା ଦୋକାନୀମାନେ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଏମ୍‌ବିକେଙ୍କ ବହିଷ୍କାର ଦାବିକଲେ ମହିଳା ଗୋଷ୍ଠୀ


ବୈଠକରେ ଉପସ୍ଥିତ ସଭ୍ୟା, ସିଆରପି, ଇସି ସଭ୍ୟାମାନେ।

ଜମନକିରା,୧୧।୫(ରବୀନ୍ଦ୍ର ପ୍ରସାଦ ଦାନୀ)

- **୨.୭୯ଲକ୍ଷ ଶୁଝିଛି, ଅବଶିଷ୍ଟ ଟଙ୍କା ପରିଶୋଧ କରିବି: ଏମ୍‌ବିକେ**
- **ଦୁର୍ନୀତି ହୋଇଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ: ଓଏଲଏମ**

ସମ୍ବଲପୁର ଜିଲା ଜମନକିରା ବ୍ଲକ ଖର୍ସନମାଲ ପଞ୍ଚାୟତ ଏମବିକେଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ। ରବିବାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ପଞ୍ଚାୟତ ସଭାଗୃହରେ ଏକ ବୈଠକ କରି ତାଙ୍କୁ ବହିଷ୍କାର ପାଇଁ ଦାବି କରିଛନ୍ତି। ମହାସଂଘ ସମ୍ପାଦିକା ଅନୁବତି ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଏମବିକେଙ୍କ କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଗତବର୍ଷ ଏପ୍ରିଲ ୨୨ରେ ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ କୁମକାପାଲି ତାରିଣୀ ଏସ୍ଏଚ୍‌ଜି ସଦସ୍ୟା ତତ୍କାଳୀନ ବିଡ଼ିଓ ଏବଂ ଥାନା ଆଇଆଇସିଙ୍କୁ ୩ ଲକ୍ଷ ଟଙ୍କା ଜାଲ ଦସ୍ତଖତ କରି ସଂପୃକ୍ତ ଏମବିକେ ସନ୍ତୋଷୀ ଏସ୍ଏଚ୍‌ଜି ନାମରେ ଋଣ ଉଠାଇ ଟଙ୍କାଇ ଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ସେହିଭଳି ସିଏଲେଏଫରୁ ୧ ଲକ୍ଷ ୫୦ହଜାର ଟଙ୍କା ଉଠାଣ କରି ପରିଶୋଧ କରି ନ ଥିବା ଅଭିଯୋଗ କରିଥିଲେ। ଅନୁରୂପ ଭାବେ ତାରିଣୀ ଏସ୍ଏଚ୍‌ଜିର ମହିଳା ମାଛ ଚାଷ କରି ୧ ଲକ୍ଷ ୨୭ହଜାର ଟଙ୍କା ସବ୍‌ସିଡି ପାଇଥିଲେ। ସେଥିରୁ ମଧ୍ୟ ସମ୍ପୃକ୍ତ ଏମବିଜେ ସବସିଡି ବାବଦରେ କାଗଜପତ୍ର କରିବା ବାହାନା କରି ୫୦ହଜାର ଟଙ୍କା ନେଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ୧ ବର୍ଷ ବିତି ଯାଇଥିଲେ ମଧ୍ୟ ପୋଲିସ କିମ୍ବା ବ୍ଲକ ପ୍ରଶାସନ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି।

ଏହାର ପ୍ରତିବାଦ କରି ରବିବାର ମହିଳାମାନେ ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସଭାରେ କେତେକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟା ଏମ୍‌ବିକେଙ୍କ ସହ କେତେଜଣ ବିଭାଗୀୟ ଅଧିକାରୀ ହାତ ମିଳାଇ ଯୋଜନା ଟଙ୍କା ଆତ୍ମସାତ କରୁଥିବା ଅଭିଯୋଗ କରି କହିଛନ୍ତି। ଏହାର ବ୍ଲକସ୍ତରରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଆହୁରି ଅନେକ ତଥ୍ୟ ପଦାକୁ ଆସିବ ବୋଲି ସେମାନେ କହିଛନ୍ତି। ଏହି ବୈଠକରେ ପଞ୍ଚାୟତର ୭ଜଣ ସିଆରପି, ୮ଜଣ ଇସି ସଭ୍ୟା, ମହାସଂଘ ସଭ୍ୟାଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ସମ୍ପୃକ୍ତ ଏମବିକେ ସୁନିତି ସାହୁଙ୍କୁ ପଚାରିବାରୁ ଇତିମଧ୍ୟରେ ୨ ଲକ୍ଷ ୭୯ ହଜାର ଶୁଝି ଦେଇଛି। ବାକି ଟଙ୍କା ଦରମା ମିଳି ନ ଥିବାରୁ ଦେଇ ପାରିନାହିଁ। ଜାଲ ଦସ୍ତଖତ କରି ମୁଁ ଟଙ୍କା ଉଠେଇ ନାହିଁ ବୋଲି ସେ କହିଥିଲେ। ସେହିପରି ବିଭାଗୀୟ ଓଏଲଏମ, ବିପିଏମ୍ ଦାୟିତ୍ୱରେ ଥିବା ସରୋଜ କୁମାର ମିଶ୍ରଙ୍କୁ ପଚାରିବାରୁ ତଦନ୍ତ ପରେ ଯଦି ଦୁର୍ନୀତି ଥାଏ ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ରେଢ଼ାଖୋଲ ଡାକ୍ତରଖାନାରୁ ମହିଳା ରୋଗୀ ନିଖୋଜ

ରେଢାଖୋଲ,୧୧।୫(ଅଚ୍ୟୁତାନନ୍ଦ ପୁରୋହିତ)

ସ୍ୱାମୀଙ୍କ ମାଡରେ ଆହତ ହୋଇ ରେଢାଖୋଲ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ମହିଳା ଶନିବାର ରାତିରୁ ନିଖୋଜ ହୋଇଯାଇଛନ୍ତି। ଏନେଇ ମହିଳାଙ୍କ ମା' ରେଢାଖୋଲ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ବୌଦ୍ଧ ଥାନା ଟାଙ୍ଗରପାଲି ଗ୍ରାମର ମୂଳବାସିନ୍ଦା ମା' ଗୁରୁବାରୀ ବେହେରା କରିଥିବା ଅଭିଯୋଗ ଅନୁଯାୟୀ ବର୍ଷକ ତଳେ ଝିଅ ସୁନୀତା ବେହେରାଙ୍କୁ ବଲାଙ୍ଗୀରରେ ବିବାହ କରାଇଥିଲେ। ବିବାହର କିଛି ମାସ ପରେ ତାଙ୍କ ସ୍ୱାମୀ ନିର୍ଯାତନା ଦେବା ସହ ବିଭିନ୍ନ ସମୟରେ ମାରପିଟ କରୁଥିଲେ। ତେବେ ସେ ଯାଇ ଉଭଙ୍କ ମଧ୍ୟରେ ମିଳାମିଶା କରୁଥିଲେ। ଗତ ୭ ତାରିଖ ସ୍ୱାମୀ ମାରପିଟ କରିବାରେ ଆହତ ହୋଇ ସୁନୀତା ତାଙ୍କ ମା' ରହୁଥିବା ରେଢାଖୋଲ ସହର ସାଲେସିଂ ଗ୍ରାମକୁ ଆସିଥିଲେ। ତାଙ୍କ ଅବସ୍ଥା ଭଲ ନ ଥିବାରୁ ମା' ସୁନୀତାଙ୍କୁ ରେଢାଖୋଲ ଡାକ୍ତରଖାନାରେ ୮ତାରିଖ ଭର୍ତ୍ତି କରିଥିଲେ। ତେବେ ଶନିବାର ରାତିରୁ ସେ ଡାକ୍ତରଖାନାରୁ କୁଆଡେ ନିଖୋଜ ହୋଇଯାଇଥିବା ଗୁରୁବାରୀ ଅଭିଯୋଗ କରିଛନ୍ତି। ଏକ ନିଖୋଜ ମାମଲା ରୁଜୁ କରି ଡାକ୍ତରଖାନା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଘଟଣାର ତଦନ୍ତ କରାଯାଉଛି ବୋଲି ଏସ୍ଆଇ ଚିତ୍ତରଞ୍ଜନ ମେହେର କହିଛନ୍ତି। ତେବେ ରେଢାଖୋଲ ଡାକ୍ତରଖାନାରେ ନିଯୁକ୍ତ ସୁରକ୍ଷା କର୍ମୀଙ୍କୁ ଭେଦ କରି ଜଣେ ରୋଗୀ କିପରି ନିଖୋଜ ହେଲେ ତାହା ରହସ୍ୟମୟ ହୋଇଛି।

# ବିଦ୍ୟାଳୟ ଛାତ୍ରଙ୍କ ଫୁଟବଲ ପ୍ରଶିକ୍ଷଣ ଶିବିର


ଶିବିରରେ ଅତିଥି, ପ୍ରଶିକ୍ଷକ ଏବଂ ପ୍ରଶିକ୍ଷାର୍ଥୀମାନେ।

ସମ୍ବଲପୁର,୧୧।୫(ବି.ଶଙ୍କର)

ସମ୍ବଲପୁର ଜିଲା ବର୍ଷୀୟାନ କ୍ରୀଡ଼ା ସଂଘ ପକ୍ଷରୁ ସିଂହପାଲି-କାଇଁଶିର ଖେଳପଡ଼ିଆରେ ଫୁଟବଲ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଏଥିରେ ୧୦ ଜଣ ପ୍ରଶିକ୍ଷକ ଯୋଗଦେଇ ୭୦ ଜଣ ଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଜିଲା ବର୍ଷୀୟାନ କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ସଦାଶିବ ପୁରୋହିତଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ହରେକୃଷ୍ଣ ପଣ୍ଡା, ବିଜୟ ଦେହୁରୀ, ସୁରେଶ ଓରାମ, ସାହେବ ଖମାରୀ, ସୂର୍ଯ୍ୟ କୁମାର ଆଚାର୍ଯ୍ୟ, ଅଶୋକ ପ୍ରଧାନ, ସୁକାନ୍ତ ବୋଷ, ବିଦ୍ୟାଧର ପ୍ରଧାନ, ଜନ୍ ଖାଲକୋ, ନାରାୟଣ ପଣ୍ଡା ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର ପ୍ରଶିକ୍ଷାର୍ଥୀମାନଙ୍କୁ ରକ୍ଷଣ ଭାଗ କିପରି ସୁରକ୍ଷିତ ରହିବ, ଗୋଲ କିପରଙ୍କ ଦୃଷ୍ଟିଭଙ୍ଗୀ, ଫୁଟବଲକୁ ହେଡ କରି ନିଜ ଆୟତ୍ତକୁ କରିବା ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷଣ ଶିବର ଚଳିତ ମାସ ୨୫ ତାରିଖରେ ଶେଷ ହେବ। ପ୍ରତିଦିନ ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

# କବିତାରେ ବୀର ଜବାନଙ୍କୁ ସଲାମ କାର୍ଯ୍ୟକ୍ରମ

ସମ୍ବଲପୁର,୧୧।୫(ବି.ଶଙ୍କର)



ଆୟୋଜିତ ଦେଶଭକ୍ତି କବିତା ଆସରରେ ଅତିଥି ଓ କବିମାନେ।

କଲମ ପରିବାର ଟ୍ରଷ୍ଟ ପକ୍ଷରୁ ଭାରତୀୟ ସେନାର ଅପରେଶନ୍ ସିନ୍ଦୂରରେ ବୀରତ୍ୱ କାର୍ଯ୍ୟ କରିଥିବା ବୀର ଜବାନ ତୁମକୁ ସଲାମ୍ କବିତା ଆସର ରବିବାର ରାତି ୮ଟାରେ ଅନୁଷ୍ଠିତ ହୋଇଛି। ସାମ୍ବାଦିକ ଭବନଠାରେ ଅନୁଷ୍ଠାନ ଉପସଭାପତି ଜୟକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଦେଶର ସୁରକ୍ଷା ଓ ଅଖଣ୍ଡତା ପାଇଁ ବୀର ସୈନିକ ସେମାନଙ୍କ ପରାକ୍ରମ ଦେଖାଇଛନ୍ତି। ଶତ୍ରୁଗଡକୁ କେବଳ ସେମାନେ ଧୂଳିସାତ କରିନାହାନ୍ତି, ବରଂ ଆତଙ୍କବାଦୀଙ୍କୁ ସିନ୍ଦୂରର ଶକ୍ତି କେତେ ତାହା ଦେଖାଇଛନ୍ତି ବୋଲି କବିତା ମାଧ୍ୟମରେ ମତପ୍ରକାଶ ପାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନ ସଭାପତି ତଫିଜୁଲ ହୁସେନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବା ସହ ସମସ୍ତ କବୟିତ୍ରୀ ଓ କବିମାନଙ୍କୁ ସ୍ୱାଗତ କରିଥିଲେ। କବୟିତ୍ରୀ ଅନୁପମା ବିଶ୍ୱାଳଙ୍କ ସଂଯୋଜନାରେ ଦେଶଭକ୍ତି କବିତା ଆସର ହୋଇଥିଲା। କାର୍ଯ୍ୟକ୍ରମରେ ମମତା ନାଥ, ଡ.ସୁଧାଂଶୁ ଭୂଷଣ ଷଣ୍ଢ, ଗଦାଧର ନିଆଲ, ଅନନ୍ୟା ବେହେରା, ପଙ୍କଜିନୀ ନାୟକ, ମୋହିନୀ ହୋତା, ପୁତୁଲ ସୁପ୍ରିୟା ଦାସ, ନିତାଇ ଚରଣ ସରାଫ, କଳ୍ପନା ମହାପାତ୍ର, ପ୍ରଭଞ୍ଜନ ପୁରୋହିତ, ପ୍ରଦୀପ କୁମାର ଯୋଶୀ, କମଳ ଲୋଚନ ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ପଡିଆବାହାଲ,୧୧।୫(ରାଧାମୋହନ ଷଡ଼ଙ୍ଗୀ)


ଜଗତରାମ ପାଣିଗ୍ରାହୀ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିକ୍ଷକ ତଥା ଯୁଯୁମୁରା ବ୍ଲକ ଖଲିଆପାଲି ବାସିନ୍ଦା ଜଗତରାମ ପାଣିଗ୍ରାହୀଙ୍କ ଶନିବାର ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା। ପଧାନପାଲି ହାଇସ୍କୁଲରେ କାର୍ଯ୍ୟ ଆରମ୍ଭ କରିଥିବା ଜଗତରାମ କମିଶନର କଲୋନୀ ହାଇସ୍କୁଲ ସମ୍ବଲପୁରରେ ପ୍ରଧାନଶିକ୍ଷକଭାବେ ଅବସର ନେଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ଖଲିଆପାଲିରୁ ଶ୍ମଶାନ ଘାଟ ସ୍ୱର୍ଗଦ୍ୱାର ସମ୍ବଲପୁରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ମୃତ୍ୟୁଞ୍ଜୟ ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲେ। ବିବରଣୀ ମତେ ଗତ ରାତିରେ ଜଗତରାମ ଖାଇବାକୁ ଯିବା ସମୟରେ ହଠାତ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ସମ୍ବଲପୁରର ଏକ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବୈଦାର ନୂଆଁପାଲିରେ ୨୪ପ୍ରହର ନାମଯଜ୍ଞ

ସମ୍ବଲପୁର,୧୧।୫(ବି.ଶଙ୍କର)

ସମ୍ବଲପୁର-ଝାରସୁଗୁଡ଼ା ଜାତୀୟ ରାଜପଥ ପାର୍ଶ୍ୱ ବୈଦାର ନୂଆଁପାଲି ଗ୍ରାମରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିବେଶ ମଧ୍ୟରେ ୨୪ପ୍ରହର ନାମଯଜ୍ଞ ରବିବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବୈଦାର ନୂଆଁପାଲି ମିଳିତ ନାମଯଜ୍ଞ କମିଟି ପରିଚାଳିତ ଏହି ଭାଗବତ ସମାବେଶରେ ଇଞ୍ଜିନିୟର ଭାଗିରଥୀ ସାହୁ ଓ ଅହଲ୍ୟା ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମ ପୁରୋହିତ ଦେବ ବେହେରାଙ୍କ ଦ୍ୱାରା ହୋମ ପୂଜା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ମେ ୭ରେ କଳାସୀ ଅଧିବାସ, ୮ ରୁ ୧୦ତାରିଖ ପର୍ଯ୍ୟନ୍ତ ହୋମ, ପୂଜା, ନାମ ସଂକୀର୍ତ୍ତନ ହୋଇଥିଲା। ଆଜି ପୂର୍ଣ୍ଣାହୁତି, ପ୍ରସାଦ ସେବନ, ବୈଠକୀ ଓ ନଗର କୀର୍ତ୍ତନ ଆୟୋଜିତ ହୋଇଥିଲା। ପ୍ରାୟ ୨୦ଟି ଗ୍ରାମର ସଂକୀର୍ତ୍ତନ ଦଳ ଏହି ନାମଯଜ୍ଞରେ ଭାଗ ନେଇଥିବା ବେଳେ ନିମନ୍ତ୍ରିତ କଳାକାର ଦଳ ଭାବେ ଭେଡେନ ଓ ପାହାଡ଼ ସିରିଗିଡ଼ା, ଛତିଶଗଡ଼ ଖଇରଗାଡ଼ି ଓ ଚାଣ୍ଟିପାଲି ଗ୍ରାମର ସଂକୀର୍ତ୍ତନ ଗୋଷ୍ଠୀ ବୈଠକୀରେ ଯୋଗ ଦେଇ ନୃତ୍ୟ, ସଙ୍ଗୀତ ଓ ଅଭିନୟ ପ୍ରଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବକ ସଂଘ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାସଭ୍ୟ ସହଯୋଗ କରିଥିଲେ।


ନାମଯଜ୍ଞ ପୂର୍ଣ୍ଣାହୁତିରେ ଠାକୁରଙ୍କୁ ନିଆଯାଉଛି।

# ଉତ୍ତମ ଯୋଗାଯୋଗ କୌଶଳ ଶିଖ

ସମ୍ବଲପୁର,୧୧।୫(ବି.ଶଙ୍କର)


ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ଛାତ୍ରୀଛାତ୍ର ଏବଂ ପ୍ରଶିକ୍ଷକ।

**ରାଷ୍ଟ୍ର ନିର୍ମାଣରେ ଯୁବପ୍ରସ୍ତୁତି ପ୍ରଶିକ୍ଷଣ ଶିବିର**

ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର-୨୫ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟରେ ରବିବାର ସକାଳ ୯ଟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନ ନୈତିକ ଶିକ୍ଷା ଆଧାରରେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଉତ୍ତମ ଯୋଗାଯୋଗ କୌଶଳ ବିଷୟରେ ଡାଏଟ ଶିକ୍ଷାନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଶିବଶଙ୍କର ଷଡ଼ଙ୍ଗୀ ପ୍ରଶିକ୍ଷଣ ଦେଇଥିଲେ। ସେ ଯୋଗାଯୋଗ କୌଶଳର ବିଭିନ୍ନ ମାଧ୍ୟମ ଉପରେ ଆଲୋଚନା କରି ଉତ୍ତମ ଯୋଗାଯୋଗ ଶୈଳୀ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝେଇ ଥିଲେ। ଛାତ୍ରୀଛାତ୍ରମାନେ ଉତ୍ତମ ଯୋଗାଯୋଗ ଶିଖିବାକୁ ଷଡଙ୍ଗୀ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଅଧିବେଶନ ସ୍ୱାସ୍ଥ୍ୟବିଜ୍ଞାନ ଉପରେ ଆଲୋଚନା ହୋଇଥିଲା। ଖ୍ୟାତନାମା ଡାକ୍ତର ଅଶୋକ କୁମାର ସିଂହ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଦୁର୍ଘଟଣା, ପାଣିରେ ବୁଡିଯିବା, ସାପ କାମୁଡ଼ା, ଅଚେତ ହେବା ଓ ନିଆଁରେ ପୋଡିଯିବା ଘଟଣାର ସାଧାରଣ ଘରୋଇ ଚିକିତ୍ସାର ବିଭିନ୍ନ କୌଶଳ ସମ୍ପର୍କରେ ବୁଝାଇଥିଲେ। ଏଥିସହ ଅଣ ସଂକ୍ରାମକ ରୋଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଡାକ୍ତର ଜୟଦେବ ମେହେର ଛାତ୍ରୀଛାତ୍ରମାନଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ସଂଯୋଜକ ରାଜେନ୍ଦ୍ର ପଣ୍ଡା ସମ୍ପୂର୍ଣ୍ଣ ଶିକ୍ଷଣ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ସୋନାଲି, ବିଦୁଷୀ, ଅଦିତୀ, ସିଦ୍ଧାର୍ଥ ଓ ସତ୍ୟପ୍ରିୟ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ଅବସରରେ ମାଟ୍ରିକ ପରୀକ୍ଷାରେ ସମ୍ବଲପୁର ଜିଲାର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଜି.ସିରିଶା ଓ ପ୍ରଜ୍ଞାପ୍ରିୟ ଦର୍ଶିନୀ ପ୍ରଧାନ ଏବଂ ଉକ୍ତ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ରଙ୍କୁ ସମ୍ବଲପୁର ଲଇବ୍ରେରୀ ଯୁବପ୍ରଶିକ୍ଷଣ ଶିବିର ପକ୍ଷରୁ ମାନପତ୍ର, ଆର୍ଥିକ ପୁରସ୍କାର ଓ ଗୀତା ପୁସ୍ତକ ସହ ସମ୍ବର୍ଦ୍ଧିତ କରଯାଇଥିଲା। ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଚିବ ରଘୁନାଥ ମିଶ୍ର, ଅର୍ଜୁନ ପଣ୍ଡା, ସୁଶାନ୍ତ ଗୁରୁ, ଗିରିଧାରୀ ହୋତା, ପୃଥ୍ୱୀରାଜ ମିଶ୍ର, ପ୍ରଫେସର ସେକ ତ୍ରିପାଠୀ, ଦେବେନ୍ଦ୍ର ପଣ୍ଡା, ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ, ବିଭୂତି ନାଥ ମାଝୀ, ପ୍ରଫୁଲ୍ଲ ହୋତା, ଉଦିତ ଚନ୍ଦ୍ର ପାଟଯୋଶୀ ମିଳିତଭାବେ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଡାକ୍ତର ଅଶୋକ ସିଂହଙ୍କ ଦ୍ୱାରା ମାଗଣା ରକ୍ତଚାପ ଓ ଶର୍କରା ପରୀକ୍ଷା ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୮ ଜଣ ବରିଷ୍ଠ ନାଗରିକ ଓ ଛାତ୍ରୀଛାତ୍ରଙ୍କ ପରୀକ୍ଷା କରାଯାଇଥିଲା। ଗୋଲକ ବିହାରୀ ମିଶ୍ର, ବିଜୟ ସାହୁ, ଜୁଲୁ କୁମୁରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ୨୦ ଉଚ୍ଚବିଦ୍ୟାଳୟରୁ ୬୧ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ।

# ପ୍ରଚଣ୍ଡ ଖରା, ରାସ୍ତାଘାଟ ଶୂନ୍‌ଶାନ୍



ପ୍ରଚଣ୍ଡ ଖରା ଯୋଗୁ ବଲାଙ୍ଗୀର ସହରର ବ୍ୟସ୍ତବହୁଳ ରେଲୱେ ଷ୍ଟେଶନ ରାସ୍ତା ଶୂନ୍‌ଶାନ୍ ହୋଇପଡ଼ିଛି ।


୨୬ ନମ୍ବର ଜାତୀୟ ରାଜପଥ ।

**ବଲାଙ୍ଗୀର ଜିଲ୍ଲା**
- ଗ୍ରୀଷ୍ମ ପ୍ରବାହରେ ଲୋକେ ହନ୍ତସନ୍ତ
- ଟ୍ରାଫିକ୍ ପୋଷ୍ଟ ପାଖରେ ଶେଡ୍ କରିବାକୁ ଦାବି

**ବଲାଙ୍ଗୀର,୧୧।୫(ବୀରେନ୍ଦ୍ର କୁମାର ଝାଙ୍କର)**

ଗତ କିଛି ଦିନ ହେବ ପ୍ରଚଣ୍ଡ ଖରା ଯୋଗୁ ବଲାଙ୍ଗୀର ଜିଲାବାସୀ ଆଉଟୁପାଉଟୁ ହେଉଛନ୍ତି । ରବିବାର ଦିନ ବଲାଙ୍ଗୀରରେ ୪୨ ଡିଗ୍ରୀରୁ ଊର୍ଦ୍ଧ୍ୱ ତାପମାତ୍ରା ରେକର୍ଡ କରାଯାଇଛି । ଜିଲାର ଟିଟିଲାଗଡ, କଣ୍ଟାବାଞ୍ଜି, ପାଟଣାଗଡ, ତୁଷରା ଓ ଗ୍ରାମାଞ୍ଚଳରେ ମଧ୍ୟ ତାପମାତ୍ରା ବୃଦ୍ଧି ପାଇଛି । ପୂର୍ବାହ୍ନ ୧୦ଟାରୁ ଘରୁ ବାହାରିଲେ ମୁହଁ ପୋଡିଯାଉଛି । ଫଳରେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି । ତେବେ ପଥଚାରୀ ଓ ଯାତ୍ରୀମାନେ କୌଣସି ସ୍ଥାନକୁ ଯିବା ଆସିବା ବେଳେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବାହ୍ନ ୧୧ଟାରୁ ବଲାଙ୍ଗୀର ସହର ସମେତ ଅନ୍ୟ ସହର ଏବଂ ଗାଁ ଗହଳିରେ ରାସ୍ତାଘାଟ ଶୂନ୍‌ଶାନ୍ ହୋଇପଡୁଛି । ମଧ୍ୟାହ୍ନ ୧୨ଟା ପରେ ଲୋକେ ଆଦୌ ଘରୁ ବାହାରୁ ନ ଥିବାରୁ କର୍ଫ୍ୟୁ ଭ୍ରମ ସୃଷ୍ଟି ହେଉଛି । ଅତି ଜରୁରୀ ନ ହେଲେ ଲୋକେ ଘରୁ ବାହାରୁ ନାହାନ୍ତି । ଯେଉଁମାନେ ମୋଟର ସାଇକେଲ, ଯାତ୍ରୀବାହୀ ବସ ଏବଂ ଅନ୍ୟ ଯାନବାହନରେ ଯିବା ଆସିବା କରୁଛନ୍ତି ସେମାନେ ମୁହଁରେ ଗାମୁଛା ଘୋଡେଇ ଯିବା ଆସିବା କରୁଥିବା ଦେଖିବାକୁ ମିଳୁଛି । ସେହିପରି ଦୂରଦୂରାନ୍ତରୁ ଆସୁଥିବା ଲୋକେ ଖରା ସମୟରେ କୁଆଡେ ଯାଇ ନପାରି ସହର ଭିତର ତଥା ରାସ୍ତକଡ ଗଛ ଛାଇରେ କିଛି ସମୟ ଅଟକି ରହୁଛନ୍ତି । ଅପରାହ୍ଣ ୫ଟା ପରେ ଲୋକେ ଘରୁ ବାହାରୁଥିବା ଦେଖିବାକୁ ମିଳୁଛି । ବଲାଙ୍ଗୀର ସହରରେ ଚଳିତବର୍ଷ ଟ୍ରାଫିକ୍ ପୋଷ୍ଟଗୁଡିକରେ ଅଟକି ରହୁଥିବା ପଥଚାରୀ ଏବଂ ଯାନବାହନ ଚାଳକଙ୍କ ପାଇଁ ଛାଇ ସକାଶେ ଅସ୍ଥାୟୀ ଏବଂ ଦୁର୍ବଳ ସେଡ୍ ତିଆରି କରାଯାଇଥିଲା । କାଳବୈଶାଖୀ ପ୍ରଭାବରେ ଏହା ଭାଙ୍ଗି ଯିବା ପରେ ଆଉ ଥରେ ତିଆରି କରାଯାଉନାହିଁ । ଫଳର ଲୋକେ ଟ୍ରାଫିକ୍ ପୋଷ୍ଟ ନିକଟରେ ଟାଣ ଖରାରେ ଠିଆ ହେଉଛନ୍ତି । ତୁରନ୍ତ ଏଠାରେ ସ୍ଥାୟୀ ବା ପକ୍କା ସେଡ୍ ତିଆରି କରିବାକୁ ଲୋକେ ଦାବି କରୁଛନ୍ତି । ସହର ଭିତରେ ଗଛ ସଂଖ୍ୟା କମି ଯାଉଥିବାରୁ ଛାଇ କମୁଛି ଓ ଗରମ ବଢୁଛି । ଡେଲିମାର୍କେଟ ମୁଖ୍ୟ ରାସ୍ତାରେ ଆଉ ଗଛ ନାହିଁ କହିଲେ ଚଳେ । ଫଳରେ ରାସ୍ତା ମଝିରେ ଯେଉଁ ବାଇକ୍ ପାର୍କିଂ ବ୍ୟବସ୍ଥା କରାଯାଇଛି ତାହା ଖରାରେ ସିଝୁଛି । ଏହାବାଦ୍ ଦୂରଦୂରାନ୍ତକୁ ଯାଉଥିବା ଲୋକେ ଅସୁବିଧାରେ ପଡୁଛନ୍ତି । ଅନେକ ଲୋକ ଖରାରେ ଯିବା ଆସିବା କରୁଥିବାରୁ ଅଂଶୁଘାତ ଭୟ ଲାଗିରହିଛି । ଏଣୁ ରାସ୍ତାକଡରେ ନିର୍ଦ୍ଧାରିତ ଦୂରତାରେ ସେଡ୍ ତିଆରି କରିବାକୁ ଦାବି ହେଉଛି । ଏହାଛଡା ସେଠାରେ ପିଇବା ପାଣି ବ୍ୟବସ୍ଥା କରାଯିବାକୁ ଦାବି ହେଉଛି ।

## ବାର୍‌ହା ଆକ୍ରମଣରେ ମହିଳା ଗୁରୁତର

**ପାଟଣାଗଡ/ଖପ୍ରାଖୋଲ,୧୧।୫ (ସଚ୍ଚିଦାନନ୍ଦ ମହାକୁର/ଡ. ଅଭୟ ତ୍ରିପାଠୀ)**

ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ଥାନା ବୁଢିବାହାଲ ଗାଁରେ ବାର୍‌ହା ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇ ପାଟଣାଗଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଗୁରୁତର ମହିଳା ଜଣକ ହେଲେ ଉକ୍ତ ଥାନା ଅଧୀନ ବୁଢିବାହାଲ ଗାଁର ରୁବିଧା ବିଶାଳ । ସୂଚନା ମୁତାବକ, ରୁବିଧା ରବିବାର ସକାଳେ ଗାଁ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ । ଛେଳି ପଲ ମଧ୍ୟରୁ ଗୋଟିଏ ଛେଳି ନିକଟସ୍ଥ ଏକ ନାଳ ଭିତରକୁ ପଳାଇ ଯାଇଥିଲା । ଛେଳିକୁ ଘଉଡାଇବାକୁ ରୁବିଧା ନାଳ ଭିତରକୁ ଯିବା ବେଳେ ବାର୍‌ହା ହାବୁଡ଼ରେ ପଡ଼ି ଯାଇଥିଲେ । ବାର୍‌ହା ତାଙ୍କ ଜଙ୍ଘକୁ କାମୁଡି ଦେଇଥିଲା । ଚିତ୍କାର ଶୁଣି ସାଙ୍ଗରେ ଯାଇଥିବା ଅନ୍ୟ ଛେଳି ଚରାଳିମାନେ ରୁବିଧାଙ୍କୁ ଉଦ୍ଧାର କରି ପାଟଣାଗଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ । ଚିକିତ୍ସା ପରେ ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ଥିବା ଡ଼ାକ୍ତରଖାନା ସୂତ୍ରରୁ ଜଣାପଡିଛି ।

## ୪୦ କୁଇଣ୍ଟାଲ ଖଇର କାଠଗଣ୍ଡି ଜବତ


ଜବତ ଖଇର କାଠ ଟ୍ରାକ୍ଟରରେ ରଖାଯାଉଛି ।

**ଲାଠୋର,୧୧।୫(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ରେଞ୍ଜ ଅଧୀନ ତୁରେକେଲା ରେଳ ଷ୍ଟେଶନ ପାଖରେ ଥିବା ଏକ ନର୍ସରୀ ନିକଟରୁ ଶନିବାର ସନ୍ଧ୍ୟାରେ ବିପୁଳ ପରିମାଣର ଖଇର କାଠ ଗଣ୍ଡି ଲାଠୋର ବନ ବିଭାଗ ଜବତ କରିଛି । କାଠ ଗଣ୍ଡିଗୁଡିକ କିଏ କେଉଁଠି ନେବା ପାଇଁ ରଖିଥିଲା, ବନ ବିଭାଗ ତାର ଟେର ପାଉନାହିଁ । ନର୍ସରୀ ନିକଟରେ ବିପୁଳ ପରିମାଣର ଖଇର କାଠ ଗଣ୍ଡିକୁ କେହି ଚୋରା କାଠ ବେପାରୀ ପାଲ ତାଙ୍କି ରଖିଥିବା ନେଇ ଶନିବାର ସନ୍ଧ୍ୟାରେ ରେଞ୍ଜର ଶୈଳେଶ କୁମାର ବିଶି କୌଣସି ସୂତ୍ରରୁ ଖବର ପାଇଥିଲେ । ପରେ ଫରେଷ୍ଟର ସାଗରିକା ସେଠଙ୍କୁ ସେଠାରେ ଚଢ଼ାଉ କରି କାଠ ଜବତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଫରେଷ୍ଟରଙ୍କ ନେତୃତ୍ୱରେ ଏକ ଟିମ୍ ନର୍ସରୀ ନିକଟରେ ଚଢାଉ କରି କାଠ ଜବତ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପାରିନାହିଁ । ତିନି ଗୋଟି ଟ୍ରାକ୍ଟର ଯୋଗେ ଉକ୍ତ କାଠକୁ ଲାଠୋର ବନ କାର୍ଯ୍ୟାଳୟକୁ ଅଣାଯାଇ ଓଜନ କରାଯାଇଥିଲା । ସମୁଦାୟ କାଠର ଓଜନ ୪୦ କୁଇଣ୍ଟାଲ ହୋଇଥିଲା । ଏ ନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି ବୋଲି ରେଞ୍ଜର ବିଶି କହିଛନ୍ତି । ପୂର୍ବରୁ ଅନେକ ଥର ଖଇର କାଠ ଗଣ୍ଡି ସହ ଗାଡ଼ି ବନ ବିଭାଗ ଦ୍ୱାରା ଜବତ ହୋଇଥିଲେ ମଧ୍ୟ ଆଜିଯାଏ ଜଣେ ହେଲେ ଅଭିଯୁକ୍ତ ଧରା ପଡ଼ିନାହାନ୍ତି । କାଠ ବେପାରୀମାନେ ଏଠାରୁ କାଠ ସଂଗ୍ରହ କରି ଛତିଶଗଡ ରାଜ୍ୟକୁ ଚୋରାଚାଲାଣ କରୁଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି । ଏଥିପ୍ରତି ବନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ନ ଦେଲେ ଆଉ କିଛି ଦିନ ପରେ ଜଙ୍ଗଲଗୁଡିକରୁ ଖଇର ଗଛ ଲୋପ ପାଇଯିବା ଆଶଙ୍କା ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

## ବ୍ଲକ ଲକ୍ଷେଘର ଗଣ୍ଡା ସମାଜର ବୈଠକ


ସମାଜର କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ କରାଯାଉଛି ।

**ଲୋଇସିଂହା,୧୧।୫(ସୁଶାନ୍ତ ବାରିକ)**

ରବିବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ରତାଖଣ୍ଡି ଗ୍ରାମ ପଞ୍ଚାୟତ ପରିସରରେ ଲୋଇସିଂହା ବ୍ଲକ ଲକ୍ଷେଘର ଗଣ୍ଡା ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଞ୍ଚଳ ସଭାପତି ସୁନୀଲ ଚନ୍ଦ୍ର ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକର ୨୦ଟି ପଞ୍ଚାୟତର ସଭାପତି ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡ଼ିଶା ଉନ୍ନୟନ ସମିତି ସଭାପତି ଓମ ପ୍ରକାଶ କୁମ୍ଭାର ଓ ସମ୍ମାନିତ ଅତିଥି ଭାବେ ଜିଲା ସଭାପତି ସଦାନନ୍ଦ ସୁନା ଯୋଗ ଦେଇଥିଲେ । ବୈଠକରେ ସମାଜର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ସର୍ବସମ୍ମତି କ୍ରମେ ଅନନ୍ତ କଲେତଙ୍କୁ ବ୍ଲକ ସଭାପତି ଭାବେ ମନୋନୀତ କରାଯାଇଛି ।

## ନୃସିଂହ ଚତୁର୍ଦ୍ଦଶୀରେ ବୁର୍ଡାରେ ଆଧ୍ୟାତ୍ମିକ ପରିବେଶ

**ଲୋଇସିଂହା,୧୧।୫(ସୁଶାନ୍ତ ବାରିକ)**

ନୃସିଂହ ଚତୁର୍ଦ୍ଦଶୀ ଅବସରରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ବୁର୍ଡା ଉପରପଡ଼ା ସଙ୍କୀର୍ତ୍ତନ ପାର୍ଟି ପକ୍ଷରୁ ଦୀର୍ଘ ୨୭ ବର୍ଷ ହେଲା ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଆସୁଛି । ଚଳିତବର୍ଷ ଶନିବାର ସକାଳେ ଆୟୋଜକ କମିଟି ସଦସ୍ୟ ଓ ପଡ଼ାର ମହିଳାପୁରୁଷ ଗ୍ରାମ ପୋଖରୀରୁ କଳସ ପୂର୍ଣ୍ଣ ଜଳକୁ ଶୋଭାଯାତ୍ରାରେ ନେଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ଅଧିବାସ ପୂଜା ପରେ ମଧ୍ୟାହ୍ନରୁ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା । ଏଥିରେ ବୁର୍ଡା, ଯୋଗୀସର୍ଡା, ଦେଉଲି, କଳଙ୍ଗାପାଲି, ବୁଢ଼ୀମାଲ ସମେତ ଆଖପାଖ ଗ୍ରାମର ସଙ୍କୀର୍ତ୍ତନ୍ୟ ଦଳ ସାମିଲ ହୋଇ ନାମ ସଙ୍କୀର୍ତ୍ତନ କରୁଛନ୍ତି । ସୋମବାର ଉଦ୍‌ଯାପନୀ ଦିବସରେ ବିଭିନ୍ନ ସଙ୍କୀର୍ତ୍ତନ୍ୟ ଦଳକୁ ନେଇ ବୈଠକୀ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ । ପୂଜକ ବିରଞ୍ଚି ମିଶ୍ର ପୂଜାର୍ଚ୍ଚନା କରୁଥିବା ବେଳେ ସୁରେଶ ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି । ଆୟୋଜକ କମିଟି ଓ ପଡ଼ାବାସୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ଏହି ଯଜ୍ଞ ହେଉଛି । ସେହିପରି ଗ୍ରାମର ଅମ୍ବେଡକର ପଡ଼ାରେ ମଧ୍ୟ ଏହି ସମୟରେ ୪୦ ବର୍ଷ ହେବ ସ୍ଥାନୀୟ ଅଲେଖ ମହିମା ମଣ୍ଡପରେ ଅଲେଖ ମହିମା ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଆସୁଛି । ଶନିବାର ଅଧିବାସ ହୋଇ ବ୍ରହ୍ମଯଜ୍ଞ ଆରମ୍ଭ ହୋଇଥିଲା । ଏଠାରେ ସୋମବାର ସକାଳେ ଯଜ୍ଞ ଉଦ୍‌ଯାପିତ ହେବ । ଶନିବାର ରାତିରେ ମାଧିଆପାଲି ଓ ତଲିଉଡ଼ାର ଅଲେଖ ଭଜନ ମଣ୍ଡଳୀ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା । ରବିବାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ସଭାପତି ଗୋପାଳ କଲେତ ,ସମ୍ପାଦକ ଉଦ୍ଧବ ତାଣ୍ଡି କହିଛନ୍ତି । ଗ୍ରାମର ଦୁଇଟି ସ୍ଥାନରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଯୋଗୁ ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଛି ।

## ଓଲଟିଲା ସିମେଣ୍ଟ ବୋଝେଇ ଟ୍ରକ୍

**ପାଟଣାଗଡ,୧୧।୫(ସଚ୍ଚିଦାନନ୍ଦ ମହାକୁର)**



ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅଧୀନ ଯୋଗିମୁଣ୍ଡା ସାପ୍ତାହିକ ଗୋରୁ ବଜାର ସମ୍ମୁଖ ମୁଖ୍ୟ ରାସ୍ତାର ବୁଲାଣିରେ ଶନିବାର ବିଳମ୍ବିତ ରାତିରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିଛି । ଏହି ଦୁର୍ଘଟଣାରେ ଟ୍ରକ ଚାଳକ ଜଣକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ପ୍ରଥମେ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ତାଙ୍କୁ ବଲାଙ୍ଗୀର ଭିମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଆହତ ଟ୍ରକ ଚାଳକ ଜଣକ ହେଲେ ନୂଆପଡା ଜିଲା କୁମ୍ଭନା ଥାନା ମୁନିଗୁଡ଼ା ଗ୍ରାମର ଭମର ମାଝୀ(୪୧) । ଦୁର୍ଘଟଣାଗ୍ରସ୍ତ ଟ୍ରକଟି ଛତିଶଗଡ଼ ଅଞ୍ଚଳର ବୋଲି ଜଣାପଡିଛି । ଏହି ଟ୍ରକ ଖପ୍ରାଖୋଲ ପଟୁ ପାଟଣାଗଡ ଦେଇ ଭବାନୀପାଟଣା ଅଭିମୁଖେ ଯିବାର ଥିଲା ବୋଲି ସୂଚନା ମିଳିଛି । ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି ।

## ଜରାସିଂହାର ଅମୃତଧାରା ପ୍ରକଳ୍ପ ଅଧାପନ୍ତରିଆ

**ଦେଓଗାଁ,୧୧।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଜରାସିଂହା ଏକ ଐତିହ୍ୟସମ୍ପନ୍ନ ଗାଁ । ଏହି ଗାଁର ମୁଖ୍ୟ ପେଣ୍ଠସ୍ଥଳୀ ହେଉଛି ବୁଢ଼ିଆଇ ମନ୍ଦିର ପରିସର ବରଗଛ ଛକ । ପ୍ରତିଦିନ ଏହି ଛକରେ ଅନେକ ଲୋକଙ୍କ ସମାଗମ ହୋଇଥାଏ । ଗ୍ରାମବାସୀଙ୍କ ଦାବି ଫଳରେ ସେଠାରେ ଏକ ଅମୃତଧାରା ପ୍ରକଳ୍ପ ପାଇଁ ସ୍ଥାନୀୟ ଜିଲା ପରିଷଦ ସଭ୍ୟା ତାଙ୍କ ପାଣ୍ଠିରୁ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଥିଲେ । ହେଲେ ବିଭାଗୀୟ ଅବହେଳା ଯୋଗୁ ଆଜକୁ ପ୍ରାୟ ଦେଢ଼ବର୍ଷ ହେଲା ଉକ୍ତ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡିରହିଛି । ଫଳରେ ଗ୍ରାମବାସୀ ତଥା ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏହି ଛକରେ ପୁରାତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଥିବା ବେଳେ ଐତିହ୍ୟପୂର୍ଣ୍ଣ



ଜରାସିଂହା ବରଗଛ ଛକ ନିକଟରେ ଅଧାପନ୍ତରିଆ ଅବସ୍ଥାରେ ଅମୃତଧାରା ପ୍ରକଳ୍ପ ।

ମା' ବୁଢ଼ିଆଇଙ୍କ ମନ୍ଦିର ରହିଛି । ବର୍ତ୍ତମାନ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଏଠାକୁ ଆସୁଥିବା ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି । ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ କୁଶମଣି ମେହେରଙ୍କୁ ପଚାରିବାରେ କାମ ଆରମ୍ଭ ହେଲା ମାତ୍ରେ ସମ୍ପୂର୍ଣ୍ଣ ହେବା କଥା । ହେଲେ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇ ଦେଢ଼ବର୍ଷ ହେଲା କାମ ସମ୍ପୂର୍ଣ୍ଣ ହୋଇ ନ ପାରିବା ପରିତାପର ବିଷୟ ବୋଲି କହିଥିଲେ । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## 'ସାହିତ୍ୟ ସୃଜନ ଏକ ତପସ୍ୟା ପରି'

**ସ୍ରୋତସ୍ୱତୀର ଖରା ସଂଖ୍ୟା ଲୋକାର୍ପିତ**

**ବଲାଙ୍ଗୀର,୧୧।୫(ବୀରେନ୍ଦ୍ର କୁମାର ଝାଙ୍କର)**

କବିତାର ଧାଡିଟିଏ ମଣିଷର ମନପ୍ରାଣକୁ ପୁଲକିତ କରିଦିଏ । ମସ୍ତିଷ୍କକୁ ଦୋହଲାଇ ଦିଏ । କାଳଜୟୀ ପଦଟିଏ ପାଇଁ ଯୁଗଟିଏ ଅପେକ୍ଷା କରିବାକୁ ପଡେ । ଏ ଅପେକ୍ଷାର ଅନୁଭବ ତ କବିତା ଓ ଉଚ୍ଚାଙ୍ଗ ସାହିତ୍ୟ ବୋଲି ଆଲୋଚକମାନେ ସ୍ରୋତସ୍ୱତୀ ପ୍ରକାଶନୀ ପକ୍ଷରୁ ରବିବାର ଆୟୋଜିତ ନିର୍ଲିପ୍ତ ନିଦାଘ କାର୍ଯ୍ୟକ୍ରମରେ ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ରୋତସ୍ୱତୀର ଖରା ସଂଖ୍ୟା ପୁନଃ ପାଠକାର୍ପଣ କରାଯାଇଥିଲା । ନିର୍ଲିପ୍ତ ନିଦାଘର ପ୍ରଥମ ଅଧିବେଶନରେ ପତ୍ରିକାର ମୁଖ୍ୟ ସମ୍ପାଦକ ସନ୍ଦୀପ କୁମାର କୁଅଁର ସଭାପତିତ୍ୱ କରିଥିଲେ । ସଭାରେ ସମ୍ପାଦକ ଡ. ସଞ୍ଜୟ କୁମାର ମିଶ୍ରଙ୍କ ସହ ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ, ଅଧ୍ୟାପକ ଡ. ପୁରୁଷୋତ୍ତମ ମିଶ୍ର, କବୟିତ୍ରୀ ଡା.



ସ୍ରୋତସ୍ୱତୀର ଖରା ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

ଜ୍ୟୋତିର୍ମୟୀ ସାହୁ, ଡ. ଗୋବର୍ଦ୍ଧନ ନାୟକ ବରେଣ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ । ସଭା ପ୍ରାରମ୍ଭରେ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାହିତ୍ୟ ସୃଜନ ଏକ ତପସ୍ୟା ପରି । ଏଥିପାଇଁ ଅନୁଭବର ତୀବ୍ରତା ଜରୁରୀ । ବଲାଙ୍ଗୀରର ଉଜ୍ଜ୍ୱଳ ସାରସ୍ୱତ ପରମ୍ପରାକୁ ଆଗେଇ ନେବାକୁ ସାହିତ୍ୟ ପତ୍ରିକା ସ୍ରୋତସ୍ୱତୀ ଅତୀତରେ ବହୁ ନୂତନ ପ୍ରତିଭାଙ୍କୁ ଆଗକୁ ଆଣିଥିବା ବେଳେ ଆଗାମୀ ଦିନରେ ନବପ୍ରତିଭାଙ୍କ ସ୍ଫୁରଣର ମାଧ୍ୟମ ହେଉ ବୋଲି ଅତିଥିମାନେ କହିଥିଲେ । ମୁଖ୍ୟ ସମ୍ପାଦକ କୁଅଁର ଓ ସମ୍ପାଦକ ଡ. ମିଶ୍ର ପତ୍ରିକାର ଅତୀତ ଓ ବର୍ତ୍ତମାନର ସ୍ୱରୂପ କ'ଣ ହେବ ସେନେଇ କହିଥିଲେ । ଡ. ଲକ୍ଷ୍ମଣ କୁମାର ମେହେର ସ୍ୱାଗତ ଭାଷଣ ଦେଇଥିଲେ । କବୟିତ୍ରୀ ସବିତା ମେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ଅଧିବେଶନ ପରେ ଡ. ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ନିର୍ଲିପ୍ତ ନିଦାଘର ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବୟିତ୍ରୀ ଅଧ୍ୟାପିକା ବନ୍ଦନା କର ଓ ଝରଣା ସାହୁ ସଂଯୋଜନା କରିଥିଲେ । କବି ହୃଷୀକେଶ ପୁରୋହିତ, ରଶ୍ମି ପାତ୍ର, କସ୍ତୁରୀ ରଥ, ଶୁଭ୍ରାଂଶୁ ଶେଖର ପଣ୍ଡା, ବ୍ରହ୍ମାନନ୍ଦ ବନଛୋର, ଜ୍ୟୋତିରାଣୀ ମିଶ୍ର, ଅଶୋକ କୁମାର ସେଠୀ, ଡ. ପୁରୁଷୋତ୍ତମ ମିଶ୍ର, ସଞ୍ଜୁକ୍ତା ପରିଚ୍ଛା, ଭକ୍ତ ଚରଣ ନାଏକ, ସନ୍ଦୀପ କୁମାର କୁଅଁର, ପୁତ୍ତମ ଜୁଆଡ଼ି, ଗଣେଶ ବାରିକ, ସବିତା ମେହେରା, କବି ତରୁଣ କୁମାର ପରିଚ୍ଛା, ଡ. ଲକ୍ଷ୍ମଣ କୁମାର ମେହେର, ଲୋକେଶ୍ୱର ପାଣ୍ଡେ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ଭାଗ୍ୟବନ୍ତ ମହାଲିଙ୍ଗ ଓ ଅନ୍ୟମାନେ ସ୍ୱରଚିତ କବିତା ପାଠ କରିଥିଲେ ।

**SAHEED LAXMAN NAYAK MEDICAL COLLEGE & HOSPITAL, KORAPUT**

Walk-in-Interview for the post of Junior Residents on Contractual basis / deputation basis

**WALK-IN-INTERVIEW**

**No.E-82** : Eligible Candidates are invited for Walk-in-interview for the post of Junior Residents on contractual basis for SLNMCH, Koraput. The walk-in-interview is scheduled to be held on **14.05.2025 at 10.30 A.M.** in the office of the Dean & Principal, SLNMCH, Koraput. The details eligibility criteria, Selection procedure, application form along with other terms and conditions are available in our official website i.e. **www.slnmch.nic.in**

Sd./- Dean & Principal,
SLNMCH, Koraput

OIPR-10121/11/0034/2526

**OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO. III
BHUBANESWAR**

No.B-118

bbsrrandb03@yahoo.com

60Estg.No - Date -

Government of Odisha "e"-Procurement Notice No (05) of 2025-26
Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | Road Works |
| 2 | Total No. of works | 07 Nos. work |
| 3 | Estimated Cost | i) Rs.56,30,300.00, ii) Rs.87,97,100.00, iii) Rs.83,48,800.00, iv) Rs.84,74,600.00, v) Rs.52,54,400.00, vi) Rs.54,54,600.00, vii) Rs.50,35,500.00 |
| 4 | Class of Contractor | "B" Class Contractor |
| 5 | Period of Completion | 2 (Two) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From **14.05.2025 at 11.30 P.M. to 23.05.2025 at 5.30 P.M.** |
| 8 | Last Date & Time for Receipt of bids in the Portal | **23.05.2025, upto 5.30 P.M.** |
| 9 | Name & Address of the Officer inviting Bid | **Er. Narendra Kumar Ghadai**, Superintending Engineer, Bhubaneswar (R&B) Division. No III, Bhubaneswar |

Further details can be seen from the e-procurement portal https://tendersorissa.gov.in

**N.B: Subsequent corrigendum / addendum if required shall be available in the website as indicated above.**

Sd./- Superintending Engineer
BBSR (R&B) Division No.III, BBSR

OIPR-34089/11/0028/2526

**OFFICE OF THE NOTIFIED AREA COUNCIL, KARANJIA
DIST. - MAYURBHANJ**

No.656/NAC, Date : 08.05.2025
Email ID : karanjian.hud@ori.nic.in

**"e" Procurement Notice**
**Bid Identification No.NAC-KJA-03/2025-26**

**No.C-292** : Bid Documents consisting of Work, Estimated Cost, Cost of Tender Paper, EMD and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| Sl. No. | Name of the Work | Value of Work put to Tender Excluding GST (In Rs. Lakh) | Bid Security (EMD) (In Rs. Lakh) (off line) | Cost of Bid Document (In Rs.)(of online) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | | 6 |
| 1. | **"Extension of Administrative Building with other ancillary structures etc. inside existing SeTP at Karanjia N.A.C. Mayurbhanj, Odisha** | **68.40** | **68,400** | **10,000/-** | **"B"** | **4 (four) Months** |

**2. Critical Dates :**

| Sl. No. | Description | | Critical Dates |
|---|---|---|---|
| (i) | Period of availability of tenders on-line | : | **Dt.09.05.2025 to dt.17.05.2025 up to 1.00 P.M.** |
| (ii) | Last date & time of bidding on-line | : | **Dt.17.05.2025 upto 1.00 P.M.** |
| (iii) | End Date for Submission of Bid documents, Tender Paper Cost, EMD Etc. as per DTCN dropping on the Office Tender BOX Otherwise tender will be rejected. | : | **Dt.19.05.2025 during office hours** |
| (iv) | Date & time of Opening of Bids | : | **Dt.20.05.2025 at 11.00 A.M.** |

The authority reserves right to reject any or all the tender without assigning any reason thereof.
Further details can be seen from the procurement portal i.e. www.tendersorissa.gov.in

Sd./- Executive Officer
Karanjia N.A.C

OIPR-13119/11/0014/2526

# କେନ୍ଦୁପତ୍ର ଶ୍ରମିକ ଶୋଷଣର ଶିକାର

ସୋନପୁର,୧୧।୫(ମୃତ୍ୟୁଞ୍ଜୟ ଶତପଥୀ)

କେନ୍ଦୁପତ୍ରକୁ ପଶ୍ଚିମ ଓଡ଼ିଶାର ସବୁଜ ହୀରା କୁହାଯାଏ। ଶ୍ରମିକମାନେ କେନ୍ଦୁପତ୍ର ତୋଳି ସରକାରଙ୍କୁ ବିକ୍ରି କରି ବେଶ ଦି ପଇସା ରୋଜଗାର କରନ୍ତି। ତେବେ ସୁବର୍ଣ୍ଣପୁର ଜିଲାରେ କେନ୍ଦୁପତ୍ର ଡିଭିଜନ ନ ଥିବାରୁ ଶ୍ରମିକମାନେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଆସୁଛି। କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନି। ଜିଲାରେ ଏପର୍ଯ୍ୟନ୍ତ କେନ୍ଦୁପତ୍ର ଡିଭିଜନ ପ୍ରତିଷ୍ଠା ହୋଇନି। ଏଠାରେ ଥିବା ୯ଟି କେନ୍ଦୁପତ୍ର ରେଞ୍ଜ ବଲାଙ୍ଗୀର, ସମ୍ବଲପୁର ଓ ରେଢାଖୋଲ ଡିଭିଜନ ଅଧୀନରେ କାର୍ଯ୍ୟ କରୁଛି। ସୋନପୁର ବ୍ଲକର ଖଲିଆପାଲି, ସିଂହବାହାଲି ଓ ତରଭା ରେଞ୍ଜ ବଲାଙ୍ଗୀର ଡିଭିଜନ ଅଧୀନରେ ରହିଛି। ଉଲୁଣ୍ଡା ବ୍ଲକର ଉଲୁଣ୍ଡା, ଯାଲୋଏ ଓ ସିଣ୍ଡୋଲ ରେଞ୍ଜ ସମ୍ବଲପୁର ଡିଭିଜନ ଅଧୀନରେ ଅଛି। ସେହିପରି ବୀରମହାରାଜପୁର ବ୍ଲକର ବହଲପଦର, ଖଣ୍ଡହତା ଆଦି ରେଞ୍ଜ ରେଢାଖୋଲ ଅଧୀନରେ ରହିଛି। ଜିଲାରେ ପ୍ରାୟ ୨୬ହଜାରରୁ ଉର୍ଦ୍ଧ୍ୱ କେନ୍ଦୁପତ୍ର ଶ୍ରମିକ କାମ କରୁଛନ୍ତି। ଶ୍ରମିକମାନେ କେନ୍ଦୁପତ୍ର ତୋଳିବାଠାରୁ ଆରମ୍ଭ କରି ଖରାରେ ଶୁଖାଇବା, ଓଲଟାଇବା ଏବଂ ଗୋଦାମ ଗହରେ ପହଞ୍ଚାଇବା ପର୍ଯ୍ୟନ୍ତ ସବୁକାର୍ଯ୍ୟ କରିଥାନ୍ତି। କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିଙ୍କ ପାଇଁ ସରକାର କଲ୍ୟାଣ ପାଣ୍ଠି ଗଠନ କରିଛନ୍ତି। ତୋଳାଳିଙ୍କୁ ଖରାରେ ପତ୍ର ତୋଳିବା ପାଇଁ ଚପଲ ଯୋଗାଇବା ସହିତ ସହାୟତା ରାଶି ଓ ବୀମାର ବ୍ୟବସ୍ଥା କରିଛନ୍ତି। ଅବସରକାଳୀନ ସହାୟତା ସ୍ୱରୂପ ଗ୍ରାଚ୍ୟୁଇଟି ପ୍ରଦାନ କରାଯାଉଛି। ବନ୍ଧେଇ ଶ୍ରମିକମାନଙ୍କୁ ମଶାରି, କମ୍ବଳ, ଲଣ୍ଠନ ଆଦି ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ଭାବରେ ବୀମା ପ୍ରିମିୟମ ପୈଠ କରାଯାଇ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିଙ୍କୁ ଜୀବନ ବୀମା ଦ୍ୱାରା ପରିଚାଳିତ ଜନଶ୍ରୀ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାର ମଧ ନିୟମ ରହିଛି। ଶ୍ରମିକଙ୍କ ଅସମୟରେ ମୃତ୍ୟୁ ଘଟିଲେ ୩୦ ହଜାର ଟଙ୍କା ଓ ଦୁର୍ଘଟଣାରେ ମୃତ୍ୟୁ ଘଟିଲେ ୧ଲକ୍ଷ ବୀମା ରାଶି ପ୍ରଦାନ ସହ ପରିବାରରେ ନବମରୁ ଦ୍ୱାଦଶ ଶ୍ରେଣୀର ପର୍ଯ୍ୟନ୍ତ ୨ଟି ପିଲା ଛୁଆଙ୍କୁ ବାର୍ଷିକ ଶିକ୍ଷା ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ହେଲେ ବିଭାଗୀୟ କର୍ମଚାରୀମାନଙ୍କ ଉଦାସୀନତା ଯୋଗୁଁ ଏହି ସବୁ ଯୋଜନା ବାଟବଣା ହୋଇପଡିଛି। ଜିଲାରେ ଯେତିକି କେନ୍ଦୁପତ୍ର ତୋଳାଳି ଏବଂ ବନ୍ଧାଳି ଏହି ସବୁ ଯୋଜନାର ଅନ୍ତର୍ଭୁକ୍ତ ହେବା କଥା ତାହା କରାଯାଉନାହିଁ ବୋଲି ଅଭିଯୋଗ ହେଉଛି।


ସୋନପୁର ବ୍ଲକ ଅର୍ଜୁନପୁରରେ ମହିଳାମାନେ ଖରାରେ କେନ୍ଦୁପତ୍ର ଶୁଖାଉଛନ୍ତି।

## ୩ ଡିଭିଜନ ଅଧୀନରେ ୯ ରେଞ୍ଜ

ସୁବର୍ଣ୍ଣପୁର ଜିଲାରେ ପ୍ରତି ବର୍ଷ କେନ୍ଦୁପତ୍ରରୁ ୭କୋଟିରୁ ଉର୍ଦ୍ଧ ରାଜସ୍ୱ ଆଦାୟ ହୋଇଥାଏ। କିନ୍ତୁ ଏଠାରେ କେନ୍ଦୁପତ୍ର ଶ୍ରମିକମାନଙ୍କ ସମସ୍ୟା କେହି ଶୁଣୁନାହାନ୍ତି। ସେମାନେ ଖର୍ଚ୍ଚାନ୍ତ ହୋଇ ବଲାଙ୍ଗୀର, ସମ୍ବଲପୁର ଅବା ରେଢାଖୋଲ ଖଣ୍ଡ କାର୍ଯ୍ୟାଳୟକୁ ଯାଇପାରୁ ନାହାନ୍ତି। ଏହି ସବୁଜ ହୀରା ଗରିବ ପରିବାରଙ୍କ ରୋଜଗାରର ମାଧ୍ୟମ ହୋଇଥିଲେ ମଧ ସେମାନେ ବିଭାଗୀୟ କର୍ମଚାରୀମାନଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ପ୍ରତିବର୍ଷ କେନ୍ଦୁପତ୍ର କିଣା ବିକାରେ ଦୁର୍ନୀତି ହେଉଥିବାର ଅଭିଯୋଗ ହୋଇଥାଏ। ବିଡାରେ ଯେତିକି ପତ୍ର ରହିବା କଥା ଅଧିକ ରଖିବାକୁ ଶ୍ରମିକମାନଙ୍କୁ କୁହାଯାଉଛି। ଅଧିକ ପତ୍ର ନ ରଖିଲେ ସେମାନଙ୍କୁ ପ୍ରାପ୍ୟ ମିଳୁନି। ତେବେ ଏହି ଅଧିକ ପତ୍ର ସରକାରୀ ହିସାବକୁ ଆସୁନାହିଁ। ଶ୍ରମିକମାନେ ଶୋଷଣର ଶିକାର ହେଉଛନ୍ତି। ସୁବର୍ଣ୍ଣପୁର ଜିଲାରେ ଡିଭିଜନ କାର୍ଯ୍ୟାଳୟ ନଥିବାରୁ ଏହିସବୁ ସମସ୍ୟାର ସମାଧାନ ହୋଇପାରୁନି।

# ଦେଉଳମୁଣ୍ଡାରେ ଭାଗବତ ସପ୍ତାହ


ଦେଉଳମୁଣ୍ଡାରେ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପାରାୟଣ କରାଯାଉଛି।

ବୀରମହାରାଜପୁର,୨୧।୫(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଦେଉଳମୁଣ୍ଡା ମାହେଶ୍ୱରୀ ମନ୍ଦିର ସମ୍ମୁଖରେ ରବିବାର ସକାଳ ୮ଟାରୁ ଭାଗବତ ସପ୍ତାହ ପାରାୟଣ ଆରମ୍ଭ ହୋଇଛି। ସକାଳେ ଦେଉଳମୁଣ୍ଡା ବଡ଼ ବନ୍ଧରୁ କଳସ ଶୋଭାଯାତ୍ରା ଆରମ୍ଭ ହୋଇ ପାରାୟଣ ମଣ୍ଡପରେ ପହଞ୍ଚିଥିଲା। ଏହା ପରେ ମା' ମାହେଶ୍ୱରୀ ଓ ଭାଗବତ ପୂଜନ ପରେ ପାରାୟଣ ଆରମ୍ଭ ହୋଇଥିଲା। ବ୍ୟାସ ଗାୟକଭାବେ ଦୀପକ କୁମାର ମିଶ୍ର ପୁରାଣ ପାଠ କରୁଥିଲେ। କର୍ତ୍ତାଭାବେ ସତ୍ୟ ନାରାୟଣ ଚାନ୍ଦ ଓ ତାଙ୍କ ଧର୍ମପତ୍ନୀ ଡାକ୍ତର ନିରୂପମା ମହାପାତ୍ର କାର୍ଯ୍ୟ ତୁଲାଉଛନ୍ତି। ଦେଉଳମୁଣ୍ଡା ଗ୍ରାମବାସୀଙ୍କ ତରଫରୁ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ଚାନ୍ଦ, କୃଷ୍ଣଚନ୍ଦ୍ର ପାଢୀ, ମାହେଶ୍ୱରୀ ମନ୍ଦିର ପୂଜକ ପୁରନ୍ଦର ଦେହୁରୀ, ଧିରେନ୍ଦ୍ର ବାଘ, ମନରଞ୍ଜନ ଚାନ୍ଦ, ସୁଜିତ ଚାନ୍ଦ, ଶୁଭେନ୍ଦୁ ଚାନ୍ଦ, ଗଣେଶ ଚାନ୍ଦଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ନାମଯଜ୍ଞରେ ସାମିଲ ହେଲେ ବିଧାୟକ


ନାମଯଜ୍ଞ ସ୍ଥଳରେ ବିଧାୟକ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ବାଉଁଶୁଣୀ,୧୧।୫(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଅଁଳାପାଲି ଗ୍ରାମପଞ୍ଚାୟତର ବାଦୀକଟା ଗ୍ରାମରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞରେ ରବିବାର ସନ୍ଧ୍ୟା ସାଢେ ୭ଟାରେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ। ବିଧାୟକ ଗ୍ରାମରେ ପହଞ୍ଚିବା ପରେ ଆୟୋଜକ ତଥା ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଧାୟକ ପ୍ରହର ମଣ୍ଡପରେ ରାଧାକୃଷ୍ଣଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ବିଧାୟକଙ୍କ ସହ କିଶୋର ମେହେର, ଶିବଶଙ୍କର କର୍ଣ୍ଣ, ଶେଷ କୁମାର ମେହେର, ପୟୋଧର ମହାକୁର, ପୁରନ୍ଦର ବକ୍ସିଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ। ଏହି ସମୟରେ ବିଧାୟକ ଗ୍ରାମବାସୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

# ଆରଆଇଙ୍କୁ ନିଲମ୍ବନ କଲେ ଜିଲାପାଳ

ସୋନପୁର,୧୧।୫(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ଅନ୍ତର୍ଗତ ସିଂଘିଯୁବା ସର୍କଲର ରାଜସ୍ୱ ନୀରିକ୍ଷକ(ଆରଆଇ) ସରୋଜ ବାଘଙ୍କୁ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ନିଲମ୍ବନ କରିଛନ୍ତି। ଉଚ୍ଚ ନ୍ୟାୟାଳୟଙ୍କୁ ଏକ ଭୁଲ ସୂଚନା ପ୍ରଦାନକୁ ନେଇ ଆରଆଇ ବାଘଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଅଫିସ ଛୁଟି ଥିବାରୁ ତାଙ୍କୁ ନିର୍ଦ୍ଦେଶନାମାର କପି ମିଳିନି। ତେଣୁ ସେ ନିଲମ୍ବନ କାରଣ ସମ୍ପର୍କରେ କିଛି ଜାଣି ନଥିବା ଆରଆଇ ବାଘ କହିଛନ୍ତି।



ଗନ୍ଧରାଢୀ ମହୋତ୍ସବର ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥିଗଣ।

# ଚତୁର୍ଥ ଗନ୍ଧରାଢ଼ୀ ଲୋକକଳା ମହୋତ୍ସବ ଉଦ୍‌ଘାଟିତ

ବଘିଆପଡା,୧୧।୫(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲାର ଐତିହାସିକ ଚତୁର୍ଥ ଗନ୍ଧରାଢୀ ଲୋକକଳା ମହୋତ୍ସବ ଜଗତି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଗନ୍ଧରାଢୀ ପିଠ ଓ ହର, ହରି ଓ ପଶ୍ଚିମ ସୋମନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ହନୁମାନ ମନ୍ଦିରରୁ ଏକ ବିରାଟ ମଶାଲ ଶୋଭାଯାତ୍ରା ମହୋତ୍ସବ ପଡିଆକୁ ଯାଇଥିଲା। ଶୋଭାଯାତ୍ରାରେ ଢୋଲ ବାଦ୍ୟ, ଶଙ୍ଖବାଦ୍ୟ, ଘଣ୍ଟ, ନିଶାନ, ତାସା, ପାରମ୍ପରିକ ଲୋକନୃତ୍ୟ ଓ ନାମ ସଂକୀର୍ତ୍ତନର ତାଳେ ତାଳେ ଶହ ଶହ ସ୍ଥାନୀୟ କଳାକାର ସାମିଲ ହୋଇଥିଲେ। ମହୋତ୍ସବ କାର୍ଯ୍ୟକ୍ରମରେ ଗନ୍ଧରାଢୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କମିଟି ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି, କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ପୂର୍ବତନ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର, ଜିଲା ପରିଷଦ ସଭ୍ୟା କଳ୍ପନା ରାଣୀ ସାହୁ, ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ ପ୍ରମୁଖ ସମ୍ମାନୀତ ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଶମ୍ଭୁ ଗିରି ବିବରଣୀ ପାଠ କରିଥିଲେ। ଉପସଭାପତି ମନୋରଞ୍ଜନ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସନ୍ତୋଷ କର୍ଣ୍ଣ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ମନୋଜ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ଛାତ୍ରୀଛାତ୍ର, ବାହାର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମ୍ବଲପୁରୀ ନାଚଗୀତ, ଢୋଲ, ନିଶାନରେ ପୁରା ମଞ୍ଚ ଦୁଲୁକିଥିଲା। ଲୋକମାନେ ମୀନାବଜାର ସାଙ୍ଗକୁ ସୁସ୍ୱାଦୁ ଖାଦ୍ୟଷ୍ଟଲର ମଜା ନେଇଥିଲେ।

# ନୃସିଂହ ଜନ୍ମୋତ୍ସବ ପାଳିତ

ବରପାଲି,୧୧।୫(ଚିତ୍ତରଞ୍ଜନ ସାହୁ)

ବରପାଲି ନୃସିଂହ ମନ୍ଦିରଠାରେ ପବିତ୍ର ନୃସିଂହ ଚତୁର୍ଦ୍ଦଶୀ ଅବସରରେ ନୃସିଂହ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ବିବେକା ମେହେର ଓ ତାଙ୍କ ସ୍ତ୍ରୀ ସବିତା ମେହେର କର୍ତ୍ତା ଭାର ତୁଲାଇଥିବା ବେଳେ ମଧୁମଙ୍ଗଳ ମିଶ୍ର ଓ ସୁବଳ ମିଶ୍ର ପୂଜାକାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଅଖଣ୍ଡ ରାମାୟଣ ବାଳଗୋପାଳ ମିଶ୍ର, ନିମେଇଁ କର, ଗୋପାଳ ମିଶ୍ର, ଆବାସ ମିଶ୍ର, ତିଳକ ମିଶ୍ର, ଆୟୁଷ ମିଶ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି।

**SAHEED LAXMAN NAYAK MEDICAL COLLEGE & HOSPITAL, KORAPUT**

**Walk-in-Interview for the post of Junior Residents on Contractual basis / deputation basis**

**WALK-IN-INTERVIEW**

**No.E-82** : Eligible Candidates are invited for Walk-in-interview for the post of Junior Residents on contractual basis for SLNMCH, Koraput. The walk-in-interview is scheduled to be held on **14.05.2025 at 10.30 A.M.** in the office of the Dean & Principal, SLNMCH, Koraput. The details eligibility criteria, Selection procedure, application form along with other terms and conditions are available in our official website i.e. **www.slnmch.nic.in**

Sd./- Dean & Principal,
SLNMCH, Koraput

OIPR-10121/11/0034/2526

**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. III BHUBANESWAR**

No.B-118

bbsrrandb03@yahoo.com

60Estg.No - Date -

Government of Odisha "e"-Procurement Notice No (05) of 2025-26

Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | Road Works |
| 2 | Total No. of works | 07 Nos. work |
| 3 | Estimated Cost | i) Rs.56,30,300.00, ii) Rs.87,97,100.00, iii) Rs.83,48,800.00, iv) Rs.84,74,600.00, v) Rs.52,54,400.00, vi) Rs.54,54,600.00, vii) Rs.50,35,500.00 |
| 4 | Class of Contractor | "B" Class Contractor |
| 5 | Period of Completion | 2 (Two) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From **14.05.2025 at 11.30 P.M. to 23.05.2025 at 5.30 P.M.** |
| 8 | Last Date & Time for Receipt of bids in the Portal | **23.05.2025, upto 5.30 P.M.** |
| 9 | Name & Address of the Officer inviting Bid | **Er. Narendra Kumar Ghadai**, Superintending Engineer, Bhubaneswar (R&B) Division. No III, Bhubaneswar |

Further details can be seen from the e-procurement portal https://tendersorissa.gov.in

**N.B: Subsequent corrigendum / addendum if required shall be available in the website as indicated above.**

Sd./- Superintending Engineer
BBSR (R&B) Division No.III, BBSR

OIPR-34089/11/0028/2526

# ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର



ଶିବିରରେ ମଞ୍ଚାସୀନ ଅତିଥିମାନେ।

ସୋନପୁର,୧୧।୫(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷା ବିକାଶ ସମିତି ଦକ୍ଷିଣ ପଶ୍ଚିମ ସମ୍ଭାଗର ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୨ ତାରିଖରେ ଏହି ଶିବିର ଉଦ୍‌ଘାଟିତ ହୋଇଥିଲା। ୧୦ଦିନ ଧରି ଚାଲିଥିବା ଏହି ଶିବିରରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ ଓ ନୂଆପଡା ଜିଲାର ୧୨୦ଟି ଶିଶୁ ମନ୍ଦିରରୁ ୧୯୩ଜଣ ପରୀକ୍ଷାର୍ଥୀ ଏଥିରେ ଅଂଶଗ୍ରହଣ କରିଥିଲେ। ଓଡିଶା ପ୍ରାନ୍ତ, ସମ୍ଭାଗ, ବିଭାଗ ତଥା ଜିଲାସ୍ତରର ୨୧ଜଣ କାର୍ଯ୍ୟକର୍ତ୍ତା,୨୪ଜଣ ପ୍ରଶିକ୍ଷକ, ୪୬ଜଣ ପ୍ରବନ୍ଧକ ଓ ସେବକ ପରିଚାଳନାଗତ ଦାୟିତ୍ୱ ସମ୍ପାଦନ କରିଥିଲେ। ଏଥିରେ ଶାରୀରିକ ଶିକ୍ଷା, ଯୋଗ ଶିକ୍ଷା, ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷା, ଯୋଗାଚାପ, ଉପଯୁକ୍ତଯୋଗ, ଆତ୍ମରକ୍ଷା କୌଶଳ, ସଞ୍ଚଳନ, ନିୟୁଦ୍ଧ, ଦଣ୍ଡଯୋଗ, ବିଭିନ୍ନ ଶୈକ୍ଷିକ ବିଷୟ, ଶିକ୍ଷଣ କୌଶଳ, ଶିକ୍ଷଣ ପଦ୍ଧତି, ଉପକରଣ ପ୍ରସ୍ତୁତି ଶିକ୍ଷା ସହ ରଙ୍ଗମଞ୍ଚ ଓ ଭ୍ରମଣ ପ୍ରଭୃତି କାର୍ଯ୍ୟକ୍ରମ ରହିଥିଲା। ଓଡିଶା ଶିକ୍ଷା ବିକାଶ ସମିତି ଯୁଗ୍ମ ସମ୍ପାଦକ ଖଗେଶ୍ୱର ଦାସ, ସମ୍ପାଦକ ଡ. ସରୋଜ କୁମାର ହାତୀ, ସଂଗଠନ ମନ୍ତ୍ରୀ ତାରକଦାସ ସରକାର, ସମ୍ଭାଗ ସଭାପତି ବେଲାର ସିଂହ ଭୋଇ, ସମ୍ଭାଗ ସଦସ୍ୟା ଡ. ପ୍ରତିମା ରଥ, କୋଷାଧ୍ୟକ୍ଷ ଦତ୍ତାନନ୍ଦ ପଣ୍ଡା, ସମ୍ପାଦକ ରୁଦ୍ରମାଧବ ବାରିକ, ସମ୍ଭାଗ ପ୍ରଭାରୀ ଅଶ୍ୱିନୀ କୁମାର ନାୟକ, ସହସଂଯୋଜକ ପ୍ରକାଶ ଚନ୍ଦ୍ର ମହାନ୍ତି, ସୁବର୍ଣ୍ଣପୁର ବିଭାଗ ନିରୀକ୍ଷକ ମନୋରଞ୍ଜନ କର, ନୂଆପଡା ବିଭାଗ ନିରୀକ୍ଷକ ଯୁବରାଜ କୁଦେଇ, କାର୍ଯ୍ୟାଳୟ ପ୍ରମୁଖ ଲକ୍ଷ୍ମୀନାରାୟଣ ମିଶ୍ର, ବ୍ୟବସ୍ଥା ପ୍ରମୁଖ ତଥା ବିଦ୍ୟାଳୟ ଉପସଭାପତି ଡ. ଗୀତାଞ୍ଜଳି ମିଶ୍ର, ଯୁଗ୍ମ ସମ୍ପାଦକ ଘନଶ୍ୟାମ ମିଶ୍ର ପ୍ରମୁଖ ଶିବିର ର ବିଭିନ୍ନ ସମୟରେ ଉପସ୍ଥିତ ରହି ସହଯୋଗ କରିଥିଲେ। ବ୍ୟବସ୍ଥା ସଂଯୋଜକ ତଥା ପ୍ରଧାନ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ। ବ୍ୟବସ୍ଥା ପ୍ରମୁଖ ତଥା ବିଦ୍ୟାଳୟ ସମ୍ପାଦକ ଡ. କୈଳାଶ ଚାନ୍ଦଙ୍କ ତତ୍ତ୍ୱାବଧାନ ଓ ବର୍ଗ ପ୍ରମୁଖ ତଥା ସମ୍ଭାଗ ସଂଯୋଜକ ରଞ୍ଜନ କୁମାର ପ୍ରଧାନଙ୍କ ମାର୍ଗଦର୍ଶନରେ ପ୍ରଶିକ୍ଷଣ ସମ୍ପାଦିତ ହୋଇଥିଲା। ଶିବିର ଆୟୋଜନରେ ବିଦ୍ୟାଳୟର ଗୁରୁମା ଗୁରୁଜୀ ତଥା ସେବିକା ସେବକମାନେ ସହଯୋଗ କରିଥିଲେ।

# ପରିବାର ଅଦାଲତଙ୍କ ମଧ୍ୟସ୍ଥତାରେ ଏକାଠି ହେଲେ ଦମ୍ପତି


ପରିବାର ଅଦାଲତ ପରିସରରେ ସ୍ୱାମୀ ସ୍ତ୍ରୀ ଏକାଠି ହେଉଛନ୍ତି।

ବୌଦ୍ଧ,୧୧।୫(ଅଜିତ କୁମାର ବାରିକ)

ବୌଦ୍ଧ ପରିବାର ଅଦାଲତର ମଧ୍ୟସ୍ଥତାରେ ଶନିବାର ଏକ ଦମ୍ପତି ଏକାଠି ହୋଇଛନ୍ତି। ବୌଦ୍ଧ ବାପୁଜୀନଗରର ଗଜପତି ରୋହିଦାସଙ୍କ ଝିଅ ମଞ୍ଜୁ ମେହେରଙ୍କ ବରଗଡ ଜିଲା ବିଜେପୁର (ମାଝିପଡା) ଯୁବରାଜ ମେହେରଙ୍କ ସହ ୨୦୨୦ରେ ଜାତିକୁଳାଚାର ମତେ ବିବାହ ହୋଇଥିଲା। ପରେ ଉଭୟେ ବୌଦ୍ଧ ଜିଲା ବିବାହ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ଆଇନଗତ ଭାବେ ବିବାହ ପଞ୍ଜୀକରଣ କରାଇଥିଲେ। ମଞ୍ଜୁ ଓ ଯୁବରାଜଙ୍କ ୪ ବର୍ଷର ଦାମ୍ପତ୍ୟ ଜୀବନରେ ଏକ କନ୍ୟା ଓ ଏକ ପୁତ୍ର ସନ୍ତାନ ହୋଇଥିଲେ। କିନ୍ତୁ ବିବାହ ପରଠାରୁ ମଞ୍ଜୁଙ୍କୁ ଶ୍ୱଶୁର ଘରଲୋକ ଯୌତୁକ ନିର୍ଯାତନା ଦେଇଆସୁଥିଲେ। ଫଳରେ ୨୦୨୪ରେ ମଞ୍ଜୁ ଦୁଇ ଶିଶୁଙ୍କୁ ଧରି ବାପଘର ବୌଦ୍ଧ ବାପୁଜୀନଗରକୁ ଚାଲିଆସିଥିଲେ। ନିଜର ଓ ଛୁଆଙ୍କ ଭରଣପୋଷଣ ପାଇଁ ମଞ୍ଜୁ ଗତ ତା.୧।୨।୨୦୨୫ରିଖରେ ବୌଦ୍ଧ ପରିବାର ଅଦାଲତର ଆଶ୍ରୟ ନେଇଥିଲେ। ଏହି ମାମଲାରେ ପରିବାର ଅଦାଲତ ବିଚାରପତି ଅଖିଳ କୁମାର ପଶ୍ଚିମକବାଟଙ୍କ ତତ୍ତ୍ୱାବଧାନରେ ଉଭୟ ପକ୍ଷର ଓକିଲ ଅବିନାଶ ମେହେର ଓ ଆଶିଷ ପ୍ରସାଦ ମହାକୁଳଙ୍କ ପରାମର୍ଶକ୍ରମେ ଯୁବରାଜ ଓ ମଞ୍ଜୁ ନିଜ ମଧ୍ୟରେ ଥିବା ଭୁଲ୍ ବୁଝାମଣାକୁ ଦୂର କରିଥିଲେ। ଏଥିସହ ଦୁଇ ଶିଶୁଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ଅଦାଲତଙ୍କ ମଧ୍ୟସ୍ଥତାରେ ପୁଣି ଏକାଠି ସଂସାର ଗଢିବାକୁ ରାଜି ହୋଇଥିଲେ। ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତରେ ଏହି ପାରିବାରିକ ବିବାଦର ସମାଧାନ କରାଯାଇ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ରଙ୍କ ଉପସ୍ଥିତିରେ ଉଭୟ ପତି ପତ୍ନୀ ପରସ୍ପର ଫୁଲମାଳ ଦେଇଥିଲେ। ଏହି ସମୟରେ ରେଜିଷ୍ଟ୍ରାର ଜୟପ୍ରକାଶ ନାୟକ, ଜିଲା ଆଇନ ପ୍ରାଧିକରଣ ସଚିବ ଶାଶ୍ୱତୀ ମିଶ୍ର, ଜିଲା ଓକିଲ ସଂଘ ସଭାପତି ଧୂରୀଣ କୁମାର ଦେହୁରୀ, ବରିଷ୍ଠ ଆଇନଜୀବୀ ତାରେଣୀ ମହାପାତ୍ର ଓ ସରକାରୀ ଓକିଲ ପୃଥ୍ୱୀରାଜ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

**OFFICE OF THE NOTIFIED AREA COUNCIL, KARANJIA DIST. - MAYURBHANJ**

**No.656/NAC, Date : 08.05.2025**

Email ID : karanjian.hud@ori.nic.in

**"e" Procurement Notice**

**Bid Identification No.NAC-KJA-03/2025-26**

**No.C-292** : Bid Documents consisting of Work, Estimated Cost, Cost of Tender Paper, EMD and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| Sl. No. | Name of the Work | Value of Work put to Tender Excluding GST (In Rs. Lakh) | Bid Security (EMD) (In Rs. Lakh) (off line) | Cost of Bid Document (In Rs.)(of online) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | | 6 |
| 1. | **"Extension of Administrative Building with other ancillary structures etc. inside existing SeTP at Karanjia N.A.C. Mayurbhanj, Odisha** | **68.40** | **68,400** | **10,000/-** | **"B"** | **4 (four) Months** |

**2. Critical Dates :**

| Sl. No. | Description | | Critical Dates |
|---|---|---|---|
| (i) | Period of availability of tenders on-line | : | **Dt.09.05.2025 to dt.17.05.2025 up to 1.00 P.M.** |
| (ii) | Last date & time of bidding on-line | : | **Dt.17.05.2025 upto 1.00 P.M.** |
| (iii) | End Date for Submission of Bid documents, Tender Paper Cost, EMD Etc. as per DTCN dropping on the Office Tender BOX Otherwise tender will be rejected. | : | **Dt.19.05.2025 during office hours** |
| (iv) | Date & time of Opening of Bids | : | **Dt.20.05.2025 at 11.00 A.M.** |

The authority reserves right to reject any or all the tender without assigning any reason thereof.
Further details can be seen from the procurement portal i.e. www.tendersorissa.gov.in

Sd./- Executive Officer
Karanjia N.A.C

OIPR-13119/11/0014/2526

## ସଂକ୍ଷେପରେ

### ବୌଦ୍ଧଗୁରୁ ପଦ୍ମ ସମ୍ଭବଙ୍କ ଜନ୍ମ ଶତବାର୍ଷିକୀ ପାଇଁ ବୈଠକ

ଝାରସୁଗୁଡ଼ା, ୧୧।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଭିକାମପାଲିସ୍ଥିତ ଜିଲା ଖଣିଜ ପାଣ୍ଠି ସମ୍ବଳ କେନ୍ଦ୍ରଠାରେ ରବିବାର ପୂର୍ବାହ୍ନ ୧୦ଟାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ଏଲ୍.ଏନ୍. କଲେଜର ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ଭିକାମପାଲି ପଞ୍ଚାୟତ ଅଞ୍ଚଳରେ ଜଳସମାଧି ନେଇଥିବା ପଦ୍ମପୁରର ବିଶ୍ୱବିଖ୍ୟାତ ବୌଦ୍ଧଗୁରୁ ପଦ୍ମ ସମ୍ଭବଙ୍କ ଜନ୍ମ ବୋଲି କିଛିଦିନ ତଳେ ବିହାରର ନାଳନ୍ଦାଠାରେ ଅନୁଷ୍ଠିତ ବିଶ୍ୱସ୍ତରୀୟ ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ବୈଠକରେ ପ୍ରାମାଣିକ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଏଥିସହ ଯାଜପୁର ଜିଲା ନୀଳଗିରିଠାରେ ଅନୁଷ୍ଠିତ ବିଶ୍ୱ ବୌଦ୍ଧ ସମ୍ମିଳନୀରେ ଉକ୍ତ ପ୍ରାମାଣିକତା ପୁନଃ ଆଲୋଚନା ହୋଇଥିବାରୁ ଝାରସୁଗୁଡ଼ା ଜିଲାରେ ଆନନ୍ଦ ଖେଳିଯାଇଛି। କିଛିଦିନ ପୂର୍ବରୁ ବୌଦ୍ଧ ଧର୍ମାବଲମ୍ବୀମାନେ ଆସି ପୂଝରୀପାଲି ମହାନଦୀ ଘାଟ ପାଖରେ ପୂଜାପାଠ କରିଥିଲେ। ଏ ସବୁକୁ ଦୃଷ୍ଟିରେ ରଖି ପଦ୍ମ ସମ୍ଭବଙ୍କ ଜନ୍ମ ଶତବାର୍ଷିକୀ ପାଳନ କରିବା ପାଇଁ ଆସନ୍ତା ଜୁନ୍ ୨୬ ତାରିଖକୁ ଧାର୍ଯ୍ୟ କରାଯାଇଛି। ଏହି ବୈଠକରେ ଗୌତମ ବେହେରା, ଡୋଳାମଣି ପ୍ରଧାନ, ଅଶ୍ୱିନୀ ପୂଜାରୀ, ମେହବୁବ ମେହେତାବ, ଦିଲୀପ ପଟେଲଙ୍କ ସମେତ ବିଭିନ୍ନ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

### ଶିବ ବିବାହ ପ୍ରସ୍ତୁତି ବୈଠକ

ଲଖନପୁର, ୧୧।୫(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ସିଂହାରପୁର ଝାଡ଼େଶ୍ୱର ମନ୍ଦିରରେ ଶିବ ବିବାହ ଉତ୍ସବର ପ୍ରସ୍ତୁତି ବୈଠକ ରବିବାର ଅପରାହ୍ନ ୪ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିର ପରିଚାଳନା କମିଟିର ସ୍ଥାୟୀ ସଭାପତି ଈଶ୍ୱର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୩୦ ଓ ୩୧ ତାରିଖରେ ଶୀତଳ ଷଷ୍ଠୀ ତଥା ଶିବ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ଏହାକୁ ସୁରୁଖୁରୁରେ ସମ୍ପନ୍ନ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏନେଇ ପ୍ରଥମେ କନ୍ୟାପକ୍ଷ ଓ ବରପକ୍ଷ ଚୟନ କରାଯାଇଥିଲା। ଚଳିତବର୍ଷ କନ୍ୟା ପିତାମାତା ଭାବରେ ତିଲିଆ ପଞ୍ଚାୟତ ଠୁରୋପାଲି ଗ୍ରାମର ଦାମୋଦର ବଢ଼େଇ ଓ ପତ୍ନୀ ଲଳିତା ବଢ଼େଇଙ୍କୁ ଚୟନ କରାଯାଇଛି। ସେହିପରି ବର ପିତାମାତା ଭାବରେ ବନ୍ଧବାହାଲ କଲୋନୀର ମହେଶ୍ୱର ବିଶ୍ୱାଳ ଓ ପତ୍ନୀ ଦ୍ରୌପଦୀ ବିଶ୍ୱାଳଙ୍କୁ ଚୟନ କରାଯାଇଛି। ଗତବର୍ଷ ଶିବ ବିବାହ ପର୍ବର ଆୟବ୍ୟୟ ଉପସ୍ଥାପନ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା କମିଟି ପାଖରେ ୧ ଲକ୍ଷ ୫ ହଜାର ଟଙ୍କା ସଞ୍ଚୟ ଥିବା ନେଇ ସୂଚନା ଦିଆଯାଇଛି। ଉତ୍ସବକୁ ବ୍ୟାପକ କରିବା ପାଇଁ ଆଗାମୀ ଦିନରେ ଆଞ୍ଚଳିକ ସହଯୋଗ ଓ ସଦସ୍ୟତାକୁ ଅନୁମତି ଦିଆଯାଇ ଖୁବ୍‌ଶୀଘ୍ର ଏକ ଆଞ୍ଚଳିକ ବୈଠକ ଡାକିବା ପାଇଁ ଆଲୋଚନା ହୋଇଥିଲା। ଏହି ବୈଠକରେ ଉପସଭାପତି ଅନନ୍ତ ଭୋଇ, ସମ୍ପାଦକ ପଙ୍କଜ କୁମାର ଦାସ, କୋଷାଧ୍ୟକ୍ଷ ପାଣ୍ଡବ ସାହୁ, ବଟ ଖମାରୀ, ପୀତାମ୍ବର ମିଶ୍ର, ରାଜୀବ କୁମାର ପ୍ରଧାନ, ଶମ୍ଭୁ ଚରଣ ପ୍ରଧାନ, ପୁରୁଷୋତ୍ତମ ବିଶ୍ୱାଳ, ତ୍ରିଲୋଚନ ପ୍ରସାଦ ଜୟଶୂଳ, ପ୍ରଦୀପ କୁମାର ସାହୁ, ବିକ୍ରମ ବିଶ୍ୱାଳ, ଅଶୋକ ପ୍ରଧାନ, ଅଶୋକ ରାଏ, ମହେଶ୍ୱର ବିଶ୍ୱାଳ, ଦାମୋଦର ବଢ଼େଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଯବାନଙ୍କ ପ୍ରସୂତି ସ୍ତ୍ରୀଙ୍କୁ ଭିମ୍‌ସାରରେ ମିଳିଲାନି ରକ୍ତ

ସମ୍ବଲପୁର/ଝାରସୁଗୁଡ଼ା, ୧୧।୫
(ପ୍ରମୋଦ ବହିଦାର/ଆଶିଷ ରଞ୍ଜନ ଦାଶ)

■ ଅସୁବିଧାର ସମ୍ମୁଖୀନ ହେଲେ ପରିବାର
■ ସ୍ୱେଚ୍ଛାସେବୀ ଯୋଗାଇଲେ ରକ୍ତ

ଦେଶ ମାତୃକାର ସୁରକ୍ଷାରେ ନିୟୋଜିତ ବୁର୍ଲା ଭିମ୍‌ସାରରେ ଚିକିତ୍ସାଧୀନ ଜଣେ ଯବାନଙ୍କ ସ୍ତ୍ରୀଙ୍କୁ ଆବଶ୍ୟକ ରକ୍ତ ମିଳି ପାରି ନ ଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ପ୍ରସୂତିଙ୍କୁ ଶନିବାର 'ଓ' ପଜିଟିଭ୍ ବର୍ଗର ରକ୍ତ ଆବଶ୍ୟକ ହୋଇଥିଲା। ମାତ୍ର ଭିମ୍‌ସାର ରକ୍ତଭଣ୍ଡାରରେ ଉକ୍ତ ବର୍ଗର ରକ୍ତ ମିଳି ନ ଥିଲା। ଫଳରେ ରକ୍ତ ଯୋଗାଡ଼ ପାଇଁ ତାଙ୍କ ପରିବାରକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପରେ ଏ ସମ୍ପର୍କରେ ଖବରପାଇ ସମ୍ବଲପୁରର କେତେଜଣ ସାମାଜିକ କର୍ମୀ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆଗେଇ ଆସିଥିଲେ। ଗୁଣମଣି ବିଶ୍ୱାଳଙ୍କ ଉଦ୍ୟମକ୍ରମେ ରବିବାର ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ବୁଲୁ ନାୟକ, ଡାକ୍ତର ଓରାମ, କ୍ଷୀରୋଦ ନାୟକ ପ୍ରାଥମିକସ୍ତରରେ ତାଙ୍କ ପାଇଁଆବଶ୍ୟକ 'ଓ' ପଜିଟିଭ୍' ବର୍ଗର ୪ ୟୁନିଟ୍ ରକ୍ତ ଦାନ କରିଛନ୍ତି। ତେବେ ରବିବାର ତାଙ୍କୁ ଗୋଟିଏ ୟୁନିଟ୍ ରକ୍ତ ଦିଆଯାଇ ଅବଶିଷ୍ଟ ରକ୍ତକୁ ପର୍ଯ୍ୟାୟକ୍ରମେ ପ୍ରଦାନ କରିବାକୁ ଭିମ୍‌ସାର ରକ୍ତଭଣ୍ଡାରରେ ରଖାଯାଇଛି। ଆବଶ୍ୟକ ହେଲେ ଆଗକୁ ଆହୁରି ରକ୍ତ ଯୋଗାଇଦେବାକୁ ସାମାଜିକ କର୍ମୀମାନେ ଯବାନଙ୍କ ପରିବାରକୁ ପ୍ରତିଶ୍ରୁତି ଦେଇଛନ୍ତି।

ଭାରତୀୟ ସଶସ୍ତ୍ର ସୀମା ବଳ(ଏସ୍ଏସ୍‌ବି)ରେ କାର୍ଯ୍ୟରତ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ ଟେଙ୍ଗନାମାଲର ଯବାନ ଦେବରାଜ ଗଣ୍ଡଙ୍କ ସ୍ତ୍ରୀ ଗତ ଏପ୍ରିଲ୍ ୨୮ ରେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ଅସ୍ତ୍ରୋପଚାର ଜରିଆରେ ଶିଶୁକନ୍ୟା ଜନ୍ମ ପରେ ସେ ସଂଜ୍ଞାହୀନ ହୋଇ ଗୁରୁତର ହୋଇପଡ଼ିଥିଲେ। ତେଣୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ପରାମର୍ଶକ୍ରମେ ଦେବରାଜ ତାଙ୍କ ସ୍ତ୍ରୀ ଓ ଶିଶୁକନ୍ୟାକୁ ଏପ୍ରିଲ ୨୯ ତାରିଖରେ ଭିମ୍‌ସାର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି କରିଥିଲେ। ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥାରେ କୌଣସି ସୁଧାର ଆସିନାହିଁ। ମାତ୍ର ଜରୁରିକାଳୀନ ପରିସ୍ଥିତିରେ କର୍ମକ୍ଷେତ୍ରରୁ ଡାକରା ପାଇବାରୁ ଦେବରାଜ ଶନିବାର ଅରୁଣାଚଳ ପ୍ରଦେଶ ସୀମାକୁ ପ୍ରସ୍ଥାନ କରିଛନ୍ତି। ଅପରପକ୍ଷରେ ଯବାନଙ୍କ ସ୍ତ୍ରୀଙ୍କ ଅବସ୍ଥା ପୂର୍ବଭଳି ଜଟିଳ ରହିଛି ଓ ସେ ବର୍ତ୍ତମାନ ଚେତାଶୂନ୍ୟ ରହିଛନ୍ତି। ଏ ସମ୍ପର୍କରେ ଭିମ୍‌ସାର ରକ୍ତଭଣ୍ଡାର ଇନଚାର୍ଜ ଡା. ଅନୁପା ଟପ୍ପୋ କହିଛନ୍ତି, ରକ୍ତ ପାଇଁ ଯବାନଙ୍କ ପରିବାର ପକ୍ଷରୁ କେହି ତାଙ୍କୁ ଯୋଗାଯୋଗ କରି ନ ଥିଲେ। ତେବେ ଭିମ୍‌ସାର ରକ୍ତ ଭଣ୍ଡାରରେ ରକ୍ତର ଅଭାବ ରହିଛି। 'ଓ' ପଜିଟିଭ ବର୍ଗର ରକ୍ତ ଆଦୌ ନ ଥିବାବେଳେ ଜରୁରିକାଳୀନ ଆବଶ୍ୟକତା ପାଇଁ ଅନ୍ୟବର୍ଗର ଅଳ୍ପକିଛି ରକ୍ତ ରହିଛି।



ଆନ୍ତଃ ଜିଲା କ୍ଲବ୍ ସ୍କୁଲ ବାଳକ ଜୁନିୟର ହକି ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ ବିଜୟୀ ଟିମ୍‌ର ଖେଳାଳି।

# ପ୍ରଥମ ଦିନରେ ୩ ମ୍ୟାଚ୍

## ଆନ୍ତଃ ଜିଲା କ୍ଲବ୍ ସ୍କୁଲ ବାଳକ ଜୁନିୟର ହକି ପ୍ରତିଯୋଗିତା ଉଦ୍‌ଘାଟିତ

ଝାରସୁଗଡ଼ା, ୧୧।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ଏଚ୍. କଣ୍ଟାପାଲିସ୍ଥିତ ହକି ଷ୍ଟାଡିୟମରେ ଆନ୍ତଃ ଜିଲା ସ୍କୁଲ ବାଳକ ହକି ପ୍ରତିଯୋଗିତା ରବିବାର ଅପରାହ୍ନ ୪ଟା ୩୦ ମିନିଟ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ଦିବ୍ୟଜ୍ୟୋତି କ୍ଲବ୍ ପୁରୁଣା ଓ ପ୍ରୋଗ୍ରେସିଭ୍ କ୍ଲବ୍ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨-୦ ଗୋଲ୍‌ରେ ପ୍ରୋଗ୍ରେସିଭ୍ କ୍ଲବ୍ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଆମ୍ବିସନ କ୍ଲବ୍ ବ୍ରଜରାଜନଗର ଏବଂ ସିଭିଏଏସ୍ ସ୍କୁଲ ଅରଡ଼ା ମଧ୍ୟରେ ହୋଇଥିଲା। ଏଥିରେ ୫-୨ ଗୋଲ୍‌ରେ ଅରଡ଼ା ଦଳ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ସେନଟ ବିନସେନଟ ସ୍କୁଲ ଓ ଆଦିବାସୀ ସ୍କୁଲ ଗଞ୍ଜୁରଟିହି ମଧ୍ୟରେ ହୋଇଥିଲା। ଏଥିରେ ୫-୪ ଗୋଲ୍‌ରେ ବିନସେନଟ ସ୍କୁଲ ବିଜୟୀ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜ୍ୟୋତି ଲାଠ, ସମ୍ମାନିତ ଅତିଥି ଭାବେ ରାଜକିଷାନ ପଟେଲ, ବିଜୟ ବେହେରା, ଗଣେଶ ନାଇକ ପ୍ରମୁଖ ଯୋଗଦେଇଥିଲେ। ଶକୁନ ନାୟକ, ପ୍ରଫୁଲ୍ଲ କୁଲୁ, ସୁଜିତ୍ ଲାକ୍ରା, ଗାୟତ୍ରୀ କିସାନ ଓ ଜିତେନ୍ଦ୍ର ମହନ୍ତ କ୍ରୀଡ଼ା ପରିଚାଳନା କରିଥିଲେ।

# ୨୧ ଅଭିଯୋଗ ଶୁଣାଣି କଲେ ବିଧାୟକ



ଶିବିରରେ ବିଧାୟକ ଅଭିଯୋଗ ଶୁଣାଣି କରୁଛନ୍ତି।

ଦେବଗଡ଼, ୧୧।୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଲାଲୁ ସାହିଠାରେ ଥିବା ଜିଲା ବିଜେଡି କାର୍ଯ୍ୟାଳୟରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଜନସାଧାରଣ ଆଣିଥିବା ୨୧ଟି ଅଭିଯୋଗ ଶୁଣାଣି କରିବା ସହ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ସହ ଫୋନ୍‌ଯୋଗେ କଥା ହୋଇ ସମସ୍ୟା ସମାଧାନ କରିଥିଲେ। ରାସ୍ତା, ପାନୀୟଜଳ, ଶିକ୍ଷା, ଗୃହ, ସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ସମସ୍ୟା ସମ୍ପର୍କିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

# ରାଜକିଶୋର ସଭାପତି, ପୂର୍ଣ୍ଣାନନ୍ଦ ସାଧାରଣ ସମ୍ପାଦକ

## ଜିଲା ଘରୋଇ ବସ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା ଚୟନ

ଦେବଗଡ଼, ୧୧।୫(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ବସନ୍ତ ନିବାସଠାରେ ଜିଲା ଘରୋଇ ବସ୍ ମାଲିକ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘର ବରିଷ୍ଠ ସଭ୍ୟ ଅଶୋକ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତା ଓ ସୁଧୀର କୁମାର ଦାସଙ୍କ ସହଯୋଗରେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ସଭାପତିଭାବେ ରାଜକିଶୋର ଦାଶ, ଉପସଭାପତି ଲମ୍ବୋଧର ନାୟକ ଓ କୈଳାସ ଚନ୍ଦ୍ର ବିଶ୍ୱାଳ, ସାଧାରଣ ସମ୍ପାଦକ ପୂର୍ଣ୍ଣାନନ୍ଦ ପାଣି, ସହ ସମ୍ପାଦକ ପ୍ରତାପ କୁମାର ପାଣି ଓ କୋଷାଧ୍ୟକ୍ଷ ଭାବେ ନବୀନ କୁମାର ମିଶ୍ର ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି।



ଜିଲା ଘରୋଇ ବସ୍ ମାଲିକ ସଂଘର ମନୋନୀତ କର୍ମକର୍ତ୍ତା।

# ବିଜୁ ଏକ୍ସପ୍ରେସ୍ ୱେ ପାଲଟିଛି ମରଣଯନ୍ତା

ଝାରସୁଗୁଡା, ୧୧।୫(ଆଶିଷ ରଞ୍ଜନ ଦାଶ)

■ ବେପରୁଆ ଗାଡ଼ି ଚାଳନାରୁ ଘଟୁଛି ଦୁର୍ଘଟଣା
■ ୧ ମାସରେ ୫ ଜଣଙ୍କ ମୃତ୍ୟୁ ଘଟିଛି
■ ଟ୍ରାଫିକ୍ ବ୍ୟବସ୍ଥା କଡ଼ାକଡ଼ି, ସ୍ପିଡ୍ ବ୍ରେକର ଲଗାଇବା ପାଇଁ ଦାବି

ଝାରସୁଗୁଡା ଜିଲା ଖେଡୁଆଲଠାରୁ ପ୍ରସନ୍ନ ପଣ୍ଡା ବିଜୁ ଏକ୍ସପ୍ରେସ୍ ୱେ ମରଣଯନ୍ତା ପାଲଟିଛି। ଜନଗହଳିପୂର୍ଣ୍ଣ ଏହି ରାସ୍ତାରେ ବେପରୁଆ ଗାଡ଼ିଚାଳନା ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଗତ ୧ ମାସ ମଧ୍ୟରେ ବିଭିନ୍ନ କାରଣରୁ ଦୁର୍ଘଟଣା ଘଟି ୫ ଜଣଙ୍କ ମୃତ୍ୟୁ ଘଟିଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଆଗାମୀ ଦିନରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଝାରସୁଗୁଡା ଜିଲାକୁ ସଂଯୋଗ କରି ସମ୍ବଲପୁରରୁ ରାଉରକେଲା ପର୍ଯ୍ୟନ୍ତ ଯାଇଥିବା ବିଜୁ ଏକ୍ସପ୍ରେସ ୱେ ଖେଡୁଆଲଠାରୁ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ସବୁବେଳେ ଭିଡ଼ ରହିଥାଏ। ଏହି ରାସ୍ତା ନିକଟରେ ଖେରୱାଲ, ବଡ଼ମାଳ ଗ୍ରାମ ସମେତ ବେଦାନ୍ତ, ଜେଏସଡବ୍ଲ୍ୟୁ, ଆଦିତ୍ୟ ବିର୍ଲା, ଏସ୍ଏମ୍‌ସି କମ୍ପାନୀ ସହ ଅନେକ ଛୋଟ କମ୍ପାନୀ ରହିଛି। ସେହିପରି ରାସ୍ତା ପାର୍ଶ୍ୱରେ ପ୍ରାୟ ୪୦ଟି ପରିବହନ ସଂସ୍ଥା, ୫୦ରୁ ଉର୍ଦ୍ଧ୍ୱ ଗ୍ୟାରେଜ, ୩/୪ଟି ବ୍ୟାଙ୍କ ରହିଛି। ଏହି ଦୃଷ୍ଟିରୁ ଉକ୍ତ ରାସ୍ତା ସବୁବେଳେ ଭିଡ଼ ରହୁଛି। ଉପରୋକ୍ତ କମ୍ପାନୀଗୁଡ଼ିକୁ କାମ କରିବା ପାଇଁ ଏହି ରାସ୍ତାରେ ଅଧିକାଂଶ



ରାସ୍ତାରେ ଚଳାଚଳ କରୁଥିବା ଭାରିଯାନ।

କର୍ମଚାରୀ ବାଇକ୍‌ରେ ଯାଉଥିବାବେଳେ ଆଉ କେତେଜଣ କର୍ମଚାରୀ କମ୍ପାନୀ ବସ୍‌ରେ ଯାଉଛନ୍ତି। ବିଶେଷକରି ବେପରୁଆ ଗାଡ଼ି ଚାଳନା ଯୋଗୁ ଏହି ରାସ୍ତାରେ ଦୁର୍ଘଟଣା ଘଟୁଛି। ପାଉଁଶ ପରିବହନରେ ନିୟୋଜିତ ଭାରିଯାନଗୁଡ଼ିକ ଦ୍ରୁତଗତିରେ ଚଳାଚଳ କରିବା ଦ୍ୱାରା ଅନେକ ସମୟରେ ଭାରସାମ୍ୟ ହରାଇ ପଥଚାରୀ ଓ ବାଇକ୍ ଚାଳକଙ୍କୁ ଧକ୍କା ଦେଉଛନ୍ତି। ଫଳରେ ଲୋକମାନେ ମୃତାହତ ହେଉଛନ୍ତି। ଅପରପକ୍ଷରେ ବାଇକ୍ ଚାଳକ ମଧ୍ୟ ଅନେକ ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାରେ ପ୍ରାୟ ୨ ବର୍ଷ ତଳେ ଏକ କମ୍ପାନୀ ବସ୍‌ରେ କର୍ମଚାରୀମାନେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବସ୍ ସହିତ ଧକ୍କା ହେବାରୁ ୧୬ ଜଣ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଆଗାମୀ ଦିନରେ ଦୁର୍ଘଟଣା ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସଜାଗ ହେବାକୁ ପଡିବ। ମୁଖ୍ୟତଃ ଦ୍ରୁତ ଗତିରେ ଚଳାଚଳ କରୁଥିବା ଭାରିଯାନ ଉପରେ ଅଙ୍କୁଶ ଲଗାଇବା, ରାସ୍ତାରେ ସ୍ପିଡ୍ ବ୍ରେକର ଲଗାଇବା, ରାତିବେଳା ଉଚ୍ଚମାନର ଲାଇଟ୍ ବ୍ୟବସ୍ଥା କରିବା, ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି ସହ ଖେରୱାଲରୁ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ଏକ ସ୍ପେଶାଲ ମୋବାଇଲ ଗାଡ଼ି ବ୍ୟବସ୍ଥା କରାଗଲେ ଦୁର୍ଘଟଣା ରୋକାଯାଇପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଏନେଇ ଝାରସୁଗୁଡ଼ାସ୍ଥିତ ରୋଡ୍ ଆଣ୍ଡ ବ୍ରିଜ ବିଭାଗର ଏସ୍‌ଡିଓ ଆଶିଷ କୁମାର ଲେଙ୍କା କହିଛନ୍ତି, ରାସ୍ତାରେ ଦୁର୍ଘଟଣା କମାଇବା ପାଇଁ ଜିଲା ରୋଡ୍ ସେଫ୍‌ଟି କମିଟି ବୈଠକରେ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ରାଷ୍ଟ୍ରୀୟ ଲୋକ ଅଦାଲତ: ୨୦୮୧ ମାମଲା ଫଇସଲା



ଲଖନପୁର କୋର୍ଟରେ ଅନୁଷ୍ଠିତ ଲୋକ ଅଦାଲତ।

ଝାରସୁଗୁଡା, ୧୧।୫(ଆଶିଷ ରଞ୍ଜନ ଦାଶ)

ଚଳିତବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଝାରସୁଗୁଡ଼ା ଜିଲା ନ୍ୟାୟାଳୟ ଓ ଲଖନପୁର ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ଶନିବାର ସକାଳେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣାଜନିତ ମାମଲା ୫, ୨ ଚେକ୍ ବାଉନ୍ସ ମାମଲା, ୧୫ ବୈବାହିକ, ୧୬୯୦ ରାଜସ୍ୱ ମାମଲା, ୨୨୨ ଅନ୍ୟାନ୍ୟ ଫୌଜଦାରି ମାମଲା ଭଳି ମୋଟ୍ ୨୦୮୧ ମାମଲା ଫଇସଲା କରାଯାଇଛି। ଜିଲା ଓ ଦୌରାଜଜ୍ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲା ଓ ଦୌରାଜଜ୍ ସୁବାସ ଚନ୍ଦ୍ର ଧଳଙ୍କ ସହିତ ଅନ୍ୟ ବିଚାରପତି ମାମଲାଗୁଡ଼ିକ ସମାଧାନ କରିଥିଲେ। ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ, ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଷା କିରନ ଏବଂ ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗାୟତ୍ରୀ ମିଶ୍ର, ବରିଷ୍ଠ ଦେୱାନି ବିଚାରପତି ଡ. ସନ୍ଧ୍ୟା ରଥ, କନିଷ୍ଠ ଦେୱାନି ବିଚାରପତି ମୋନାଲିସା ପ୍ରଧାନ ମାମଲାର ସମାଧାନ କରିଥିଲେ। ସେହିପରି ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ଲଖନପୁର ବ୍ରଜେଶ ମିଶ୍ର ଓ ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନର୍ମଦା ପ୍ରଧାନ ଫୌଜଦାରି ମାମଲାଗୁଡ଼ିକର ଆପୋସ ସମାଧାନ କରିଥିଲେ। ଏହି ଲୋକ ଅଦାଲତରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତି ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ ମାମଲା ପରିଚାଳନା କରିଥିବାବେଳେ ସିଭିଲ କୋର୍ଟ ରେଜିଷ୍ଟ୍ରାର ରାଜେନ୍ଦ୍ର କୁମାର ଦାସ ସହଯୋଗ କରିଥିଲେ।


**SAHEED LAXMAN NAYAK MEDICAL COLLEGE & HOSPITAL, KORAPUT**
Walk-in-Interview for the post of Junior Residents on Contractual basis / deputation basis

**WALK-IN-INTERVIEW**

**No.E-82** : Eligible Candidates are invited for Walk-in-interview for the post of Junior Residents on contractual basis for SLNMCH, Koraput. The walk-in-interview is scheduled to be held on **14.05.2025 at 10.30 A.M.** in the office of the Dean & Principal, SLNMCH, Koraput. The details eligibility criteria, Selection procedure, application form along with other terms and conditions are available in our official website i.e. **www.slnmch.nic.in**

Sd./- Dean & Principal, SLNMCH, Koraput
OIPR-10121/11/0034/2526

**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. III BHUBANESWAR**
bbsrrandb03@yahoo.com
No.B-118
60Estg.No - Date -
Government of Odisha "e"-Procurement Notice No (05) of 2025-26
Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | Road Works |
| 2 | Total No. of works | 07 Nos. work |
| 3 | Estimated Cost | i) Rs.56,30,300.00, ii) Rs.87,97,100.00, iii) Rs.83,48,800.00, iv) Rs.84,74,600.00, v) Rs.52,54,400.00, vi) Rs.54,54,600.00, vii) Rs.50,35,500.00 |
| 4 | Class of Contractor | "B" Class Contractor |
| 5 | Period of Completion | 2 (Two) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From **14.05.2025 at 11.30 P.M. to 23.05.2025 at 5.30 P.M.** |
| 8 | Last Date & Time for Receipt of bids in the Portal | **23.05.2025, upto 5.30 P.M.** |
| 9 | Name & Address of the Officer inviting Bid | **Er. Narendra Kumar Ghadai**, Superintending Engineer, Bhubaneswar (R&B) Division. No III, Bhubaneswar |

Further details can be seen from the e-procurement portal https://tendersorissa.gov.in
**N.B: Subsequent corrigendum / addendum if required shall be available in the website as indicated above.**

Sd./- Superintending Engineer
BBSR (R&B) Division No.III, BBSR
OIPR-34089/11/0028/2526

**OFFICE OF THE NOTIFIED AREA COUNCIL, KARANJIA DIST. - MAYURBHANJ**
No.656/NAC, Date : 08.05.2025
Email ID : karanjian.hud@ori.nic.in
**"e" Procurement Notice**
**Bid Identification No.NAC-KJA-03/2025-26**

**No.C-292** : Bid Documents consisting of Work, Estimated Cost, Cost of Tender Paper, EMD and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| Sl. No. | Name of the Work | Value of Work put to Tender Excluding GST (In Rs. Lakh) | Bid Security (EMD) (In Rs. Lakh) (off line) | Cost of Bid Document (In Rs.)(of online) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | | 6 |
| 1. | **"Extension of Administrative Building with other ancillary structures etc. inside existing SeTP at Karanjia N.A.C. Mayurbhanj, Odisha** | **68.40** | **68,400** | **10,000/-** | **"B"** | **4 (four) Months** |

**2. Critical Dates :**

| Sl. No. | Description | | Critical Dates |
|---|---|---|---|
| (i) | Period of availability of tenders on-line | : | **Dt.09.05.2025 to dt.17.05.2025 up to 1.00 P.M.** |
| (ii) | Last date & time of bidding on-line | : | **Dt.17.05.2025 upto 1.00 P.M.** |
| (iii) | End Date for Submission of Bid documents, Tender Paper Cost, EMD Etc. as per DTCN dropping on the Office Tender BOX Otherwise tender will be rejected. | : | **Dt.19.05.2025 during office hours** |
| (iv) | Date & time of Opening of Bids | : | **Dt.20.05.2025 at 11.00 A.M.** |

The authority reserves right to reject any or all the tender without assigning any reason thereof.
Further details can be seen from the procurement portal i.e. www.tendersorissa.gov.in

Sd./- Executive Officer
Karanjia N.A.C
OIPR-13119/11/0014/2526


ବଡ଼ଗାଁ ବସଷ୍ଟାଣ୍ଡ ଗୋଲେଇଠାରେ ସଂକୀର୍ଣ୍ଣ ରାସ୍ତା।

# ପ୍ରତିଶ୍ରୁତି ମିଳୁଛି, ନିଆଯାଉନି ପଦକ୍ଷେପ

## ତ୍ରୁଟିପୂର୍ଣ୍ଣ ଗୋଲେଇ ଛକ ନିର୍ମାଣରୁ ଟ୍ରାଫିକ୍ ସମସ୍ୟା

ବଡ଼ଗାଁ,୧୧।୫(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଦେଇ ଯାଇଥିବା ରାଜ୍ୟ ରାଜପଥ ୧୦ରେ ନିର୍ମିତ ଗୋଲେଇ ଛକର ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଫଳରେ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ଏଠାରେ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଏନେଇ ବଡ଼ଗାଁର ବୁଦ୍ଧିଜୀବୀମାନେ ପ୍ରଶାସନଠାରେ ବାରମ୍ବାର ଜଣାଇ ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଦୁର୍ଘଟଣାରେ କେହି ପ୍ରାଣ ହରାଇଲେ ପ୍ରଶାସନିକ ଅଧିକାରୀମାନେ ଗତି ନିୟନ୍ତ୍ରଣ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦିଅନ୍ତି, କିନ୍ତୁ ପଦକ୍ଷେପ ନେଉନାହାନ୍ତି। ବଡ଼ଗାଁର ଗୋଲେଇ ଛକଠାରେ କେତେଜଣ ଦୋକାନୀ ପାଦଚଲା ପଥ (ଫୁଟପାଥ )ଜବରଦଖଲ କରିଥିବାରୁ ବସଷ୍ଟପ୍‌ରେ ଜନଗହଳି ହେଉଛି। ଛକରେ ବୃହତ୍ ଗୋଲେଇ ନିର୍ମାଣ କରିବା ଦ୍ୱାରା ଉଭୟ ପାର୍ଶ୍ୱରେ ରାସ୍ତା ସଂକୀର୍ଣ୍ଣ ହୋଇଯାଇଛି। ବସଷ୍ଟପ୍‌ଠାରେ ବାଇକ, କାର ପାର୍କିଂ କରିବା ଦ୍ୱାରା ବସ୍ ଆସିଲେ ରାସ୍ତା ମଝିରେ ରହୁଛି। ଫଳରେ କିଛି ସମୟ ପାଇଁ ସେଠାରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଗୋଲେଇ ଛକକୁ ଚାରି ଦିଗରୁ ସଂଯୋଗ ରାସ୍ତା ଥିବାରୁ ଓ ଗୋଲେଇ ବୃହତ୍ତାକାର ହୋଇଥିବାରୁ ରାଜପଥ ଏଠାରେ ସଂକୀର୍ଣ୍ଣ ହୋଇଯାଇଛି। ଏହି ବସ୍‌ଷ୍ଟାଣ୍ଡର ବସଗୁଡ଼ିକ ରାସ୍ତା ଉପରେ ଅଟକି ନ ରହେ ଓ ଯାନବାହନର ଗତି ନିୟନ୍ତ୍ରଣ କରାଗଲେ ଦୁର୍ଘଟଣାକୁ ନିୟନ୍ତ୍ରଣ କରାଯାଇ ପାରିବ। ଏହା ବ୍ୟତୀତ ଫ୍ଲାଏ ଓଭର୍ ନିର୍ମାଣ କରାଗଲେ ଦୁର୍ଘଟଣାକୁ ଅନେକାଂଶରେ ଏଡାଯାଇପାରିବ। ତେବେ ରାସ୍ତାରେ ଗତି ନିୟନ୍ତ୍ରଣ, ତ୍ରୁଟିପୂର୍ଣ୍ଣ ନିର୍ମାଣକୁ ସୁଧାରିବା ଓ ଫୁଟ୍‌ପାଥରୁ ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀ ବହୁବାର ଆମ ପୋଲିସ ବୈଠକ ଏବଂ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜଣାଇଥିଲେ ମଧ୍ୟ ସୁଫଳ ମିଳି ପାରିନାହିଁ। ତେବେ ଏହି ବସ୍‌ଷ୍ଟାଣ୍ଡରେ ଗତ ୫ବର୍ଷ ମଧ୍ୟରେ ଅନେକ ଧନ ଜୀବନହାନୀ ହୋଇଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବା ଦେଖାଯାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ପାଇଁ ସାଧାରଣରେ ଦାବି ହେଉଛି।

# ନବନିଯୁକ୍ତ ରାଉରକେଲା ସାଙ୍ଗଠନିକ ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା

ବଣାଇଁ,୧୧।୫(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁସ୍ଥିତ ଆଇଟିଡିଏ ସଭାଗୃହଠାରେ ବଣାଇଁ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ନବନିଯୁକ୍ତ ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କୁ ରବିବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଭାରେ ପ୍ରଥମେ ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରି ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଞ୍ଜିତ କିସାନ, ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ଜିଲା ପରିଷଦ ସଭ୍ୟ ବୀର ବିଚିତ୍ରସେନ ନାୟକ, ଉପେନ୍ଦ୍ର କିସାନ, ସୁଶୀଳା ନାୟକ, ବରିଷ୍ଠ ନେତା କୁମାର ଗୌତମ ବାରିକ, ରାସୁଆଲ ଓରାମ, ରଘୁନାଥ ସାହୁ, କରୁଣାକର ପାତ୍ର, ଗୁରୁ ସ୍ୱାଇଁ, ଭୀମ ନାୟକ, ରତ୍ନା କିସାନ, ବାଣେଶ୍ୱର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ଦିନରେ ଦଳ କିପରି ସୁଦୃଢ଼ ହେବ ତା' ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ଦଳକୁ ଆଗାମୀ ଦିନରେ ଆଉ ମଜଭୁତ କରିବା ପରିପ୍ରେକ୍ଷୀରେ ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚି ତାଙ୍କ ସମସ୍ୟାକୁ ସରକାରଙ୍କ ପାଖରେ ଉପସ୍ଥାପନ କରି ସମାଧାନ କରିବା ଦଳ ସୁପ୍ରିମୋଙ୍କ ନିର୍ଦ୍ଦେଶ ଏବେ ମୁଖ୍ୟ ଏଜେଣ୍ଡା ରହିବ ବୋଲି ଦଳୀୟ ନେତୃବର୍ଗ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଣାଇଁ ବ୍ଲକ ଉପାଧ୍ୟକ୍ଷା ବିନତି ବେହେରା, ପୂର୍ବତନ କୋଇଡା ବ୍ଲକ ଅଧ୍ୟକ୍ଷା ଏମଲେନ ଟୋପ୍ପୋ, ସରପଞ୍ଚ ସୁମିତ୍ରା ଚାର୍ଦିଆ, ଦମନ ସିଂ, ସିଂରାୟ ମୁଣ୍ଡା, କିଶୋର ଓରାମ, ଲକ୍ଷ୍ମୀ କିସାନ, ପପୁ ମହାନ୍ତି, ଅଜୟ ନାୟକ, ସଞ୍ଜୟ ଦାଶ, ଗଙ୍ଗା ବେହେରା, ପ୍ରିୟଙ୍କା ପ୍ରଧାନ, ଦ୍ରୌପଦୀ କିସାନ, ଇନ୍ଦିରା ବୁଢ଼ା, ସୁଶାନ୍ତ ମୁଣ୍ଡା, ଉମେଶ ରାଏ, ରମେଶ ସ୍ୱାଇଁ, ନରେନ୍ଦ୍ର ସିଂ, ଭରତ କୁମୁରା, ଜନକ ସିଂ, ଇନ୍ଦ୍ରମଣି କିସାନ, ଫଗୁ କିସାନ, ସୁରୁଜ ତ୍ରିପାଠୀ, ନିର୍ମଳ ପାତ୍ର, ଅଗସ୍ତି ନାୟକ, ଏମ୍‌ଡି ଅଫଜଲ, ଚନ୍ଦ୍ରମଣି ସାହୁ, ଗୋପାଳ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗିତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମଙ୍କୁ କୁଳମଣି ପ୍ରଧାନ, ଯୁବନେତା ରୋହିତାଶ୍ୱ ମିଶ୍ର, ସିପୁନ ମିଶ୍ର, ଆଶୁତୋଷ ଜୟସ୍ୱାଲ,ଏମ୍‌ଡି ସାହେବ, ସରୋଜ ମିଶ୍ର, ଚିନ୍ମୟ ତ୍ରିପାଠୀ, ଅଶୋକ ପ୍ରଧାନ, ଅଭିଷେକ ବେହେରା, ଅମିତ ରାଏ, ତାପସ କାଲୋ, ଧର୍ମେନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ।


ସମ୍ବର୍ଦ୍ଧନା ସଭାରେ ବିଜେଡି କର୍ମକର୍ତ୍ତା ଓ ଅନ୍ୟମାନେ।

# ସୁଭାଷ ବୋଷ କମିଟିର ତ୍ରିରଙ୍ଗା ସ୍ଥାପନ

ରାଜଗାଙ୍ଗପୁର,୧୧।୫(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସୁଭାଷ ବୋଷ କମିଟି ଦ୍ୱାରା ରବିବାର ସୁଭାଷଛକଠାରେ ଥିବା ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିଠାରେ ଏକ ବିଶାଳ ତ୍ରିରଙ୍ଗା ସ୍ଥାପନ କରାଯାଇଛି। ଏହି ତ୍ରିରଙ୍ଗା ସ୍ଥାପନା କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ତ୍ରିରଙ୍ଗା ସ୍ଥାପନା ସହ ପତାକା ଉତ୍ତୋଳନ କରି ବକ୍ତବ୍ୟ ରଖିଥିଲେ। ରାଜଗାଙ୍ଗପୁର ଉପନଗରପାଳ ମହମ୍ମଦ ଇରଫାନଙ୍କ ସହ ଅମରେଶ ପଣ୍ଡା, କୁଲଦୀପ ସିଂ ପ୍ରମୁଖଙ୍କ ସହ କମିଟିର ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ।


ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# କମଣ୍ଡ ଷ୍ଟିଲ୍ ପ୍ଲାଣ୍ଟକୁ ଗ୍ରୀନ ଲିଫ୍ ପ୍ଲାଟିନମ ପୁରସ୍କାର



କମଣ୍ଡ ଷ୍ଟିଲ ପ୍ଲାଣ୍ଟର ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଟେନସା,୧୧।୫(ସମୀର କୁମାର ପାଢ଼ୀ)

ଡେରାଡୁନ ମାରିଅଟରେ ଅନୁଷ୍ଠିତ ଆପେକ୍ସ ଇଣ୍ଡିଆ -ଗ୍ରୀନ ଲିଫ ପୁରସ୍କାର ଉତ୍ସବରେ ସୁନ୍ଦରଗଡ଼ ଜିଲା ରୁଙ୍ଗଟା ମାଇନ୍ସ ଲିମିଟେଡ କମଣ୍ଡ ଷ୍ଟିଲ ପ୍ଲାଣ୍ଟକୁ ଗତ ୯ତାରିଖରେ ପରିବେଶ ଉତ୍କର୍ଷତା ବର୍ଗ ଅଧୀନରେ ପ୍ଲାଟିନମ ପୁରସ୍କାର ପ୍ରଦାନ କରାଯାଇଛି। ପ୍ଲାଣ୍ଟ ମୁଖ୍ୟ ଆଲୋକ କୁମାର ସେଠି ଏବଂ ଅଶୋକ ପାଣିଗ୍ରାହୀ ସମ୍ପୃକ୍ତ ୟୁନିଟ ପକ୍ଷରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର ଭାରତ ସରକାରଙ୍କ ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ (ଅବସରପ୍ରାପ୍ତ) ଡକ୍ଟର ଅବନୀଶ ସିଂହ, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ଏସ.କେ. ତ୍ୟାଗୀ (ଅବସରପ୍ରାପ୍ତ), ପି.କେ. ସାଇଘଲ (ଅବସରପ୍ରାପ୍ତ) ମେଜର ଜେନେରାଲ, ଭାରତର ପ୍ରତିରକ୍ଷା ବିଶେଷଜ୍ଞ ଏବଂ ସ୍ପିକର ପ୍ରଦାନ କରିଥିଲେ।

# କୋଇଲା ବୋଝେଇ ଟ୍ରାକ୍ଟର ଜବତ, ୫ଗିରଫ

ସୁନ୍ଦରଗଡ,୧୧।୫
(ଜୟ ନାରାୟଣ ମେଣ୍ଡୁଲି)

ହେମଗିର ଥାନା ପୋଲିସ ରବିବାର ଅପରାହ୍ନରେ ଚୋରା କୋଇଲା ବୋଝେଇ ଏକ ଟ୍ରାକ୍ଟର ଜବତ କରିଛି। ଏହି ଘଟଣାରେ ଚାଳକଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହିତ ୪ଟି ସାଇକେଲ ମଧ୍ୟ ପୋଲିସ ଜବତ କରିଛି। ୪ଜଣବ୍ୟକ୍ତି ଘୋଘରପାଲି ଜଙ୍ଗଲରୁ କୋଇଲା ଚୋରି କରି ସାଇକେଲ ଯୋଗେ ଆଣି କୁଅରକେଲା ବାଗବାଡି ପଡାରେ ଜଣେ ଟ୍ରାକ୍ଟର ଡ୍ରାଇଭରକୁ ବିକ୍ରି କରିଥିଲେ। ସୂଚନା ପାଇ ପାଟ୍ରୋଲିଂ କରୁଥିବା ହେମଗିର ଥାନା ପୋଲିସ ଏହି ଚୋରା କୋଇଲା ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲା। ଏ ନେଇ ହେମଗିର ଥାନା ରେ ଏକ ମାମଲା ରୁଜୁ ହୋଇଛି।


**SAHEED LAXMAN NAYAK MEDICAL COLLEGE & HOSPITAL, KORAPUT**
Walk-in-Interview for the post of Junior Residents on Contractual basis / deputation basis

**WALK-IN-INTERVIEW**

**No.E-82** : Eligible Candidates are invited for Walk-in-interview for the post of Junior Residents on contractual basis for SLNMCH, Koraput. The walk-in-interview is scheduled to be held on **14.05.2025 at 10.30 A.M.** in the office of the Dean & Principal, SLNMCH, Koraput. The details eligibility criteria, Selection procedure, application form along with other terms and conditions are available in our official website i.e. **www.slnmch.nic.in**

Sd./- Dean & Principal,
SLNMCH, Koraput
OIPR-10121/11/0034/2526



**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. III BHUBANESWAR**
No.B-118
bbsrrandb03@yahoo.com
60Estg.No - Date -
Government of Odisha "e"-Procurement Notice No (05) of 2025-26
Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | Road Works |
| 2 | Total No. of works | 07 Nos. work |
| 3 | Estimated Cost | i) Rs.56,30,300.00, ii) Rs.87,97,100.00, iii) Rs.83,48,800.00, iv) Rs.84,74,600.00, v) Rs.52,54,400.00, vi) Rs.54,54,600.00, vii) Rs.50,35,500.00 |
| 4 | Class of Contractor | "B" Class Contractor |
| 5 | Period of Completion | 2 (Two) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | **From 14.05.2025 at 11.30 P.M. to 23.05.2025 at 5.30 P.M.** |
| 8 | Last Date & Time for Receipt of bids in the Portal | **23.05.2025, upto 5.30 P.M.** |
| 9 | Name & Address of the Officer inviting Bid | **Er. Narendra Kumar Ghadai**, Superintending Engineer, Bhubaneswar (R&B) Division. No III, Bhubaneswar |

Further details can be seen from the e-procurement portal https://tendersorissa.gov.in
**N.B: Subsequent corrigendum / addendum if required shall be available in the website as indicated above.**

Sd./- Superintending Engineer
BBSR (R&B) Division No.III, BBSR
OIPR-34089/11/0028/2526


# ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅବଦାନ ଅତୁଳନୀୟ

## ଅନ୍ତର୍ଜାତୀୟ ସେବିକା ଦିବସ

**ସୁନ୍ଦରଗଡ,୧୧।୫(ଜୟ ନାରାୟଣ ମେଣ୍ଡୁଲି):** ଆଜି ହେଉଛି ଅନ୍ତର୍ଜାତୀୟ ସେବିକା ଦିବସ। ମହାନ ସେବିକା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମତିଥିକୁ ଅନ୍ତର୍ଜାତୀୟ ସେବିକା ଦିବସଭାବେ ପାଳନ କରାଯାଉଛି। ରୋଗୀସେବାକୁ ସେ ମାନବ ସେବାଭାବେ ପାଳନ କରି ପ୍ରସିଦ୍ଧି ଲାଭ କରିଥିଲେ।

ମହାନ ପ୍ରଣାମ। ସ୍ୱାସ୍ଥ୍ୟ ସେବାରେ ତାଙ୍କ ଅବଦାନ ଅତୁଳନୀୟ।
-ଡାକ୍ତର ସଞ୍ଜୟ ଦାଶ,ମେଡିସିନ ସ୍ପେଶାଲିଷ୍ଟ,
ଜିଲା ମୁଖ୍ୟ ଡାକ୍ତରଖାନା,ସୁନ୍ଦରଗଡ।

### ଏମାନେ ଯାହା କୁହନ୍ତି...



"ସେବିକା(ନର୍ସ)ସେବା ଏକ ମାନବ ସେବା। ନର୍ସମାନେ ହେଉଛନ୍ତି ଆମ ସମାଜର ଗୋପନ ନାୟିକା। ସେମାନେ ଦିନରାତି ସେବା କରନ୍ତି। ଦୁଃଖ ଓ ବ୍ୟଥାରେ ଥିବା ରୋଗୀଙ୍କ ମନରେ ମାନସିକ ଶକ୍ତି ଓ ଆଶା ଦେଇଥାନ୍ତି। ଫ୍ଲୋରେନ୍ସ ନାଇଟିଙ୍ଗେଲ ଥିଲେ ନର୍ସିଂ ସେବାର ମାତୃ ସ୍ୱରୂପ ଓ ପ୍ରେରଣା ଦାୟିନୀ। ଆଜି ମୁଁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଜଣେ ଦକ୍ଷ ସହନଶୀଳ, ସେବାଦାୟୀ ନର୍ସ ହେବାପାଇଁ ପ୍ରତିଜ୍ଞାବଦ୍ଧ।
-ଅପର୍ଣ୍ଣା ଦାସ, ବିଏସସି ୪ର୍ଥ ବର୍ଷ ଛାତ୍ରୀ,
ରାଉରକେଲା ସିନିୟର ନର୍ସିଂ କଲେଜ, ଶଙ୍କରା, ସୁନ୍ଦରଗଡ଼।



"କଥାରେ ଅଛି ମଣିଷର ସେବା ହିଁ ଭଗବାନଙ୍କ ସେବା। ସେବା ଓ କର୍ତ୍ତବ୍ୟ ବୋଧ ବିଷୟରେ ସଚେତନ କରିବା ପାଇଁ ପ୍ରତିବର୍ଷ ମେ ୧୨ତାରିଖକୁ ଅନ୍ତର୍ଜାତୀୟ ନର୍ସିଂ ଦିବସ ପାଳନ କରାଯାଉଛି। ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ସେବା ଓ କାର୍ଯ୍ୟ ଦକ୍ଷତାକୁ ମନେ ପକାଇ ଆମ ସମସ୍ତ ନର୍ସମାନେ ଏହି ସେବାକୁ ପେଷା ନୁହେଁ ବ୍ରତ ଭାବେ ପାଳନ କରିବାକୁ ନିବେଦନ କରୁଛି। ନର୍ସଙ୍କ ଅବିରତ ଓ ନିରବଚ୍ଛିନ୍ନ ସେବା ମନୋବୃତ୍ତିର ପ୍ରଚାର ଓ ପ୍ରସାର ହିଁ ଏହି ଦିବସର ମୂଳ ଲକ୍ଷ୍ୟ।
-ଡକ୍ଟର ଗୀତାଞ୍ଜଳି ବେହେରା,
ଅଧକ୍ଷା,ସରକାରୀ ସେବିକା ମହାବିଦ୍ୟାଳୟ, ସୁନ୍ଦରଗଡ।



"ଅନ୍ତର୍ଜାତୀୟ ନର୍ସ ଦିବସରେ ଚଳିତ ବର୍ଷର ବିଷୟବସ୍ତୁ ହେଉଛି "ଆମ ନର୍ସ ମାନେ ଆମର ଭବିଷ୍ୟତ। ନର୍ସଙ୍କ ଯତ୍ନ ଅର୍ଥ ନୀତିକୁ ମଜଭୁତ କରେ। ଏହି ଦିବସ ଅବସରରେ ନର୍ସଙ୍କୁ ସମାଜ ପ୍ରତି ସେମାନଙ୍କ ଉତ୍ସର୍ଗୀକୃତ ସେବା ପାଇଁ ଅଭିନନ୍ଦନ ଜଣାଉଛୁ। ଆମର ନର୍ସମାନଙ୍କୁ



"ଏହି ନର୍ସିଂ ସେବା ମାଧମରେ ଲୋକଙ୍କ ମୁହଁରେ ଆମେ ହସ ଫୁଟାଇ ପାରୁଛୁ। ସେହି ଲୋକଙ୍କ ଅଜସ୍ର ଆର୍ଶୀବାଦ ଆମକୁ ମିଳୁଛି। ଏହି ସେବାଭଳି ଆଉ କିଛି ବଡ ସେବା ନାହିଁ ବୋଲି ମୁଁ ମନେ କରେ। ତେଣୁ ପେଷାକୁ ଚୟନ କରି ବେଶ ଖୁସି ଅନୁଭବ କରେ।
-ଗାୟତ୍ରୀ ଚୌଧୁରୀ, ନର୍ସ, ସମଲେଶ୍ୱରୀ ଫ୍ୟାମିଲି ହସ୍ପିଟାଲ, ସୁନ୍ଦରଗଡ


**OFFICE OF THE NOTIFIED AREA COUNCIL, KARANJIA DIST. - MAYURBHANJ**
No.656/NAC, Date : 08.05.2025
Email ID : karanjian.hud@ori.nic.in
"e" Procurement Notice
Bid Identification No.NAC-KJA-03/2025-26

**No.C-292** : Bid Documents consisting of Work, Estimated Cost, Cost of Tender Paper, EMD and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| Sl. No. | Name of the Work | Value of Work put to Tender Excluding GST (In Rs. Lakh) | Bid Security (EMD) (In Rs. Lakh) (off line) | Cost of Bid Document (In Rs.)(of online) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | | 6 |
| 1. | **"Extension of Administrative Building with other ancillary structures etc. inside existing SeTP at Karanjia N.A.C. Mayurbhanj, Odisha** | **68.40** | **68,400** | **10,000/-** | **"B"** | **4 (four) Months** |

**2. Critical Dates :**

| Sl. No. | Description | | Critical Dates |
|---|---|---|---|
| (i) | Period of availability of tenders on-line | : | **Dt.09.05.2025 to dt.17.05.2025 up to 1.00 P.M.** |
| (ii) | Last date & time of bidding on-line | : | **Dt.17.05.2025 upto 1.00 P.M.** |
| (iii) | End Date for Submission of Bid documents, Tender Paper Cost, EMD Etc. as per DTCN dropping on the Office Tender BOX Otherwise tender will be rejected. | : | **Dt.19.05.2025 during office hours** |
| (iv) | Date & time of Opening of Bids | : | **Dt.20.05.2025 at 11.00 A.M.** |

The authority reserves right to reject any or all the tender without assigning any reason thereof.
Further details can be seen from the procurement portal i.e. www.tendersorissa.gov.in

Sd./- Executive Officer
Karanjia N.A.C
OIPR-13119/11/0014/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ପିଙ୍କୁନି
ପରିବାରବର୍ଗ


ଛୋଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିବେଶ ପାଇଁ ବିକଳ୍ପ ଧାତୁ ରୁପା

ଭୁବନେଶ୍ୱର, ୧୧।୫(ଅନୁରାଧା ମହାରଣା)



ଗତ ବର୍ଷକ ମଧ୍ୟରେ ସୁନା ନିବେଶକମାନଙ୍କୁ ବହୁତ ଭଲ ରିଟର୍ନ ଦେଇଛି। ୨୦୨୩ ଅକ୍ଟୋବର ପରଠାରୁ ସୁନାର ମୂଲ୍ୟ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇଛି, ଯାହା ନିବେଶକମାନଙ୍କୁ ଭଲ ଲାଭ ଦେଇଛି। ଅନ୍ୟପକ୍ଷରେ, ରୁପା ମାତ୍ର ୧୫ ପ୍ରତିଶତ ବୃଦ୍ଧି ପାଇଛି। ମାତ୍ର ବିଶେଷଜ୍ଞମାନଙ୍କ କହିବାନୁସାରେ, କେବଳ ମୂଲ୍ୟ ଆଧାରରେ କୌଣସି ଧାତୁକୁ ଏକ ଭଲ ନିବେଶ ବିକଳ୍ପ ଭାବରେ ବିବେଚନା କରିବା ଠିକ୍ ହେବ ନାହିଁ। ଏକ ଅଧ୍ୟୟନ ଅନୁଯାୟୀ, ଯେତେବେଳେ ସୁନା ଏବଂ ରୁପାର ମୂଲ୍ୟରେ ଏକକାଳୀନ ବୃଦ୍ଧି ହୁଏ, ରୁପା ପ୍ରାୟତଃ ଅଧିକ ଲାଭ ଦେଇଥାଏ। ୨୦୦୮ ଡିସେମ୍ବରରୁ ୨୦୧୧ ଏପ୍ରିଲ ପର୍ଯ୍ୟନ୍ତ ରୁପା ମୂଲ୍ୟରେ ୩୫୩.୪ ପ୍ରତିଶତ ବୃଦ୍ଧି ଘଟିଥିବାବେଳେ ସୁନା ମୂଲ୍ୟ ସେହି ସମୟ ମଧ୍ୟରେ ମାତ୍ର ୭୮.୬ ପ୍ରତିଶତ ବୃଦ୍ଧି ପାଇଥିଲା। ଏକ ରିପୋର୍ଟରେ କୁହାଯାଇଛି ଯେ, ଗତ ୨୬ ବର୍ଷ ମଧ୍ୟରେ, ୧୦ଟି ଘଟଣା ଘଟିଛି ଯେଉଁଠାରେ ରୁପା ସୁନାକୁ ପଛରେ ପକାଇ ଦେଇଛି। ଏହାର ଅର୍ଥ ହେଉଛି ଯଦି ମୂଲ୍ୟବାନ ଧାତୁ ମୂଲ୍ୟ ମଜବୁତ ହୁଏ, ତେବେ ରୁପା ନିବେଶ ପାଇଁ ଅଧିକ ଲାଭଦାୟକ ପ୍ରମାଣିତ ହୋଇପାରେ। ସେହିପରି ସୁନା ଓ ରୁପା ଅନୁପାତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଅଟେ। ଦୀର୍ଘଦିନ ଧରି ଏହି ଅନୁପାତ ହାରାହାରି ୭୦ ରହୁଥିବାବେଳେ ଏହି ଅନୁପାତ ବର୍ତ୍ତମାନ ୧୦୨ ପାଖାପାଖି ଅଛି। ଭବିଷ୍ୟତରେ ରୁପାର ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବ ନଚେତ୍ ସୁନାର ମୂଲ୍ୟ ହ୍ରାସ ପାଇବ ବୋଲି ଆକଳନ କରାଯାଉଛି। ଯଦି ସୁନା ଆଉନ୍ସ ପ୍ରତି ୩,୩୩୩ ଡଲାରରେ ସ୍ଥିର ରହେ ଏବଂ ଅନୁପାତ ୭୦କୁ ଫେରିଯାଏ, ତେବେ ରୁପାର ମୂଲ୍ୟ ୪୮ଡଲାରକୁ ହ୍ରାସ ପାଇବ। ଏହି ଦୃଷ୍ଟିରୁ ରୁପା ବର୍ତ୍ତମାନ ଶସ୍ତା ମନେ ହେଉଛି ଏବଂ ଏହା ଆହୁରି ବୃଦ୍ଧି ପାଇବାର ସୁଯୋଗ ରହିଛି। ଅନ୍ୟପଟେ ରୁପାର ଚାହିଦା ଏବଂ ଯୋଗାଣ ମଧ୍ୟରେ ପାର୍ଥକ୍ୟ ଆଉ ଏକ କାରକ ଭାବେ ବିବେଚନା କରାଯାଉଛି। ୨୦୨୫ରେ ବିଶ୍ୱବ୍ୟାପୀ ରୁପାର ଚାହିଦା କ୍ରମାଗତ ପଞ୍ଚମ ବର୍ଷ ପାଇଁ ଯୋଗାଣକୁ ଅତିକ୍ରମ କରିବ ବୋଲି ଆଶା କରାଯାଉଛି। ଏହି ବର୍ଷ ଚାହିଦା ୧.୦୫ ବିଲିୟନ ଆଉନ୍ସ ଯୋଗାଣ ତୁଳନାରେ ୧.୨୦ ବିଲିୟନ ଆଉନ୍ସ ହେବ ବୋଲି ଆଶା କରାଯାଉଛି। ରୁପାର ବଜାର ଆକାର ଛୋଟ, ତେଣୁ ଚାହିଦାରେ ସାମାନ୍ୟ ବୃଦ୍ଧି ମଧ୍ୟ ମୂଲ୍ୟକୁ ଶୀଘ୍ର ବୃଦ୍ଧି କରିପାରେ। ଏହି କାରଣରୁ ବିଶେଷଜ୍ଞମାନେ ରୁପା ପ୍ରତି ଆଶାବାଦୀ ଅଛନ୍ତି। ଯଦିଓ ରୁପାର ଶିଳ୍ପ ଚାହିଦା ନିରନ୍ତର ବୃଦ୍ଧି ପାଉଛି, ତଥାପି ନିବେଶ ଭାବରେ ଏଥିପ୍ରତି ନିବେଶକଙ୍କର ବିଶେଷ ଆଗ୍ରହ ପରିଲକ୍ଷିତ ହେଉନାହିଁ। ଏହି କାରଣରୁ ଏହାର ମୂଲ୍ୟ ବର୍ତ୍ତମାନ ସେହି ଅନୁପାତରେ ବୃଦ୍ଧି ହୋଇନାହିଁ। କିଛି ବର୍ଷ ପୂର୍ବେ ସୁନା କ୍ଷେତ୍ରରେ ମଧ୍ୟ ସମାନ ପରିସ୍ଥିତି ରହିଥିଲା। ପରେ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ବହୁ ପରିମାଣରେ ସୁନା କିଣିଲେ ଏବଂ ଏହାର ମୂଲ୍ୟକୁ ଏକ ନୂତନ ଗତି ଦେଲେ। ଯଦି ରୁପାକୁ ମଧ୍ୟ ସମାନ ସମର୍ଥନ ମିଳେ, ତେବେ ଏହା ମଧ୍ୟ ନିବେଶକଙ୍କ ପାଇଁ ଉତ୍କୃଷ୍ଟ ସାବ୍ୟସ୍ତ ହେବ।

# ପ୍ରୋ ଆକ୍ଟିଭ୍ ୱେର୍‌ର ଶୁଭାରମ୍ଭ

ଭୁବନେଶ୍ୱର, ୧୧।୫

ଖାଦିମ୍ ଇଣ୍ଡିଆ ଲିମିଟେଡ୍‌ର ପ୍ରମୁଖ ଗାମେଣ୍ଟର୍ସ ବ୍ରାଣ୍ଡ 'ପ୍ରୋ ଆକ୍ଟିଭ୍ ୱେର୍'ର ଶୁଭାରମ୍ଭ ଶନିବାର ସର୍ବଭାରତୀୟସ୍ତରରେ ହୋଇଯାଇଛି। ବିଶେଷକରି ଏହା ଆରାମ, ଶକ୍ତି ଏବଂ ଶୈଳୀକୁ ପାଳନ କରୁଥିବା କ୍ରୀଡ଼ା ଜଗତର ଏକ ନୂତନ ଓ ସାହସିକ ପଦକ୍ଷେପ ବୋଲି କୁହାଯାଉଛି। ସେହିଭଳି ପ୍ରୋ ଆକ୍ଟିଭ୍ ୱେର୍ ରେଞ୍ଜ ଗ୍ରାହକଙ୍କ ପ୍ରତ୍ୟେକ ପଦକ୍ଷେପକୁ ସଶକ୍ତ କରିବା ପାଇଁ ନିର୍ମିତ ହୋଇଛି। ଏପରିକି ପୁରୁଷ ଏବଂ ମହିଳାଙ୍କ ପାଇଁ ଡିଜାଇନ୍ ହୋଇଥିବା ଏହି ନୂତନ ବ୍ରାଣ୍ଡରେ ଟିସ୍, ଟ୍ରାକ୍ସ ଏବଂ ସର୍ଟସର ଆକର୍ଷଣୀୟ ଓ ବହୁମୁଖୀ ଲାଇନ ଅପ୍ ସାମିଲ ରହିଛି। ସେହିପରି ଦେଶବ୍ୟାପୀ ୧୦୦ ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ (ଷ୍ଟୋର)ରେ ବ୍ରାଣ୍ଡର ପ୍ରାରମ୍ଭିକ ଶୁଭାରମ୍ଭ ହୋଇଯାଇଛି। ଏପରିକି ଦେଶର ପ୍ରତ୍ୟେକ ଖାଦିମ୍ ଆଉଟ୍‌ଲେଟ୍‌କୁ ବିସ୍ତାର କରିବାର ଯୋଜନା ସହ ପ୍ରୋ ଆକ୍ଟିଭ୍ ୱେର୍ ହେଉଛି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରିମିୟମ୍ ଆରାମଦାୟକ ସୁବିଧା ଉପଲବ୍ଧ କରାଇବାର ଆମର ପ୍ରତିଶ୍ରୁତି-ସହର ରାସ୍ତାରୁ ଛୋଟ ସହର ପର୍ଯ୍ୟନ୍ତ, ଶୀଘ୍ର ଉଠିବାଠାରୁ ବିଳମ୍ବିତ ରାତିରେ ସ୍ୱପ୍ନ ଦେଖୁଥିବା ପର୍ଯ୍ୟନ୍ତ।

ଏ ସମ୍ପର୍କରେ ଖାଦିମ୍ ଇଣ୍ଡିଆ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ରିତିକ ରୟ ବର୍ମନ କହିଛନ୍ତି, ଏହା କେବଳ ଏକ ଉତ୍ପାଦର ଶୁଭାରମ୍ଭ ନୁହେଁ, ଏକ ଆନ୍ଦୋଳନ। ପ୍ରତ୍ୟେକ ଭାରତୀୟଙ୍କ ହାତରେ ଏକ ଶକ୍ତିଶାଳୀ, ଷ୍ଟାଇଲିଶ୍ ଓ ପ୍ରତିଦିନର କାର୍ଯ୍ୟଦକ୍ଷତା ପୋଷାକ ପ୍ରଦାନ କରିବା ହେଉଛି ଆମର ମୂଳଲକ୍ଷ୍ୟ।

# ଭୁବନେଶ୍ୱରରେ ଦୁବାଇ ସିଟି କାର୍ନିଭାଲ ଉଦ୍‌ଘାଟିତ

ଭୁବନେଶ୍ୱର,୧୧।୫ (ଅଭୟ ଦାଶ)



ପ୍ରଥମ ଥର ପାଇଁ ଓଡ଼ିଶା ବଜାରରେ ଏକ ଭିନ୍ନ ଧରଣର ପ୍ରଦର୍ଶନୀ ତଥା ଦୁବାଇ ସିଟି କାର୍ନିଭାଲ ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, କ୍ରାଫ୍ଟସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀ ପ୍ରାଥମିକ ପର୍ଯ୍ୟାୟରେ ୨୦୨୫ ଜୁନ୍ ୧୮ ପର୍ଯ୍ୟନ୍ତ ଜାରି ରହିବ। ଏହି ପ୍ରଦର୍ଶନୀରେ ଓଡ଼ିଶା ସମେତ ଓ ୧୭ଟି ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟ ଓ ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ବିଶେଷ କରି ଗ୍ରୀଷ୍ମ ଅବକାଶ ଯୋଗୁ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିଛି, ପିଲାମାନଙ୍କ ସହ ସମୟ ଅତିବାହିତ ପାଇଁ ଏହି ପ୍ରଦର୍ଶନୀ ଉଭୟ ରାଜ୍ୟ ଓ ସହରବାସୀଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ଏହି ପ୍ରଦର୍ଶନୀରେ ମୋଟ ୧୨୦ ଟି ଷ୍ଟଲ ସାଙ୍ଗକୁ ସେଲ୍‌ଫି ଜୋନ ଏବଂ ଦୁବାଇର ବିଶେଷ ଆକର୍ଷଣ ବୁର୍ଜ ଖଲିଫା, ଆଇଫଲ ଟାୱାର, ଲଣ୍ଡନ ବ୍ରିଜ ଏବଂ ହାର୍ଟ ପଏଣ୍ଟ ଭଳି ଆକର୍ଷଣୀୟ ସ୍ଥାନର ଭ୍ରମ ଡିଜାଇନ କରାଯାଇଛି। ଏପରିକି ଆକର୍ଷଣୀୟ ଖେଳନାଠାରୁ ଆରମ୍ଭ କରି ପ୍ରିମିୟମ ଗହଣାରେଞ୍ଜ ଏବଂ ଖେଳକୁଦ ପାଇଁ ବିଭିନ୍ନ ଝୁଲା (ବ୍ରେକ ଡ୍ୟାନ୍ସ, ଡ୍ରାଗନ ଟ୍ରେନ, ଟାୱାର, ନୌକା, ଟୋରା ଟୋରା) ସହିତ ଫନ୍ଦ ଜୋନ ରହିଛି। ସେହିପରି ହାଣ୍ଡିକ୍ରାଫ୍ଟ ଏବଂ ହ୍ୟାଣ୍ଡଲୁମ ପୋଷାକର ବ୍ୟାପକ ସମ୍ଭାର ସାଙ୍ଗକୁ ଫୁଡ୍ ଜୋନ ଏବଂ କଞ୍ଜ୍ୟୁମର ଜୋନ ସବୁ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି ଆୟୋଜକ ଆଶା କରିଛନ୍ତି। ଅପରପକ୍ଷରେ ଉଭୟ ଦର୍ଶକ ଓ ଗ୍ରାହକଙ୍କ ପାଇଁ ମାଗଣା ପାର୍କିଂ ସୁବିଧା ଥିଲାବେଳେ ସୁଲଭ ମୂଲ୍ୟରେ ଆଶାୟୀ ଉତ୍ପାଦ ଓ ସାମଗ୍ରୀ ପ୍ରଦର୍ଶନୀରେ ଉପଲବ୍ଧ ରହିଛି।

ଏ ନେଇ ଆର.ସି. ଗ୍ରୁପର ନିର୍ଦ୍ଦେଶକ ରୋହିତ ଚୌରାସିଆ କହିଥିଲେ, ଆମେ ଭାରତର ପ୍ରମୁଖ ସହରରେ ଏହି ପ୍ରଦର୍ଶନୀ ଦୀର୍ଘ ବର୍ଷ ହେବ କରି ଆସିଛୁ। ହେଲେ ପ୍ରଥମ ଥର ପାଇଁ ଓଡ଼ିଶା ବଜାର (ଭୁବନେଶ୍ୱର)କୁ ଆମେ ଆସି ବେଶ୍ ଉତ୍ସାହିତ ଅଛୁ। ଏଠାକାର ଦର୍ଶକ ଓ ଗ୍ରାହକମାନେ ମଧ୍ୟ ବେଶ୍ ଆନନ୍ଦିତ ଏବଂ ଦୁବାଇ ଭଳି ସହରର ଅନୁଭୂତି ଏହି ପ୍ରଦର୍ଶନୀ ଜରିଆରେ ଅନୁଭବ କରିପାରିଛନ୍ତି। ଏଭଳି ଏକ ଥିମ୍ (ଦୁବାଇ ସିଟି କାର୍ନିଭାଲ) ଉଭୟ ଗ୍ରାହକ ଓ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ଆମର ଆଶା ରହିଛି।


## ଜନ୍ମଦିନ ଶୁଭେଚ୍ଛା




ଅଂଶୁମାନ ମହାନ୍ତି (ଛୋଟୁ)

ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା, ସେ ତୋତେ ଦୀର୍ଘାୟୁ କରିବା ସଙ୍ଗେସଙ୍ଗେ ତୋ ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ- ବାପା, ମା, ଜେଜେବାପା, ଜେଜେ ମା, ଅଜା, ଆଈ, ବଡ଼ବାପା, ବଡ଼ ମା, ସାନବଡ଼ ବାପା, ଅପା, ପିଉସା, ମାମୁ, ମାଇଁ, ଭାଇ, ଭଉଣୀ ଓ ବନ୍ଧୁ ପରିଜନ।

ଧ-୫୦୪

## Happy Birthday




Krishnamayee Pati
(Pinkuni)

May Maa Tarini Bless you with much happiness, long life, good health and fulfill all your dreams in coming days. Wish you a very happy Birthday.

D-506


# ୧୪ରୁ ଆଲେନ୍ ଏନ୍‌ଇଇଟି ରିପିଟର୍ସ ବ୍ୟାଚ୍ ଆରମ୍ଭ

ଭୁବନେଶ୍ୱର, ୧୧।୫
(ଅନୁରାଧା ମହାରଣା)



ଡାକ୍ତରୀ ପାଠ ପଢ଼ିବା ଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-୨୦୨୫ରେ ଭଲ ସଫଳତା ପରେ ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ ଏନ୍‌ଇଇଟି-ୟୁଜି ୨୦୨୬ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ସହ ନୂତନ ବ୍ୟାଚ୍ ଲାଗି ତାରିଖ ଘୋଷଣା କରିଛି। ଏହି ବ୍ୟାଚ୍‌ଗୁଡ଼ିକରେ ପ୍ରବେଶ ପାଇଁ ଆଲେନ୍ ଫି'ର ୯୦ ପ୍ରତିଶତ ପର୍ଯ୍ୟନ୍ତ ଛାତ୍ରବୃତ୍ତି ପ୍ରଦାନ କରାଯିବ। ଦ୍ୱାଦଶ ପାସ୍ ଛାତ୍ରୀଛାତ୍ରଙ୍କ ପାଇଁ ଆଲେନ୍ ରିପିଟର୍ସ ଲିଡର ବ୍ୟାଚ୍ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ। ଏହା ପରେ ଆଗାମୀ ଦିନରେ ପ୍ରତି ସପ୍ତାହରେ ରିପିଟରମାନଙ୍କ ପାଇଁ ବ୍ୟାଚ୍ ଆରମ୍ଭ ହେବ। ଏହା ସହ ଆଲେନ୍ ସ୍କଲାରଶିପ ଆଡ୍‌ମିଶନ ଟେଷ୍ଟ (ଏ-ସେଟ୍) ମେଗା ଇଭେଣ୍ଟ ମଧ୍ୟ ମେ ୧୨ରୁ ୧୭ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଏହା ଅଧୀନରେ ପ୍ରତିଦିନ ଏକ ଆସେଟ୍ ପରୀକ୍ଷା ହେବ, ଯେଉଁଥିରେ ଅଂଶଗ୍ରହଣ କରି ଜଣେ ଆଲେନ୍ ଫି'ରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ସ୍କଲାରଶିପ ପାଇପାରିବେ। ଆଲେନ୍ କୋଟାର ସଭାପତି ବିନୋଦ କୁମାୱତ କହିଛନ୍ତି, ଦଶମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଇଇଟି ନର୍ଚର ବ୍ୟାଚ୍ ମେ ୧୫ ଏବଂ ୨୯ ତାରିଖରେ ଆରମ୍ଭ ହେଉଛି। ସେହିପରି ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଇଇଟି-୨୦୨୬ ପ୍ରସ୍ତୁତି ନିମନ୍ତେ ୧୫ରୁ ନୂତନ ବ୍ୟାଚ୍ ଆରମ୍ଭ ହେଉଛି। ଜେଇଇ ମେନ୍ ଆଡଭାନ୍ସଡ ଲାଗି ପ୍ରସ୍ତୁତି ପାଇଁ ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ନର୍ଚର ବ୍ୟାଚ୍ ମେ ୨୧ରୁ ଏବଂ ଦ୍ୱାଦଶ ପାସ୍ ଛାତ୍ରୀଛାତ୍ରଙ୍କ ପାଇଁ ଲିଡର ବ୍ୟାଚ୍ ମେ ୨୫ ଏବଂ ଜୁନ୍ ୧୩ରୁ ଆରମ୍ଭ ହେଉଛି। ଏନ୍‌ଇଇଟି ଫଳାଫଳ ପରେ ଏହି ଛାତ୍ରୀଛାତ୍ରଙ୍କୁ ଅଲ୍ ଇଣ୍ଡିଆ ର୍‍ୟାଙ୍କ ଆଧାରରେ ସ୍କଲାରଶିପ ଦିଆଯିବ। ଫଳାଫଳର କିଛିଦିନ ପରେ ଛାତ୍ରବୃତ୍ତି ରାଶି ପ୍ରକାଶ କରାଯିବ। ଏ ପରିସ୍ଥିତିରେ ଛାତ୍ରୀଛାତ୍ର ଫଳାଫଳ ଏବଂ ପରାମର୍ଶକୁ ଅପେକ୍ଷା ନ କରି ଠିକ୍ ସମୟରେ ସେମାନଙ୍କ ପ୍ରସ୍ତୁତି ପୁନର୍ବାର ଆରମ୍ଭ କରିପାରିବେ। ବିସ୍ତୃତ ସୂଚନା www.allen.ac.in ରେ ମିଳିପାରିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ସୋନାଟାର ନୂତନ ଉତ୍ପାଦ

ଭୁବନେଶ୍ୱର,୧୧।୫

ସୋନାଟାର ନୂତନ ଉତ୍ପାଦ ତଥା ସୂକ୍ଷ୍ମ କାରିଗରିରେ ପ୍ରସ୍ତୁତ ଏକ ଷ୍ଟାଇଲିସ୍ ହାତଘଣ୍ଟା ସମ୍ଭାର 'ସୋନାଟା ଗୋଲ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସମ୍ଭାରରେ ରହିଥିବା ପ୍ରତିଟି ହାତଘଣ୍ଟାରେ ଏକ ଅସଲି ୦.୧୫ ଗ୍ରାମ୍‌ର ୨୨ କ୍ୟାରେଟ୍ ତନିସ୍କ ସୁନା କଏନ୍ ରହିଛି, ଯାହାକୁ ଡାଏଲ୍‌ରେ ଯୋଡ଼ାଯାଇଛି। ସେହିଭଳି ସ୍ଲିକ୍ ଡିଜାଇନ୍ କେସ୍‌ଠାରୁ ଆରମ୍ଭକରି ହାଇ ପଲିସ୍ ବ୍ଲାକ୍ ଡାଏଲ୍ ସହ ଯୋଡ଼ି ହୋଇଥିବା ସୁନା କଏନ୍ ଏବଂ ଏକ ଅସଲି ଚମଡ଼ା ଫିତା ଯାହା ସମ୍ଭ୍ରାନ୍ତର ଭାବ ପ୍ରଦାନ କରୁଛି। ସୋନାଟାର ବ୍ରାଣ୍ଡ ହେଡ ପ୍ରତୀକ ଗୁପ୍ତା କହିଛନ୍ତି, ସୋନାଟା ଗୋଲ୍ଡ କେବଳ ଏକ ହାତଘଣ୍ଟା ନୁହେଁ, ଏହା ହେଉଛି ଏକ ଅନୁଭୂତି। ଆମେ ଏଭଳି କିଛି ସୃଷ୍ଟି କରିବାକୁ ଚାହୁଁଛୁ, ଯାହା ପ୍ରିମିୟମ୍ ଅନୁଭବ ଦେବ ତଥା ଧାରା ଅନୁସାରେ ମଧ୍ୟ ଅସୀମ ହୋଇପାରିବ।


# Classified Everyday

0674-2580101, 9692975378



REAL ESTATE

## SALE

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

PLOT FOR SALE BANKUALA BBSR Near to Saibaba Mandira 1740sqft. only for SC and ST in lowest price Contact- 8700747184. D-487

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265



For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

**1000sqft. Office on rent at Jayadev Vihar Square @35000/-, Marketing Office not allowed. +91 6371-084018 Sohan.** D-499



**Relax, Refresh your body, mind at Saikrupa SPA with best therapies. 7848011468.** D-363

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated- 07.04.2025, I, Kapil Prasada Routa, S/o- Gajendra Routa, resident At/P.O.- Benupur, P.S.- Balianta, Dist.- Khurda, PIN- 752101, declare that I have changed my name from Kapil Prasad Rout (old name) to Kapil Prasada Routa (new name). Henceforth, I shall be known as Kapil Prasad Routa for all purposes. D-502

By virtue of an affidavit sworn before Executive Magistrate, Puri dated- 09.05.2025. I, Rakesh Mishra, Address: At- Goudabad Sahi, P.O.- Puri, P.S.- Puri Town, Dist.- Puri, PIN-752001, Odisha declare that I have changed my daughter name from ARADHYA MISHRA (old name) to ADYASHA MISHRA (new name). Henceforth, she shall be known as ADYASHA MISHRA (new name) for all purposes. D-508

# ମନେ ପଡ଼ନ୍ତି

### ୨୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରମାମଣୀ ମହାପାତ୍ର

ପ୍ଲଟ୍ ନଂ.- A/7, ନାଗେଶ୍ୱରଟାଙ୍ଗୀ, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ମାଘ ସପ୍ତମୀ ୧୯୪୩
ତିରୋଧାନ: ବୈଶାଖ ପୂର୍ଣ୍ଣିମା ୨୦୦୦

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୫୦୭

### ସପ୍ତଦଶ ଶ୍ରାଦ୍ଧବାର୍ଷିକୀ



୰ରଜନୀ କାନ୍ତ ମହାପାତ୍ର

ପ୍ଲଟ୍ ନଂ.- ୫, ଶକ୍ତିନଗର, କଟକ,
ତିରୋଧାନ: ୦୯।୦୫।୨୦୦୯
(ବୈଶାଖ ପୂର୍ଣ୍ଣମୀ)

ଆଜକୁ ୧୭ବର୍ଷ ହୋଇଗଲା ତୁମେ ଆମକୁ ଛାଡ଼ିଯାଇଛ ବୋଲି ବିଶ୍ୱାସ ହେଉନାହିଁ। ତୁମର ଅନୁପସ୍ଥିତି ଆମେ ସବୁବେଳେ ଅନୁଭବ କରୁଛୁ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ପତ୍ନୀ, କନ୍ୟା, ଜାମାତା, ନାତୁଣୀ, ବନ୍ଧୁ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୩୬୧

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବାସନ୍ତୀ ତ୍ରିପାଠୀ

ହାଉସ୍ ନଂ-୧୬, ରତ୍ନାକର ବାଗ୍-୧, ଟଙ୍କପାଣି ରୋଡ୍ ଭୁବନେଶ୍ୱର- ୭୫୧୦୧୮

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।

ଧ-୫୧୦


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ସେବିକାମାନଙ୍କ ସୁସ୍ଥତା-ନିରାପତ୍ତା ଗୁରୁତ୍ୱପୂର୍ଣ୍ଣ



ଡା. ରାମଚନ୍ଦ୍ର ରାଉତ

''ପ୍ରତିବର୍ଷ ମେ ୧୨ ତାରିଖରେ ପାଳିତ ହୋଇଥାଏ 'ଅନ୍ତର୍ଜାତୀୟ ସେବିକା ଦିବସ' (ଇଣ୍ଟରନ୍ୟାଶନାଲ ନର୍ସେସ୍ ଡେ)। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି-''ସେବିକାମାନେ ଆମର ଭବିଷ୍ୟତ ଏବଂ ସେମାନଙ୍କ ପାଇଁ ଯତ୍ନବାନ୍ ହେବା ଦ୍ୱାରା ଅର୍ଥନୀତି ଦୃଢ଼ ହୋଇଥାଏ।'' ଅର୍ଥାତ୍ ଆମ୍ଭେମାନେ ନର୍ସମାନଙ୍କର ସୁସ୍ଥତା ଓ ନିରାମୟ ତଥା ନିରାପତ୍ତା ପାଇଁ ଚିନ୍ତା କରିବା ଦରକାର।''



**ଆଜି ଅନ୍ତର୍ଜାତୀୟ ସେବିକା ଦିବସ**

ଦେହ ଖରାପ ହେଲେ ଆମ୍ଭମାନଙ୍କର ଡାକ୍ତର ଏବଂ ନର୍ସଙ୍କ କଥା ମନେପଡ଼େ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସ ବା ସେବିକାମାନେ ହେଉଛନ୍ତି ସର୍ବବୃହତ କାର୍ଯ୍ୟଶକ୍ତି। କେବଳ ସେତିକି ନୁହେଁ, ସେମାନଙ୍କର ସଂଖ୍ୟା ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ବହୁତ ଅଧିକ। ବିଶ୍ୱରେ ପାଖାପାଖି ୩କୋଟି ନର୍ସ କାର୍ଯ୍ୟରତ ଥିବା ବେଳେ ଏହା ଦରକାର ପଡୁଥିବା ସଂଖ୍ୟାଠାରୁ ପ୍ରାୟ ୪୫ ଲକ୍ଷ କମ୍ ଥିବା ଜଣାଯାଏ। ସେହିପରି ଆମ ଦେଶରେ ପ୍ରାୟ ୩୩ ଲକ୍ଷ ୪୦ ହଜାର ନର୍ସ ଥିବା ବେଳେ ଏହା ଦରକାର ପଡୁଥିବା ସଂଖ୍ୟାଠାରୁ ଯଥେଷ୍ଟ କମ୍। କାରଣ ପ୍ରତି ୧୦୦୦ ବ୍ୟକ୍ତିଙ୍କ ପାଇଁ ଏହି ସଂଖ୍ୟା ୩ ହୋଇଥିବା ବେଳେ ଆମ ଦେଶରେ ଏହା ୧.୯ ରହିଛି। ସେହିପରି ଆମ ରାଜ୍ୟରେ ନର୍ସିଂ ଅଫିସର ଓ ପରବର୍ତ୍ତୀ ପଦବୀର ସଂଖ୍ୟା ପାଖାପାଖି ୨୯୦୦୦ ହୋଇଥିବା ବେଳେ ମହିଳା ସ୍ୱାସ୍ଥ୍ୟକର୍ମୀର ପାଖାପାଖି ୧୬,୦୦୦ ଅଛନ୍ତି।

ଡାକ୍ତରମାନେ ରୋଗୀଙ୍କ ପାଖରେ ସବୁ ସମୟରେ ରହୁ ନ ଥିବା ବେଳେ ପ୍ରତ୍ୟେକ ରୋଗୀ ପାଇଁ ନର୍ସମାନେ ସବୁ ସମୟରେ ୱାର୍ଡରେ କାର୍ଯ୍ୟ କରୁଥାଆନ୍ତି। ଛଅ ଗୋଟି ବେଡ୍ ନିମନ୍ତେ ଗୋଟିଏ ଶିଫ୍ଟ ପାଇଁ ଗୋଟିଏ ନର୍ସ, ବିଶେଷ ଦୁଇଟିଶଯ୍ୟା ପାଇଁ ଜଣେ ଏବଂ ସ୍ଥଳ ବିଶେଷରେ ଆଇସିୟୁ/ଭେଣ୍ଟିଲେଟର ସ୍ଥାନରେ ଗୋଟିଏ ଶଯ୍ୟା ପାଇଁ ଜଣେ ନର୍ସ ଆବଶ୍ୟକ ହୋଇଥାଏ। ବିଶେଷ ତାଲିମପ୍ରାପ୍ତ ନର୍ସମାନେ ଜଟିଳ ଓ ଗୁରୁତ୍ୱପୂର୍ଣ୍ଣ ହାର୍ଟ, ବ୍ରେନ୍, କିଡ୍‌ନୀ, ଚକ୍ଷୁ ଓ ଅନ୍ୟାନ୍ୟ ଅଙ୍ଗର ଅପରେଶନରେ ଡାକ୍ତରମାନଙ୍କୁ ସହାୟତା କରିଥାଆନ୍ତି। ଡାକ୍ତରମାନେ ବିଧାନ କରିଥିବା ଚିକିତ୍ସା, ସାଲାଇନ୍, ଇଞ୍ଜେକ୍ସନ, ନେବୁଲାଇଜେଶନ, ଫିଡିଂ, ଆସ୍ପିରେଶନ ଏବଂ ଆଇଭି କ୍ୟାନୁଲା ଆଦି ଅନେକ କାର୍ଯ୍ୟ ସେମାନେ କରିଥାଆନ୍ତି। ଡାକ୍ତରମାନଙ୍କର ନିର୍ଦ୍ଦେଶ ଅନୁସାରେ ସେମାନେ ସମୟ ମୁତାବକ ଔଷଧ ମଧ୍ୟ ରୋଗୀଙ୍କୁ ଖୁଆଇ ଥାଆନ୍ତି।

ଏଏନ୍‌ଏମ୍‌ମାନେ ପ୍ରାଥମିକ ସ୍ତରରେ ରୋଗ ନ ହେବା ପାଇଁ ଓ ମା'-ଶିଶୁଙ୍କର ସ୍ୱାସ୍ଥ୍ୟ ପାଇଁ କାର୍ଯ୍ୟ କରିଥାଆନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଆମ ରାଜ୍ୟରେ ଏହି ସ୍ୱାସ୍ଥ୍ୟକର୍ମୀଙ୍କର କଠିନ ପରିଶ୍ରମ ଯୋଗୁ ପାଖାପାଖି ଶତ ପ୍ରତିଶତ ଟିକାକରଣ ଓ ଆନୁଷ୍ଠାନିକ ପ୍ରସବ ହୋଇପାରୁଛି। ଏହାଦ୍ୱାରା ଉଭୟ ଶିଶୁ ଓ ମାତୃ ମୃତ୍ୟୁ ହାର ବହୁତ କମାଇ ଦିଆଯାଇପାରିଛି ଓ ପ୍ରାୟତଃ ସବୁ ପ୍ରସବ ଡାକ୍ତରଖାନାରେ ହିଁ ହେଉଛି। ଏହା ରାଜ୍ୟ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହୋଇପାରିଛି।

ଏହା ସହିତ ଗତ ୪ବର୍ଷ ତଳୁ ଆମ ରାଜ୍ୟରେ ଆରମ୍ଭ ହୋଇଥିବା 'ଧାତ୍ରୀ ବିଦ୍ୟା' (ମିଡ୍ ୱାଇଫେରି) ସାଧାରଣ ପ୍ରସବ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାଦ୍ୱାରା ଅସ୍ତ୍ରୋପଚାରଜନିତ ଶିଶୁ ପ୍ରସବ ହାରକୁ ଯଥେଷ୍ଟ କମାଯାଇପାରିବାର ଲକ୍ଷ୍ୟ ରଖାଯାଇଛି।

ଏହିସବୁ ବିଷୟ ସହ ଆହୁରି ଅନେକ କଥା ବିଚାରକୁ ନେଲେ ଜଣାଯାଏ ଯେ ନର୍ସମାନଙ୍କର କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେମାନଙ୍କର ଭୂମିକା ଅପରିହାର୍ଯ୍ୟ। ଏହାଦ୍ୱାରା ସେମାନଙ୍କୁ ଅନେକ ସମୟରେ କାର୍ଯ୍ୟଚାପ ଦ୍ୱାରା ପ୍ରଭାବିତ ହେବାକୁ ପଡିଥାଏ। ସବୁଠାରୁ ଅଧିକ ସମ୍ମାନ ଓ ଦରମା ସୁଇଜରଲାଣ୍ଡ ପରି ସ୍ୱାସ୍ଥ୍ୟ ବିକଶିତ ଦେଶରେ ଦିଆଯାଇଥାଏ। ଆମ ରାଜ୍ୟରେ ୨୦୧୩ରେ ଦେଶରେ ପ୍ରଥମ କରି ଏକ ସ୍ୱର୍ଣ୍ଣ ସେବିକା ନିର୍ଦ୍ଦେଶାଳୟ ଗଠନ କରାଯାଇଥିଲା ଏବଂ ଏହାଦ୍ୱାରା ସେମାନଙ୍କର ଆବଶ୍ୟକ କାର୍ଯ୍ୟ ସୁଚାରୁରୂପେ କରାଯାଇପାରୁଛି। ପାଠପଢ଼ା ପାଇଁ ବେତନ ଛୁଟି ଦେବା ଓ ପଦୋନ୍ନତି ବ୍ୟବସ୍ଥାରେ ମଧ୍ୟ ଆମ ଦେଶରେ ଆମ ରାଜ୍ୟ ଅନ୍ୟ ରାଜ୍ୟଠାରୁ ଆଗୁଆ।

ପ୍ରତିବର୍ଷ ମେ ୧୨ ତାରିଖରେ ପାଳିତ ହୋଇଥାଏ ''ଅନ୍ତର୍ଜାତୀୟ ସେବିକା ଦିବସ'' (ଇଣ୍ଟରନ୍ୟାଶନାଲ ନର୍ସେସ ଡେ)। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି-''ସେବିକାମାନେ ଆମର ଭବିଷ୍ୟତ ଅଟନ୍ତି ଏବଂ ସେମାନଙ୍କ ପାଇଁ ଯତ୍ନବାନ୍ ହେବା ଦ୍ୱାରା ଅର୍ଥନୀତି ଦୃଢ଼ ହୋଇଥାଏ।'' ଅର୍ଥାତ୍ ଆମ୍ଭେମାନେ ନର୍ସମାନଙ୍କର ସୁସ୍ଥତା ଓ ନିରାମୟ ତଥା ନିରାପତ୍ତା ପାଇଁ ଚିନ୍ତା କରିବା ଦରକାର। ଅନ୍ତର୍ଜାତୀୟ ସେବିକା ସଂଘ (ଇଣ୍ଟରନ୍ୟାଶନାଲ କାଉନ୍‌ସିଲ ଫର୍ ନର୍ସେସ୍) ବା ଆଇସିଏନ୍ ୧୯୬୫ରୁ ଏହି ଦିବସକୁ ପାଳନ କରିଆସୁଅଛି। ୧୯୫୩ରେ ସ୍ୱାସ୍ଥ୍ୟ କର୍ମକର୍ତ୍ତା ଡରୋଥି ସୁଦରଲାଣ୍ଡ ତତ୍କାଳୀନ ୟୁଏସ୍ ରାଷ୍ଟ୍ରପତି ଆଇଜେନ୍‌ହୋମରଙ୍କୁ 'ସେବକା ଦିବସ' ପାଳନ ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ଏହା ଅନୁମୋଦନ ହୋଇ ନ ଥିଲା। ପରବର୍ତ୍ତୀ ସମୟରେ ଏହାକୁ ଗ୍ରହଣ କରି ସମଗ୍ର ବିଶ୍ୱରେ ନର୍ସମାନଙ୍କୁ ଗୁରୁତ୍ୱ ଦେଇଥିଲା। ଅନ୍ତର୍ଜାତୀୟ ସେବିକା ପରିଷଦର ଅଧକ୍ଷା ଡା. ପାମେଲା ସିପ୍ରିଆନୋ କହନ୍ତି, '' ଆମ୍ଭେମାନେ ଆମ ନର୍ସମାନଙ୍କର ସ୍ୱାସ୍ଥ୍ୟ ଓ ନିରାମୟ ତଥା ନିରାପତ୍ତା ପାଇଁ ସମର୍ଥନ ଜଣାଇବା ଉଚିତ, କାରଣ ସେମାନେ ଆମ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକାରିତା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି।''

ସେବିକାମାନେ ନାନାପ୍ରକାର ଆହ୍ୱାନ-ଶାରୀରିକ, ମାନସିକ, ଭାବାବେଗ ଓ ନୈତିକତା ଆଦିର ସମ୍ମୁଖୀନ ହୋଇଥାଆନ୍ତି। ଏହା ସହିତ ସେମାନଙ୍କର କାର୍ଯ୍ୟସ୍ଥଳର ନିରାପତ୍ତା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଦୀର୍ଘ ସମୟ ଏବଂ ରାତ୍ର ସମୟରେ କାର୍ଯ୍ୟ ତଥା ସଦାସର୍ବଦା ଗୁରୁତର ରୋଗୀମାନଙ୍କର ସ୍ୱାସ୍ଥ୍ୟ ଚିକିତ୍ସା ନର୍ସମାନଙ୍କର ଶରୀର ଓ ମନ ଉପରେ ଚାପ ପକାଇଥାଏ। ରୋଗୀ ଓ ଶଯ୍ୟା ଅନୁଯାୟୀ ନର୍ସମାନଙ୍କର ସଂଖ୍ୟା ଯଥେଷ୍ଟ କମ୍ ଥିବାରୁ ସେମାନଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଚାପ ସହ ଅଧିକ ସମୟ କାମ କରିବାକୁ ପଡିଥାଏ। ସାମାଜିକ ଏବଂ ପାରିବାରିକ ଜୀବନ ମଧ୍ୟ କେତେକ କ୍ଷେତ୍ରରେ ପ୍ରଭାବିତ ହୋଇଥାଏ। ସଂକ୍ରାମକ ରୋଗ ଯେତେ ଯତ୍ନବାନ ହେଲେ ମଧ୍ୟ ସେମାନଙ୍କୁ ଆକ୍ରାନ୍ତ କରିଥାଏ। ଉତ୍ତମ କାର୍ଯ୍ୟଧାରା, ଯୋଗ, ପ୍ରାଣାୟାମ ଦ୍ୱାରା ସେମାନେ ନିଜ ମନକୁ ବିଷାଦଠାରୁ କେତେକାଂଶରେ ଦୂରେଇ ରଖିପାରିବେ। ଅନେକ ସମୟରେ ଡାକ୍ତରୀ ନୈତିକତା ଓ ରୋଗୀର ଗୁପ୍ତ ତଥା ସମ୍ବେଦନଶୀଳ ବିଷୟସବୁକୁ ନିୟମ ଦୃଷ୍ଟିରୁ ଉହ୍ୟ ରଖିବାକୁ ପଡିଥାଏ। କେତେକ ସମୟରେ କିଛି ବ୍ୟକ୍ତିବିଶେଷଙ୍କ ବ୍ୟବହାର ମଧ୍ୟ ଠିକ୍ ଠାକ୍ ନ ଥାଏ। ଏହା ନିଶ୍ଚିତ ଭାବରେ ଗୁରୁତ୍ୱପୂର୍ଣ୍ଣ ଯେ ଆମ୍ଭେମାନେ ସେମାନଙ୍କର କାର୍ଯ୍ୟକୁ ସମ୍ମାନ ଦେବା ଓ ଉତ୍ତମ ଆଚରଣ ତଥା ବ୍ୟବହାର ପ୍ରଦାନ କରିବା। ଅନ୍ୟପକ୍ଷରେ ନର୍ସମାନେ ମଧ୍ୟ ରୋଗୀ ପ୍ରତି ସମ୍ବେଦନଶୀଳ, ଉତ୍ତମ ବ୍ୟବହାର ଓ ଠିକ୍ ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହାଦ୍ୱାରା ରୋଗୀଟିର ଆରୋଗ୍ୟ କମ୍‌ସମୟ ମଧ୍ୟରେ ହୋଇଥାଏ।

-ପୂର୍ବତନ ସେବିକା ନିର୍ଦ୍ଦେଶକ, ଓଡ଼ିଶା
ମୋ: ୮୨୪୯୦୮୭୯୯୫

## ମାନସିକତାକୁ ସକାରାତ୍ମକ ରଖେ ବ୍ରେକ୍‌ଫାଷ୍ଟ



**ବ୍ରେ**କ୍‌ଫାଷ୍ଟ ବା ସକାଳ ଜଳଖିଆରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି, ଯାହା ଶରୀର ପାଇଁ ବେଶ୍ ଉପକାରୀ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିୟମିତ ବ୍ରେକଫାଷ୍ଟ ଖାଇଲେ ତାହା ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିଥାଏ। ପ୍ରଥମ କଥା ହେଲା ପ୍ରତିଦିନ କେତେବେଳେ ବ୍ରେକ୍‌ଫାଷ୍ଟ କରିବେ ତାହା ନିର୍ଦ୍ଧାରଣ କରନ୍ତୁ। ଗରିଷ୍ଠ ଖାଦ୍ୟ ଅପେକ୍ଷା ହାଲୁକା ଖାଦ୍ୟକୁ ଦୈନନ୍ଦିନ ରୁଟିନ୍‌ରେ ସାମିଲ୍ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ।ସକାଳେ ଏପରି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ, ଯାହାଦ୍ୱାରା ଆପଣଙ୍କୁ ମାନ୍ଦା ମାନ୍ଦା ଲାଗିବ। ସକାଳୁ ଖାଲି ପେଟରେ ତେଲଜାତୀୟ ଖାଦ୍ୟ ମଧ୍ୟ ଖାଆନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ। ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ , ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସକାରାତ୍ମକ ରଖିବାରେ ସହାୟକ ହେବ। ଯଦି ପ୍ରତିଦିନ ଆପଣ ବ୍ୟାୟାମ କରୁଛନ୍ତି ତେବେ କିଛି ସମୟ ପରେ ହିଁ ବ୍ରେକ୍‌ଫାଷ୍ଟ କରନ୍ତୁ। ଏହି ତାଲିକାରେ ସାଲାଡ, ତଟକା ଫଳମୂଳ ବ୍ୟତୀତ ବ୍ରେଡ, ବିସ୍କୁଟ ସାମିଲ କରିପାରିବେ।

## ବ୍ୟାୟାମ ପୂର୍ବରୁ...

**ବ୍ୟା**ୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବ୍ୟାୟାମ କରିବା ପୂର୍ବରୁ ଯଦି ହାଲିଆ ଲାଗୁଛି ତେବେ ବିଳମ୍ବ ନ କରି କିଛି ସମୟ ବିଶ୍ରାମ କରନ୍ତୁ। ଏ ବିଷୟରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦଭାବରେ ଆଲୋଚନା କରନ୍ତୁ। ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ମଧ୍ୟ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିବ ତାହା ବି ଭଲ ଭାବରେ ଜାଣି ନିଅନ୍ତୁ। ସକାଳ କିମ୍ବା ସନ୍ଧ୍ୟାର କେଉଁ ସମୟରେ ବ୍ୟାୟାମ କରିବେ ତାହାର ସମୟ ନିର୍ଦ୍ଧାରଣ କରନ୍ତୁ। ଆଉ ସେହି ଅନୁସାରେ ପ୍ରତିଦିନ ସେହି ସମୟରେ ହିଁ ବ୍ୟାୟାମ ଆରମ୍ଭ କରିବା ଭଲ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ। ଏହି ସମୟରେ ଶୋଷ ଲାଗିଲେ ଅଳ୍ପ ପାଣି ପିଅନ୍ତୁ। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ବ୍ୟାୟାମ କରିବାକୁ ଆରାମ ଲାଗିଥାଏ। ଆଉ ଯଦି ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ବ୍ୟାୟାମରୁ ବିରତ ରୁହନ୍ତୁ।



## ପରିଚୟ: ଅନ୍ତରୀକ୍ଷ ସଂଧାନେ




**ଅ**ଧୁନା ମହାକାଶ ବିଜ୍ଞାନରେ ଅନେକ ବିକାଶ ହେଉଛି। ନୂଆ ନୂଆ ଗ୍ରହ, ନକ୍ଷତ୍ର, ଗାଲାକ୍ସି, ପଲ୍‌ସାର, କୃଷ୍ଣଗର୍ତ୍ତ ଆଦି ଆବିଷ୍କୃତ ହେଉଛି। ଅନ୍ୟତମ ଜନପ୍ରିୟ ବିଜ୍ଞାନ ଲେଖକ ଇଂ. ମାୟାଧର ସ୍ୱାଇଁଙ୍କ ଦ୍ୱାରା ରଚିତ 'ଅନ୍ତରୀକ୍ଷ ସଂଧାନେ' ଶୀର୍ଷକ ପୁସ୍ତକରେ ଏହିପରି ୨୮ଟି ବିଷୟରେ ଅନେକ ନୂତନ ଜ୍ୟୋତିର୍ବିଦୀୟ ପିଣ୍ଡ ଓ ମହାକାଶ ଅଭିଯାନ ବିଷୟରେ ବର୍ଣ୍ଣନା କରାଯାଇଛି। ଏଥିରେ ପୁନଶ୍ଚ ଚନ୍ଦ୍ର ଅଭିଯାନ, ଏବର୍ଷ କଲୋମ୍ବୋ ଅଭିଯାନ, ଜେମ୍‌ସ ୱେବ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ଆଷ୍ଟ୍ରେସାଟ୍, ମହାକାଶ ଉପନିବେଶ ଏବଂ ମହାକାଶ କାର୍ଯ୍ୟକ୍ରମରେ ଭାରତର ସଫଳତା ଆଦି ବିଷୟରେ ବର୍ଣ୍ଣନା କରାଯାଇଛି। ଏହା ସହିତ ଅନ୍ତରୀକ୍ଷରେ ଥିବା କେତେକ ଆକର୍ଷଣୀୟ ବସ୍ତୁପିଣ୍ଡ ଯଥା- କୁଇପର ବଳୟ, ନବମ ଗ୍ରହ, କୃଷ୍ଣଗର୍ତ୍ତ, କୀଟଗର୍ତ୍ତ, ପଲ୍‌ସାର ଆଦି ସମ୍ବନ୍ଧରେ ମଧ୍ୟ ବିଷଦ ଆଲୋଚନା କରାଯାଇଛି। ଉକ୍ତ ସଚିତ୍ର ପୁସ୍ତକଟିର ପ୍ରତିଟି ବିଷୟ ପାଠିକା-ପାଠକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରାଯାଏ। ସେ ଏପର୍ଯ୍ୟନ୍ତ ୮୫ଟି ବିଜ୍ଞାନ ପୁସ୍ତକ ରଚନା କରିଛନ୍ତି ଏବଂ ତାଙ୍କର ବିଜ୍ଞାନ ନିବନ୍ଧ ଧରିତ୍ରୀ ସମେତ ଅନେକ ଖବରକାଗଜ ଓ ପତ୍ରିକାରେ ପ୍ରକାଶିତ ହୋଇସାରିଛି। ବିଶ୍ୱନାଥ ଏଣ୍ଟରପ୍ରାଇଜେସ୍ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ମୂଲ୍ୟ ରହିଛି ୧୩୦ଟଙ୍କା। ଯୋଗାଯୋଗ : ବିଶ୍ୱନାଥ ଏଣ୍ଟରପ୍ରାଇଜେସ, ଭୁବନେଶ୍ୱର

## ଜୀବନଶୈଳୀ ଓ ମେଦବହୁଳତା

**ବ**ର୍ତ୍ତମାନ ମେଦବହୁଳତା ଏକ ସାଧାରଣ କଥା ପାଲଟିଗଲାଣି। ବିଶେଷଭାବରେ ଏହାପଛରେ ଅନେକ କାରଣ ରହିଛି। ତେବେ ଏହି ତାଲିକାରେ ନିକଟରେ ଆଉ ଏକ କାରଣକୁ ସାମିଲ କରାଯାଇଛି। ତାହା ହେଲା ଜୀବନଶୈଳୀ। ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜ ଜୀବନଶୈଳୀକୁ ଠିକ୍ ବାଟରେ ପରିଚାଳିତ କରିବା ସହଜ କଥା ନୁହେଁ। ତେବେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ନିହାତି ଦରକାର। ଯଦି ଜଣଙ୍କର ଜୀବନଶୈଳୀ ଦୀର୍ଘଦିନ ଧରି ଅସନ୍ତୁଳିତ ରହିଲା, ତେବେ ସେ ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏ ନେଇ ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏକ ସର୍ଭେ ସମୟରେ ସେମାନେ କେତେକ ବ୍ୟକ୍ତିଙ୍କର ଜୀବନଶୈଳୀକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଯେଉଁମାନେ ଏଭଳି ସମସ୍ୟା ସହ ଦୀର୍ଘ ଦିନ ଧରି ଜଡିତ ଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତଙ୍କ ଠାରେ ମେଦବହୁଳତା ଦେଖିବାକୁ ମିଳିଥିଲା। ତେବେ ଏଭଳି ସମସ୍ୟାରୁ ରକ୍ଷା ପାଇବା ପାଇଁ ନିଜର ଜୀବନଶୈଳୀକୁ ସନ୍ତୁଳିତ ରଖିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

➢କେତେକ ବ୍ୟକ୍ତି ରୋଗର କାରଣ ବିଷୟରେ ଜାଣିଲେ ମଧ୍ୟ ସେଥିପ୍ରତି ଠିକ୍ ଭାବରେ ଦୃଷ୍ଟି ଦେଇ ନ ଥାନ୍ତି। ପରବର୍ତ୍ତୀ ସମୟରେ ଏଭଳି ସମସ୍ୟାରୁ ରକ୍ଷା ପାଇବା ପାଇଁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ।

➢ପ୍ରତିଦିନ ସକାଳେ କିଛି ସମୟ ଖାଲି ପାଦରେ ଚାଲନ୍ତୁ। ଏହାଦ୍ୱାରା ପାଦରେ ଥିବା ମାଂସପେଶୀ ଦୃଢ଼ ହୋଇଥାଏ।

➢ଅଧିକ ସମୟ କମ୍ପ୍ୟୁଟର ପାଖରେ ବସି କାମ କରୁଥିଲେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ମୁହଁ ଭଲ ଭାବରେ ଧୁଅନ୍ତୁ। ଏହାଦ୍ୱାରା ଆରାମ ଲାଗିଥାଏ ଏବଂ ଆଖି ପ୍ରଭାବିତ ହୋଇ ନ ଥାଏ।

➢ଆଖୁ ରସରେ ଏଭଳି ତତ୍ତ୍ୱ ରହିଛି ଯାହା ପାଚନ କ୍ରିୟାକୁ ଆହୁରି ଦୃଢ଼ କରିଥାଏ।

➢ନିୟମିତ ମହୁ ଖାଉଥିଲେ ତାହା ରକ୍ତଚାପକୁ କେତେକାଂଶରେ ସନ୍ତୁଳିତ ରଖିଥାଏ।

➢ନିଜକୁ ଟେନସନ୍‌ଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। କାରଣ ଭବିଷ୍ୟତରେ ଏହା କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।

➢ନିଜର ଖାଦ୍ୟପେୟ, ଚାଲିଚଳଣି ପ୍ରତି ସତର୍କ ରହିଲେ ଆମେ ନିଜକୁ କେତେକ ରୋଗଠାରୁ ଅନେକାଂଶରେ ଦୂରେଇ ରଖିପାରିବା।



# ବ୍ରେନ୍ ଟ୍ୟୁମର: କାରଣ, ଚିକିତ୍ସା



ଡା. ନିତ୍ୟାନନ୍ଦ ସ୍ୱାଇଁ

''ଅନ୍ୟାନ୍ୟ ଅଙ୍ଗଭଳି ମସ୍ତିଷ୍କଟି ମଧ ଜୀବକୋଷଗୁଡ଼ିକୁ ନେଇ ଗଠିତ ହୋଇଥିବାରୁ ମସ୍ତିଷ୍କରେ ମଧ ଅର୍ବୁଦ ବା 'ଟ୍ୟୁମର' ଜାତ ହୋଇଥାଏ। ତେବେ ମସ୍ତିଷ୍କଟି ଖପୁରି ହାଡ଼ଗୁଡ଼ିକ ଦ୍ୱାରା ଆବଦ୍ଧ ହୋଇଥିବାରୁ ମସ୍ତିଷ୍କରେ ଅର୍ବୁଦ ଶରୀରର ଅନ୍ୟ ଅଙ୍ଗଗୁଡ଼ିକୁ ପ୍ରସରି ପାରେ ନାହିଁ। କିନ୍ତୁ ଶରୀରର ଅନ୍ୟ ଅଙ୍ଗଗୁଡ଼ିକରେ କ୍ୟାନ୍‌ସର ବା କର୍କଟ ରୋଗ ହେଲେ ତାହା ମସ୍ତିଷ୍କକୁ ପ୍ରସରି ଯାଇପାରେ। ମସ୍ତିଷ୍କରେ ବିଭିନ୍ନ ପ୍ରକାର ଟ୍ୟୁମର ହେଉଥିଲେ ମଧ 'ଗ୍ଲାୟୋମା' ନାମକ ଟ୍ୟୁମର ସବୁଠାରୁ ବେଶି ମାରାତ୍ମକ।''



**ଶ**ରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଲା ବ୍ରେନ୍ ବା ମସ୍ତିଷ୍କ। ଏହା ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ୨୮ଟି ଛୋଟବଡ଼ ହାଡ଼କୁ ନେଇ ଗଠିତ ଖପୁରି ଭିତରେ ଏହାକୁ ସୁରକ୍ଷିତ କରି ରଖିଛି ପ୍ରକୃତି। ମସ୍ତିଷ୍କଟି ବେଶ୍ ନରମ ଓ ଏହାର ଭିତର ଅଂଶ ଧଳା। ସେଥିପାଇଁ ଦୁର୍ଘଟଣାରେ ପଡ଼ି ଖପୁରି ଫାଟିଗଲେ 'ଦହି ବାହାରି ଆସିଲା' ବୋଲି ଲୋକେ କହିଥାଆନ୍ତି। ମସ୍ତିଷ୍କର ଓଜନ ଦେଢ଼ କିଗ୍ରା ଓ ଏହା ସ୍ନାୟୁକୋଷଗୁଡିକୁ ନେଇ ଗଠିତ। ମସ୍ତିଷ୍କର ରହିଛି ବିଭିନ୍ନ ଅଂଶ, ଯଥା-ସିରିବ୍ରମ, ସେରିବେଲମ୍, ବ୍ରେନ୍ ଷ୍ଟେମ୍ ଇତ୍ୟାଦି। ଅଂଶଭେଦରେ ସେଗୁଡିକର କାର୍ଯ୍ୟ ମଧ୍ୟ ଭିନ୍ନ ଭିନ୍ନ। ମସ୍ତିଷ୍କକୁ ଦେହର 'ହେଡ୍ ଅଫିସ' ବୋଲି କୁହାଯାଇଛି। କାରଣ ସମଗ୍ର ଦେହଟିର ସମସ୍ତ କାର୍ଯ୍ୟକୁ ନିୟନ୍ତ୍ରଣ କରିବାର ସୁଖୀ କାରିଗର ହେଉଛି ମସ୍ତିଷ୍କ। ଆମର ସୁଖ ଦୁଃଖ, କ୍ରୋଧ, ପ୍ରେମ, ଅଭିମାନ ସହ ବିଭିନ୍ନ ଅଭିବ୍ୟକ୍ତ ସମେତ ଶାରୀରିକ ଅସୁଖବିସୁଖ ମଧ୍ୟ ମସ୍ତିଷ୍କ ହାତରେ ରହିଛି। ଅନୁଭବ କରିବା, ଚଲାବୁଲା କରିପାରିବା, ଶ୍ୱାସକ୍ରିୟା କରିବା, ଚିନ୍ତା କରିବା, ମନେ ରଖିବା, ମନେ ପକାଇବା ଆଦି ଯାବତୀୟ କାମର ପଶ୍ଚାତ୍‌ରେ ରହିଛି ମସ୍ତିଷ୍କର ଭୂମିକା। ମସ୍ତିଷ୍କର ବିକାଶ ପ୍ରକ୍ରିୟାଟି ଆରମ୍ଭ ହୋଇଥାଏ ଭ୍ରୂଣ ଅବସ୍ଥାରୁ।

ତେବେ ରୋଗର ଭାବୀ ପରିଣତି ଭଲ ହୋଇ ନ ଥିବାରୁ ରୋଗୀର ଚିକିତ୍ସାରେ ଅବହେଳା ନ କରି ରୋଗୀକୁ ସବୁ ପ୍ରକାର ସହାୟତା ଯୋଗାଇ ଦେବା ଓ ତାହାର ମନୋବଳ ବୃଦ୍ଧି କରାଇବା ପାଇଁ ଯତ୍ନଶୀଳ ହେବା ହେଉଛି ପ୍ରଥମ କର୍ତ୍ତବ୍ୟ। ରୋଗୀ, ରୋଗୀ ପରିବାର ସଦସ୍ୟ, ରୋଗୀ ଚିକିତ୍ସାରେ ନିୟୋଜିତ ଚିକିତ୍ସକ, ସ୍ୱାସ୍ଥ୍ୟକର୍ମୀମାନଙ୍କର ସମ୍ମିଳିତ ସହଯୋଗ ଏଥିପାଇଁ କାମ୍ୟ। ରୋଗ ସମ୍ବନ୍ଧୀୟ ଗବେଷଣା ପାଇଁ ମଧ୍ୟ ପର୍ଯ୍ୟାପ୍ତ ଅନୁଦାନ ଉପଲବ୍ଧ ହେବା ଉଚିତ। ସମସ୍ତଙ୍କର ଅକୁଣ୍ଠ ସହଯୋଗ ମିଳିପାରିଲେ ବ୍ରେନ୍ ଟ୍ୟୁମର ରୋଗୀଙ୍କର ଅଶେଷ ଉପକାର ସାଧିତ ହୋଇପାରିବ।

ମସ୍ତିଷ୍କର କ୍ରିୟା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲେ ଆମେ ତାହାକୁ 'ମସ୍ତିଷ୍କ ମୃତ୍ୟୁ' ବା ବ୍ରେନ୍ ଡେଡ୍ ବୋଲି କହିଥାଉ। ସେପରି ଅବସ୍ଥା ଉପୁଜିଲେ ବିଭିନ୍ନ ଯାନ୍ତ୍ରିକ ଉପକରଣ ବିନିଯୋଗ କରି ରୋଗୀକୁ ବଞ୍ଚେଇ ରଖିହେଲେ ମଧ୍ୟ ମୃତ୍ୟୁ ହିଁ ହେଉଛି ଅବଶ୍ୟମ୍ଭାବୀ ପରିଣତି। ଏହି ବ୍ରେନ୍ ଡେଡ୍ ଅବସ୍ଥାରେ ହିଁ ଅଙ୍ଗ ପ୍ରତିରୋପଣ ପାଇଁ ତା'ର ଶରୀରରୁ ବିଭିନ୍ନ ଅଙ୍ଗ ସଂଗ୍ରହ କରାଯାଇଥାଏ।

ଅନ୍ୟାନ୍ୟ ଅଙ୍ଗଭଳି ମସ୍ତିଷ୍କଟି ମଧ୍ୟ ଜୀବକୋଷଗୁଡିକୁ ନେଇ ଗଠିତ ହୋଇଥିବାରୁ ମସ୍ତିଷ୍କରେ ମଧ୍ୟ ଅର୍ବୁଦ ବା 'ଟ୍ୟୁମର' ଜାତ ହୋଇଥାଏ। ତେବେ ମସ୍ତିଷ୍କଟି ଖପୁରି ହାଡ଼ଗୁଡିକ ଦ୍ୱାରା ଆବଦ୍ଧ ହୋଇଥିବାରୁ ମସ୍ତିଷ୍କରେ ଅର୍ବୁଦ ଶରୀରର ଅନ୍ୟ ଅଙ୍ଗଗୁଡିକୁ ପ୍ରସରି ପାରେ ନାହିଁ। କିନ୍ତୁ ଶରୀରର ଅନ୍ୟ ଅଙ୍ଗଗୁଡିକରେ କ୍ୟାନ୍‌ସର ବା କର୍କଟ ରୋଗ ହେଲେ ତାହା ମସ୍ତିଷ୍କକୁ ପ୍ରସରି ଯାଇପାରେ। ମସ୍ତିଷ୍କରେ ବିଭିନ୍ନ ପ୍ରକାର ଟ୍ୟୁମର ହେଉଥିଲେ ମଧ୍ୟ 'ଗ୍ଲାୟୋମା' ନାମକ ଟ୍ୟୁମର ସବୁଠାରୁ ବେଶି ମାରାତ୍ମକ। ମସ୍ତିଷ୍କରେ କାହିଁକି ଟ୍ୟୁମର ହୋଇଥାଏ ତାହାର ସ୍ପଷ୍ଟ କାରଣ ଜଣାପଡ଼ିନି। ଅଥଚ କେବଳ ଆମେରିକାରେ ରହିଛନ୍ତି ପାଖାପାଖି ୭ ଲକ୍ଷ ବ୍ରେନ୍ ଟ୍ୟୁମର ରୋଗୀ। ପିଲାଠାରୁ ବୁଢ଼ା-ସମସ୍ତେ ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇପାରନ୍ତି। ମହିଳାମାନଙ୍କ ଅପେକ୍ଷା ବେଶି ଆକ୍ରାନ୍ତ ହୋଇଥାଆନ୍ତି ପୁରୁଷମାନେ। ତେବେ ବ୍ରେନ୍ ଟ୍ୟୁମର କହିଲେ ଆମେ ସାଧାରଣତଃ ବ୍ରେନ୍ କ୍ୟାନ୍‌ସରକୁ ହିଁ ବୁଝିଥାଉ।

ଖପୁରି ପରିବେଷ୍ଟିତ ହୋଇଥିବାରୁ ବ୍ରେନ୍‌ରେ ଟ୍ୟୁମର ହେଲେ ବ୍ରେନ୍‌ଟି ପ୍ରସାରିତ ହେବାର ବାଟ ନ ଥାଏ। ଫଳରେ ଟ୍ୟୁମରର ଅବସ୍ଥିତି ଯୋଗୁ ବ୍ରେନ୍‌ରେ ଚାପ ବଢ଼ି ବଢ଼ି ଯାଏ। ପ୍ରକାଶ ପାଏ ଭୀଷଣ ମୁଣ୍ଡ ବ୍ୟଥା ଏବଂ ବାନ୍ତି। ଆଖିକୁ ଭଲ ଦେଖାଯାଏନା। କାନରେ ଭଲ ଶୁଣିହୁଏନି। ରୋଗୀ ସ୍ୱଚ୍ଛନ୍ଦରେ ଚଲାବୁଲା କରି ନ ପାରି ଟଳଟଳ ହୁଏ। ଭଲ ଭାବରେ କଥା କହିପାରେନି। କୌଣସି କଥା ମନେ ରଖିପାରନି। ପରିଲକ୍ଷିତ ହୁଏ ମାନସିକ ଅସ୍ଥିରତା। ମସ୍ତିଷ୍କର କେଉଁ ସ୍ଥାନରେ ଟ୍ୟୁମର ହୋଇଛି ତାହା ଉପରେ ହିଁ ଲକ୍ଷଣମାନ ନିର୍ଭର କରିଥାଏ।

ରୋଗ ନିଶ୍ଚୟ ପାଇଁ ଡାକ୍ତରମାନେ ରୋଗୀର ଶାରୀରିକ ପରୀକ୍ଷା କରନ୍ତି। ଖପୁରିକୁ ଏକ୍ସ-ରେ, ମସ୍ତିଷ୍କର ସିଟି ସ୍କାନ, ଏମଆରଆଇ ସ୍କାନ, ପେଟ ସ୍କାନ, ଇଇଜି, ଆଞ୍ଜିଓଗ୍ରାମ୍, ଭେଣ୍ଟିକ୍ୟୁଲୋଗ୍ରାମ ଇତ୍ୟାଦି ପରୀକ୍ଷା କରେଇ ନିଅନ୍ତି। ଅପରେଶନ କରିବା ସମୟରେ ଆକ୍ରାନ୍ତ ଅଂଶରୁ ତନ୍ତୁ ସଂଗ୍ରହ କରି କରେଇଥାଆନ୍ତି ତା'ର ବାୟୋଲୋଜି ପରୀକ୍ଷା। ଅପରେଶନ ସମୟରେ ଖୁବ୍ ସାବଧାନତା ଅବଲମ୍ବନ କରାଯାଇଥାଏ। କାରଣ ମସ୍ତିଷ୍କରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରମାନ ଥିବାରୁ ସତର୍କ ନ ରହିଲେ ତାହା କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିବା ସ୍ୱାଭାବିକ। ଅପରେଶନ କରି ସାରି କରାଯାଏ ରଶ୍ମି ଚିକିତ୍ସା ବା 'ରେଡିଓଥେରାପି'। ସ୍ଥଳବିଶେଷରେ ରସାୟନ ଚିକିତ୍ସା ବା କେମୋଥେରାପି। ସଅଳ ଚିକିତ୍ସା କରା ନ ଗଲେ ରୋଗୀର ଭବିଷ୍ୟତ ଭଲ ନୁହେଁ।

-'ଅଭୀପ୍‌ସା', ସେକ୍ଟର-୬,
ପ୍ଲଟ ନଂ-୧୧୩୧,
ଅଭିନବ ବିଡାନାସୀ, କଟକ-୧୪
ମୋ: ୯୪୩୭୭୬୬୧୧୭

# ୧୬ କିମ୍ବା ୧୭ରୁ ହୋଇପାରେ ଆଇପିଏଲ୍

**ନୂଆଦିଲ୍ଲୀ,୧୧।୫(ପି.ଟି.)**

ଭାରତ ଓ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଇଥିବା ଉତ୍ତେଜନା କାରଣରୁ ସ୍ଥଗିତ ରଖାଯାଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆସନ୍ତା ୧୬ କିମ୍ବା ୧୭ ତାରିଖରେ ଆରମ୍ଭ ହୋଇପାରେ। ଲିଗ୍‌ର ଫାଇନାଲ ମ୍ୟାଚ୍ କୋଲକାତାରୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବାର ସମ୍ଭାବନା ରହିଛି। ଶନିବାର ସିଜଫାୟାର ଘୋଷଣା ହେବା ପରେ ଗତ ୯ ତାରିଖରୁ ସ୍ଥଗିତ ଥିବା ଟୁର୍ନାମେଣ୍ଟ ଲାଗି ବାଟ ଫିଟିଛି।

ଆଇପିଏଲ୍ ଗଭର୍ନିଂ କାଉନସିଲ ସଦସ୍ୟ ଓ ବିସିସିଆଇ ଅଧିକାରୀ ରବିବାର ଟୁର୍ନାମେଣ୍ଟ ଆରମ୍ଭ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଳା କହିଛନ୍ତି ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ଆଇପିଏଲ ଉପରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ବିସିସିଆଇ ଅଧିକାରୀ ସମାଧାନର ବାଟ ଉପରେ କାମ କରୁଛନ୍ତି। ବିସିସିଆଇ ସମ୍ପାଦକ ଓ ଆଇପିଏଲ୍ ଚେୟାରମ୍ୟାନ ସମସ୍ତ ଫ୍ରାଞ୍ଚାଇଜ ଓ ପ୍ରତ୍ୟେକଙ୍କ ସହ ଆଲୋଚନା କରୁଛନ୍ତି। ଖୁବଶୀଘ୍ର ନିଷ୍ପତ୍ତି ସମ୍ପର୍କରେ ଜଣାପଡ଼ିବ। ଯଥା ଶୀଘ୍ର ଟୁର୍ନାମେଣ୍ଟକୁ ଆରମ୍ଭ କରିବାକୁ ପ୍ରୟାସ କରାଯାଉଛି। ସେହିଭଳି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି ଯେ, ଆଗାମୀ କିଛି ଦିନ ମଧ୍ୟରେ ଆମେ ସମସ୍ତ ଫ୍ରାଞ୍ଚାଇଜ, ବ୍ରଡକାଷ୍ଟର୍ସ, ସ୍ପନସର୍ସ ଓ ବଳକା ମ୍ୟାଚ୍ ଆୟୋଜନ କରିବାକୁ ଥିବା ରାଜ୍ୟ ଆସୋସିଏଶନ ସହ କଥା ହେବୁ। ଆଇପିଏଲ ବର୍ତ୍ତମାନ ଯେଉଁ ପର୍ଯ୍ୟାୟରେ ଅଛି, ଲିଗ୍‌କୁ ପୁନଃ ଆରମ୍ଭ ଲାଗି ତାରିଖ ଧାର୍ଯ୍ୟ କରିବା ପୂର୍ବରୁ ସରକାରଙ୍କ ଅନୁମତି ମଧ୍ୟ ଦରକାର। କିନ୍ତୁ ଆଇପିଏଲ୍ ସୂତ୍ରରୁ କୁହାଯାଇଛି ଯେ, ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମ୍ୟାଚ୍‌ରୁ ଆଇପିଏଲ୍ ଆରମ୍ଭ ହେବ। ଏହି ମ୍ୟାଚ୍ ଗତ ୯ ତାରିଖରେ ଖେଳାଯିବାର ଥିଲା। ସମସ୍ତ ଦଳକୁ ସେମାନଙ୍କ ଖେଳାଳିଙ୍କୁ ଡକାଇବାକୁ କୁହାଯାଇଛି। ଏହି ଟୁର୍ନାମେଣ୍ଟ ୧୬ କି ୧୭ ତାରିଖରେ ଲକ୍ଷ୍ନୌରେ ଆରମ୍ଭ ହୋଇପାରେ। ଚୂଡ଼ାନ୍ତ କାର୍ଯ୍ୟସୂଚୀ ସୋମବାର ପ୍ରକାଶ ପାଇବ। ବଳକା ଥିବା ସମସ୍ତ ମ୍ୟାଚ୍ ୪ଟି ଭେନ୍ୟୁରେ ଖେଳାଯିବ। ଦିଲ୍ଲୀ ଓ ଧର୍ମଶାଳାରେ କୌଣସି ମ୍ୟାଚ୍ ଆୟୋଜନ କରାଯିବ ନାହିଁ। ଏହି ଷ୍ଟାଡିୟମରୁ ସମସ୍ତ ସରଞ୍ଜାମ ହଟାଇ ଦିଆଯାଇଛି। ପ୍ଲେଅଫ ପର୍ଯ୍ୟାୟର କ୍ୱାଲିଫାୟର-୧ ଓ ଏଲିମିନେଟର ମ୍ୟାଚ୍‌ର ଭେନ୍ୟୁରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। କିନ୍ତୁ ଫାଇନାଲ ମ୍ୟାଚ୍ କୋଲକାତା ବଦଳରେ ଅହମଦାବାଦରେ ଖେଳାଯାଇପାରେ।



**ପଏଣ୍ଟ ଭାଗ କରିପାରନ୍ତି ପଞ୍ଜାବ ଓ ଦିଲ୍ଲୀ**

ଗତ ୮ ତାରିଖରେ ପଞ୍ଜାବ କିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌କୁ ଅଧାରୁ ବାତିଲ କରି ଦେଇଥିଲା। ଏଥିଲାଗି ଉଭୟ ଦଳକୁ ଏକ ଲେଖାଏ ପଏଣ୍ଟ ଦିଆଯିବା ବିଶେଷ ସମ୍ଭାବନା ରହିଛି।

# ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍



ଟ୍ରଫି, ପ୍ରମାଣପତ୍ର ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର,୧୧।୫(ଅନାଦି କର)**

କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲଠାରେ ଓଡ଼ିଶା ଷ୍ଟେଟ ଚେସ୍ ଆସୋସିଏଶନ (ଓଏସ୍‌ସିଏ) ପକ୍ଷରୁ ତୃତୀୟ ନଳିନୀକାନ୍ତ ଆଚାର୍ଯ୍ୟ ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଯାଜପୁରର ଦୀପ୍ତି ରଞ୍ଜନ ନାୟକ ସର୍ବାଧିକ ୪.୫ ପଏଣ୍ଟ ସହ ଚାମ୍ପିୟନ ହୋଇଥିବା ବେଳେ ଭୁବନେଶ୍ୱରର ମନୀଷ ରଞ୍ଜନ ଦାସ (୪ ପଏଣ୍ଟ) ମିଳିତ ରନରଅପ ହୋଇଛନ୍ତି। ଏଥିସହିତ ୭, ୯, ୧୧, ୧୩ ବର୍ଷରୁ କମ୍ ଓ ବାଳିକା ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏହି ଚାମ୍ପିୟନଶିପ୍‌କୁ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ରାଉରକେଲା ସିଇଓ ସୁଶାନ୍ତ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଶେଷରେ ପୁରସ୍କାର ବିତରଣ ଉତ୍ସବରେ ରୟାଲ ପବ୍ଲିକ ସ୍କୁଲର ପ୍ରିନ୍‌ସିପାଲ ସର୍ବେଶ୍ୱର ସାମଲ, ସାମାଜିକ କର୍ମୀ ସଙ୍ଗୀତା ଷଡ଼ଙ୍ଗୀ, ଓଏସ୍‌ସିଏର ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ଓ ସ୍ୱର୍ଗତ ନଳିନୀକାନ୍ତ ଆଚାର୍ଯ୍ୟଙ୍କ ଭଉଣୀ ଶିବାଙ୍ଗୀ ଆଚାର୍ଯ୍ୟ ଯୋଗଦେଇଥିଲେ।

# ଦୀପ ରଞ୍ଜନ, ଶୁଭ୍ରଜିତ୍‌ଙ୍କୁ ବ୍ରୋଞ୍ଜ



ପଦକ ସହ ଦୀପରଞ୍ଜନ ଓ ଶୁଭ୍ରଜିତ୍।

**ଭୁବନେଶ୍ୱର,୧୧।୫ (ଅନାଦି କର)**

ସମ୍ମାନଜନକ ଦୁବାଇ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ଲେଭେଲ ୨ ଟୁର୍ନାମେଣ୍ଟରେ ଓଡ଼ିଶାର ଦୀପ ରଞ୍ଜନ ବିଷୋଇ ଓ ଶୁଭ୍ରଜିତ୍ ମହାରଣା ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ଓଡ଼ିଶାର ଦୀପ ରଞ୍ଜନ ୟୁକ୍ରେନର ଓକସାନା କୋଜିନାଙ୍କୁ ସାଥି କରି ମିକ୍ସଡ ଡବଲ୍ସ ଏସ୍‌ଏଲ୍୩-ଏସ୍‌ୟୁ୫ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହି ଇଣ୍ଡୋ-ୟୁକ୍ରେନ ଯୋଡ଼ି ସେମିଫାଇନାଲରେ ୧୦-୨୧, ୦୫-୨୧ ଗେମରେ ଭାରତର ଚିରାଗ ବରେଥା ଓ ମନଦୀପ କୌରଙ୍କଠାରୁ ପରାସ୍ତ ହୋଇ ଅଭିଯାନ ଶେଷ କରିଛି। ଭାରତର ବିଟ୍ଟୁ କୁମାରଙ୍କ ସହ ଶୁଭ୍ରଜିତ ମହାରଣା ଯୋଡ଼ି କରି ପୁରୁଷ ଡବଲ୍ସ ଏସ୍‌ଏଲ୍୩-ଏସ୍‌ଏଲ୍୪ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାତେଇଛନ୍ତି। ଏହି ଯୋଡ଼ି କ୍ୱାର୍ଟର ଫାଇନାଲରେ ୨୧-୧୭, ୨୧-୧୬ ଗେମ୍‌ରେ ତୁର୍କୀର ମୁସ୍ତାଫା ତୁଗ୍ରା ନୁର ଓ ଫୁଆଡ ସୁରାକଲୁଙ୍କୁ ପରାସ୍ତ କରିଥିଲେ। ହେଲେ ସେମିଫାଇନାଲରେ ଭାରତୀୟ ଯୋଡ଼ି ୧୭-୨୧, ୧୧-୨୧ ଗେମ୍‌ରେ କୋରିଆର ଜୁ ଡଙ୍ଗ ଜାଏ ଓ ଶିନ ଖୁଙ୍ଗ ହୁଆନଙ୍କଠାରୁ ପରାସ୍ତ ହୋଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛି।

# କୋହଲିଙ୍କୁ ମନାଉଛି ବିସିସିଆଇ

**ନୂଆଦିଲ୍ଲୀ,୧୧।୫:** ବିରାଟ କୋହଲିଙ୍କୁ ଟେଷ୍ଟ ଫର୍ମାଟରେ ଖେଳିବା ଜାରି ରଖିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମନାଇବାକୁ ଉଦ୍ୟମ ଚଳାଇଛି। କିଛି ରିପୋର୍ଟ ମୁତାବକ, କୋହଲି ଲମ୍ବା ଫର୍ମାଟ କ୍ୟାରିୟର ଶେଷ କରିବାକୁ ଚାହାନ୍ତି ଏବଂ ଏ ସମ୍ପର୍କରେ ସେ ବିସିସିଆଇର ଚୟନ କମିଟିକୁ ଜଣାଇ ଦେଇଛନ୍ତି। ଭାରତୀୟ କ୍ରିକେଟ ଜଗତର ଜଣେ ପ୍ରଭାବୀ ବ୍ୟକ୍ତିଙ୍କୁ ହସ୍ତକ୍ଷେପ କରିବାକୁ କୁହାଯାଇଥିବା ବେଳେ କୋହଲି ନିଜ ନିଷ୍ପତ୍ତିରେ ଅଟଳ ରହିଛନ୍ତି। ଏକ ଜାତୀୟ ଇଂଲିଶ ଖବରକାଗଜରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ଭାରତୀୟ ଦଳର ଅନ୍ୟତମ ସିନିୟର ଖେଳାଳି ରୋହିତ ଶର୍ମା ରେଡ ବଲ କ୍ରିକେଟରୁ ଅବସର ନେଇଥିବାରୁ କୋହଲିଙ୍କୁ ନିଜ ନିଷ୍ପତ୍ତି ଉପରେ ପୁନଃ ବିଚାର କରିବାକୁ ଅନୁରୋଧ କରାଯାଇଛି।

# ଅଷ୍ଟ୍ରେଲିଆରେ ପ୍ରଥମ ତ୍ରିଶତକ ହାସଲକାରୀଙ୍କ ପରଲୋକ

**ମେଲବୋର୍ନ, ୧୧।୫ (ଏପି):** ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ କ୍ରିକେଟରେ ପ୍ରଥମ ତ୍ରିଶତକ ହାସଲ କରିଥିବା ବବ୍ କୋପରଙ୍କ ୮୪ ବର୍ଷ ବୟସରେ ପରଲୋକ ଘଟିଛି। କୋପର ୧୯୬୪ରୁ ୧୯୬୮ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ପାଇଁ ୨୭ ଟେଷ୍ଟ ମ୍ୟାଚ ଖେଳିଲେ। ୧୯୬୬ ଫେବୃଆରୀରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିସି)ରେ ସେ ତାଙ୍କର ପ୍ରସିଦ୍ଧ ଇନିଂସ ଖେଳିଥିଲେ। କ୍ରିଜ୍‌ରେ ସେ ଦୀର୍ଘ ୧୨ ଘଣ୍ଟା ରହି ୫୮୯ ବଲ୍‌ରୁ ୩୦୭ ରନ ସଂଗ୍ରହ କରିଥିଲେ। ବିଂଶ ଶତାବ୍ଦୀରେ ଅଷ୍ଟ୍ରେଲିଆରେ ଏହାଥିଲା ଏକମାତ୍ର ତ୍ରିଶତକ। ସେ ସମୟରେ ଏହାଥିଲା ମୋଟ ଉପରେ ୧୦ମ ତ୍ରିଶତକ। ଏମ୍‌ସିସି ମ୍ୟାଚ ପୂର୍ବରୁ ଆଡିଲେଡଠାରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ସେ ଦ୍ୱାଦଶ ଖେଳାଳି ଥିଲେ। ଏମ୍‌ସିସି ତାଙ୍କ ହୋମ୍‌ଗ୍ରାଉଣ୍ଡ ହୋଇଥିବାରୁ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା।

# ବିଡ଼ାନାସୀ କ୍ଲବକୁ ହରାଇଲା ଫାଓ ଏକାଡେମୀ




ମ୍ୟାଚ୍ ପୂର୍ବରୁ ଫାଓ ଏକାଡେମୀ ଓ ବିଡ଼ାନାସୀ କ୍ଲବ୍‌ର ଖେଳାଳିମାନେ।

**୧୭ବର୍ଷରୁ କମ୍ ୟୁଥ୍ ଲିଗ୍**

**ଭୁବନେଶ୍ୱର, ୧୧।୫ (ବିଜୟ ରଣା)**

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ତରଫରୁ ବର୍ତ୍ତମାନ ରହିଥିବା କଟକ ଓ ଭୁବନେଶ୍ୱର ଦୁଇ ଡିଭିଜନକୁ ନେଇ ୧୭ ବର୍ଷରୁ କମ୍ ୟୁଥ୍ ଲିଗ୍ ଆରମ୍ଭ ହୋଇଛି। ରବିବାର କଟକ ଡିଭିଜନର ପ୍ରଥମ ମ୍ୟାଚରେ ଫାଓ ଏକାଡେମୀ ୪-୨ ଗୋଲ୍‌ରେ ବିଡ଼ାନାସୀ ଏକାଡେମୀକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଇଶାନ୍ତ କୁଜୁର ବ୍ୟକ୍ତିଗତ (୨୫ତମ ଓ ୩୭ତମ ମିନିଟ) ଦୁଇଟି ଗୋଲ ଦେଇଥିବା ବେଳେ ବିଶ୍ୱଜିତ୍ ତନ୍ତୀ (୫୧ତମ) ଓ ସାହିଲ ସୋରେନ (୫୯ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ବିଡ଼ାନାସୀ ତରଫରୁ ରୋନକ ରୋସନ ସାମଲ (୩୧ତମ) ଓ ସ୍ୱାଧୀନ ମୁର୍ମୁ (୭୫ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ କାର୍ତ୍ତିକ ବେହେରା, ଚିତ୍ତରଞ୍ଜନ ବେହେରା, ବିଶ୍ୱଜିତ୍ ପଡ଼ିହାରୀ ଓ ନିପେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମୀନା ସାନ୍ତାଙ୍କୁ ରୌପ୍ୟ ପଦକ

**ଖେଲୋ ଇଣ୍ଡିଆ ୟୁଥ ଗେମ୍ସ**

**ଭୁବନେଶ୍ୱର,୧୧।୫ (ଅନାଦି କର)**

ବିହାରର ଗୟାଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ଓଡ଼ିଶାର ମୀନା ସାନ୍ତା ରୌପ୍ୟ ପଦକ ଜିତିଛନ୍ତି। ବାଳିକା ୱେଟଲିଫ୍ଟିଂରେ ସେ ଏହି ସଫଳତା ପାଇଛନ୍ତି। ରବିବାର ଅନୁଷ୍ଠିତ ୫୫ କେଜି ବର୍ଗର ଫାଇନାଲରେ ସେ ମୋଟ ୧୭୭ କେଜି ଭାର ଉତ୍ତୋଳନ କରିଥିଲେ। ଏହି ଇଭେଣ୍ଟରେ ଆସାମର ଏସାଙ୍ଗଫା ଗୋଗୋଇ ମୋଟ ୧୮୩ କେଜି ଭାର ଉଠାଇ ସ୍ୱର୍ଣ୍ଣ ପଦକ ଜିତିବା ସହ ଜାତୀୟ ୟୁଥ ରେକର୍ଡ ଭଙ୍ଗ କରିଛନ୍ତି। ଏହି ରେକର୍ଡ ପୂର୍ବରୁ ଓଡ଼ିଶା ମୀନା ସାନ୍ତାଙ୍କ ନାମରେ ଥିଲା। ସେ ଗତ ବର୍ଷ ଏହି ରେକର୍ଡର ଅଧିକାରୀ ହୋଇଥିଲେ।



ମୀନା ସାନ୍ତା (ମଝି)।



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ପୂର୍ବତନ ଭାରତୀୟ ସ୍ପିନର ପ୍ରଜ୍ଞାନ ଓଝାଙ୍କ ସୌଜନ୍ୟମୂଳକ ସାକ୍ଷାତ।

# ପଦ୍ମିନୀ, କାର୍ତ୍ତିକେୟନଙ୍କୁ ଚତୁର୍ଥ ସ୍ଥାନ

**ଏସିଆନ ବ୍ଲିଜ୍ ଚେସ୍**

**ଅଲ୍ ଏନ୍, ୧୧।୫ (ପି.ଟି.)**

ଭାରତର ଇଣ୍ଟରନ୍ୟାଶନାଲ ମାଷ୍ଟର ପଦ୍ମିନୀ ରାଉତ ଓ ଗ୍ରାଣ୍ଡମାଷ୍ଟର ମୁରଲୀ କାର୍ତ୍ତିକେୟନ ଏଠାରେ ଅନୁଷ୍ଠିତ ଏସିଆନ ବ୍ୟକ୍ତିଗତ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ରେ ଯଥାକ୍ରମେ ମହିଳା ଓ ଓପନ୍ ବିଭାଗରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ମହିଳା ବିଭାଗରେ ରୁଷିଆର ଭାଲେଣ୍ଟିନା ଗୁନିନା (୭.୫ ପଏଣ୍ଟ)ଙ୍କ ଆଗରେ କାଜାଖସ୍ତାନର ଆଲୁଆ ନୁର୍ମାନ ଟାଇଟଲ ବିଜୟୀ ହୋଇଥିଲେ। ପଦ୍ମିନୀଙ୍କ ସହ ଟାଇବ୍ରେକ୍ କରି ଚାଇନାର ୟୁଜିନ ସଙ୍ଗ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଓପନ ବିଭାଗରେ ଫିଡେ ପତାକା ଅଧୀନରେ ଖେଳୁଥିବା ରୁଷିଆର ୧୫ବର୍ଷୀୟା ଗ୍ରାଣ୍ଡମାଷ୍ଟର ଇଭାନ ଜେମଲ୍ୟାନସ୍କିଆ ଚାମ୍ପିୟନ ହୋଇଥିଲେ। ସେ ୯ ପଏଣ୍ଟରୁ ୮ ପଏଣ୍ଟ ଅର୍ଜନ କରିଥିଲେ। ଇରାନର ୧୫ ବର୍ଷୀୟା ସିନା ମୋହାଭେଦ୍ (୭.୫) ବେଷ୍ଟ ଟାଇବ୍ରେକ୍ ସ୍କୋର ସହ ରୁଷିଆର ରୁଦିକା ମାକାରିଆନ (୭)ଙ୍କ ଆଗରେ ଦ୍ୱିତୀୟ ହୋଇଥିଲେ। ସେମାନଙ୍କ ପଛକୁ କାର୍ତ୍ତିକେୟନ ଓ ନୀଲେଶ ଶାହା ଯଥାକ୍ରମେ ୪ର୍ଥ ଓ ୫ମ ହୋଇଥିଲେ।

# ଦୀପିକାଙ୍କୁ ବ୍ରୋଞ୍ଜ, ଭାରତକୁ ୭ ପଦକ

**ଶାଙ୍ଘାଇ,୧୧।୫(ପି.ଟି.):** ଭାରତର ସବୁଠୁ ସଫଳ ତୀରନ୍ଦାଜ ଦୀପିକା କୁମାରୀ ଓ ପାର୍ଥ ସାଲୁଙ୍ଖେ ଆର୍ଚେରୀ ୱାର୍ଲ୍ଡକପ୍ ଷ୍ଟେଜ-୨ରେ ରବିବାର ବ୍ରୋଞ୍ଜ ପଦକ ଜିତିଛନ୍ତି। ଏଥିସହିତ ଟୁର୍ନାମେଣ୍ଟରେ ଭାରତ ମୋଟ ୭ ପଦକ ସହ ଅଭିଯାନ ଶେଷ କରିଛି। ଏଥିପୂର୍ବରୁ କମ୍ପାଉଣ୍ଡ ତୀରନ୍ଦାଜମାନେ ୫ଟି ପଦକ ଜିତିଥିଲେ। ଦୀପିକା ମହିଳା ରିକର୍ଭ ବ୍ୟକ୍ତିଗତ ସେମିଫାଇନାଲରେ ଅଲିମ୍ପିକ ଚାମ୍ପିୟନ ଲିମ ଶିହେଅନଙ୍କଠାରୁ ୧-୭ ବ୍ୟବଧାନରେ ପରାଜିତ ହୋଇଥିଲେ। ଏହାପରେ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ୩୦ ବର୍ଷୀୟା ୪ ଥର ଅଲିମ୍ପିଆନ ୭-୩ ବ୍ୟବଧାନରେ କୋରିଆର କାଙ୍ଗ ଚାଏ ୟଙ୍ଗଙ୍କୁ ହରାଇଛନ୍ତି। ପୁରୁଷ ବିଭାଗରେ ୨୧ ବର୍ଷୀୟ ସାଲୁଙ୍ଖେ ସେମିଫାଇନାଲରେ ଟପ ସିଡ୍ କୋରିଆର କିମ୍ବଦନ୍ତୀ କିମ୍ ଉଜିନଙ୍କଠାରୁ ୧-୭ରେ ପରାଜିତ ହୋଇଥିଲେ। ବ୍ରୋଞ୍ଜ ପଦକ ପ୍ଲେଅଫ ମ୍ୟାଚ୍‌ରେ ସେ ୬-୪ ବ୍ୟବଧାନରେ ଫ୍ରେଞ୍ଚ ଆର୍ଚର ବାପ୍ଟିଷ୍ଟେ ଆଡିସଙ୍କୁ ପରାସ୍ତ କରିଥିଲେ।

# ତ୍ରିରାଷ୍ଟ୍ରୀୟ ସିରିଜ୍: ଭାରତ ଚାମ୍ପିୟନ

**କଲମ୍ବୋ,୧୧।୫**

ସ୍ମୃତି ମନ୍ଧାନାଙ୍କ ଶତକ ଓ ସ୍ନେହ ରାଣାଙ୍କ ୪ ଉଇକେଟ ସଫଳତା ବଳରେ ଭାରତୀୟ ମହିଳା ଦଳ ୯୭ ରନରେ ଶ୍ରୀଲଙ୍କାକୁ ପରାସ୍ତ କରି ତ୍ରିରାଷ୍ଟ୍ରୀୟ ସିରିଜ୍‌ରେ ଚାମ୍ପିୟନ ହୋଇଛି। ଭାରତ ଦ୍ୱାରା ପ୍ରଦତ୍ତ ୩୪୩ ରନର ବିଶାଳ ଟାର୍ଗେଟ ଆଗରେ ଶ୍ରୀଲଙ୍କା ୪୮.୨ ଓଭରରେ ୨୪୫ ରନରେ ଅଲଆଉଟ୍ ହୋଇଯାଇଥିଲା। ମନ୍ଧାନାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଓ ସିରିଜ୍‌ରେ ମୋଟ ୧୫ ଉଇକେଟ ନେଇଥିବା ସ୍ନେହଙ୍କୁ ପ୍ଲେୟାର ଅଫ ଦି ସିରିଜ୍ ବିବେଚିତ କରାଯାଇଛି। ଏହି ମ୍ୟାଚ୍ ଜରିଆରେ ଭାରତୀୟ ପେସର କ୍ରାନ୍ତି ଗୌଡ଼ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତକୁ ପ୍ରତିକା ରାଓ୍ୱଲ ଓ ମନ୍ଧାନା ଦୃଢ଼ ମୂଳଦୁଆ ପ୍ରଦାନ କରିଥିଲେ। ଦୁହେଁ ପ୍ରଥମ ଉଇକେଟରେ ୭୦ ରନ କରିଥିଲେ। ପ୍ରତିକା ୩୦ (୨ ଚୌକା) ରନ କରି ଆଉଟ୍ ହେବା ପରେ ହର୍ଲିନ ଦେଓଲଙ୍କ ସହ ମିଶି ମନ୍ଧାନା ଦଳୀୟ ସ୍କୋରରେ ୧୨୦ ରନ ଯୋଡ଼ିଥିଲେ। ଇତିମଧ୍ୟରେ ମନ୍ଧାନା ଶତକ ପୂରଣ କରିଥିଲେ। ସେ ୧୦୧ ବଲରେ ୧୧୬ (୧୫ ଚୌକା ଓ ୨ ଛକା) ରନ କରିଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟରର ଏକାଦଶତମ ଶତକ ଥିଲା। ତାଙ୍କ ପରେ ହର୍ଲିନ ୪୭ (୪ ଚୌକା), ଅଧିନାୟିକା ହରମନପ୍ରୀତ କୌର ୪୧ (୪ ଚୌକା ଓ ୧ ଛକା), ଜେମିମା ରୋଡ୍ରିଗୁଏଜ ୪୪ (୪ ଚୌକା), ଅମନଜୋତ କୌର ୧୮ ଓ ଦୀପ୍ତି ଶର୍ମା ୨୦ ରନ କରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୩୪୨ ରନ କରିଥିଲା। ଶ୍ରୀଲଙ୍କା ପକ୍ଷରୁ ମଲକି ମଦାରା, ଦେବମି ବିହଙ୍ଗା ଓ ସୁଗନ୍ଧିକା କୁମାରୀ ଦୁଇ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲଙ୍କା ୪୮.୨ ଓଭରରେ ୨୪୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟିକା ଚମାରି ଆଟାପାଟୁ ୫୧, ନିଳାକ୍ଷୀ ଡି ସିଲଭା ୪୮, ଭିଷ୍ମି ଗୁଣରତ୍ନେ ୩୬ ଓ ଅନୁଷ୍କା ସଞ୍ଜୀବନୀ ୨୮ ରନ କରିଥିଲେ। ଭାରତ ପକ୍ଷରୁ ବୋଲିଂରେ ସ୍ନେହ ରାଣା ୪ ଉଇକେଟ ନେଇଥିବା ବେଳେ ଅମନଜୋତ କୌର ୩ ଉଇକେଟ ନେଇଥିଲେ।




ଶତକ ହାସଲ ପରେ ସ୍ମୃତି ମନ୍ଧାନା।

**ସଂକ୍ଷିପ୍ତ ସ୍କୋର**

ଭାରତୀୟ ମହିଳା ଦଳ: ୫୦ ଓଭରରେ ୩୪୨/୭ (ସ୍ମୃତି ମନ୍ଧାନା-୧୧୬, ହର୍ଲିନ ଦେଓଲ-୪୭, ଜେମିମା ରୋଡ୍ରିଗୁଏଜ-୪୪, ହରମନପ୍ରୀତ କୌର-୪୧, ସୁଗନ୍ଧିକା କୁମାରୀ-୨/୫୯, ଦେବମି ବିହଙ୍ଗା-୨/୬୯)। ଶ୍ରୀଲଙ୍କା ମହିଳା ଦଳ: ୪୮.୨ ଓଭରରେ ୨୪୫/ଅଲଆଉଟ୍ (ଚମାରି ଆଟାପାଟୁ-୫୧, ନିଳାକ୍ଷୀ ଡି' ସିଲଭା-୪୮, ଭିଷ୍ମି ଗୁଣରତ୍ନେ-୩୬, ସ୍ନେହ ରାଣା-୪/୩୮, ଅମନଜୋତ କୌର-୪/୫୪)।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ